# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୧୧/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 11/2019 | ★★★★★★

୪୫ଶ ଭାଗ ୧୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କରୀନାଙ୍କ ଶିଶୁ ସ୍ୱାସ୍ଥ୍ୟ ସଚେତନତା**
ଅଭିନେତ୍ରୀ କରୀନା କପୁର ଖାନ୍ ମାତୃଦିବସ ଅବସରରେ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ହେବାକୁ ମା'ମାନଙ୍କୁ ପରାମର୍ଶ ଦେଇଛନ୍ତି। **୦୮**

**୧୪** **ସୁମିତ କୁମାରଙ୍କ ଡବଲ ଗୋଲ**
ସୁମିତ କୁମାର ଜୁନିୟରଙ୍କ ଡବଲ ଗୋଲ ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ହକି ମ୍ୟାଚରେ ଅଷ୍ଟ୍ରେଲିଆ ଏ' ଦଳକୁ ୩-୦ ଗୋଲରେ ପରାସ୍ତ କରିଛି।



## ■ ମୋଦିଙ୍କୁ ନେଇ ଟାଇମ୍ ପତ୍ରିକାର ବିବାଦୀୟ ଶୀର୍ଷକ
# ଭାରତର ମୁଖ୍ୟ ବିଭାଜନକାରୀ

**ୱାଶିଂଟନ,୧୦।୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ଆମେରିକାର ଲୋକପ୍ରିୟ ପତ୍ରିକା 'ଟାଇମ୍' ପକ୍ଷରୁ କଭର ଷ୍ଟୋରି କରାଯାଇଛି, ଯାହାର ଶୀର୍ଷକ ରଖାଯାଇଛି 'ଭାରତର ମୁଖ୍ୟ ବିଭାଜନକାରୀ'। ୨୦୧୯ ଲୋକ ସଭା ନିର୍ବାଚନର ଶେଷ ଦୁଇଟି ପର୍ଯ୍ୟାୟ ଭୋଟଗ୍ରହଣ ବାକି ଥିବାବେଳେ ଏହି ପ୍ରଚ୍ଛଦ କାହାଣୀକୁ ନେଇ ବିବାଦ ସୃଷ୍ଟି ହୋଇଛି।




'ଟାଇମ୍' ମେ ୨୦ ଅନ୍ତର୍ଜାତୀୟ ସଂସ୍କରଣର ମୁଖ୍ୟ ଶିରୋନାମା ରହିଛି 'ଇଣ୍ଡିଆଜ୍ ଡିଭାଇଡର ଇନ୍ ଚିଫ୍'। ୟୁରୋପ, ମଧ୍ୟପ୍ରାଚ୍ୟ, ଏସିଆ ଓ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ସଂସ୍କରଣରେ ମୋଦିଙ୍କୁ ନେଇ କଭର ଷ୍ଟୋରି କରାଯାଇଥିବାବେଳେ ଆମେରିକା ସଂସ୍କରଣ ୨୦୨୦ରେ ହ୍ୱାଇଟ୍ ହାଉସ୍ ପାଇଁ ଦୌଡ଼ରେ ଥିବା ଡେମୋକ୍ରାଟ୍ ଏଲିଜାବେଥ୍ ୱାରେନ୍‌ଙ୍କୁ ସ୍ଥାନିତ କରିଛି। 'ଇଣ୍ଡିଆଜ୍ ଡିଭାଇଡର ଇନ୍ ଚିଫ୍' ନିବନ୍ଧକୁ ଆତିଶ ତସୀର ଲେଖିଛନ୍ତି । ଆତିଶ ହେଉଛନ୍ତି ଭାରତୀୟ ସାମ୍ବାଦିକା ତଭଲିନ୍ ସିଂ ଓ ପାକିସ୍ତାନୀ ରାଜନେତା ତଥା ବ୍ୟବସାୟୀ ସ୍ୱର୍ଗତ ସଲମାନ୍ ତସୀରଙ୍କ ପୁଅ। ସେହିପରି ଏଥିରେ ଆଉ ଏକ ଅତିରିକ୍ତ ନିବନ୍ଧ ପ୍ରକାଶ ପାଇଛି, ଯାହାର ଶୀର୍ଷକ ହେଉଛି 'ମୋଦି ଦି ରିଫର୍ମର'। ଏହାକୁ ରାଜନୈତିକ ବିଶ୍ୱସ୍ତରୀୟ ଗବେଷଣା ଓ ପରାମର୍ଶଦାତା ସଂସ୍ଥା ୟୁରେସିଆ ଗ୍ରୁପ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ଇଆନ୍ ବ୍ରେମର ଲେଖିଛନ୍ତି। ପତ୍ରିକାର ପ୍ରଚ୍ଛଦରେ ୬୮ ବର୍ଷୀୟ ମୋଦିଙ୍କ ତୈଳଚିତ୍ର ରହିଛି। ଏହାର ଅନ୍ୟ ନିବନ୍ଧଗୁଡ଼ିକର ଶୀର୍ଷକ ହେଉଛି 'ମୋଦି ସରକାରଙ୍କ ଆଉ ୫ ବର୍ଷର ଶାସନକୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ସହ୍ୟ କରିପାରିବ କି', ଯାହାକୁ ଆତିଶ ଲେଖିଛନ୍ତି ଏବଂ ବ୍ରେମରଙ୍କ ଦ୍ୱାରା ପ୍ରସ୍ତୁତ 'ମୋଦି ହେଉଛନ୍ତି ଭାରତର ଅର୍ଥନୈତିକ ସଂସ୍କାର ପାଇଁ ସର୍ବୋତ୍ତମ ଆଶା'।

ଆତିଶଙ୍କ ନିବନ୍ଧରେ ଉଲ୍ଲେଖ କରାଯାଇଛି ଯେ, ୨୦୧୪ରେ ମୋଦି ଆଶାର ଏକ ବାତାବରଣ ସୃଷ୍ଟି କରିବା ଲାଗି ଫାଇଦା ନେଇପାରିଥିଲେ। ସେ ସାଂସ୍କୃତିକ ଆକ୍ରୋଶକୁ ଅର୍ଥନୈତିକ ପ୍ରତିଶ୍ରୁତିରେ ପରିଣତ କରିପାରିଥିଲେ। ସେତେବେଳେ ମୋଦି ଗୋଟିଏପଟେ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ଉନ୍ମୁକ୍ତ କରିବାର ପ୍ରତିଶ୍ରୁତି ଦେଇ ଜଣେ ତ୍ରାଣକର୍ତ୍ତା ସାଜିଥିବାବେଳେ ଅନ୍ୟପଟେ ହିନ୍ଦୁତ୍ୱର ପୁନରୁତ୍ଥାନ ଲାଗି ନିଜକୁ ଉପସ୍ଥାପିତ କରିଥିଲେ। ବର୍ତ୍ତମାନ ସେ ନିଜ ପ୍ରତିଶ୍ରୁତି ରଖିବାରେ ବିଫଳ ହୋଇଥିବା ଜଣେ ରାଜନେତା, ଯିଏକି ପୁନଃ ନିର୍ବାଚିତ ହେବା ପାଇଁ ଉଦ୍ୟମ ଚଳାଇଛନ୍ତି। ମୋଦିଙ୍କ କେବଳ ଅର୍ଥନୈତିକ ଚମତ୍କାର ବାସ୍ତବ ରୂପ ନେବାରେ ବିଫଳ ହୋଇନାହିଁ, ବରଂ ସେ ଭାରତରେ ଧର୍ମଭିତ୍ତିକ ବିଷାକ୍ତ ଜାତୀୟତାବାଦର ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି ବୋଲି ଆତିଶ ଲେଖିଛନ୍ତି। ସମସ୍ତଙ୍କ ପାଇଁ ବିକାଶର ପ୍ରତିଶ୍ରୁତିରୁ ଦୂରେଇ ଯାଇ ମୋଦି ଏଭଳି ଏକ ସଫଳତା ହାସଲ କରିଛନ୍ତି, ଯେଉଁଠି ☞ ପୃଷ୍ଠା–୪

## ■ ବାତ୍ୟା ଫନୀ ପାଇଁ ପୁରସ୍କାର
# ପୁରୀର ପ୍ରତି ବ୍ଲକର ୩ ପଞ୍ଚାୟତକୁ ମିଳିବ ପ୍ରୋତ୍ସାହନ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ବାତ୍ୟା 'ଫନୀ' ପ୍ରକୋପରେ ପୁରୀ ଓ ଭୁବନେଶ୍ୱର ବରବାଦ ହୋଇଥିବା ବେଳେ ୧୪ ଜିଲାରେ ଅଜସ୍ର କ୍ଷୟକ୍ଷତି ହୋଇଛି। ଅନ୍ୟ ଜିଲାଗୁଡିକ ସାମାନ୍ୟ ଅଣ୍ଟା ସଳଖି ଥିବା ବେଳେ ପୁରୀ ଓ ଖୋର୍ଦ୍ଧା ଜିଲାର ଲୋକମାନେ ବାତ୍ୟା ବିଭୀଷିକାରୁ ମୁକ୍ତି ପାଇପାରି ନାହାନ୍ତି। ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟ, ପରିମଳ ଭଳି ସର୍ବନିମ୍ନ ସୁବିଧା ପାଇବା ପାଇଁ ଚାତକ ଭଳି

**୧୩ ତାରିଖ ସୁଦ୍ଧା ଗ୍ରାମାଞ୍ଚଳର ସବୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ**

ଚାହିଁ ରହିଛନ୍ତି। ଘରଦ୍ୱାର, ରାସ୍ତାଘାଟ, ବାଡି ବଗିଚା, ପାର୍କ, ଛୋଟ ଛୋଟ ଜଙ୍ଗଲ ସବୁ ଉଜୁଡି ଯାଇଛି। ଚାରିଆଡେ କୁଢ କୁଢ ଭଙ୍ଗା କଟା କାଠ, ଅଳିଆ ଓ ଆବର୍ଜନା ପାଣି ପରିବେଶକୁ ଆହୁରି ବିଗାଡିବାରେ ଲାଗିଛି। ପ୍ରଶାସନିକ ସୂଚନା ଅନୁଯାୟୀ ଯଦିଓ ଏ ପର୍ଯ୍ୟନ୍ତ କେଉଁଠି ମହାମାରୀ ବ୍ୟାପୀ ନାହିଁ ତେବେ ଆଗାମୀ ଦିନରେ ଯେ ପରିବେଶ ବିଗିଡି ନ ଯିବ ସେ ନେଇ ବାତ୍ୟା ପୀଡିତ ଆଶଙ୍କାରେ ରହିଛନ୍ତି । ତେବେ ଏହି ଅସମୟରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ନିୟୋଜିତ କରିବାକୁ ରାଜ୍ୟ ସରକାର ଗଠନ କରିଥିଲେ ବିଜୁ ଯୁବ ବାହିନୀ । ଏହି ବାହିନୀ ବିପଦ ଆପଦରେ ଗାଁ ଲୋକଙ୍କ ପାଖରେ ଛିଡା ହେବେ। ସେମାନଙ୍କୁ ସହାୟତା କରିବେ। ମାତ୍ର ଏଭଳି ବିପତ୍ତି ସମୟରେ କେଉଁ ଜିଲାରେ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟରେ ସେମାନଙ୍କର ସମ୍ପୃକ୍ତି ଦେଖିବାକୁ ମିଳୁ ନାହିଁ। ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ବିଭାଗ ଭଳି ସରକାରୀ ସଂସ୍ଥା ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ଯୁବ ବାହିନୀ ସଦସ୍ୟମାନେ ଉଭାନ ହୋଇ ଯାଇଛନ୍ତି। ସରକାର ବିଜୁ ଯୁବ ବାହିନୀଙ୍କୁ ପ୍ରୋତ୍ସାହିତ କରିବାକୁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏ ଅସମୟରେ ସେମାନଙ୍କର ଅନୁପସ୍ଥିତିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟ ପକ୍ଷରେ ପୁରୀ ଜିଲାକୁ ବାତ୍ୟା ମାଡରୁ ପୁନରୁଦ୍ଧାର କରିବାକୁ ସରକାରଙ୍କୁ ଶେଷରେ ଗାଁ ଲୋକମାନଙ୍କର ସାହାର ନେବାକୁ ପଡିଛି। ନିଜ ଅଞ୍ଚଳରେ ବିଗିଡି ଯାଇଥିବା ପରିମଳ ବ୍ୟବସ୍ଥାକୁ ସଜାଡିବାକୁ ଗ୍ରାମାଞ୍ଚଳ ଲୋକଙ୍କୁ ପ୍ରୋତ୍ସାହିତ କରିବାକୁ ପୁରସ୍କାର ରାଶି ଘୋଷଣା କରିଛନ୍ତି। ବାତ୍ୟା ପୁନରୁଦ୍ଧାର ☞ ପୃଷ୍ଠା–୪

# ଶନିବାର, ରବିବାର ଖୋଲା ରହିବ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ବାତ୍ୟା ଫନୀ ମାଡରେ ପୁରୀ ଓ ଖୋର୍ଦ୍ଧା ଛାରଖାର ହୋଇଥିବା ବେଳେ ୧୪ ଜିଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାର କର୍ମଚାରୀମାନେ ବିଦ୍ୟୁତ, ପାନୀୟ ଜଳ ଏବଂ ଗମନାଗମନ ସଜାଡିବା ପାଇଁ ଦିନରାତି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବାତ୍ୟା ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମାସର ଦ୍ୱିତୀୟ ଶନିବାର(ସେକେଣ୍ଡ ସଟରଡେ) ଓ ରବିବାର ଛୁଟି ଦିନ ପଡୁଥିଲେ ମଧ୍ୟ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କୌଣସି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ଯେପରି ଛୁଟିରେ ରହିପାରିବେ ନାହିଁ ସେ ନେଇ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଉପରୋକ୍ତ ଜିଲାଗୁଡିକରେ ରିଲିଫ, ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ପ୍ରଭାବିତ ଜିଲାଗୁଡିକରେ ଥିବା ବ୍ୟାଙ୍କଗୁଡିକ ମଧ୍ୟ ଖୋଲା ରହିବ।

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ସୂଚନା:** ପିଲାଙ୍କ ଧରିତ୍ରୀ ଏହି ସଂଖ୍ୟାର ପ୍ରଚ୍ଛଦ ପୃଷ୍ଠାରେ ସୂଚିତ ପୃଷ୍ଠା ସଂଖ୍ୟା ୩ ଓ ୪ ପରିବର୍ତ୍ତେ ୭ ଓ ୬ ପଢ଼ିବାକୁ ଅନୁରୋଧ।

**ଆଜିର ସମ୍ପାଦକୀୟ**

**କ୍ୟାଡର ପଦରେ ଅଣକ୍ୟାଡର**

**ଆଜିର ମନ୍ତବ୍ୟ**

" ଭାଜପା କେବେହେଲେ ମୋଦି କିମ୍ବା ଶାହଙ୍କ ବ୍ୟକ୍ତିକୈନ୍ଦ୍ରିକ ଦଳ ହୋଇପାରିବ ନାହିଁ
–ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ

# ତାତିରୁ ନାହିଁ ନିସ୍ତାର: ଜଳୁଛି ପଶ୍ଚିମ ଓଡ଼ିଶା

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

- ■ ୪୫ ଡିଗ୍ରୀ ଉପରେ ଟିଟିଲାଗଡ, ସୋନପୁର, ସମ୍ବଲପୁର
- ■ ୪୦ ଡିଗ୍ରୀ ଉପରେ ୧୧ ସହର
- ■ ୨ ଦିନ ପ୍ରବଳ ଗ୍ରୀଷ୍ମ ପ୍ରବାହ

ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ସତେ ଯେମିତି ଆକାଶରୁ ଅଗ୍ନି ବର୍ଷା ହେଉଛି। ଦେହ ମୁଣ୍ଡ ଜଳି ପୋଡି ଗଲା ଭଳି ଲାଗୁଛି। ସକାଳ ୯ଟାରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡିଛି। ଆହୁରି ୨ ଦିନ ପ୍ରଚଣ୍ଡ ତାତି କିଳିବିଳି କରିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଏହି ସମୟ ମଧ୍ୟରେ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ଦେବଗଡ, ଅନୁଗୋଳ, ବରଗଡ, ସୋନପୁର, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡା ଆଦି ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି ।



ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ ଉପକୂଳ ଜିଲାବାସୀ ଗରମ ଓ ଗୁଳୁଗୁଳିରେ ଆଉଟ ପାଉଟ ହେଉଛନ୍ତି। ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଇଥିବାରୁ ଦେହ ମୁଣ୍ଡରୁ ଗମ୍ ଗମ୍ ହୋଇ ଝାଳ ବୋହି ଚାଲିଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାରେ ତାତି ଉପର ମୁହାଁ ହୋଇଛି । ଗତ ୪ ଦିନ ହେବ ଅଧିକାଂଶ ଅଞ୍ଚଳରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାଜ୍ୟରେ ୧୧ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୩ଟି ସହରରେ ପାରଦ ୪୫ ଡିଗ୍ରୀ ଉପରେ ରହିଛି। ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୪୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୪୫.୪, ସମ୍ବଲପୁର ୪୫.୧, ଝାରସୁଗୁଡା ୪୪.୮, ଅନୁଗୋଳ ୪୨.୧, ବାରିପଦା ୪୧.୪, ସୁନ୍ଦରଗଡ ୪୧.୫, ହୀରାକୁଦ ୪୧.୧, କେନ୍ଦୁଝର ୪୧, ତାଳଚେର ୪୧.୮ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୪.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ମୋଦି ହାୱା କାମ କଲେ ଓଡ଼ିଶାରୁ ୧୦ରୁ ୧୨ ଲୋକ ସଭା ଆସନ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

**ରାଜ୍ୟ ଭାଜପା ପକ୍ଷରୁ ଗୋପନୀୟ ସର୍ଭେ**
- ■ ସର୍ବାଧିକ ୬୧ରୁ ୬୮ ବିଧାନସଭା ଆସନ
- ■ ମେ' ୨୩କୁ ଅପେକ୍ଷା

ସାରା ଦେଶରେ ଏପ୍ରିଲ ୧୧ରୁ ଆରମ୍ଭ ହୋଇଥିବା ସାଧାରଣ ନିର୍ବାଚନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜାତୀୟ ସ୍ତରରେ କେବଳ ଦୁଇଟି ପର୍ଯ୍ୟାୟ ନିର୍ବାଚନ ବାକି ରହିଛି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ୨୧ ଲୋକ ସଭା ଏବଂ ୧୪୬ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲା ପାଟକୁରା ବିଧାନସଭାରେ କେବଳ ଭୋଟ ଗ୍ରହଣ ହୋଇନାହିଁ। ତେଣୁ ନିର୍ବାଚନ ହୋଇ ସାରିଥିବା ଆସନଗୁଡିକ ମଧ୍ୟରୁ ଭାଜପା ପକ୍ଷରୁ ଏକ ନିଜସ୍ୱ ଆକଳନ କରାଯାଇଥିବା ସୂତ୍ରରୁ ଜଣାପଡିଛି।

୨୦୧୪ରେ ସାରା ଭାରତରେ ଯେପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଏକ ବାତାବରଣ ସୃଷ୍ଟି ହୋଇଥିଲା, ସେହିପରି ଏକ ହାୱା ଚଳିତ ବର୍ଷ ଓଡ଼ିଶାରେ ଦେଖାଦେଇଥିଲା। ୨୦୧୪ ନିର୍ବାଚନରେ କଂଗ୍ରେସ ବିରୋଧରେ ସର୍ବଭାରତୀୟ ସ୍ତରରେ ଯେପରି ଏକ ଜନମତ ସୃଷ୍ଟି ହୋଇଥିଲା, ଚଳିତ ଥର ବିଜେଡି ସରକାର, ଦଳୀୟ ବିଧାୟକ ଏବଂ ଏମ୍‌ପିମାନଙ୍କ ବିରୋଧରେ ଏକ ଜନମତ ସୃଷ୍ଟି ହୋଇଥିଲା। ଏହାକୁ ଆଧାର କରି ଭାଜପା ନିର୍ବାଚନ ଲଢିଥିଲା। ତେଣୁ ଯଦି ବିଜେଡି ବିରୋଧରେ ଥିବା ଜନମତ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତାକୁ ଆଧାର କରି ମତାଦାତାଙ୍କୁ ଭାଜପାର ତୃଣମୂଳ କର୍ମୀମାନେ ଉତ୍ସାହିତ କରି ଭୋଟଦାନ କେନ୍ଦ୍ରକୁ ନେଇ ପାରିଥିବେ, ତେବେ ଦଳ ସର୍ବାଧିକ ୧୦ରୁ ୧୨ ଲୋକ ସଭା ଆସନ ଜିତିବ ବୋଲି କୁହାଯାଇଛି। ଏହି ଆସନଗୁଡିକ ହେଉଛି– ବଲାଙ୍ଗୀର, କୋରାପୁଟ, ଭୁବନେଶ୍ୱର, ଆସ୍କା, ଢେଙ୍କାନାଳ, ସମ୍ବଲପୁର, ☞ ପୃଷ୍ଠା–୪






NATIONAL EGG CO-ORDINATION COMMITTEE | 10.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 109 | 170 | 180 |

*Conditions Apply
**Eggs Retail Price- 47/-Dozen**
Issued in the Interest of Consumers





"ଭାଜପା ହାୱାଲା ଜରିଆରେ ଟଙ୍କା ପଠାଇ ମତଦାତାଙ୍କ ମଧ୍ୟରେ ବାଣ୍ଟୁଛି। କିନ୍ତୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଛନ୍ତି।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ସରିଲା

**ନୂଆଦିଲ୍ଲୀ,୧୦।୫ :** ଷଷ୍ଠ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୭ଟି ରାଜ୍ୟର ୫୯ ଆସନ ଲାଗି ଭୋଟଗ୍ରହଣ କରାଯିବ। ବିହାରର ୮, ହରିୟାଣା ୧୦, ଝାଡ଼ଖଣ୍ଡ ୪, ମଧ୍ୟପ୍ରଦେଶ ୮, ୟୁପି ୧୪, ପଶ୍ଚିମବଙ୍ଗ ୮ ଓ ଦିଲ୍ଲୀ-ଏନ୍‌ସିଆର୍‌ର ୭ଟି ଆସନରେ ଭୋଟରମାନେ ସେମାନଙ୍କ ମନପସନ୍ଦର ପ୍ରାର୍ଥୀ ବାଛିବେ। ଏହି ପର୍ଯ୍ୟାୟରେ ଶୀଲା ଦୀକ୍ଷୀତ୍, ଅଲିମ୍ପିଆନ୍ ବକ୍ସର୍ ବିଜେନ୍ଦର ସିଂ, ଗୌତମ ଗମ୍ଭୀର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ, ଅଖିଳେଶ ଯାଦବ, କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ, ଭୂପିନ୍ଦର ସିଂ ହୁଡା, କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂ, କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଏବଂ ଭାଜପାର ପ୍ରଜ୍ଞା ସିଂ ଠାକୁରଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ହାଇ ଭୋଲ୍‌ଟେଜ୍ ପ୍ରଚାରରେ ଭାଜପା, କଂଗ୍ରେସ, ଏଏପି ସହ ବିଭିନ୍ନ ବିରୋଧୀ ଦଳର ନେତାମାନେ ସେମାନଙ୍କ ଆଭିମୁଖ୍ୟ ରଖିଥିଲାବେଳେ ରବିବାର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରାଯିବ। ସପ୍ତମ ତଥା ଶେଷ ପର୍ଯ୍ୟାୟ ଭୋଟ ମେ ୧୯ରେ ସରିବା ପରେ ୨୩ରେ ଫଳାଫଳ ଜଣାପଡ଼ିବ।

### 'ବିରୋଧୀ ଗଢ଼ିବେ ମେଣ୍ଟ ସରକାର'



ଏନ୍. ଚନ୍ଦ୍ରାବାବୁ ନାଇଡୁ

**କୋଲ୍‌କାତା,୧୦।୫ :** ନିର୍ବାଚନରେ ଭାଜପା ବିରୋଧୀ ଦଳଗୁଡ଼ିକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିବ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ ଦୃଢ଼ୋକ୍ତି ବାଢ଼ିଛନ୍ତି। ନିର୍ବାଚନ ଫଳାଫଳ ଆସିଲେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନେଇ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯିବ। ତେବେ ପ୍ରଧାନମନ୍ତ୍ରୀ ଦୌଡରେ ସେ ନଥିବା ନାଇଡୁ ପ୍ରକାଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ନାଇଡୁ ଟିଏମ୍‌ସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟି ଭବିଷ୍ୟତ ମେଣ୍ଟ ଯୋଜନା ନେଇ ଆଲୋଚନା କରିଥିଲେ। ମମତାଙ୍କ ସହ ରୁଦ୍ଧଦ୍ୱାର ବୈଠକରେ ମହାମେଣ୍ଟର ଯୋଜନା କ'ଣ ହେବ ସେନେଇ ଆଲୋଚନା କରାଯାଇଥିଲା।

### 'ମୋଦି କ୍ଷମତାକୁ ଫେରିଲେ ରାହୁଲ ଦାୟୀ'



**ନୂଆଦିଲ୍ଲୀ,୧୦।୫(ପି.ଟି.):** ଉତ୍ତରପ୍ରଦେଶରେ ଏସ୍‌ପି-ବିଏସ୍‌ପି ମେଣ୍ଟ, କେରଳରେ ବାମ ସାମ୍ମୁଖ୍ୟ, ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଏବଂ ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି ପାଇଁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷତିକାରକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁନଃ କ୍ଷମତାସୀନ ହେଲେ ସେଥିପାଇଁ ରାହୁଲ ଦାୟୀ ରହିବେ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ସମାଲୋଚନା କରିଛନ୍ତି।

## ■ ପାକିସ୍ତାନରୁ ଆସିଥିଲା ଜର୍ଜିଆ ବିମାନ

# ଗୋଡ଼ାଇ ଧରିଲା ସୁଖୋଇ



**ନୂଆଦିଲ୍ଲୀ/ଜୟପୁର,୧୦।୫(ପି.ଟି.)**

ବାୟୁସୀମା ଲଙ୍ଘି ପାକିସ୍ତାନରୁ ଭାରତ ପଟକୁ ଚାଲିଆସିଥିବା ଜର୍ଜିଆର ଏକ ବିମାନକୁ ଶୁକ୍ରବାର ଭାରତୀୟ ବାୟୁସେନା (ଆଇଏଏଫ୍)ର ସୁଖୋଇ ଯୁଦ୍ଧବିମାନ ଗୋଡ଼େଇ ଧରିଛି। ରାଜସ୍ଥାନର ଜୟପୁର ବିମାନବନ୍ଦରରେ ଏହାର ଜବରଦସ୍ତ ଅବତରଣ କରାଯାଇଛି। ଆଇଏଏଫ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ ଜର୍ଜିଆ ରାଜଧାନୀ ଟିବିଲିସିରୁ ପାକିସ୍ତାନର କରାଚୀ ଦେଇ ଦିଲ୍ଲୀକୁ ଯାଉଥିବା ମାଲବାହୀ ବିମାନ ଏଏନ୍-୧୨ ଶୁକ୍ରବାର ଅପରାହ୍ଣ ୩ଟା ୧୫ରେ ଭାରତୀୟ ବାୟୁସୀମା ଅତିକ୍ରମ କରିଥିଲା। ବିନା ଅନୁମତିରେ ବିମାନ ଭାରତୀୟ ସୀମାକୁ ଆସିଥିବା ଜଣାପଡ଼ିବା ପରେ ଆଇଏଏଫ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏହି ବିମାନ ଏୟାର ଟ୍ରାଫିକ୍ ସର୍ଭିସ୍ (ଏଟିଏସ୍)ର ମାର୍ଗ ଅନୁସରଣ ନ କରି ଏକ ଅନିର୍ଦ୍ଧାରିତ ସ୍ଥାନରୁ ପଥଭ୍ରଷ୍ଟ ହୋଇ ବିମାନ ଉତ୍ତର ଗୁଜରାଟ ସେକ୍ଟର ପଟକୁ ଚାଲିଆସିଥିଲା। ଏହାକୁ ଆୟତ୍ତ କରିବା ପାଇଁ ଦୁଇଟି ସୁଖୋଇ-୩୦ ଗୋଡ଼ାଇଥିଲେ। ଫଳରେ ବାଧହୋଇ ଏହା ଜୟପୁରରେ ଅବତରଣ କରିଥିଲା। ଫେବୃଆରୀ ୨୬ରେ ପାକିସ୍ତାନର ବାଲାକୋଟରେ ଭାରତ ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯିବା ପରେ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିବା ଦୃଷ୍ଟିରୁ ଏହାକୁ କାବୁ କରାଯାଇଥିଲା। ବିମାନରୁ କିଛି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିବାବେଳେ ଏହାର ୮ କର୍ମଚାରୀଙ୍କୁ ପଚରାଉଚରା ପରେ ଉଡ଼ାଣ ପାଇଁ ଅନୁମତି ଦିଆଯାଇଥିବା ଜୟପୁର ଅତିରିକ୍ତ ପୋଲିସ କମିଶନର ଲକ୍ଷ୍ମଣ ଗଉର ସୂଚନା ଦେଇଛନ୍ତି।

## ■ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା: ସାମ୍ ପିତ୍ରୋଡାଙ୍କ ମନ୍ତବ୍ୟକୁ ନେଇ ଝଡ଼

# ହେଲା ତ କ'ଣ ହେଲା

**ନୂଆଦିଲ୍ଲୀ/ଶିମ୍‌ଲା,୧୦।୫(ପି.ଟି.)**

ସାଧାରଣ ନିର୍ବାଚନର ଆଉ ଦୁଇଟି ପର୍ଯ୍ୟାୟ ମତଦାନ ବାକି ଥିବାବେଳେ କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଅଡୁଆରେ ପଡ଼ିଛି ଦଳ। ୧୯୮୪ ଶିଖ୍ ବିରୋଧୀ ଦଙ୍ଗାକୁ ସମ୍ପର୍କରେ ବରିଷ୍ଠ କଂଗ୍ରେସ ନେତା ସାମ୍ ପିତ୍ରୋଡା ଗୁରୁବାର ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି, ଯାହାକୁ ନେଇ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ପିତ୍ରୋଡାଙ୍କ ମନ୍ତବ୍ୟ ପାଇଁ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷମାମାଗନ୍ତୁ ବୋଲି ଭାଜପା ଅଡ଼ିବସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳରୁ ତାଙ୍କ ବହିଷ୍କାର ଦାବି କରିଛନ୍ତି। କଂଗ୍ରେସ ବିବାଦରୁ ଦୂରେଇ ରହିବା ପରେ ଶେଷରେ ପିତ୍ରୋଡା ନିଜେ କ୍ଷମାମାଗିବା ସହ ସେ ଭଲ ହିନ୍ଦୀ କହିପାରୁ ନ ଥିବାରୁ ତାଙ୍କ କଥାକୁ ଭୁଲ୍ ଢଙ୍ଗରେ ଉପସ୍ଥାପନ କରାଯାଇଥିବା କହିଛନ୍ତି।

ରାହୁଲଙ୍କ ଘନିଷ୍ଠ ସହଯୋଗୀ ତଥା ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ମୁଖ୍ୟ ସାମ୍ ପିତ୍ରୋଡା ଗୁରୁବାର ହିମାଚଳ ପ୍ରଦେଶର ଧର୍ମଶାଳାରେ ଶିଖ୍ ବିରୋଧୀ ଦଙ୍ଗା ସମ୍ପର୍କରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ସେ କହିଥିଲେ, ୧୯୮୪ରେ ଦଙ୍ଗା ହେଲା ତ କ'ଣ ହେଲା। ଏହାକୁ ନେଇ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଶୁକ୍ରବାର କହିଛନ୍ତି, ୧୯୮୪ ଦଙ୍ଗାରେ ୩,୦୦୦ ଶିଖ୍‌ଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ କହିଥିଲେ, ଯେତେବେଳେ ବଡ଼ ଗଛ ଟଳିପଡ଼େ ଭୂକମ୍ପ ସୃଷ୍ଟିହୁଏ। ଏବେ ରାଜୀବଙ୍କ ସହଯୋଗୀ ତଥା ରାହୁଲଙ୍କ ପଥପ୍ରଦର୍ଶକ ପିତ୍ରୋଡା ଶିଖ୍ ଗଣହତ୍ୟା ସମ୍ପର୍କରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଦାୟିତ୍ୱହୀନ ଓ ନିନ୍ଦନୀୟ। ଏଥିଲାଗି ସୋନିଆ ଓ ରାହୁଲ କ୍ଷମାମାଗନ୍ତୁ ବୋଲି ଜାଭଡେକର କହିଛନ୍ତି।



ସାମ୍ ପିତ୍ରୋଡା

**ଜାତୀୟ ରାଜନୀତି ସରଗରମ**

- ■ମନ୍ତବ୍ୟକୁ ନେଇ ସୋନିଆ, ରାହୁଲ କ୍ଷମା ମାଗନ୍ତୁ: ଭାଜପା
- ■ପିତ୍ରୋଡାଙ୍କୁ କଂଗ୍ରେସରୁ ବହିଷ୍କାର ଦାବି କଲେ ମୋଦି
- ■ବିବାଦରୁ ଦୂରେଇ ରହିଲା କଂଗ୍ରେସ
- ■ଭଲ ହିନ୍ଦୀ କହିପାରୁ ନ ଥିବାରୁ ମନ୍ତବ୍ୟକୁ ଭୁଲ୍ ଢଙ୍ଗରେ ଉପସ୍ଥାପନ କରାଯାଇଛି: ପିତ୍ରୋଡା

ସେପଟେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ଦିନରେ ପ୍ରଧାନମନ୍ତ୍ରୀ ମୋଦି ହିମାଚଳର ମଣ୍ଡିରେ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସକୁ ଘେରିଛନ୍ତି। ଭାଜପାର ଏକ ସଭାରେ କହିଛନ୍ତି, ଗତକାଲି କଂଗ୍ରେସର ଜଣେ ବରିଷ୍ଠ ନେତା କହିଥିଲେ 'ହୁଆ ତୋ ହୁଆ'। ରାଜୀବଙ୍କ ଘନିଷ୍ଠ ବନ୍ଧୁ ଓ ରାହୁଲଙ୍କ ଗୁରୁ ଦେଇଥିବା ମନ୍ତବ୍ୟରୁ କଂଗ୍ରେସର ଚରିତ୍ର ଓ ମାନସିକତା ପ୍ରତିଫଳିତ ହେଉଛି। ଏହି ଦଳ ସର୍ବାଧିକ ସମୟ ଧରି ଦେଶକୁ ଶାସନ କରିଛି। ଶିଖ୍ ବିରୋଧୀ ଦଙ୍ଗାକୁ ନେଇ ଯାହା କୁହାଯାଇଛି ସେଥିରୁ ଏହାର ଅହଂକାର ଧରାପଡ଼ିଯାଇଛି। ଏଭଳି ନେତାଙ୍କୁ ଦଳରୁ ବହିଷ୍କାର କରାଯିବା ଉଚିତ। ସେପଟେ କଂଗ୍ରେସ ଏହି ବିବାଦରେ ନ ପଡ଼ି ସଫେଇ ଦେବାସହ ପିତ୍ରୋଡାଙ୍କୁ ଚେତାବନୀ ଦେଇଛି। ଆମ ଦଳର ନେତାମାନେ ସତର୍କ ହୋଇ ମନ୍ତବ୍ୟ ଦିଅନ୍ତୁ। ୧୯୮୪ ଓ ୨୦୦୨ ଦଙ୍ଗା ପାଇଁ ନ୍ୟାୟ ଦିଆଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଚାରିଆଡୁ ସମାଲୋଚିତ ହେବା ପରେ ପିତ୍ରୋଡା ଶୁକ୍ରବାର କ୍ଷମାମାଗିଛନ୍ତି। ପିତ୍ରୋଡା କହିଛନ୍ତି, ସେ ଭଲ ହିନ୍ଦୀ କହିପାରନ୍ତି ନାହିଁ। ତେଣୁ ଏହାର ଫାଇଦା ନେଇ ତାଙ୍କ ମନ୍ତବ୍ୟକୁ ଭୁଲ୍ ଢଙ୍ଗରେ ଉପସ୍ଥାପନ କରି ବିବାଦ ସୃଷ୍ଟି କରାଯାଉଛି। ଏଥିଲାଗି ସେ ଦୁଃଖିତ ଓ କ୍ଷମାପ୍ରାର୍ଥୀ।

## ଆମେରିକା-ଇରାନ ବିବାଦ ତେଜିଲା

**ତେହେରାନ୍,୧୦।୫**

ଇରାନ୍ ସହ ଆଲୋଚନା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମନ୍ତ୍ରଣ କରିଥିଲାବେଳେ ଏହାକୁ ଇରାନ୍‌ର ଶକ୍ତିଶାଳୀ ରିଭୋଲ୍ୟୁଶନାରୀ ଗାର୍ଡର ବରିଷ୍ଠ କମାଣ୍ଡର ଜେନେରାଲ ୟାଦୋଲ୍ଲା ଜାଭାନି ପ୍ରତ୍ୟାଖ୍ୟାନ କରିଛନ୍ତି। ଆମେରିକା ସହ କୌଣସି କଥାବାର୍ତ୍ତା ଆମେ ଚାହୁଁନା ବୋଲି ସେ କହିଛନ୍ତି। ଆମେରିକା ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସାହସ ନ କରୁ ବୋଲି ସେ କହିଛନ୍ତି। ଏହାପରେ ତେହେରାନ୍ ଓ ୱାଶିଂଟନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଇରାନ ପଟୁ ବିପଦ ଆଶଙ୍କାରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ବିମାନବାହୀ ୟୁଏସ୍‌ଏସ୍ ଆବ୍ରାହମ୍ ଲିଙ୍କନ ଓ ବୋମା ନିରୋଧକାରୀ ସ୍କ୍ୱାଡ ପଠାଯାଇଛି। ବି-୫୨ ବମ୍ବର୍ସ କାତାରସ୍ଥିତ ଆମେରିକାନ୍ ଏୟାର୍‌ବେସ୍‌ରେ ପହଞ୍ଚିଥିବା ହ୍ୱାଇଟ୍‌ହାଉସ୍ ପକ୍ଷରୁ ଜଣାପଡ଼ିଛି। ପରିସ୍ଥିତି ଏବେ ଉତ୍ତେଜନାପୂର୍ଣ୍ଣ ରହିଛି।

## ଶପଥ ନେଲେ କର୍ଣ୍ଣାଟକ ହାଇକୋର୍ଟ ମୁଖ୍ୟ ବିଚାରପତି

**ବେଙ୍ଗାଲୁରୁ,୧୦।୫**



ଜଷ୍ଟିସ୍ ଅଭୟ ଶ୍ରୀନିୱାସ ଓକା

କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶୁକ୍ରବାର ଜଷ୍ଟିସ୍ ଅଭୟ ଶ୍ରୀନିୱାସ ଓକା ଶପଥଗ୍ରହଣ କରିଛନ୍ତି। ରାଜ୍ୟପାଳ ବାଜୁଭାଇ ଭାଲା ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ପୂର୍ବରୁ ଜଷ୍ଟିସ୍ ଓକା ବମ୍ବେ ହାଇକୋର୍ଟର ବିଚାରପତିଭାବେ କାର୍ଯ୍ୟ କରୁଥିଲେ। ଶପଥଗ୍ରହଣ ଉତ୍ସବରେ ମୁଖ୍ୟ ସଚିବ ଟି.ଏମ. ବିଜୟଭାସ୍କର ଜଷ୍ଟିସ ଓକାଙ୍କ ନିଯୁକ୍ତି ନେଇ ରାଷ୍ଟ୍ରପତି ଭବନରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ■ ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୧୦।୫**



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଭାଜପା ସାଂସଦ ମୀନାକ୍ଷୀ ଲେଖି ଆଣିଥିବା କୋର୍ଟ ଅବମାନନା ମାମଲା ସମ୍ପର୍କିତ ରାୟକୁ ସୁପ୍ରିମକୋର୍ଟ ଶୁକ୍ରବାର ସଂରକ୍ଷିତ ରଖିଛନ୍ତି। ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ 'ଚୌକିଦାର ଚୋର୍ ହେ' ମନ୍ତବ୍ୟ ଦେଇ ଦୁଃଖ ପ୍ରକାଶ କରିବା ସହ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିସାରିଛନ୍ତି। ତେଣୁ ଏହି ମାମଲାକୁ ବନ୍ଦ କରାଯାଉ ବୋଲି ରାହୁଲ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲେ। ସିଜେଆଇ ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠଙ୍କୁ ରାହୁଲଙ୍କ ଓକିଲ ଏସ୍.କେ. କୌଲ୍ ଏଭଳି ଅନୁରୋଧ କରିଥିଲାବେଳେ ଲେଖିଙ୍କ ଓକିଲ ମୁକୁଲ୍ ରୋହତଗୀ ରାହୁଲଙ୍କ ଏଭଳି କ୍ଷମାପ୍ରାର୍ଥନାକୁ ବରଖାସ୍ତ କରାଯାଉ ବୋଲି ଖଣ୍ଡପୀଠକୁ ଅନୁରୋଧ କରିଥିଲେ। ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ। ତାଙ୍କ ମନ୍ତବ୍ୟ ଲାଗି କୋର୍ଟ ରାହୁଲଙ୍କୁ ଲୋକଙ୍କ ଆଗରେ କ୍ଷମାମାଗିବାକୁ କହିବା ଉଚିତ ବୋଲି ରୋହତଗୀ ଯୁକ୍ତି ବାଢ଼ିଥିଲେ।


## ସିଜେଆଇଙ୍କ ବିରୋଧରେ ବିକ୍ଷୋଭ: ୩୫ ଅଟକ

**ନୂଆଦିଲ୍ଲୀ,୧୦।୫**

ସିଜେଆଇ ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଯୌନଶୋଷଣ ମାମଲାର ତଦନ୍ତ ପ୍ରକ୍ରିୟାକୁ ବିରୋଧ କରି ମଣ୍ଡି ହାଉସ୍ ନିକଟରେ ବିକ୍ଷୋଭ କରାଯାଇଛି। ବିକ୍ଷୋଭବେଳେ ୨୫ ମହିଳାଙ୍କ ସହ ୩୫ ଜଣଙ୍କୁ ପୋଲିସ ଅଟକ ରଖିଛି। ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ କରାଯାଇଥିବା ବିକ୍ଷୋଭ ବେଳେ ଅଟକ ବ୍ୟକ୍ତିଙ୍କୁ ମନ୍ଦିର ମାର୍ଗ ପୋଲିସ ଷ୍ଟେଶନ୍‌କୁ ନିଆଯାଇଥିବା ପୋଲିସ ଅଧିକାରୀ କହିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀଙ୍କୁ ଯୌନଶୋଷଣ କରିବା ଅଭିଯୋଗ ସମ୍ପର୍କିତ ମାମଲାରେ ଇନ୍ ହାଉସ୍ ତଦନ୍ତ କମିଟି ସୋମବାର ସିଜେଆଇଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଏହାକୁ ବିରୋଧ କରି ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ ବ୍ୟାନର୍ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଅଗଷ୍ଟ ୧୫ ଯାଏ ମଧ୍ୟସ୍ଥଙ୍କୁ ସମୟ

**ନୂଆଦିଲ୍ଲୀ,୧୦।୫**



**ଅଯୋଧ୍ୟା ମାମଲା**

ବହୁଚର୍ଚ୍ଚିତ ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟ ମଧ୍ୟସ୍ଥ ପ୍ୟାନେଲକୁ ଅଗଷ୍ଟ ୧୫ ତାରିଖ ଯାଏ ସମୟ ଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ଜଣିଆ ଖଣ୍ଡପୀଠ ମଧ୍ୟସ୍ଥଙ୍କ ନେତୃତ୍ୱ ନେଉଥିବା ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କାଲିଫୁଲ୍ଲାଙ୍କଠାରୁ ରିପୋର୍ଟ ପାଇଥିଲାବେଳେ ଏହାର ସମାଧାନ ଲାଗି ପ୍ୟାନେଲ ଅଧିକ ସମୟ ମାଗିଥିଲା। ରାମ ଜନ୍ମଭୂମି ବାବ୍ରୀ ମସ୍‌ଜିଦ୍ ଜମି ବିବାଦ ମାମଲା ରାଜନୈତିକଭାବେ ସ୍ପର୍ଶକାତର ହୋଇଥିବାରୁ ଖଣ୍ଡପୀଠ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ମଧ୍ୟସ୍ଥଙ୍କୁ ସମୟ ପ୍ରଦାନ କରିଛନ୍ତି।

ଖଣ୍ଡପୀଠରେ ଥିବା ଅନ୍ୟ ବିଚାରପତି ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଓ ଏସ୍. ଅବ୍‌ଦୁଲ୍ ନାଜୀର୍ ମଧ୍ୟସ୍ଥମାନେ ଆଶାବାଦୀ ଥିବା ଜାଣିବା ପରେ ବର୍ଷ ବର୍ଷ ଧରି ସମାଧାନ ହେଇପାରୁ ନ ଥିବା ମାମଲା ପାଇଁ ଆଉ କିଛି ଅଧିକ ସମୟ ଦେବାରେ ଅସୁବିଧା ନାହିଁ ବୋଲି କହିଥିଲେ। ହିନ୍ଦୁ ଓ ମୁସ୍‌ଲିମ୍ ଗୋଷ୍ଠୀ ଏଥିଲାଗି ମଧ୍ୟସ୍ଥଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ଜଣାପଡ଼ିଛି।

ଖଣ୍ଡପୀଠ କହିଛନ୍ତି ଯେ, ପ୍ୟାନେଲ ଅଧ୍ୟକ୍ଷ ମେ ୭ରେ ଏନେଇ ରିପୋର୍ଟ ପ୍ରଦାନ କରିଥିଲାବେଳେ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ସମୟ ମାଗିଥିଲେ। ଏହି ଅନୁରୋଧକୁ ରକ୍ଷା କରାଯାଇ ସମସ୍ୟାର ଆପୋଷ ସମାଧାନ ଲାଗି ମଧ୍ୟସ୍ଥଙ୍କୁ ଅଧିକ ସମୟ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଷୋଡ଼ଶ ଶତାବ୍ଦୀରେ ବିବାଦୀୟ ଜାଗାରେ ନିର୍ମାଣ କରାଯାଇଥିବା ବାବ୍ରୀ ମସ୍‌ଜିଦ୍‌କୁ ୧୯୯୨ ଡିସେମ୍ବର ୬ ତାରିଖରେ ଭଙ୍ଗ କରାଯାଇଥିଲା।




ଶ୍ରୀନଗରରେ ପବିତ୍ର ରମଜାନ ମାସରେ ଶୁକ୍ରବାର ନମାଜପାଠ ବେଳେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ।




ହରିୟାଣାସ୍ଥିତ ରୋହତକ୍‌ର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାଜପା ସମର୍ଥକ ଫୁଲମାଳ ଦେଇ ସ୍ୱାଗତ କରୁଛନ୍ତି।



ଅଭିନେତାରୁ ରାଜନେତା ପାଲଟିଥିବା ପ୍ରକାଶ ରାଜ ନୂଆଦିଲ୍ଲୀରେ ଏଏପି ପ୍ରାର୍ଥୀମାନଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରୁଛନ୍ତି।




# ୧୦ ଲକ୍ଷ ଦିଅ, ମୋ କିଡ୍‌ନୀ ନିଅ

**କଟକ ଅଫିସ, ୧୦।୫**

### ଏସ୍‌ସିବିରେ ଘୁରି ବୁଲୁଛନ୍ତି ଯୁବକ

ମୋର ୧୦ ଲକ୍ଷ ଟଙ୍କା ଦରକାର। ଯିଏ ୧୦ ଲକ୍ଷ ଟଙ୍କା ଦେଇପାରିବ, ମୁଁ ମୋର ଗୋଟିଏ କିଡ୍‌ନୀ ତାଙ୍କୁ ବିକ୍ରି କରିବି। ମୋ କିଡ୍‌ନୀ ଅପେକ୍ଷା ଟଙ୍କା ମୋ ପାଇଁ ନିତାନ୍ତ ଆବଶ୍ୟକ। ଏହିଭଳି କଥା କହି ଜଣେ ଯୁବକ ଏସ୍‌ସିବି ମେଡିକାଲରେ ଶୁକ୍ରବାର ଦିନତମାମ ଘୂରି ବୁଲୁଥିଲେ। ତାଙ୍କ ଘର ଢେଙ୍କାନାଳ ଅଞ୍ଚଳରେ ହୋଇଥିବାବେଳେ ବୟସ ୩୦ରୁ ୩୫ ବର୍ଷ ବୟସ ମଧ୍ୟରେ ହେବ। ମେଡିକାଲର ବିଭିନ୍ନ ବିଭାଗ ବୁଲିବୁଲି ଶେଷରେ ମେଡିକାଲ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତିଙ୍କ ଚାମ୍ବରକୁ ଯୁବକ ଜଣକ ଆସିଥିଲେ। ନିଜର କିଡ୍‌ନୀ ବିକ୍ରି କରିବା ସମ୍ପର୍କରେ ଏକ ଦରଖାସ୍ତ ଅଧୀକ୍ଷକ ମହାନ୍ତିଙ୍କୁ ସେ ଦେଇଥିଲେ। ତେବେ କାହିଁକି କିଡ୍‌ନୀ ବିକ୍ରି କରିବାକୁ ଚାହୁଁଛ ବୋଲି ଅଧୀକ୍ଷକ ସମ୍ପୃକ୍ତ ଯୁବକଙ୍କୁ ପ୍ରଶ୍ନ କରିଥିଲେ ଏବଂ ଏଭଳି କାର୍ଯ୍ୟ ଆଇନତଃ ଅପରାଧ ବୋଲି ବୁଝାଇଥିଲେ। ବହୁତ ସମୟ ଧରି ଅଧୀକ୍ଷକ ବୁଝାଇଶୁଝାଇ ତାଙ୍କୁ ଶେଷରେ ଚାମ୍ବରରୁ ବିଦା କରିଥିଲେ। ମାତ୍ର ଯୁବକ ଜଣକ ଅଧୀକ୍ଷକଙ୍କ ଚାମ୍ବରରୁ ବାହାରି ନିଜର ପୂର୍ବ ଜିଦ୍ ଧରି ବସିଥିଲେ। ବିଭିନ୍ନ ରୋଗୀ ଏବଂ ସମ୍ପର୍କୀୟଙ୍କ ପାଖକୁ ଯାଇ କିଡ୍‌ନୀ ଦରକାର କି ବୋଲି ପଚାରୁଥିଲେ। ତେବେ ଯୁବକଙ୍କ ଏଭଳି କାର୍ଯ୍ୟକଳାପ ହୁଏତ ତାଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ମେଡିକାଲ କର୍ମଚାରୀମାନେ ଆଶଙ୍କା କରିଛନ୍ତି। କାରଣ କଟକରେ କିଡ୍‌ନୀ ବିକ୍ରି ଘଟଣା କିଛି ନୂଆକଥା ନୁହେଁ। ଅତୀତରେ ଏଭଳି ଦୁଇଟି ଘଟଣା ଘଟିସାରିଛି। ଯଦି ଏହି ଯୁବକ ଜଣକ କାହାରି ପାଲରେ ପଡ଼ିଯାନ୍ତି ତେବେ ସେ ନିଜର କିଡ୍‌ନୀ ମଧ୍ୟ ହରାଇବେ ବୋଲି ମେଡିକାଲ କର୍ମଚାରୀମାନେ ଆଲୋଚନା କରୁଛନ୍ତି।

# ଆହ୍ୱାନକୁ ସମ୍ଭାବନାରେ ପରିଣତ କରିବାକୁ ପଡିବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ଫନୀ ତାଣ୍ଡବର ଆହ୍ୱାନକୁ ସମ୍ଭାବନାରେ ପରିଣତ କରିବାର ଦାୟିତ୍ୱ ଆମକୁ ନେବାକୁ ପଡିବ। ପ୍ରାକୃତିକ ଦୁର୍ବିପାକ ସମୟରେ ଦୈନ୍ୟତା ନୁହେଁ ବରଂ ସେଥିପାଇଁ କାମ କରିବାକୁ ଆଗେଇ ଆସିବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର ଏକ ଭିଡିଓ ଜାରି କରି କହିଛନ୍ତି, ମଣିଷ ଯେତେବେଳେ କୋଣଠେସା ହୁଏ ସେତେବେଳେ ନୂଆ ରାସ୍ତା ବାହାର କରିଥାଏ। ଫନୀ ପ୍ରଭାବରେ ଶ୍ରୀମନ୍ଦିର ଆଖପାଖ ଅଞ୍ଚଳ ବହୁଳ ଭାବେ ପ୍ରଭାବିତ ହୋଇଛି। ସାରା ବିଶ୍ୱରେ ବହୁ ସମ୍ଭ୍ରାନ୍ତ ଓଡିଆ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛନ୍ତି। ଅମିନଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ପର୍ଯ୍ୟନ୍ତ ବଡବଡ ସ୍ଥାନରେ ଓଡିଆ ଅଧିକାରୀ କାମ କରୁଛନ୍ତି। ଗୁଜୁରାଟ ଭୁଜ୍‌ରେ ଭୂମିକମ୍ପ ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଆହ୍ୱାନକୁ ସମ୍ଭାବନାର ରୂପ ଦେଇ ସମ୍ପୂର୍ଣ୍ଣ ପଶ୍ଚିମ ଭାରତରେ ଏକ ନୂଆ ମଡେଲ ତିଆରି କରିଥିଲେ। ଏବେ ଫନୀର ସଦ୍ୟତମ ଅନୁଭବ ୧୯୯୯ ମହାବାତ୍ୟା, ହୁଦହୁଦ, ଫାଇଲିନ ଓ ତିତ୍‌ଲିର ଅନୁଭବ ଆଧାରରେ ନୂଆ ଚିନ୍ତାଧାରା ଏବଂ ଏନର୍ଜି ନେଇ କାମ କରିବା ହିଁ ସମୟର ଆହ୍ୱାନ। ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶାର ପୁନଃନିର୍ମାଣ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଫନୀ ପରେ ଲୋକଙ୍କ ଜୀବନ ବଞ୍ଚାଇବା ଲାଗି ସାମୁହିକ ପ୍ରୟାସ ସମସ୍ତଙ୍କୁ ସନ୍ତୋଷ ଓ ଆଶ୍ୱସ୍ତ କରିଛି। ଗତ ୭ରୁ ୮ଦିନ ହେବ ଦିଲ୍ଲୀର କ୍ୟାବିନେଟ୍ ସେକ୍ରେଟାରୀଙ୍କ ଦପ୍ତରଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ପୁରୀ ଜିଲା ଗସ୍ତ କରି ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ଅଧିକାରୀମାନେ ମଧ୍ୟ ଲୋକଙ୍କୁ ସେବା ଯୋଗାଇବାକୁ ଲାଗି ପଡିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ଏଜେନ୍ସି ମଧ୍ୟ ଆବଶ୍ୟକତା ଠାରୁ ଅଧିକ ସହଯୋଗ କରି ଆସୁଛନ୍ତି। ସମସ୍ତଙ୍କ ମଧ୍ୟରେ ଗୋଟିଏ ଦାୟିତ୍ୱ ମନୋଭାବ ରହିଛି। ଓଡ଼ିଶାକୁ ପୁନର୍ବାର ସହଜ ଓ ସ୍ୱାଭାବିକ କରିବାକୁ ସମସ୍ତେ ଲାଗିଛନ୍ତି। ଛୋଟଛୋଟ କଳ୍ପନା ବଡବଡ ପରିବର୍ତ୍ତନ କରିପାରେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ବାତ୍ୟା ମୁକାବିଲାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ

### ଏସ୍‌ଆରସିଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ଫନୀକୁ ୭ ଦିନ ବିତିଛି। ମାତ୍ର ପ୍ରଶାସନର ସ୍ଥାଣୁତା, ଅପାରଗତା ଯୋଗୁ ଏବେ ସୁଦ୍ଧା ବାସହୀନ ଓ ଭୋକିଲା ପରିବାରକୁ କୌଣସି ସହାୟତା ମିଳିନାହିଁ। ରାଜ୍ୟର ୧୪ ଜିଲାର ୮୮ବ୍ଲକ ଏହି ବାତ୍ୟା ପ୍ରଭାବରେ ପ୍ରଭାବିତ ହୋଇଛି। ରାଜଧାନୀ ସମେତ କଟକ ଏବଂ ପୁରୀ ଅଧିକ କ୍ଷତିଗସ୍ତ ହୋଇଛି । କେନ୍ଦ୍ରୀୟ ମେଟ୍ରୋଲୋଜି ବିଭାଗ ୭ଦିନ ପୂର୍ବରୁ ଚେତାବନୀ ଦେଇଥିଲା । କିନ୍ତୁ ରାଜ୍ୟ ସରକାର ଏବଂ ପ୍ରଶାସନ ନିର୍ବାଚନ ଶେଷ ହେବାପରେ ଆଉ କୌଣସି କର୍ତ୍ତବ୍ୟ ନ ଥିବା ମନେକରି ଶୋଇ ପଡିଥିଲେ । ଏତେ ବଡ଼ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ସ୍ୱତନ୍ତ୍ର ରିଲିଫ୍ କମିଶନ(ଏସ୍‌ଆରସି)ଙ୍କୁ ଭେଟି ଏହି ପ୍ରସଙ୍ଗରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାତ୍ୟାର ୭ଦିନ ପରେ ମଧ ପ୍ରଶାସନର ଅପାରଗତା ଓ ସ୍ଥାଣୁତା ଯୋଗୁ ଲୋକଙ୍କୁ ପିଇବାକୁ ପାଣି ମିଳୁନାହିଁ, ବିଦ୍ୟୁତ୍ ସଂଯୋଗ ନାହିଁ, ଖାଦ୍ୟ ନାହିଁ, ଏବଂ ରହିବାକୁ କୌଣସି ପଲିଥିନ ମିଳିନାହିଁ ବୋଲି ସମୀର ମହାନ୍ତି କହିଛନ୍ତି।

# ଇଭିଏମ୍ ଷ୍ଟ୍ରଙ୍ଗରୁମ ଖୋଲାଯାଇଛି

## ଭାଜପାର ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ଗତ ୮ ତାରିଖରେ ଭୁବନେଶ୍ୱର ଲୋକ ସଭା କ୍ଷେତ୍ରର ଜଟଣୀ, ଏକାମ୍ର, ମଧ୍ୟ ଓ ଉତ୍ତର ଭୁବନେଶ୍ୱର, ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମକୁ ଖୋଲା ଯାଇଥିଲା । ଭାଜପା ବିଧାୟକ ପ୍ରାର୍ଥୀମାନଙ୍କ ଅନୁପସ୍ଥିତିରେ ଏହି ଇଭିଏମ୍ ଷ୍ଟ୍ରଙ୍ଗରୁମ ଖୋଲାଯାଇଥିଲା, ଯାହା ଭାରତୀୟ ଜନ ପ୍ରତିନିଧି ଆଇନ ୧୯୫୦ ଧାରା ୪୯ ଅନୁସାରେ ବେଆଇନ । ଶାସକ ବିଜେଡି ପ୍ରାର୍ଥୀଙ୍କ ପରାଜୟ ସୁନିଶ୍ଚିତ ଥିବାରୁ ଜିଲା ପ୍ରଶାସନ ଶାସକ ଦଳକୁ ଜିତାଇବା ପାଇଁ ଇଭିଏମ୍ ଖୋଲି ଟାମ୍ପରିଂ କରିବାକୁ ଏହି ଷଡ଼ଯନ୍ତ୍ର କରିଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ଗତ ୭ରେ ଚିଠି ଜାରି କରି ଜିଲା ପ୍ରଶାସନ ତରବରିଆ ଭାବେ ୮ ତାରିଖ ସକାଳ ୧୦ଟାରେ ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମ୍ ଖୋଲିଲା। ଏହା ପଛରେ ଯଥାର୍ଥତା କ'ଣ ରହିଛି ତା'ର ଉତ୍ତର ରଖନ୍ତୁ। ଚିଠି ଜାରି କରିବାର ମାତ୍ର କେଇ ଘଣ୍ଟା ପରେ ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ଖୋଲିବା ଏକ ବଡ ସନ୍ଦେହ ସୃଷ୍ଟି କରୁଛି । କାହିଁକି ଇଭିଏମ୍ ଷ୍ଟ୍ରଙ୍ଗରୁମ ଖୋଲିବା ପୂର୍ବରୁ ସମସ୍ତ ବିଧାୟକ ଓ ଏମ୍‌ପି ପ୍ରାର୍ଥୀମାନଙ୍କୁ ସୂଚନା ଦିଆଯାଇ ନ ଥିଲା, ଏହା ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ଏହି ଘଟଣା ଉପରେ ହସ୍ତକ୍ଷେପ କରି ଜିଲା ପ୍ରଶାସନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାସହ ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମର ସୁରକ୍ଷା ଦୃଢ଼ ନିଶ୍ଚିତ କରନ୍ତୁ ବୋଲି ଗୋଲକ କହିଛନ୍ତି।

### ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ଏଏସ୍‌ଆଇ ଡିଜି

# ରଥଯାତ୍ରା ପୂର୍ବରୁ ସରିବ ଶ୍ରୀମନ୍ଦିର ମରାମତି

**ପୁରୀ ଅଫିସ,୧୦।୫:** ବାତ୍ୟା 'ଫନୀ'ରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନେକ ଘର, ବିଦ୍ୟୁତ୍ ଖୁଣ୍ଟ, ଗଛ, ଟାୱାର ଆଦି ଭାଙ୍ଗିପଡ଼ିଥିବାବେଳେ ବିଭିନ୍ନ ମନ୍ଦିର ମଧ୍ୟ ପ୍ରଭାବିତ ହୋଇଛି। ତେବେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଶ୍ରୀମନ୍ଦିର। ସେହିପରି କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ମଧ୍ୟ ତାଣ୍ଡବ ରଚିଛି 'ଫନୀ'। ଶୁକ୍ରବାର ଏଏସ୍‌ଆଇ ଡିଜି ଡ. ଉଷା ଶର୍ମା ଶ୍ରୀମନ୍ଦିର ଓ କୋଣାର୍କ ମନ୍ଦିର ପରିଦର୍ଶନ କରି କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିରରେ ଯାହା କ୍ଷୟକ୍ଷତି ଘଟିଛି ରଥଯାତ୍ରା ପୂର୍ବରୁ ସେ ସବୁର ମରାମତି କରାଯିବ। ସେହିପରି ଆସନ୍ତା ୨/୩ ଦିନ ମଧ୍ୟରେ ପର୍ଯ୍ୟଟକଙ୍କ ପାଇଁ କୋଣାର୍କ ସୂର୍ଯ୍ୟମନ୍ଦିର ଖୋଲିବ ବୋଲି କହିଛନ୍ତି ଏଏସ୍‌ଆଇ ଡିଜି।



ଏଏସ୍‌ଆଇ ଡିଜି ଡ. ଉଷା ଶର୍ମା ଶ୍ରୀମନ୍ଦିର ପରିଦର୍ଶନ କରି ଫେରୁଛନ୍ତି।

### ୨/୩ ଦିନ ମଧ୍ୟରେ କୋଣାର୍କ ମନ୍ଦିର ବୁଲିପାରିବେ ପର୍ଯ୍ୟଟକ

ବାତ୍ୟାରେ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତିର ତଦାରଖ ଲାଗି ଅପରାହ୍ନରେ ଡିଜି ଶର୍ମାଙ୍କ ନେତୃତ୍ୱରେ ଏଏସ୍‌ଆଇର ଏକ ଟିମ୍ ପହଞ୍ଚିଥିଲେ। ଶର୍ମାଙ୍କ ସମେତ ଏହି ଟିମ୍‌ର ସଦସ୍ୟମାନେ ଶ୍ରୀମନ୍ଦିର ଓ ଏହା ପରିସରସ୍ଥ ଅନ୍ୟାନ୍ୟ ମନ୍ଦିର ବୁଲି ଦେଖିଥିଲେ। ଏଥିସହ ମୁଖ୍ୟ ମନ୍ଦିରର ଭାଙ୍ଗିଥିବା ସିଂହ, ଲୁହାଭାରା ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନ, ଗର୍ଭଗୃହରେ କିପରି ପାଣି ଗଳିଲା, ସିଂହଦ୍ୱାର ପ୍ରବେଶ ପଥରେ ଭାଙ୍ଗିଯାଇଥିବା ମୂର୍ତ୍ତି ପ୍ରଭୃତି ଅନୁଧ୍ୟାନ କରିଥିଲେ। ବିଶେଷକରି ଏଏସ୍‌ଆଇ ପକ୍ଷରୁ ବନ୍ଧାଯାଇଥିବା ଲୁହାଭାରା କିପରି ଶ୍ରୀମନ୍ଦିରକୁ ଅଧିକ କ୍ଷତି ପହଞ୍ଚାଇଛି ସେ ନେଇ ଏଏସ୍‌ଆଇ ଡିଜିଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ଅନୁଧ୍ୟାନ କରିବା ପରେ ଡିଜି ଶର୍ମା କହିଛନ୍ତି, ଶ୍ରୀମନ୍ଦିରରେ ଯାହା କ୍ଷୟକ୍ଷତି ଘଟିଛି ସେ ସବୁର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ। ଏଏସ୍‌ଆଇର ବରିଷ୍ଠ ଅଧିକାରୀମାନେ କ୍ୟାମ୍ପ କରି କାମର ତଦାରଖ କରିବେ। ରଥଯାତ୍ରା ପୂର୍ବରୁ ମରାମତି କାମ ଶେଷ କରିବାକୁ ଉଦ୍ୟମ କରାଯିବ ବୋଲି ଡିଜି ସୂଚନା ଦେଇଛନ୍ତି। ଅନୁଧ୍ୟାନ ପରେ ଏଏସ୍‌ଆଇ ଡିଜି ଏବଂ ଅନ୍ୟ ପଦାଧିକାରୀମାନେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ମନ୍ଦିରର ବିଭିନ୍ନ କାମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିଦର୍ଶନ କରିବା ପୂର୍ବରୁ ଡିଜି ଶର୍ମା ଏବଂ ଏଏସ୍‌ଆଇ ଟିମ୍ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିଥିଲେ। ବାତ୍ୟା ଫନୀରେ କୋଣାର୍କ ମନ୍ଦିରରେ କ'ଣ କ'ଣ କ୍ଷତି ଘଟିଛି ତାହା ଅନୁଧ୍ୟାନ କରିଥିଲେ। ତେବେ ମନ୍ଦିରରେ କୌଣସି ଢାଞ୍ଚାଗତ କ୍ଷତି ଘଟିନାହିଁ। ମନ୍ଦିର ପରିସରରେ ୨୦୦ରୁ ଊର୍ଦ୍ଧ୍ୱ ଗଛ ଭାଙ୍ଗିପଡ଼ିଛି। ଆବଶ୍ୟକ କାମ ସରିବା ପରେ ୨/୩ଦିନ ମଧ୍ୟରେ ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର ବୁଲି ଦେଖିପାରିବେ ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ୧୫ଦିନ ମଧ୍ୟରେ କୋଣାର୍କ ମନ୍ଦିର ସ୍ୱାଭାବିକ ଅବସ୍ଥାକୁ ଫେରିବ ବୋଲି ଏଏସ୍‌ଆଇ ଡିଜି ଶର୍ମା କହିଛନ୍ତି। ତେବେ ଶ୍ରୀମନ୍ଦିର ମରାମତି ପାଇଁ ଏଏସ୍‌ଆଇ ପକ୍ଷରୁ ଲୁହା ଭାରା ବନ୍ଧାଯାଇଥିଲା। ବର୍ତ୍ତମାନ କୌଣସି କାମ ଚାଲି ନ ଥିବାବେଳେ ଏହି ଭାରା ଖୋଲାଯାଇ ନ ଥିଲା। ଫଳରେ ବାତ୍ୟାରେ ଏହି ଲୁହାଭାରା ମାଡ଼ରେ ମୁଖ୍ୟ ମନ୍ଦିରର ସିଂହମୂର୍ତ୍ତି ଭାଙ୍ଗିବା ସହ ଅନ୍ୟାନ୍ୟ କ୍ଷୟକ୍ଷତିର କାରଣ ସାଜିଥିଲା। ଏହାକୁ ନେଇ ଏଏସ୍‌ଆଇକୁ ସମାଲୋଚିତ ହେବାକୁ ପଡ଼ିଥିଲା। ଏହାପରେ ଡିଜି ଶର୍ମା ଶ୍ରୀମନ୍ଦିର ପରିଦର୍ଶନ କରି କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି।

युनाइटेड इंडिया इंश्यूरेन्स कंम्पनी लिमटिड
United India Insurance Co. Ltd.
REGIONAL OFFICE:- O.C.H.C. Building (5th Floor), Near Ram Mandir, Unit - III, Kharvel Nagar, Bhubaneswar - 751001, Ph.: 0674-2391138, Website: https://uiic.co.in

District wise Nodal Officers for Fani Cyclone Claims

The Cyclone 'Fani' has devastated large part of Odisha and has left it in ruins. We are standing firm with the people of Odisha and are committed to serve our policy holders at this time of distress. The claimants may contact their policy issuing/claim processing officer as per the contact details provided below, customer service has always been our utmost priority and we assure the policy holders our best services at all times. E-mail: bbsrfanicycloneclaimuiic@gmail.com

| OFFICE CODE | NAME OF OFFICE | NAME & DEGN. | OFFICE LANDLINE NO. | MOBILE/ WHATSAPP NO. |
|---|---|---|---|---|
| 260000 | RO BHUBANESWAR | A.K. PADHIARI, RM | 0674-2391189 | 9042809549 |
| 260000 | RO BHUBANESWAR | ARCHANA DASH, AM | 0674-2515522 | 7978213819 |
| 260202 | BO PURI | C.R. SAMANTARAY, SBM | 06752-223799 | 9437003294 |
| 260300 | DO CUTTACK | MOTILAL PANDA, SDM | 0671-2548018 | 9437485191 |
| 260304 | BO JK ROAD | SAPANI SETHY, SBM | 06726-220633 | 9437275265 |
| 260182 | MO JATNI | R.K. SUBUDHI, AO | 0674-2491964 | 8018990641 |
| 260385 | MO JAGATSINGHPUR | P.K. DAS, AO | | 9437128223 |
| 260388 | MO KENDRAPARA | R.C. SOREN, AO | 06727-221350 | 7873293030 |
| 260386 | MO CHANDIKHOL | SEIKH NOOR UDDIN, AO | | 8249771033 |



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଶ୍ରୀରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖଲ୍ଲିକୋଟରେ ଏନ୍‌କାଉଣ୍ଟର

- ଏକାଧିକ ମାମଲାରେ ସଂପୃକ୍ତ ଅଭିଯୁକ୍ତ ଆହତ
- ବାମ ଗୋଡ଼ରେ ବାଜିଛି ଗୁଳି
- ବନ୍ଧୁକ, ଗୁଳି ଓ ନମ୍ବର ବିହୀନ ବାଇକ୍ ଜବତ

ଖଲିକୋଟ,୧୦।୫(ଡି.ଏନ.ଏ.)

କିଛିଦିନର ବ୍ୟବଧାନ ପରେ ପୁଣି ଫୁଟିଛି ପୋଲିସ ଗୁଳି। ଶୁକ୍ରବାର ଭୋର୍‌ରେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ପୋଲିସ ଏନ୍‌କାଉଣ୍ଟରରେ ବହୁ ଆପରାଧିକ ମାମଲାରେ ସମ୍ପୃକ୍ତ ମନୋଜ ସ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ମନୋଜଙ୍କ ବାମଗୋଡ଼ରେ ଗୁଳି ବାଜିଥିବାରୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ତାଙ୍କ ନିକଟରୁ ନମ୍ବରବିହୀନ ଏକ ପଲସର, ଗୋଟିଏ ବନ୍ଧୁକ, ଦୁଇଟି ଗୁଳି ଜବତ କରିଛି।

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମର ମନୋଜଙ୍କ ବିରୋଧରେ ବହୁ ସଙ୍ଗୀନ ଆପରାଧିକ ମାମଲା ରହିଛି। ଗିରଫରୁ ବର୍ତ୍ତିବା ପାଇଁ ସେ କିଛିଦିନ ହେଲା ଫେରାର ଥିଲେ। ପୋଲିସ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ମନୋଜ ଗାଁକୁ ଆସିଥିବା ନେଇ କୌଣସି ସୂତ୍ରରୁ ଖବର ମିଳିଥିଲା। ତାଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଶୁକ୍ରବାର ଭୋରରେ ମନୋଜ ଖଲ୍ଲିକୋଟ ଥାନା ଅନ୍ତର୍ଗତ ପେଣ୍ଡୁରାପଲ୍ଲୀ ଛକ ନାରାୟଣୀ ମନ୍ଦିର ରାସ୍ତାରେ ଆସୁଥିବା ବେଳେ ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ମନୋଜ ପ୍ରଥମେ ଗୁଳି ଚଳାଇ ଖସି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ପୋଲିସ ପାଲଟା ଗୁଳି ଚଳାଇବାରୁ ତାଙ୍କ ଗୋଡ଼ରେ ବାଜିଥିଲା। ପରେ ଆଇଆଇସି ସୁନୀଲ କୁମାର ବେହେରା, ଏସଆଇ ସିଲୁ ଧଳ ଓ ପୋଲିସ ଟିମ ମନୋଜଙ୍କୁ କାବୁ କରିଥିଲେ। ମନୋଜ ପୋଲିସ ଉପରକୁ ଗୁଳି ଚଳାଇଥିବା ନେଇ ଖଲ୍ଲିକୋଟ ଥାନାରେ ନଂ.୧୧୧/୧୯ରେ ଏକ ମାମଲା ରୁଜୁ କରାଯାଇଛି ।



ଆହତ ମନୋଜ ସ୍ୱାଇଁ

# ନଦୀରେ ବୁଡ଼ି ଛାତ୍ର ମୃତ

କେନ୍ଦ୍ରାପଡା ଅଫିସ, ୧୦।୫

ସଦର ଥାନା ଅଧୀନ ଭମରଦିଆପାଟଣା ଦେଇ ପ୍ରବାହିତ ଗୋବରୀ ନଦୀରେ ବୁଡ଼ି ଶୁକ୍ରବାର ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ମହାକାକାଳପଡା ବ୍ଲକ ଯଦୁପୁର ଗ୍ରାମର ଅରକ୍ଷିତ ସାହୁଙ୍କ ପୁଅ ଜୀବନପ୍ରକାଶ (୧୨)। ସେ ଗୁଲନଗରସ୍ଥିତ ତାଙ୍କ ମାମୁଘରେ ରହି ନିକଟସ୍ଥ ଟାଇମସ ଗୁରୁକୁଳରେ ପାଠ ପଢୁଥିଲେ। ଜୀବନପ୍ରକାଶ ଓ ତାଙ୍କ ମାଉସୀ ପୁଅ ଦୁହେଁ ପୂର୍ବାହ୍ନରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଉଭୟେ ବୁଡି ଯାଇଥିଲେ। ଅଜା ପର୍ଶୁରାମ ସାହୁ ଜୀବନଙ୍କ ମାଉସୀ ପୁଅଙ୍କୁ ଉଦ୍ଧାର କରିଥିବା ବେଳେ ଜୀବନ ପ୍ରକାଶଙ୍କୁ ଖୋଜି ପାଇନଥିଲେ। ଖବରପାଇ ଡେରାବିଶ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜୀବନପ୍ରକାଶଙ୍କ ଶବ ଉଦ୍ଧାର କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ଇଣ୍ଡିଆନ୍ ନେଭିର କମ୍ୟୁନିଟି କିଚେନ୍, ରିଲିଫ ପ୍ରଦାନ



ଆଇଏନ୍‌ଏସ୍ ଚିଲିକା ପକ୍ଷରୁ ରିଲିଫ୍ ଦିଆଯାଉଛି ।

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ପୂର୍ବ ନୌସେନା କମାଣ୍ଡ ଅଧୀନରେ ଥିବା ଭାରତୀୟ ନୌସେନା ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟକୁ ଜୋରଦାର୍ କରାଯାଇଛି। ଓଡ଼ିଶା ଦାୟିତ୍ୱରେ ଥିବା ନୌସେନା ଅଧିକାରୀଙ୍କ ମାଧ୍ୟମରେ ଗତ ୩ତାରିଖଠାରୁ ଉଦ୍ଧାର କାର୍ଯ୍ୟ ସହ ରିଲିଫ୍ ପ୍ରଦାନ କାର୍ଯ୍ୟ ଜାରି ରହିଛି। ଭାରତୀୟ ସେନାର ପ୍ରଥମ ସେନା ବିଭାଗ ଭାବେ ନୌସେନା ରାଜ୍ୟର ବାତ୍ୟା ପ୍ରଭାବିତ ଅଞ୍ଚଳ ଯଥା ଗଞ୍ଜାମ, ଖୋର୍ଦ୍ଧା ଓ ପୁରୀ ଜିଲାରେ ବିପନ୍ନଙ୍କୁ ସହାୟତା ପ୍ରଦାନ କରୁଛି। ଏହାସହ କମ୍ୟୁନିଟି କିଚେନ୍ ମାଧ୍ୟମରେ ୭ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ସହ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି। ବ୍ରହ୍ମଗିରି, ଉତ୍କଳ ବାଳାଶ୍ରମ, ଲଙ୍କା ସାହି, ଶ୍ରୀରାମପୁର, ସଦର ଛକ, ପୁରୀ ବ୍ଲକ ଅଫିସ ଅଞ୍ଚଳ, ରାମ ମନ୍ଦିର ଛକ, ତେଲୁଗୁ ସାହି, ନରେନ୍ଦ୍ରକୋଣ, ରାମଚଣ୍ଡୀ ସାହି, ବିଜୟ ନଗର, ବଳିଆ ପଣ୍ଡା, ମଙ୍ଗଳା ସାହି ଓ ପେଣ୍ଠକଟା ଭଳି ଅଞ୍ଚଳରେ କମ୍ୟୁନିଟି କିଚେନ୍ ଖୋଲାଯାଇଛି।

କେବଳ ରିଲିଫ୍ ନୁହେଁ, ଇଣ୍ଡିଆନ୍ ନେଭି ପକ୍ଷରୁ ପୁରୀ ଏବଂ ଚିଲିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ରାସ୍ତା ସଫା ସହ ଗଛକଟା କାର୍ଯ୍ୟ କରାଯାଉଛି। ଜଙ୍ଗଲ ବିଭାଗ ସହ ମିଶି ନୌସେନା ଏହି କାର୍ଯ୍ୟ କରୁଛି। ଏଥିସହିତ ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଗ୍ରାମରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ମଧ୍ୟ ଯୋଗାଇ ଦିଆଯାଉଛି। ଗତ ୭ ଓ ୯ତାରିଖରେ ଭୁବନେଶ୍ୱର ମହାନଗର ନିଗମ ସହାୟତାରେ ନୌସେନାର ଏକ ସ୍ୱତନ୍ତ୍ର ଟିମ୍ ପାନୀୟଜଳ ସମସ୍ୟା ଥିବା ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୯ ହଜାରରୁ ଅଧିକ ପାଣି ବୋତଲ ଓ ବିସ୍କୁଟ୍ ପ୍ୟାକେଟ୍ ଯୋଗାଇ ଦେଇଛି। ରିଲିଫ୍ କାର୍ଯ୍ୟରେ ଯେକୌଣସି ପ୍ରକାର ସହାୟତା ଯୋଗାଇଦେବାକୁ ଇଣ୍ଡିଆନ୍ ନେଭିର ସ୍ୱତନ୍ତ୍ର ଏୟାରକ୍ରାଫ୍ଟ ଓ ଜାହାଜକୁ ପୁରୀ ସମୁଦ୍ର ଉପକୂଳରେ ରଖାଯାଇଛି।

# ବଦଳିଲେ ପୁରୀ ଜିଲା ଲୋକସମ୍ପର୍କ ଅଧିକାରୀ

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କଳାହାଣ୍ଡି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୁରବୀର ସିଂଙ୍କୁ ନିଯୁକ୍ତି ଦିଆଯାଇଛି। ବିଶ୍ୱାଳଙ୍କୁ କଳାହାଣ୍ଡିକୁ ବଦଳି କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ତାପସ କୁମାର ସାହାଙ୍କୁ ନିଯୁକ୍ତ କରାଯାଇଛି। ତୁରନ୍ତ କାର୍ଯ୍ୟରେ ଯୋଗ ଦେବା ପାଇଁ ସେହି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଭାରତର ମୁଖ୍ୟ ...

ଭାରତୀୟମାନେ ନିଜ ବୈଷମ୍ୟକୁ ନେଇ ଅତ୍ୟନ୍ତ ପ୍ରଭାବିତ। ମୋଦି କଂଗ୍ରେସ ନେତୃତ୍ୱାଧୀନ ଏକ ଦୁର୍ବଳ ବିରୋଧୀ ମେଣ୍ଟ ପାଇଥିବାରୁ ଭାଗ୍ୟବାନ। ବିରୋଧୀ କଂଗ୍ରେସ ବଂଶବାଦ ନୀତି ବ୍ୟତୀତ ବିଶେଷ କିଛି ଦେଇପାରିବ ନାହିଁ ବୋଲି ନିବନ୍ଧରେ ଉଲ୍ଲେଖ କରାଯାଇଛି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଧର୍ମନିରପେକ୍ଷ ବିଚାରଧାରା ସହ ମୋଦିଙ୍କ ଶାସନରେ ଦେଖାଦେଇଥିବା ସାମାଜିକ 'ଉତ୍ତେଜନା'କୁ ନେଇ ତୁଳନା କରାଯାଇଛି। ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଭ୍ରାତୃଭାବ ବୃଦ୍ଧି ଦିଗରେ ମୋଦି ଆଗ୍ରହୀ ନ ଥିବା ଏଥିରେ କୁହାଯାଇଛି। ଏହାସହ ୨୦୦୨ରେ ଅନେକ ଜୀବନ ନେଇଥିବା ଗୁଜରାଟ ଦଙ୍ଗା ସମ୍ପର୍କରେ ମଧ୍ୟ ଆତିଶ ଅବତାରଣା କରିଛନ୍ତି। ମୋଦିଙ୍କୁ ନେଇ 'ଟାଇମ୍'ର ଏପରି ଉପସ୍ଥାପନା ପ୍ରଥମ ନୁହେଁ। ଏହା ପୂର୍ବରୁ ୨୦୧୨ରେ ଏହି ପତ୍ରିକା ତାଙ୍କୁ ଜଣେ ବିବାଦୀୟ, ମହତ୍ତ୍ୱାକାଂକ୍ଷୀ ଓ ଚାଲାକ ରାଜନେତା ଭାବେ ଅଭିହିତ କରିଥିଲା।

ଅନ୍ୟପକ୍ଷରେ ବ୍ରେମରଙ୍କ ନିବନ୍ଧରେ ମୋଦିଙ୍କ ଅର୍ଥନୈତିକ ରେକର୍ଡକୁ ମିଶ୍ରିତ ବୋଲି ଦର୍ଶାଯାଇଛି। ଭାରତ ଏବେ ମଧ୍ୟ ପରିବର୍ତ୍ତନ ଚାହୁଁଛି ଏବଂ ବିକାଶ ଆଣିବା ସକାଶେ ମୋଦିଙ୍କ ଉପରେ ଲୋକଙ୍କ ଭରସା ରହିଛି। ସେ ଚାଇନା, ଆମେରିକା ଓ ଜାପାନ ସହିତ ସମ୍ପର୍କରେ ଉନ୍ନତି ଆଣିଛନ୍ତି। ତାଙ୍କ ବିକାଶ କାର୍ଯ୍ୟସୂଚୀ ଭାରତର କୋଟି କୋଟି ଲୋକଙ୍କ ଜୀବନ ଓ ଭବିଷ୍ୟତ ବଦଳାଇବାରେ ସକ୍ଷମ ହୋଇଛି ବୋଲି ବ୍ରେମର ଲେଖିଛନ୍ତି।

### ମୋଦି ହାୱା କାମ କଲେ ...

ସୁନ୍ଦରଗଡ, ପୁରୀ, ମୟୂରଭଞ୍ଜ, କଳାହାଣ୍ଡି । ସେହିପରି କେନ୍ଦ୍ରାପଡା ଏବଂ ବାଲେଶ୍ୱରରେ ବିଜେଡି ସହ କଡା ଟକ୍କର ହୋଇଥିବା କୁହାଯାଇଛି। ଏହି ଦୁଇଟି ଆସନ ଫଳାଫଳ କମ୍ ବ୍ୟବଧାନରେ ଦଳ ସପକ୍ଷ କିମ୍ବା ବିପକ୍ଷରେ ଯାଇପାରେ ବୋଲି ଆକଳନ କରାଯାଇଛି। ସେହିପରି ଭାଜପା ପକ୍ଷରୁ କରାଯାଇଥିବା ସର୍ଭେରେ କଟକ, ଜଗତ୍‌ସିଂହପୁର, ଭଦ୍ରକ, ନବରଙ୍ଗପୁର, ଯାଜପୁର, ବ୍ରହ୍ମପୁର, କେନ୍ଦୁଝର, କନ୍ଧମାଳ ଏବଂ ବରଗଡ ଲୋକ ସଭା ଆସନ ବିଜେଡିକୁ ଯାଇପାରେ ବୋଲି କୁହାଯାଇଛି।

ଅନୁରୂପ ଭାବେ ବିଧାନସଭାରେ ଯଦି ଭାଜପା ପ୍ରାର୍ଥୀମାନଙ୍କ ସପକ୍ଷରେ ମତ ଯାଇଥିବ, ତେବେ ଦଳ ସର୍ବାଧିକ ୬୧ରୁ ୬୮ ବିଧାନସଭା ଆସନ ଜିତିପାରେ ବୋଲି କୁହାଯାଉଛି। ଦଳ ପକ୍ଷରୁ ଭୋଟଦାନ ପରେ କରାଯାଇଥିବା ସର୍ଭେ ଅନୁଯାୟୀ ବଡମ୍ବା, କଟକ ସଦର, ବ୍ରହ୍ମଗିରି, ଚିଲିକା, ରଣପୁର, ନୟାଗଡ, ସୋରଡା, ପୋଲସରା, ଗୋପାଳପୁର, ଭବାନୀପାଟଣା, ଖରିଆର, ରାଇରଙ୍ଗପୁର, ବରୀ, ଜି. ଉଦୟଗିରି, ରେମୁଣା, ନୀଳଗିରି, ବାଲେଶ୍ୱର ସଦର, ବଡସାହି, ଭୁବନେଶ୍ୱର(ମଧ୍ୟ), ଚାନ୍ଦବାଲି, ପାଲଲହଡା ଏବଂ ଧାମନଗର ପ୍ରଭୃତି ବିଧାନସଭା ଆସନ ଜିତିବାର ସମ୍ଭାବନା ରହିଛି। ସେହିପରି ବିଜେଡି ପୂର୍ବରୁ ବୃହତ୍ ବ୍ୟବଧାନରେ ଜିତୁଥିବା ଭଞ୍ଜନଗର, ଧର୍ମଶାଳା, ମାହାଙ୍ଗା, ପିପିଲି, ଯାଜପୁରରେ ଭାଜପାଠାରୁ କଡା ମୁକାବିଲାର ସମ୍ମୁଖୀନ ହୋଇଥିବା ସର୍ଭେରୁ ଜଣାପଡିଛି। ଏମିତିକି କେନ୍ଦୁଝର ଜିଲା ଚମ୍ପୁଆ ବିଧାନସଭାରେ ଫଳାଫଳ ସମସ୍ତଙ୍କୁ ଚକିତ କରିପାରେ ବୋଲି ଆକଳନ କରାଯାଇଛି। ଚଳିତ ମାସ ୨୩ରେ ଫଳାଫଳ ସ୍ପଷ୍ଟ ହେବା ପରେ ଭାଜପାର ଆକଳନ କେତେ ଠିକ୍ ହୋଇଛି, ତାହା ଜଣାପଡିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

### ପୁରୀର ପ୍ରତି ବ୍ଲକର ...

ସମୟରେ ପୁରୀ ଜିଲାର ପ୍ରତ୍ୟେକ ବ୍ଲକର ୩ଟି ଶ୍ରେଷ୍ଠ ପଞ୍ଚାୟତକୁ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। ପ୍ରଥମ ପୁରସ୍କାର ଭାବେ ୫ ଲକ୍ଷ ଟଙ୍କା, ଦ୍ୱିତୀୟ ପୁରସ୍କାର ଭାବେ ୩ ଲକ୍ଷ ଓ ତୃତୀୟ ପୁରସ୍କାର ଭାବେ ୨ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ରିଲିଫ ଓ ପୁନରୁଦ୍ଧାର, ୧୦୦ ପ୍ରତିଶତ ପାନୀୟ ଜଳ ଯୋଗାଇବା, ରାସ୍ତା, ବିଭିନ୍ନ ଅନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ରକୁ ସଫା କରିବା, ମାଗଣା ରୋଷେଇ କରି ବିପନ୍ନ ଲୋକଙ୍କୁ ଖାଇବାକୁ ଦେବା ଏବଂ ପରିମଳ ସେବାରେ ଉଲ୍ଲେଖନୀୟ ଭୂମିକା ନେଇଥିବା ପଞ୍ଚାୟତକୁ ଏହି ପୁରସ୍କାର ମିଳିବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ କହିଛନ୍ତି। ବାତ୍ୟା ପରେ ପ୍ରଭାବିତ ଭଦ୍ରକ ଜିଲାର ଗ୍ରାମାଞ୍ଚଳକୁ ୧୦୦ ପ୍ରତିଶତ ପାନୀୟ ଜଳ ଯୋଗାଇ ଦିଆଯାଇଥିବା ବେଳେ କେନ୍ଦ୍ରାପଡା, ଯାଜପୁର, ଖୋର୍ଦ୍ଧା ଓ କଟକ ଜିଲାର କେତେକ ଗ୍ରାମାଞ୍ଚଳକୁ ୫୦ ପ୍ରତିଶତ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲାରେ ୬୪.୬୧ ପ୍ରତିଶତ ଗ୍ରାମାଞ୍ଚଳ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିବା ବେଳେ ପୁରୀରେ ୨୭.୪ ପ୍ରତିଶତ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ବାତ୍ୟା ପରଠାରୁ ଏ ପର୍ଯ୍ୟନ୍ତ ୧୭୪୩ ପାନୀୟ ଜଳ ପ୍ରକଳ୍ପକୁ ଠିକ୍ କରାଯାଇଛି। ଆସନ୍ତା ୧୩ ତାରିଖ ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳର ପାନୀୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ସିଂ ସୂଚନା ଦେଇଛନ୍ତି।

**କିଛି ତଥ୍ୟ**

ଦେଶର ୩୦୭୪ ଷ୍ଟେଶନରେ ରେଲ୍ ନୀର(ପାଣିବୋତଲ) ବିକ୍ରି ବାଧ୍ୟତାମୂଳକ ହୋଇଛି। -**ଭାରତୀୟ ରେଲୱେ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଆପଣଙ୍କର ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ବନ୍ଧୁ ସମ୍ମୁଖରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ। ଦୂରଯାତ୍ରା କରିପାରନ୍ତି। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ଆଜି ଆପଣ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ଏହାର କୁପରିଣାମ ସ୍ୱରୂପ ପରିବାର ମଧ୍ୟରୁ ନିଜ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଓ ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** ସକାଳୁ ସକାଳୁ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ,ଏଣୁ ସାବଧାନତା ଆବଶ୍ୟକ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ସିଂହ** ପ୍ରତ୍ୟେକ ପ୍ରକାର ସମସ୍ୟା ମଧ୍ୟରେ ନିଜକୁ ସମ୍ଭାଳି ନେଇ କାମ କରିବା ଦୁଷ୍କର ହୋଇପଡ଼ିବ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ପାରିବାରିକ ଜୀବନରେ ବିଲୁପ୍ତ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଆକସ୍ମିକ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି । ଗୃହ ସଜ୍ଜାରେ ମନୋନିବେଶ କରିବେ । କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା** କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ, ଫଳରେ ପାଇବାକୁ ଥିବା ଜିନିଷଟି ନ ପାଇ ନିରାଶ ହେବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ସ୍ୱାତୀର ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** ଅତୀତ ଘଟଣା କିମ୍ବା ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜି ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ।

**ମକର** ଆଜି ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ଧନିଷ୍ଠା ନକ୍ଷତ୍ର କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ।

**କୁମ୍ଭ** ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅତି ଭଲ ପାଉଥିବା ସମ୍ପର୍କୀୟା ଭାଇ କିମ୍ବା ପଡୋଶୀଟିର ମନୋଭାବ ବଦଳିଯିବ।

**ମୀନ** ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ଅଶାନ୍ତିର ସମ୍ଭାବନା ରହିଛି । ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡା ଲାଗିପାରେ ।

ଆଜି ବୈଶାଖ ଶୁକ୍ଳ ସପ୍ତମୀ ଶନିବାର, ମେ ୧୧ ତାରିଖ, ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ, ଗଙ୍ଗୋତ୍ପତ୍ତି, ରାଶି ନକ୍ଷତ୍ର-ଦିବା ଘ୧ ।୩୩ମି. ଗତେ ଅଶ୍ଳେଷା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧ ।୩୬ମି. ଗତେ ଘ୧ ।୧୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬ ।୧୧ମି. ଗତେ ଘ୧ ।୧୧ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୮ ।୩୦ମି. ଗତେ ଘ୧୦ ।୦୬ମି. ମଧ୍ୟେ ରାହୁକାଳ।

**classifieds Everyday 0674-2580101, 2549302**

real estate

**SALE**

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12458

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12459

30' road, electricity, boundary ଥାଇ BDA plot Bhubaneswar Pitapalli chhakରେ ମିଳୁଅଛି। 9090963952. D-66343

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12460

to-let

Ground floor 2BHK, 2 wheeler potico, Bomikhal, Santoshi Kalyan Mandap, Bhubaneswar. 7978730629. D-12454

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**Birthday Wish**



Wishing you a very *Happy birthday*
With best compliments from
**OSABEU**
D-27617

**୧୬ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ସରୋଜ କୁମାର ସାହୁ ଏବଂ ରଶ୍ମିତା ସାହୁ**

ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ
ଧ-୧୨୪୫୬







ଫଟୋ: ବିକାଶ ନାୟକ

ଭୁବନେଶ୍ୱର ଜନପଥରେ ବାତ୍ୟା (ଫନୀ) ପୂର୍ବରୁ ଭରିରହିଥିବା ସବୁଜିମା ଓ ବାତ୍ୟା ପରର ଦୃଶ୍ୟ।

## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା: ମେ ୩ୟ ସପ୍ତାହରେ ପ୍ରକାଶ ପାଇବ ଫଳ

**କଟକ ଅଫିସ,୧୦।୫:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ମାଟ୍ରିକ ପରୀକ୍ଷା ଫଳ ଚଳିତମାସ ୩ୟ ସପ୍ତାହରେ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ କହିଛନ୍ତି। ପୂର୍ବରୁ ମେ' ଦ୍ୱିତୀୟ ସପ୍ତାହରେ ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ ଘୋଷଣା ହୋଇଥିଲା। ହେଲେ ସାମୁଦ୍ରିକ ଝଡ଼ ଫନୀ ଯୋଗୁ ଏବେ ଫଳ ପ୍ରକାଶ ଆଉ ଗୋଟିଏ ସପ୍ତାହ ଘୁଞ୍ଚିଛି। କେଉଁ ନିର୍ଦ୍ଦିଷ୍ଟ ତାରିଖରେ ଫଳ ପ୍ରକାଶ କରାଯିବ ସେ ନେଇ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ସଭାପତି ଡ. ବେଗମ କହିଛନ୍ତି। ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ତ୍ରୁଟିଶୂନ୍ୟ ତଥା ନିର୍ଭୁଲ ଭାବେ ଫଳ ପ୍ରକାଶ କରାଯିବା ଦିଗରେ ଗୁରୁତ୍ୱ ଦିଆଯାଇଛି ବୋଲି ସଭାପତି ଡ. ବେଗମ କହିଛନ୍ତି।

### ମେ ୨୦ରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରୀକ୍ଷା

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ସ୍ନାତକ, ସ୍ନାତକୋତ୍ତର, ସେମିଷ୍ଟର ଓ ବିଭିନ୍ନ ବିଭାଗର ଏମ୍.ଫିଲ୍ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ମେ ୨୦ରୁ ସମସ୍ତ ପରୀକ୍ଷା ଆରମ୍ଭ ହେବ। ବାତ୍ୟା ଯୋଗୁ ବିଶ୍ୱବିଦ୍ୟାଳୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ ଏଥିଲାଗି ପରୀକ୍ଷା ବ୍ୟବସ୍ଥା ପ୍ରଭାବିତ ହେବନାହିଁ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ସହ ଏହାର ସହବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ମଧ ପରୀକ୍ଷା ଅନୁଷ୍ଠିତ ହେବ। ତେଣୁ ଛାତ୍ରୀଛାତ୍ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦ତାରିଖଠାରୁ ପରୀକ୍ଷା ଦେବେ ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ମନୋଜ କୁମାର ଦାସ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବହୁ ସଂସ୍ଥା, ବ୍ୟକ୍ତିଙ୍କ ସହାୟତା

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ଫନି ଦୁର୍ଗତଙ୍କ ସହାୟତା ଓ ପୁନରୁଦ୍ଧାର ପାଇଁ ଅନେକ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଛନ୍ତି। ଏହି କ୍ରମରେ ଓଡ଼ିଶା ପୋଲିସ ରିଲିଫ୍ ଏବଂ କଲ୍ୟାଣ ପାଣ୍ଠି ପକ୍ଷରୁ ଡିଜିପି ଆର.ପି ଶର୍ମା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଗତିବାଦୀ ପକ୍ଷରୁ ମୋନାଲିସା ବଳ ୫ ଲକ୍ଷ ଟଙ୍କା, ଗୁପ୍ତା ପାୱର ଇନ୍‌ଫ୍ରାଷ୍ଟ୍ରକଚର ଲିଃର ପରିଚାଳନା ନିର୍ଦ୍ଦେଶକ ମହେନ୍ଦ୍ର ଗୁପ୍ତା ୧୧ ଲକ୍ଷ ଟଙ୍କା, ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ୪୪,୦୦୦ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ରାଜ୍ୟସଭା ଏମ୍‌ପି ଅନୁଭବ ମହାନ୍ତି ୨ ଲକ୍ଷ ଟଙ୍କା, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ୧ ଲକ୍ଷ ଟଙ୍କା, ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ ୧୦ ମାସର ବେତନ ଭାବେ ୩ ଲକ୍ଷ ୫୦ ହଜାର ଟଙ୍କା, ସ୍ୟାଣ୍ଡି ରିସର୍ଚ୍ଚ ପ୍ରାଇଭେଟ ଲିଃ ୫ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଛନ୍ତି। କେନ୍ଦ୍ରପଡା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ୍ ୧ ଲକ୍ଷ ୧ ହଜାର ଟଙ୍କା, ଭୁବନେଶ୍ୱରର ପୂର୍ବତନ କର୍ପୋରେଟର ସଞ୍ଜୟ ବଲିୟାରସିଂ ୧ ଲକ୍ଷ ଟଙ୍କା, ଡଃ ସିର୍ଦ୍ଧାର୍ଥ ଦାସ ୯୪,୪୩୮ ଟଙ୍କା ଏବଂ ହୋଟେଲ ସ୍ୱସ୍ତି ପକ୍ଷରୁ ୧୦ ଲକ୍ଷ ଟଙ୍କାର ସହାୟତ ରାଶି ପ୍ରଦାନ କରାଯାଇଛି। ଏହିପରିଭାବେ କେବଳ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ୫୦ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

## ରାଜଧାନୀ ବସ୍ତିବାସିନ୍ଦାଙ୍କୁ ରିଲିଫ ସୁବିଧା

# କାର୍ଡ ନ ଥିଲେ ବି ମିଳିବ ସହାୟତା

**ବାତ୍ୟା ଦୁର୍ଦ୍ଦଶା**

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ତାଙ୍କୁ ଦେଲ। ଆମକୁ ନାହିଁ। ଆମେ କ'ଣ ପାପ କରିଛୁ। ରାଶନ କାର୍ଡ ପାଇଥିବା ଲୋକମାନେ ବାତ୍ୟା ମାଡ ଖାଇଛନ୍ତି, ଆମେ କ'ଣ ଆରାମରେ ରହିଛୁ। କେବଳ ବସ୍ତି ନୁହେଁ, ଭୁବନେଶ୍ୱର ସହରାଞ୍ଚଳର ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ଲୋକମାନେ ସରକାରଙ୍କୁ ଏମିତି ଆବେଗଭରା ପ୍ରଶ୍ନ କରିଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ଖଣ୍ଡେ ହାତେଇଥିବା ଲୋକମାନେ ଧାଡି ବାନ୍ଧି ରିଲିଫ ନେଉଥିବା ବେଳେ ଅନ୍ୟ ପ୍ରଭାବିତ ଲୋକଙ୍କୁ କିଛି ମିଳୁନାହିଁ। ସେମାନଙ୍କ ପାଖକୁ କେହି ଆହା ପଦେ କହିବାକୁ ଯାଉ ନାହାନ୍ତି। ରାଜଧାନୀରେ ବହୁ ମାତ୍ରାରେ ବସ୍ତି ଗଢି ଉଠିଛି। ପ୍ରତ୍ୟେକ ଦିନ ନୂଆ ନୂଆ ଲୋକ ବସ୍ତିରେ ରହୁଛନ୍ତି ଅଥବା ବସ୍ତି କରୁଛନ୍ତି। ସେମାନଙ୍କ ପାଖରେ ରାଶନ କାର୍ଡ ନାହିଁ। କେବଳ ରାଶନକାର୍ଡଧାରୀଙ୍କୁ ସରକାରୀ ସହାୟତା ମିଳିବା ଦେଖି ବସ୍ତିର ଅନ୍ୟ ଲୋକମାନେ ଅତି ମାତ୍ରାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏ ନେଇ ବିଭିନ୍ନ ବସ୍ତିରୁ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପରେ ରାଜ୍ୟ ସରକାର ତାଙ୍କ ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରିଛନ୍ତି। ଏଣିକି କାର୍ଡ ଥାଉ କି ନ ଥାଉ ବସ୍ତିରେ ରହୁଥିବା ସମସ୍ତ ଲୋକଙ୍କୁ ରିଲିଫ ଓ ଆର୍ଥିକ ସହାୟତା ମିଳିବ। ବସ୍ତିବାସିନ୍ଦାଙ୍କ ଅଭିଯୋଗ ପାଇବା ପରେ ରାଜ୍ୟ ସରକାର ବସ୍ତିରେ ରହୁଥିବା ଓ ରାଶନ କାର୍ଡ ନ ଥିବା ଲୋକମାନଙ୍କୁ ୫୦ କେଜି ଚାଉଳ, ୨୦୦୦ ଟଙ୍କା, ପଲିଥିନ୍ କିମ୍ବା ୫୦୦ ଟଙ୍କା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଧୀନରେ ଥିବା ସମସ୍ତ ବସ୍ତିବାସିନ୍ଦାଙ୍କୁ କାର୍ଡଧାରୀଙ୍କ ଭଳି ରିଲିଫ୍ ଯୋଗାଇ ଦେବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ଖୋର୍ଦ୍ଧା ଜିଲାପାଳଙ୍କୁ ପତ୍ର ଲେଖି ଜଣାଇଛନ୍ତି। ତେବେ ବସ୍ତି ବାସିନ୍ଦାଙ୍କୁ ଛାଡି ସହରରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ କି ବାତ୍ୟା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ନିକଟରେ ବର୍ତ୍ତମାନ ସୁଦ୍ଧା ରିଲିଫ, ବିଦ୍ୟୁତ କିମ୍ବା ପାନୀୟ ଜଳ ପହଞ୍ଚି ପାରି ନାହିଁ। ଏଭଳି ଲୋକମାନଙ୍କୁ ବିପତ୍ତି ସମୟରେ ସରକାରୀ ସହାୟତା ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ୧୯ରେ ୩୪ ବୁଥ୍‌ରେ ସାନି ମତଦାନ

ଭୁବନେଶ୍ୱର, ୧୦।୫ (ବ୍ୟୁରୋ)

ଗତ ନିର୍ବାଚନ ସମୟରେ ତୃତୀୟ (ଏପ୍ରିଲ୍ ୨୩) ଓ ଚତୁର୍ଥ (ଏପ୍ରିଲ୍ ୨୯) ପର୍ଯ୍ୟାୟରେ ମନୁଷ୍ୟକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ରହିଥିବା ୩୪ଟି ବୁଥ୍‌ରେ ଆସନ୍ତା ୧୯ ତାରିଖରେ ପୁନଃ ଭୋଟ ଗ୍ରହଣ ହେବ। ସେଥିରୁ ତୃତୀୟ ପର୍ଯ୍ୟାୟର ୧୨ଟି ଓ ଚତୁର୍ଥ ପର୍ଯ୍ୟାୟର ୨୨ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ବଡ଼ମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯୬, ଦେବଗଡ଼ ନିର୍ବାଚନ ମଣ୍ଡଳୀର ୧୮୩, ବ୍ରହ୍ମଗିରିର ୨୨୨ ଓ ୬୨, ସତ୍ୟବାଦୀର ୭୮, ତାଳଚେରର ୮୫, ଆଠଗଡ଼ର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରା ୧୭୧, ଭୁବନେଶ୍ୱର ମଧ୍ୟ ୧୨୭, ବିଞ୍ଝାରପୁର ୧୩୫ ଓ ୧୯୧ ଏବଂ ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ୮୨, ୧୮୫, ୧୬୨, ୧୬୩ ଓ ୧୯୪ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୪୮, ସୁକିନ୍ଦା ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରିପୋଷି ୧୦୪, ବାରିପଦା ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭, ୫୮, ୧୪୪ ଓ ୧୫୭, ସାଲେପୁର ୮୭, ୩୯ ଏବଂ ପାରାଦୀପ ବିଧାନସଭାର ୩୯ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାର ଏହି ସୂଚନା ଦେଇଛନ୍ତି। ମେ ୧୩ ଓ ୧୪ ତାରିଖ ସୁଦ୍ଧା ନିର୍ବାଚନ ପରିଚାଳନା କରିବାକୁ ଥିବା ରିଟର୍ନିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ବୁଥ୍‌ଗୁଡ଼ିକର ଫଳାଫଳ ମଧ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

# ମେ ୨୧ରୁ ସ୍ନାତକୋତ୍ତର ପରୀକ୍ଷା

**ପରୀକ୍ଷା ଘୁଞ୍ଚାଇଲା ଉତ୍କଳ ବିଶ୍ୱବିଦ୍ୟାଳୟ**

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ଫନୀ'କୁ ଦୃଷ୍ଟିରେ ରଖି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ସମସ୍ତ ପରୀକ୍ଷାକୁ ପୂର୍ବରୁ ମେ ୭ ପରିବର୍ତ୍ତେ ମେ ୧୨ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ତେବେ ବାତ୍ୟାରେ ବିଶ୍ୱବିଦ୍ୟାଳୟର ବ୍ୟାପକ କ୍ଷୟକ୍ଷତି ଏବଂ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ନଜରରେ ରଖି ଏବେ ପୁଣିଥରେ ପରୀକ୍ଷା ଘୁଞ୍ଚାଯାଇଛି। ମେ ୧୨ ପରିବର୍ତ୍ତେ ସମସ୍ତ ପରୀକ୍ଷା ମେ ୨୦ ପରେ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ସ୍ନାତକୋତ୍ତର ପରୀକ୍ଷା ୨୧ତାରିଖଠାରୁ ଆରମ୍ଭ ହେବ। ଏହାସହ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ପରୀକ୍ଷା ତାରିଖ ଓ ସମୟ ଧାର୍ଯ୍ୟ କରାଯିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକ ପୁନଃ ନିର୍ଦ୍ଧାରିତ ସମୟସୂଚୀ ସମ୍ପର୍କରେ ଜାଣିବା ପାଇଁ ବିଭାଗୀୟ ମୁଖ୍ୟମାନଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି। ବିଶେଷକରି ବାୟୋ ଟେକ୍ନୋଲୋଜି, ମାଇକ୍ରୋ ବାୟୋଲୋଜି, କମ୍ପ୍ୟୁଟର ସାଇନ୍ସ ସ୍ନାତକୋତ୍ତର ପରୀକ୍ଷା, ଏମ୍‌ଜେଏମ୍‌ସି, ଏଲ୍‌ଏଲ୍‌ଏମ୍, ଓଡ଼ିଆ, ଆଇଏମ୍‌ବିଏ ଆଦି ବିଭାଗର ପରୀକ୍ଷା ସମ୍ପର୍କରେ ଜାଣିବା ଲାଗି ବିଭାଗୀୟ ମୁଖ୍ୟଙ୍କ ସହ ଯୋଗାଯୋଗ କରିବାକୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏବେ ବି କ୍ୟାମ୍ପସ୍‌ରେ ଇଲେକ୍ଟ୍ରିସିଟି ଆସିପାରିନାହିଁ। ବାତ୍ୟାରେ ଭାଙ୍ଗିପଡ଼ିଥିବା ଗଛଗୁଡ଼ିକ କଟାଯାଇ ନ ଥିବାବେଳେ ପାଣି ଯୋଗାଣ ବ୍ୟବସ୍ଥା ହୋଇନାହିଁ।

ସେପଟେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବିଏ, ବି.କମ୍ ଓ ବିଏସ୍‌ସିର ୪ର୍ଥ ସେମିଷ୍ଟର(ଉଭୟ ରେଗୁଲାର୍ ଓ ବ୍ୟାକ୍ ପେପର) ଆସନ୍ତା ଜୁନ୍ ୨୦ରୁ ଆରମ୍ଭ ହେବ। ସେହିଭଳି ବିବିଏ ଓ ବିସିଏର ୬ଷ୍ଠ ସେମିଷ୍ଟର ପରୀକ୍ଷା ମେ ୩୦ରୁ ଆରମ୍ଭ ହେବ। ଏମ୍.ଫାର୍ମାର ପ୍ରଥମ ସେମିଷ୍ଟର ପରୀକ୍ଷା ମେ ୨୧ରୁ ଆରମ୍ଭ ହେବ ବୋଲି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

## ଧର୍ମେନ୍ଦ୍ରଙ୍କୁ ଚିଠି ଲେଖିଲେ ନବୀନ

# ପୁରୀ ଜିଲାକୁ ୧୦୦୦ କିଲୋଲିଟର ଅତିରିକ୍ତ କିରୋସିନ ଦିଅ

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ସାମୁଦ୍ରିକ ଝଡ ଫନୀ ଦ୍ୱାରା ପୁରୀ ଜିଲା ବହୁଳ ଭାବେ ପ୍ରଭାବିତ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ବଣ୍ଟନ ଏବଂ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଜିଲାର ଶକ୍ତି ଭିତ୍ତିଭୂମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ତୁରନ୍ତ ସମ୍ଭବ ନୁହେଁ। ତେଣୁ ଜିଲାବାସୀଙ୍କ ପାଇଁ କିରୋସିନର ଆବଶ୍ୟକତା ରହିଛି। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି। ପୂର୍ବ କୋଟା ସହ ଅତିରିକ୍ତ ୧୦୦୦ କିଲୋଲିଟର କିରୋସିନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ପୁରୀ ଜିଲା ପାଇଁ ଏହା ଏକ ଜରୁରିକାଳୀନ ପରିସ୍ଥିତି ହୋଇଥିବାରୁ ତୈଳ କମ୍ପାନୀମାନେ ମାଗଣାରେ ଡିଲରମାନଙ୍କୁ କିରୋସିନ ଯୋଗାଇବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ଏହା ଦ୍ୱାରା ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ କିରୋସିନ ବଣ୍ଟନ କରାଯାଇପାରିବ। ମେ' ମାସରେ ପୂର୍ବ କୋଟା ସହ ଏହି ଅତିରିକ୍ତ କିରୋସିନ ବଣ୍ଟାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଭାଜପା ବିଧାୟକ ପ୍ରାର୍ଥୀଙ୍କୁ ସର୍ତ୍ତମୂଳକ ଜାମିନ

**ଇଭିଏମ୍ ଭଙ୍ଗାରୁଜା ଘଟଣା**

ସୋରଡା/ଭଞ୍ଜନଗର,୧୦।୫(ଡି.ଏନ.ଏ.)

ଇଭିଏମ୍ ଭଙ୍ଗା ଘଟଣାରେ ଗିରଫ ଗଞ୍ଜାମ ଜିଲା ସୋରଡା ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀଙ୍କୁ ଶୁକ୍ରବାର ଜାମିନ ମିଳିଛି। ଭଞ୍ଜନଗର ଏଡିଜେ ମହଲତ ସା ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଫଳରେ ନୀଳମଣି ଅପରାହ୍ନରେ ସୋରଡା ଜେଲରୁ ମୁକୁଳିଛନ୍ତି। ୫୦ ହଜାର ଟଙ୍କାର ବଣ୍ଡ ଓ ୨ ଜାମିନଦାର ବଦଳରେ ନୀଳମଣି ଜାମିନରେ ଯାଇଛନ୍ତି। ଏଥିସହ ପ୍ରତି ସପ୍ତାହରେ ରବିବାର ପୂର୍ବାହ୍ନ ୯ଟାରୁ ଦିବା ୧୨ଟା ମଧ୍ୟରେ ସୋରଡା ଥାନାରେ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ଫାଇନାଲ ଚାର୍ଜଶିଟ୍ ଦାଖଲ ପର୍ଯ୍ୟନ୍ତ ତଦନ୍ତରେ ସହଯୋଗ ପାଇଁ ନୀଳମଣି ହାଜର ହେବେ। ସାକ୍ଷୀଙ୍କୁ ଧମକଚମକ ଦେବେନାହିଁ କିମ୍ବା ଏଭଳି ଘଟଣାର ପୁନରାବୃତ୍ତି କରିବେ ନାହିଁ। ସର୍ତ୍ତ ଉଲ୍ଲଙ୍ଘନ କଲେ ଜାମିନ ନାକଚ କରିଦିଆଯିବ ବୋଲି ଏଡିଜେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଏପ୍ରିଲ ୧୮ରେ ସୋରଡା ନିର୍ବାଚନମଣ୍ଡଳୀ ପାଇଁ ମତଦାନ ଚାଲିଥିଲା। ୧୮୨ ନମ୍ବର ବୁଥ୍‌ରେ ରିଗିଂ ହେଉଥିବା ଖବରପାଇ ନୀଳମଣି ସେଠାରେ ପହଞ୍ଚିଥିଲେ। ନୀଳମଣିଙ୍କ ସହ ସେଠାରେ ଉପସ୍ଥିତ କେତେଜଣ ଲୋକଙ୍କ କଥା କଟାକଟି ହୋଇଥିଲା। ଏହାପରେ ପ୍ରିଜାଇଡିଂ ଅଫିସର ସୋରଡା ଥାନାରେ ନୀଳମଣି ଇଭିଏମ୍ ଭାଙ୍ଗି ଦେଇଥିବା ଅଭିଯୋଗ କରିଥିଲେ। ପୋଲିସ ସେଦିନ ନୀଳମଣିଙ୍କୁ ଗିରଫ କରିଥିଲା। ଏହାପରେ ଆଉ ୨ଜଣଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନୀଳମଣିଙ୍କ ନାମରେ ୨ଟି ମକଦ୍ଦମା ଯୋଡିଥିଲା। ନୀଳମଣି ଗତ ୧୮ ତାରିଖରୁ ସୋରଡା ଜେଲରେ ବନ୍ଦୀ ଥିଲେ। ପୂର୍ବରୁ ୨ଟି ମାମଲାରେ ତାଙ୍କୁ ଜାମିନ ମିଳିଥିବା ବେଳେ ଶୁକ୍ରବାର ଇଭିଏମ୍ ଭଙ୍ଗା ମାମଲାରେ ଜାମିନ ମିଳିଥିଲା। ସରକାରଙ୍କ ପକ୍ଷରୁ ଗଞ୍ଜାମ ପବ୍ଲିକ ପ୍ରସିକ୍ୟୁଟର, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ୍. ତାଜ୍ ଆଦେନୀ ଓ ନୀଳମଣିଙ୍କ ପାଇଁ ବରିଷ୍ଠ ଆଇନଜୀବୀ ରବି ଦାସ, ଖଲି ପ୍ରଧାନ, ଖରାଂଶୁ ଶେଖର ଦାସ, ପ୍ରଦୀପ ଶେଖର ପାଳ ମକଦ୍ଦମା ପରିଚାଳନା କରୁଛନ୍ତି। ନୀଳମଣିଙ୍କୁ ସ୍ୱାଗତ କରିବା ପାଇଁ ତାଙ୍କର ବହୁ ସମର୍ଥକ ସୋରଡା ଜେଲ ସମ୍ମୁଖରେ ପହଞ୍ଚିଥିଲେ। ସୂଚନାଯୋଗ୍ୟ, ଏହି ଘଟଣା ପରେ ୧୮୨ନଂ. ବୁଥରେ ପୁନଃ ମତଦାନ ହୋଇଥିଲା।

KISHORE VAIGYANIK PROTSAHAN YOJANA
किशोर वैज्ञानिक प्रोत्साहन योजना
KVPY
NATIONAL FELLOWSHIPS FOR STUDENTS INTERESTED IN RESEARCH CAREERS

**KVPY Fellowship – 2019**

- **Eligibility - Stream SA**: Students enrolled in XI Standard (Science Subjects) during the academic year 2019–20 and aspiring to join an undergraduate program in basic sciences (B.Sc./B.S./B.Stat./B.Math./Int.M.Sc./Int.M.S.) during the academic year 2021-22.
- **Eligibility - Stream SX**: Students enrolled in +2 / XII standard (Science Subjects) during the academic year 2019–20 and aspiring to join an undergraduate program in basic sciences (B.Sc./B.S./B.Stat./B.Math./Int.M.Sc./Int.M.S.) during the academic year 2020–21.
- **Eligibility - Stream SB**: Students enrolled in First Year B.Sc./B.S./B.Stat./B.Math./Int.M.Sc./Int.M.S. in basic sciences during the academic year 2019-20.
- **For details please visit: http://www.kvpy.iisc.ernet.in**

Convener, KVPY, IISc, Bengaluru - 560 012

**OFFICE OF THE DIRECTOR GENERAL ASSAM RIFLES, SHILLONG - 793 010**

**NOTIFICATION**

Memo No I. 12016/Rect Branch/AR Rally/2019/ Dated: 03 May 2019

**ASSAM RIFLES TECHNICAL AND TRADESMEN RECRUITMENT RALLY 2018-19 : SKILL TEST**

1. Further to our advertisement for Technical and Tradesmen Recruitment Rally published in Employment News dated 15 Dec 2018 and subsequent notification No. I.12016/Rect Branch/2018-19 dated 07 Jan 2019 uploaded in Assam Rifles website **www.assamrifles.gov.in** on **08 Jan 2019**.
2. Skill Test, Detailed Document Verification and Detailed Medical Examination (DME) for the shortlisted candidates will be held from 28 May 2019 onwards. A detailed notification of shortlisted candidates, along with date of test has already been uploaded on the official website of Assam Rifles **www.assamrifles.gov.in.** Please visit our website for detailed information.

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା - ଖୋର୍ଦ୍ଧା, ଓଡିଶା
E-mail: sbi.10130@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ପରିଶିଷ୍ଟ:IV-A( ରୁଲ୍-୮(୬) ଦ୍ରଷ୍ଟବ୍ୟ )**
**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଧାରା ୮(୬)ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣ ତଥା ବ୍ୟାଙ୍କର ଋଣଗ୍ରହୀତା **ମେସର୍ସ ଆୟୁଷ ହସ୍ପିଟାଲ୍ ଏବଂ ଟ୍ରମାକେୟାର ପ୍ରା.ଲି. ଏବଂ ଜାମିନଦାର ଡା. ଅଶୋକ ଆଚାର୍ଯ୍ୟ, ଶ୍ରୀ ଦୁର୍ଗା ପ୍ରସାଦ ମିଶ୍ର, ମେସର୍ସ ମାଇକ୍ରୋ ହସ୍ପିଟାଲ୍ ପ୍ରା. ଲି.**କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କ ଉପରେ **ତା. ୩୧.୦୭.୨୦୧୭** ସୁଦ୍ଧା ବକେୟା ଥିବା ଦେୟ **ଟ.୩,୮୩,୬୧,୨୭୩.୧୬**ଏବଂ **ତା ୦୧.୦୮.୨୦୧୭**ରିଖ ଠାରୁ ତତ୍‌ପରବର୍ତ୍ତୀ ସୁଦ୍ଧା ଓ ଅନ୍ୟାନ୍ୟ ଦେୟ ଅସୁଲ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡିକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଭାରପ୍ରାପ୍ତ ଅଧିକାରୀ ସାଙ୍କେତିକ ଦଖଲ ନେଇ**''ଯେଉଁଠାରେ ଯେପରି ଅଛି '', ଯାହା ଯେପରି ଅଛି'', ଏବଂ ସେଠାରେ ଯାହା ଅଛି''** ଭିତିରେ **ତା.୧୦.୦୬.୨୦୧୯**ରିଖରେ ସର୍ବସାଧାରଣରେ ନିଲାମ କରିବେ। ସଂରକ୍ଷିତ ମୂଲ୍ୟ **କ୍ର.ନଂ. (୧) ସମ୍ପତ୍ତି ନିମିତ୍ତ ଟ. ୪୦,୦୦,୦୦୦/-, କ୍ର.ନଂ. (୨) ସମ୍ପତ୍ତି ନିମିତ୍ତ ଟ. ୫୦,୦୦,୦୦୦/- ଏବଂ କ୍ର.ନଂ. (୩) ସମ୍ପତ୍ତି ନିମିତ୍ତ ଟ. ୮୦,୦୦,୦୦୦/-**। ଅମାନତ ଜମା ରାଶି ଯଥା **କ୍ର.ନଂ. (୧) ସମ୍ପତ୍ତି ନିମିତ୍ତ ଟ. ୪,୦୦,୦୦୦/, କ୍ର.ନଂ. (୨) ସମ୍ପତ୍ତି ନିମିତ୍ତ ଟ. ୫,୦୦,୦୦୦/-, କ୍ର.ନଂ (୩) ସମ୍ପତ୍ତି ନିମିତ୍ତ ଟ. ୮,୦୦,୦୦୦/-** ବ୍ୟାଙ୍କରେ **ତା. ୦୬.୦୬.୨୦୧୯**ରିଖ ଅପରାହ୍ନ **୪ ଘଟିକା** କିମ୍ବା ତା ପୂର୍ବରୁ ଜମା କରିବାକୁ ପଡିବ।

**ସ୍ଥାବର ସମ୍ପତ୍ତିର ବିବରଣୀ:-**
**(କ)ଡା. ଅଶୋକ ଆଚାର୍ଯ୍ୟ**ଙ୍କ ନାମରେ ଥିବା ସମ୍ପତ୍ତି ଏବଂ ଖୋଲା ଜମି ଯାହାର ମୌଜା : ପାତ୍ରପଡ଼ା, ଥାନା: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପୁରୁଣା ଖାତା ନଂ.: ୪୬୫, ମ୍ୟୁଟେସନ୍ ଖାତା ନଂ.: ୭୦୩/୧୫୨୮, ପ୍ଲଟ ନଂ.:୧୫୬୭, କ୍ଷେତ୍ର: ଏକର ୦.୨୫୮ ଡିସିମିଲ, କିସମ: ଘରବାଡ଼ି, ସ୍ଥିତି: ସ୍ଥିତିବାନ।
**(ଖ)ଡା. ଅଶୋକ ଆଚାର୍ଯ୍ୟ**ଙ୍କ ନାମରେ ଥିବା ସମ୍ପତ୍ତି ଏବଂ ଖୋଲା ଜମି ଯାହାର ମୌଜା : ପାତ୍ରପଡ଼ା, ଥାନା: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପୁରୁଣା ଖାତା ନଂ.: ୧୭୮, ମ୍ୟୁଟେସନ୍ ଖାତା ନଂ.: ୭୦୩/୧୫୩୧, ପ୍ଲଟ ନଂ.:୧୬୨୨, କ୍ଷେତ୍ର: ଏକର ୦.୩୨୦ ଡିସିମିଲ, କିସମ: ଘରବାଡ଼ି, ସ୍ଥିତି: ସ୍ଥିତିବାନ।
**(ଗ)ଡା. ଅଶୋକ ଆଚାର୍ଯ୍ୟ**ଙ୍କ ନାମରେ ଥିବା ସମ୍ପତ୍ତି ଏବଂ ଖୋଲା ଜମି ଯାହାର ମୌଜା : ନୂଆଗାଁ, ଥାନା: ଲିଙ୍ଗରାଜ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପୁରୁଣା ଖାତା ନଂ.: ୩୫୩/୪୩, ମ୍ୟୁଟେସନ୍ ଖାତା ନଂ.: ୩୫୩/୬୨୫, ପ୍ଲଟ ନଂ.:୪୧୨, ମ୍ୟୁଟେସନ୍ ପ୍ଲଟ ନଂ.: ୪୧୨/୧୩୩୧, କ୍ଷେତ୍ର: ଏକର ୦.୩୫୭.୩୩ ଡିସିମିଲ, କିସମ: ଘରବାଡ଼ି, ସ୍ଥିତି: ସ୍ଥିତିବାନ।

ବିକ୍ରୟର ନିୟମ ଓ ସର୍ତ୍ତାବଳି ଜାଣିବା ନିମନ୍ତେ ଭାରତିୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କର ନିମ୍ନ ଲିଖିତ ଲିଙ୍କ୍‌ରେ ଦେଖିପାରିବେ।
**https://bank.sbi/webfiles/uploads/files/0905191632-Ayush hospital and Trauma Care.pdf**

**ପରିଶିଷ୍ଟ:IV-A( ରୁଲ୍-୮(୬) ଦ୍ରଷ୍ଟବ୍ୟ )**
**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଧାରା ୮(୬)ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣ ତଥା ବ୍ୟାଙ୍କର ଋଣଗ୍ରୀତାମାନେ **ଶ୍ରୀମତୀ ଶକୁନ୍ତଳା ଦେବୀ ଏବଂ ଶ୍ରୀ ଗଣେଶ କୁମାର ଶର୍ମା / ଜାମିନଦାର: ଶ୍ରୀ ମୁକେଶ କୁମାର ଶର୍ମା**ଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କ ଉପରେ **ତା. ୩୧.୦୧.୨୦୧୯** ସୁଦ୍ଧା ବକେୟା ଥିବା ଦେୟ **ଟ.୯୫,୮୨,୬୨୨.୧୦** ଏବଂ **ତା ୦୧.୦୨.୨୦୧୯**ରିଖ ଠାରୁ ତତ୍‌ପରବର୍ତ୍ତୀ ସୁଦ୍ଧ ଓ ଅନ୍ୟାନ୍ୟ ଦେୟ ଅସୁଲ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡିକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଭାରପ୍ରାପ୍ତ ଅଧିକାରୀ ଭୌତିକ ଦଖଲ ନେଇ **''ଯେଉଁଠାରେ ଯେପରି ଅଛି '', ଯାହା ଯେପରି ଅଛି'', ଏବଂ ସେଠାରେ ଯାହା ଅଛି''** ଭିତିରେ **ତା.୧୦.୦୬.୨୦୧୯**ରିଖରେ ସର୍ବସାଧାରଣରେ ନିଲାମ କରାଯିବ ସଂରକ୍ଷିତ ମୂଲ୍ୟ **ଟ. ୧,୬୯,୦୦,୦୦୦/-** ଅମାନତ ଜମାରାଶି **ଟ. ୧୬,୯୦,୦୦୦/-**ବ୍ୟାଙ୍କରେ **ତା. ୦୬.୦୬.୨୦୧୯**ରିଖ ଅପରାହ୍ନ **୪ ଘଟିକା** କିମ୍ବା ତା ପୂର୍ବରୁ ଜମା କରିବାକୁ ପଡିବ।

**ସ୍ଥାବର ସମ୍ପତ୍ତିର ବିବରଣୀ:-**
**ସକୁନ୍ତଳା ଦେବୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା : କମରଯୋଡା, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୧୭୪/୨୩୦, ପ୍ଲଟ ନଂ.:୨୯୭/୧୪୭୯, କ୍ଷେତ୍ର: ଏକର ୦.୦୧୮ ଡିସିମିଲ, ପ୍ଲଟ ନଂ.:୧୨୨୩/୧୪୭୮, କ୍ଷେତ୍ର: ଏକର ୦.୦୨୫ ଡିସିମିଲ, ପ୍ଲଟ ନଂ.:୨୯୭/୧୪୩୭, କ୍ଷେତ୍ର: ଏକର ୦.୦୧୨ ଡିସିମିଲ, ପ୍ଲଟ ନଂ.:୧୨୨୩/୧୪୩୮, କ୍ଷେତ୍ର: ଏକର ୦.୦୪୫ ଡିସିମିଲ। ସମୁଦାୟ କ୍ଷେତ୍ର: ଏକର ୦.୧୦୦ଡିସିମିଲ, କିସମ: ଘରବାଡ଼ି।

ବିକ୍ରୟର ନିୟମ ଓ ସର୍ତ୍ତାବଳି ଜାଣିବା ନିମନ୍ତେ ଭାରତିୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କର ନିମ୍ନ ଲିଖିତ ଲିଙ୍କ୍‌ରେ ଦେଖିପାରିବେ।
**https://bank.sbi/webfiles/uploads/files/0905191632-Sakuntala Devi.pdf**

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୦୫.୨୦୧୯ — ଜେ. ସାମଲ, କ୍ଷମତାପ୍ରାପ୍ତ ଅଧିକାରୀ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି - ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି।

-ଶ୍ରୀଅରବିନ୍ଦ

# କ୍ୟାଡର ପଦରେ ଅଣକ୍ୟାଡର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତାମିଲନାଡୁର ଯୁବ ଆଇପିଏସ୍ ଅଫିସରମାନେ ଖୁସି ନୁହନ୍ତି। ରାଜ୍ୟ ସରକାର ଆବଣ୍ଟିତ କ୍ୟାଡର ପଦବୀଗୁଡ଼ିକ ମଧ୍ୟରୁ ପ୍ରାୟ ଅର୍ଦ୍ଧେକରେ ଅଣକ୍ୟାଡର ଅଫିସରଙ୍କୁ ନିଯୁକ୍ତି ଦେଇଥିବାରୁ ଆଇପିଏସ୍ ବାବୁମାନେ ସେମାନଙ୍କ କ୍ଷେତ୍ରାଧିକାର ସଙ୍କୁଚିତ ହେଉଥିବା ଅନୁଭବ କରୁଛନ୍ତି। ସୂଚନା ଅନୁସାରେ, ତାମିଲନାଡୁରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ପୋଲିସ ଡେପୁଟି କମିଶନର ଭଳି ୭୬ଟି କ୍ୟାଡରଭୁକ୍ତ ପଦବୀ ମଧ୍ୟରୁ ୭୨ଟିରେ ଅଣକ୍ୟାଡର ଅଫିସର ନିଯୁକ୍ତି ପାଇଛନ୍ତି। ରାଜ୍ୟ ମେଟ୍ରୋପଲିଟାନ ପରିବହନ ନିଗମର ଡିଜିପି-ପାହ୍ୟାର ଭିଜିଲାନ୍ସ ଅଫିସର ଏସ୍.ଆର୍. ଜଙ୍ଗିଦ ମୁଖ୍ୟ ଶାସନ ସଚିବ ଗିରିଜା ବୈଦ୍ୟନାଥନ୍‌ଙ୍କ ନିକଟକୁ ଚିଠି ଲେଖି ଜଣାଇଛନ୍ତି ଯେ, ପ୍ରଚଳିତ ବଦଳି ନୀତି ଆଇପିଏସ୍ କ୍ୟାଡର ନିୟମର ବିରୁଦ୍ଧାଚରଣ କରୁଛି ଏବଂ ଯୁବ ଆଇପିଏସ୍ ଅଫିସରମାନଙ୍କ ପାଇଁ ଏହା କ୍ଷତିକାରକ। ପୁନଶ୍ଚ ରାଜ୍ୟରେ ଯଥେଷ୍ଟ ସଂଖ୍ୟକ କ୍ୟାଡର ଅଫିସର ଉପଲବ୍ଧ ଥିବା ସତ୍ତ୍ୱେ ଏପରି ନିଯୁକ୍ତି ଦିଆଯାଇଛି। କ୍ୟାଡର ପଦବୀରେ କ୍ୟାଡର ଅଫିସର ନିଯୁକ୍ତି ପାଇବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ସ୍ଥଳବିଶେଷରେ ଏହାର ବ୍ୟତିକ୍ରମ ପାଇଁ ପ୍ରାବଧାନ ରହିଛି। ଯଦି ଉପଯୁକ୍ତ କ୍ୟାଡର ଅଫିସର ଉପଲବ୍ଧ ନ ଥାନ୍ତି, ତେବେ ସେ କ୍ଷେତ୍ରରେ ଅଣକ୍ୟାଡର ଅଫିସରଙ୍କୁ ନିଯୁକ୍ତି ଦିଆଯାଇପାରିବ ବୋଲି ନିୟମ ଅଛି। ଏହି ବନ୍ଦୋବସ୍ତକୁ ରାଜ୍ୟ ସରକାର ତିନିମାସରୁ ଅଧିକ କାଳ ଚାଲୁ ରଖିବାକୁ ଚାହିଁଲେ ସେଥିପାଇଁ କେନ୍ଦ୍ର ସରକାରଙ୍କଠାରୁ ପୂର୍ବରୁ ଅନୁମତି ଆଣିବା ଦରକାର। ତେବେ ରାଜ୍ୟ ସରକାର ଏ ଚିଠିର ଏପର୍ଯ୍ୟନ୍ତ କୌଣସି ଉତ୍ତର ଦେଇନାହାନ୍ତି।

## ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି

ନୂଆ ସରକାର କ୍ଷମତାକୁ ଆସିବା ପରେ ତାଙ୍କୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଉପରେ ଦୃଷ୍ଟିଦେବାକୁ ପଡ଼ିବ। କାରଣ କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ସମ୍ପ୍ରସାରିତ କାର୍ଯ୍ୟକାଳ ଜୁନ୍ ୧୨ରେ ଶେଷ ହେବାକୁ ଯାଉଥିବା ବେଳେ ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ରାଜୀବ ଜୈନ ଏବଂ ର' ମୁଖ୍ୟ ଅନିଲ ଧସମାନା ଚଳିତ ମେ ଶେଷ ସୁଦ୍ଧା ଅବସର ନେବାକୁ ଯାଉଛନ୍ତି। ସିହ୍ନାଙ୍କ ପରି ଉକ୍ତ ଦୁଇଜଣ ଗୋଇନ୍ଦା ମୁଖ୍ୟ ମଧ୍ୟ ଛଅମାସିଆ ସମ୍ପ୍ରସାରଣ ଭୋଗ କରୁଛନ୍ତି। ଦେଶର ଅମଲାତାନ୍ତ୍ରିକ ଢାଞ୍ଚାକୁ ଚଳାଇବା ଏବଂ ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ବ୍ୟବସ୍ଥା ବୁଝିବା ଲାଗି ଏହି ତିନିଜଣ ବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱରାଷ୍ଟ୍ର, ପ୍ରତିରକ୍ଷା ଓ ବିଦେଶ ସଚିବଙ୍କ ପରି କ୍ୟାବିନେଟ୍ ସଚିବ ନିର୍ଦ୍ଧାରିତ ଦୁଇବର୍ଷିଆ କାର୍ଯ୍ୟକାଳ ଭୋଗ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ଅମଲାତାନ୍ତ୍ରିକ ପରିଚାଳନାରେ ନିରବଚ୍ଛିନ୍ନତା ଚାହୁଁଥିବାରୁ କ୍ୟାବିନେଟ୍ ସଚିବଙ୍କର କାର୍ଯ୍ୟକାଳ ସାଧାରଣତଃ ବୃଦ୍ଧି ପାଇଥାଏ। ବାସ୍ତବରେ ସିହ୍ନାଙ୍କ କ୍ଷେତ୍ରରେ ପୂର୍ବ ଉଦାହରଣ ରହିଛି- ଉଭୟ କେ.ଏମ୍. ଚନ୍ଦ୍ରଶେଖର ଓ ଅଜିତ କେ. ସେଠ ସମ୍ପ୍ରସାରଣ ଯୋଗୁ ପ୍ରତ୍ୟେକେ ଚାରିବର୍ଷ କାର୍ଯ୍ୟ କରିଥିଲେ। ୨୦୧୫ରେ ସିହ୍ନା ଦୁଇବର୍ଷ ପାଇଁ ନିଯୁକ୍ତି ପାଇଥିବା ବେଳେ ୨୦୧୭ରେ ପ୍ରଥମ ସମ୍ପ୍ରସାରଣ ପାଇଥିଲେ ଏବଂ ଏବେ ତାଙ୍କୁ ଦ୍ୱିତୀୟ ସମ୍ପ୍ରସାରଣ ଦିଆଯାଇଛି। ଧସମାନାଙ୍କୁ ସମ୍ପ୍ରସାରଣ ଦିଆଯିବା ଯୋଗୁ ର' ମୁଖ୍ୟ ଭାବେ ପଦୋନ୍ନତି ପାଇବାକୁ ଆଶା ରଖିଥିବା ଚାରିଜଣ ପ୍ରାର୍ଥୀଙ୍କୁ ନିରାଶ ହେବାକୁ ପଡ଼ିଲା। ଏହି ତାଲିକାର ଶୀର୍ଷରେ ଥିଲେ କଲମ୍ବୋ ର' ଷ୍ଟେଶନର ପୂର୍ବତନ ମୁଖ୍ୟ କେ. ଇଲାଙ୍ଗୋ। ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କ ପରାଜୟରେ ସେ ସାହାଯ୍ୟ କରିଥିବା କୁହାଯାଉଛି। ରାଜପାକ୍ସେ ୨୦୧୫ ନିର୍ବାଚନରେ ପରାସ୍ତ ହୋଇଥିଲେ। ପଞ୍ଜାବ କ୍ୟାଡର ଆଇପିଏସ୍ ଅଫିସର ସାମନ୍ତ ଗୋୟେଲ ମଧ୍ୟ ର' ମୁଖ୍ୟ ହେବା ପାଇଁ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ସେହିପରି ଆଇବି ମୁଖ୍ୟ ହେବା ପାଇଁ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଥିବା ଦୁଇଜଣ ବରିଷ୍ଠ ପୋଲିସ ବାବୁ ହେଉଛନ୍ତି ୧୯୮୪ ବ୍ୟାଚ୍ ବିହାର କ୍ୟାଡର ଆଇପିଏସ୍ ଅଫିସର ଅରବିନ୍ଦ କୁମାର ଏବଂ ମଧ୍ୟପ୍ରଦେଶ ପୋଲିସ ମୁଖ୍ୟ ଆର୍.କେ. ଶୁକ୍ଳା।

## କମ୍ ଟିକସ ବାବୁ ଲୋଡ଼ା

ମୋଦି ସରକାର କ୍ଷମତାକୁ ଆସିବା ପରଠାରୁ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ବାବୁମାନଙ୍କ ନିଯୁକ୍ତି ହ୍ରାସ ପାଇଚାଲିଛି, ଯଦିଚ ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ବାବୁମାନଙ୍କ ନିଯୁକ୍ତି ପୂର୍ବ ପରି ବଳବତ୍ତର ରହିଛି। ମୋଦି ସରକାରଙ୍କ ଶାସନକାଳକୁ ମିଶାଇ ୨୦୧୩ରୁ ଆଇଆର୍‌ଏସ୍ ବାବୁମାନଙ୍କ ନିଯୁକ୍ତି ୭୪ ପ୍ରତିଶତ ହ୍ରାସ ପାଇଛି। ସୂଚନା ଅନୁସାରେ ଭାରତୀୟ ରାଜସ୍ୱ ସେବା, ଭାରତୀୟ ଡାକ ସେବା, ଭାରତୀୟ ପରିସଂଖ୍ୟାନ ସେବା ସମେତ ଗ୍ରୁପ୍ ଏ ସେବା କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ୧୫୦୦୦ରୁ ଅଧିକ ପଦବୀ ଖାଲି ପଡ଼ିଛି। ସେହିପରି ଗ୍ରୁପ୍ ବି ସେବା କ୍ଷେତ୍ରରେ ୨୬୦୦୦ରୁ ଅଧିକ ପଦବୀ ଖାଲି ପଡ଼ିଛି। ତଥାପି ଏହି ଦୁଇ ଗ୍ରୁପ୍‌ର ସେବା କ୍ଷେତ୍ରରେ ନିଯୁକ୍ତି ହ୍ରାସ ପାଇଚାଲିଛି। ୨୦୧୩ରେ ୟୁପିଏସ୍‌ସି ଦ୍ୱାରା ପରିଚାଳିତ ପ୍ରଶାସନିକ ପରୀକ୍ଷା ମାଧ୍ୟମରେ ୪୦୯ ଜଣ ଆଇଆର୍‌ଏସ୍ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୧୭ ସୁଦ୍ଧା ଏହି ସଂଖ୍ୟା ୨୦୮କୁ ଖସିଲା। ୨୦୧୮ରେ ସରକାର ମାତ୍ର ୧୦୬ ଜଣଙ୍କ ନାମ ମଞ୍ଜୁର କରିଛନ୍ତି। କିନ୍ତୁ ପ୍ରକୃତରେ କେତେଜଣଙ୍କୁ ନିଯୁକ୍ତି ମିଳିବ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ, କାରଣ ଏଇ ଅଳ୍ପଦିନ ହେଲା ପରୀକ୍ଷାଫଳ ବାହାରିଲା ଏବଂ ଏପର୍ଯ୍ୟନ୍ତ ସେବା ଆବଣ୍ଟନ ହୋଇନାହିଁ। କୁହାଯାଉଛି ଯେ, ବ୍ୟାପକ ଭାବେ ଡିଜିଟାଇଜେଶନ, କମ୍ପ୍ୟୁଟରୀକରଣ ଓ ଡାଟା ନେଟ୍‌ୱର୍କିଂ ଇତ୍ୟାଦି ଯୋଗୁ ସରକାରଙ୍କର ଆଉ ପୂର୍ବ ପରି ଅଧିକ ସଂଖ୍ୟକ ଆଇଆର୍‌ଏସ୍ ଅଫିସର ଦରକାର ପଡୁନାହାନ୍ତି। ପୁନଶ୍ଚ ଜିଏସ୍‌ଟି ପ୍ରବର୍ତ୍ତନ ଯୋଗୁ ହାତରେ କରାଯାଉଥିବା କାମ ଯଥେଷ୍ଟ କମିଯାଇଛି।

Email: dilipcherian@gmail.com

# ଭାରତ ଓ ଆଣବିକ ଶକ୍ତି



ଇଂ. ମାୟାଧର ସ୍ୱାଇଁ

ଭାରତ ୧୯୯୮ ମସିହା ମେ ୧୧ ତାରିଖରେ ତିନୋଟି ଓ ୧୩ ତାରିଖରେ ଦୁଇଟି ଆଣବିକ ପରୀକ୍ଷା କରି ନିଜକୁ ଆଣବିକ ରାଷ୍ଟ୍ର ଭାବେ ଘୋଷଣା କରି ଇତିହାସ ସୃଷ୍ଟି କରିଥିଲା। ଏହି କୃତିତ୍ୱ ପରେ ପ୍ରତିବର୍ଷ ମେ ୧୧ ତାରିଖକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଉଛି। ବାସ୍ତବରେ ଏହା ଭାରତର ପ୍ରଥମ ଆଣବିକ ପରୀକ୍ଷା ନ ଥିଲା। ଏହା ପୂର୍ବରୁ ୧୯୭୪ ମସିହାରେ ଏକ ପରୀକ୍ଷା କରାଯାଇଥିଲା। କିନ୍ତୁ ଦୁଇଟିର ଉଦ୍ଦେଶ୍ୟ ଓ ପ୍ରଭାବ ଅଲଗା ଥିଲା।

୧୯୪୪ ମସିହାରେ ବମ୍ବେଠାରେ ହୋମି ଜାହାଙ୍ଗୀର ଭାବାଙ୍କ ପ୍ରଚେଷ୍ଟାରେ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନ ସ୍ଥାପିତ ହେବା ପରେ ଭାରତରେ ଆଣବିକ ଗବେଷଣା ଆରମ୍ଭ କରାଯାଇଥିଲା। ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବିକାଶ ପାଇଁ ୧୯୪୮ ମସିହାରେ ପରମାଣୁ ଶକ୍ତି ଆଇନ ଗୃହୀତ ହୋଇଥିଲା। ଅନ୍ତର୍ଜାତୀୟ ସ୍ତରରେ ଆଣବିକ ଶକ୍ତି ଉପରେ ଗବେଷଣା ଚାଲିଥିଲା ବେଳେ ଭାରତ ଏଥିରେ ପଛରେ ରହି ନ ଥିଲା। ଭାରତ ୧୯୬୮ ମସିହାରେ ଆଣବିକ ଅପ୍ରସାରଣ ଚୁକ୍ତି (ଏନ୍‌ପିଟି)ରେ ଦସ୍ତଖତ କରିବାକୁ ମନା କରିଦେଲା। ଏହି ଚୁକ୍ତି ଅନୁଯାୟୀ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ର ଆଣବିକ ପରୀକ୍ଷା କରିପାରିବ ନାହିଁ। ଏହି ବିଭେଦପୂର୍ଣ୍ଣ ଚୁକ୍ତିରେ ଭାରତ ଆଜି ପର୍ଯ୍ୟନ୍ତ ମଧ୍ୟ ସ୍ୱାକ୍ଷର କରିନାହିଁ।

୧୯୭୪ ମସିହା ମେ ୧୮ତାରିଖରେ ଭାବା ପରମାଣୁ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ରାଜା ରମଣ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଟେଲିଫୋନରେ ଜଣାଇଲେ ଯେ, 'ଶେଷରେ ବୁଦ୍ଧ ହସିଛନ୍ତି'। ଏହି ଗୁପ୍ତ ସଙ୍କେତର ଅର୍ଥ ଥିଲା, ଭାରତର ପ୍ରଥମ ପରମାଣୁ ପରୀକ୍ଷା ସଫଳ ହୋଇଛି। ସଂଯୋଗବଶତଃ ଏହା ଥିଲା ବୁଦ୍ଧପୂର୍ଣ୍ଣିମା ତିଥି, ରାଜସ୍ଥାନର ଥର୍ ମରୁଭୂମିର ପୋଖରାନଠାରେ ଏହି ପରୀକ୍ଷା କରାଯାଇଥିଲା। ପୃଥିବୀର ବଡ ବଡ ଦେଶ ଏଥିରେ ସ୍ତବ୍ଧ ହୋଇ ଯାଇଥିଲେ। କେହି କଳ୍ପନା କରି ନ ଥିଲେ ଯେ ଭାରତ ଏତେ ଶୀଘ୍ର ସଫଳ ପରମାଣୁ ପରୀକ୍ଷା କରିପାରିବ। ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ନ ଥିବା କୌଣସି ଦେଶ ଏହି ପରୀକ୍ଷା କରିବା ପ୍ରଥମ ଥିଲା। ଯଦିଓ ଭାରତ ଏହାକୁ 'ଶାନ୍ତିପୂର୍ଣ୍ଣ ଆଣବିକ ବିସ୍ଫୋରଣ' ନାମ ଦେଇଥିଲା, ଯୁକ୍ତରାଷ୍ଟ୍ର ଆମେରିକା ସମେତ ଅନେକ ରାଷ୍ଟ୍ର ଭାରତ ଉପରେ ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରତିବନ୍ଧକ ଲଗାଇଲେ। ଭାରତ ସେତେବେଳେ ଆମେରିକା ଓ ଜାପାନ ଭଳି ଧନୀ ରାଷ୍ଟ୍ରଠାରୁ ଖାଦ୍ୟ ସହାୟତା ଓ ଅନ୍ୟ ଅର୍ଥନୈତିକ ସାହାଯ୍ୟ ପାଉଥିଲା। ଅର୍ଥନୈତିକ ପ୍ରତିବନ୍ଧକର ସମ୍ଭାବନା ଥିବା ଜାଣି ମଧ୍ୟ ଭାରତ ନିଜର ସ୍ୱାଭିମାନ ପାଇଁ ଏହି ପରୀକ୍ଷା କରିଥିଲା।

ପ୍ରଥମ ଆଣବିକ ପରୀକ୍ଷା ପରେ ବିଭିନ୍ନ ଦେଶର ଅର୍ଥନୈତିକ ପ୍ରତିବନ୍ଧକ ଓ ଅନ୍ୟାନ୍ୟ ଚାପ ପରେ ଭାରତ ପୁନର୍ବାର ଆଣବିକ ପରୀକ୍ଷା କରିବା

### ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ ଉପଲକ୍ଷେ

ପାଇଁ ସାହସ କରି ନ ଥିଲା। ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବା ସମୟରେ ୧୯୯୫ ମସିହାରେ ଭାରତ ଅନ୍ୟ ଏକ ଆଣବିକ ପରୀକ୍ଷା କରିବା ପାଇଁ ପ୍ରସ୍ତୁତି ଚଳାଇଥିଲା। କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଗୋଇନ୍ଦା ସଂସ୍ଥା ଏହା ଜାଣିପାରିବା ପରେ ଚାପ ପକାଇ ଏହାକୁ ବନ୍ଦ କରି ଦିଆଗଲା।

୧୯୯୮ ମସିହାରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ରାଜସ୍ଥାନର ସେହି ପୋଖରାନଠାରେ ଓ ପୁନଶ୍ଚ ବୁଦ୍ଧ ପୂର୍ଣ୍ଣିମା ତିଥିରେ ମେ ୧୧ ତାରିଖରେ ତିନୋଟି ଆଣବିକ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ଦୁଇଟି 'ଆଣବିକ ବିଭାଜନ ବୋମା' ଓ ଗୋଟିଏ 'ଆଣବିକ ସଂଯୋଜନ ବୋମା' ଥିଲା। ଏହାର ଦୁଇଦିନ ପରେ ଦୁଇଟି ଆଣବିକ ବିଭାଜନ ବୋମାର ପରୀକ୍ଷା କରାଗଲା। ଏହି ପ୍ରକଳ୍ପର ନାମ 'ଅପରେଶନ ଶକ୍ତି' ରଖାଯାଇଥିଲା। ପରୀକ୍ଷା ପୂର୍ବରୁ ଏହାକୁ ଅତି ଗୋପନ ରଖାଯାଇଥିଲା, ଫଳରେ ବାହାର ଦେଶର ଗୋଇନ୍ଦା ସଂସ୍ଥା ଏହାର ଆଭାସ ସୁଦ୍ଧା ପାଇପାରି ନ ଥିଲେ। ଏପରି କି ବାଜପେୟୀଙ୍କ ମନ୍ତ୍ରିମଣ୍ଡଳର ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ନାଣ୍ଡିଜ୍ ଏହାକୁ ପ୍ରଥମ ବିସ୍ଫୋରଣ ପରେ ଜାଣିଥିଲେ। ଏହାର ନେତୃତ୍ୱ ନେଇଥିଲେ ଭାରତ ସରକାରଙ୍କ ମୁଖ୍ୟ ବିଜ୍ଞାନ ପରାମର୍ଶଦାତା ତଥା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାର ଡାଇରେକ୍ଟର ଜେନେରାଲ ଏ.ପି.ଜେ. ଅବଦୁଲ୍ କଲାମ୍ (ପରେ ୨୦୦୨ରୁ ୨୦୦୭ ମସିହା ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରପତି) ଏବଂ ଭାବା ପରମାଣୁ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ରାଜଗୋପାଳ ଚିଦାମ୍ବରମ୍। ଏହାକୁ ପୋଖରାନ୍-୨ ପରୀକ୍ଷା ଏବଂ ୧୯୭୪ ମସିହାର ପରୀକ୍ଷାକୁ ପୋଖରାନ୍-୧ ପରୀକ୍ଷା କୁହାଗଲା।

୧୯୭୪ ମସିହାରେ ଭାରତ ପୋଖରାନ୍-୧ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ପରୀକ୍ଷା କହିଥିବା ବେଳେ ୧୯୯୮ ମସିହାରେ ଭାରତ ନିଜକୁ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ଘୋଷଣା କରିଥିଲା। ଅନ୍ୟ ଅର୍ଥରେ ଭାରତ ପାଖରେ ଆଣବିକ ଅସ୍ତ୍ର ରହିଥିବା ଏହା ଦମ୍ଭର ସହିତ ଜଣାଇଲା। ଭାରତ ଏପରି ଘୋଷଣା କରିବାର କାରଣ ଥିଲା ଯେ ଏହା ୧୯୭୪ ମସିହା ଭଳି ଦୁର୍ବଳ ନ ଥିଲା ଏବଂ ଉଭୟ ବିଜ୍ଞାନ ଓ ଅର୍ଥନୈତିକ ଦୃଷ୍ଟିରୁ ଏହା ଅନେକ ପ୍ରଗତି କରିଥିଲା। ଯୁକ୍ତରାଷ୍ଟ୍ର ଆମେରିକା ସମେତ ଅନେକ ଦେଶ ଭାରତ ଉପରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲଗାଇଥିଲେ ସୁଦ୍ଧା ଏହା ଅଧିକ ଦିନ ପର୍ଯ୍ୟନ୍ତ ବଳବତ୍ତର ହୋଇ ରହିପାରିଲା ନାହିଁ। ଭାରତର ଦ୍ରୁତ ଆର୍ଥିକ ବିକାଶ ଏବଂ ଏସିଆ ମହାଦେଶରେ ଏହାର ଶକ୍ତି ଓ ଗୁରୁତ୍ୱକୁ ଦେଖି ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଭାରତ ସହିତ କଥାବାର୍ତ୍ତା କରିବା ପାଇଁ ବାଧ୍ୟ ହୋଇଥିଲେ ଏବଂ ୨୦୦୧ ମସିହାରେ ସମସ୍ତ ପ୍ରତିବନ୍ଧକ ହଟାଇ ଦେଇଥିଲେ।

ବାସ୍ତବରେ ଆମ ପଡୋଶୀ ରାଷ୍ଟ୍ର ଚାଇନା ଗୋଟିଏ ଆଣବିକ ରାଷ୍ଟ୍ର ଥିବାବେଳେ ଅନ୍ୟ ଏକ ପଡୋଶୀ ରାଷ୍ଟ୍ର ପାକିସ୍ତାନ ମଧ୍ୟ ଗୁପ୍ତରେ ଆଣବିକ ଅସ୍ତ୍ର ନିର୍ମାଣ ପାଇଁ କାର୍ଯ୍ୟ କରୁଥିବାର ଖବର ପାଇ ଆମର ଏହି ଦୁଇ ଚିରାଚରିତ ଶତ୍ରୁ ରାଷ୍ଟ୍ର ବିପକ୍ଷରେ ନିଜକୁ ସଜାଗ ରଖିବା ପାଇଁ ଭାରତ ଏହି ପରୀକ୍ଷା କରିଥିଲା। କେତେକ ଦେଶର ବିରୋଧ ସତ୍ତ୍ୱେ ଭାରତ ଓ ଆମେରିକା ମଧ୍ୟରେ ୨୦୦୮ ମସିହାରେ 'ବେସାମରିକ ଆଣବିକ ସହଯୋଗ ଚୁକ୍ତି' ସ୍ୱାକ୍ଷରିତ ହୋଇଛି। ଭାରତ ମଧ୍ୟ ନିଜଆଡୁ ପ୍ରଥମେ ଆଣବିକ ଅସ୍ତ୍ର ପ୍ରୟୋଗ କରିବ ନାହିଁ ବୋଲି ଘୋଷଣା କରିଛି। ଆଣବିକ ଅପ୍ରସାର ଚୁକ୍ତିରେ ସ୍ୱାକ୍ଷର କରି ନ ଥିଲେ ସୁଦ୍ଧା ଭାରତକୁ ଆଜି ଗୋଟିଏ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ମାନ୍ୟତା ଦିଆଯାଉଛି। ଭାରତ ମଧ୍ୟ 'କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟା ନିୟନ୍ତ୍ରଣ ପ୍ରାଧିକରଣ' ଏବଂ ପାରମ୍ପରିକ ଅସ୍ତ୍ର ଓ ଦ୍ୱୈତ-ବ୍ୟବହୃତ ସାମଗ୍ରୀ ଓ ପ୍ରଯୁକ୍ତିବିଦ୍ୟା ପାଇଁ ରପ୍ତାନି ନିୟନ୍ତ୍ରଣ ନିମିତ୍ତ ଗଠିତ 'ୱାସେନାର୍ ବ୍ୟବସ୍ଥା' ଭଳି କେତେକ ଅନୌପଚାରିକ ଗ୍ରୁପ୍‌ର ସଦସ୍ୟ ହୋଇଛି।

ଭାରତ ପରେ ପରେ ପାକିସ୍ତାନ ମଧ୍ୟ ୧୯୯୮ ମସିହାରେ ଆଣବିକ ପରୀକ୍ଷା କରିଛି ଏବଂ ଆଣବିକ ବୋମା ମହଜୁଦ କରି ରଖିଛି। ଉତ୍ତମ ସମ୍ପର୍କ ନ ଥିବା ଦୁଇ ପଡୋଶୀ ରାଷ୍ଟ୍ର ହାତରେ ଅଛି ବ୍ରହ୍ମାସ୍ତ୍ର। ପାକିସ୍ତାନ ଏହାକୁ ନେଇ ଅନେକଥର ଭାରତକୁ ମଧ୍ୟ ଧମକ ଦେଇଛି। ଆମ ପ୍ରଧାନମନ୍ତ୍ରୀ ନିର୍ବାଚନୀ ସଭାରେ ପ୍ରକାଶ କରିଛନ୍ତି ଯେ ଭାରତ ଦୀପାବଳି ପାଇଁ ଏହି ବାଣ ରଖିନାହିଁ। ଏହାର ଜବାବରେ ପାକିସ୍ତାନ କିଛି କହିବା ପୂର୍ବରୁ ଜମ୍ମୁ ଓ କଶ୍ମୀରର ଜଣେ ନେତା କହିଲେଣି ଯେ ପାକିସ୍ତାନ ମଧ୍ୟ ଇଦ୍ ପାଇଁ ଏହା ରଖିନାହିଁ। ପୁରାଣ ଯୁଗରେ ବିବେକବାନ୍ ବ୍ୟକ୍ତିଙ୍କ ହାତରେ ବ୍ରହ୍ମାସ୍ତ୍ର ଥିଲା। ଯଦି କୌଣସି ଅବିବେକୀ ବ୍ୟକ୍ତି ହାତରେ ଆଧୁନିକ ଯୁଗର ବ୍ରହ୍ମାସ୍ତ୍ର ରହେ, ତା'ହେଲେ ପୃଥିବୀର ଅବସ୍ଥା କ'ଣ ହେବ? ପୃଥିବୀର ସମସ୍ତ ଦେଶରୁ ଆଣବିକ ବୋମାକୁ ନଷ୍ଟ କରି ଆଣବିକ ଶକ୍ତିକୁ କେବଳ ଶକ୍ତି ଉଦ୍ଦେଶ୍ୟରେ ବ୍ୟବହାର କରିବା ଉଚିତ।

୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

# ଶବ୍ଦ ନୁହେଁ ମନ୍ତ୍ରଟିଏ



ସଂଗ୍ରାମ କେଶରୀ ପୃଷ୍ଟି

ଦଶମାସ ଦଶଦିନ ମିଠା ଯନ୍ତ୍ରଣାକୁ ଆଲିଙ୍ଗନ କରି ସୁରକ୍ଷିତ ଗର୍ଭକୁ ବୋହି ଶେଷରେ ଏ ସୁନ୍ଦର ସୃଷ୍ଟିକୁ ଯିଏ ଆଣିଥାଏ, ସେ ହେଉଛି ମମତାମୟୀ ମା'। ସୁତରାଂ ପ୍ରତ୍ୟେକଟି ସନ୍ତାନ ପାଇଁ ପ୍ରଥମ ଅମୃତବୋଲା ଏ ଶବ୍ଦ ମା', ଯେଉଁଥିରେ ଭରିରହିଥାଏ ପ୍ରଚୁର ସମ୍ମୋହନ, ଅନୁଚ୍ଚାରିତ ଆବେଗ, ନିଆରା ଅନୁଭବ ଓ ସର୍ବୋପରି ବଶୀକରଣର ଅବ୍ୟର୍ଥ ମନ୍ତ୍ର। ମା' ଶବ୍ଦର ଏହି ଅନୁଭବ ମଧ୍ୟରେ ଲୁଚିରହିଥାଏ ସମଗ୍ର ବସୁଧାର ସଂଜ୍ଞା ଆଉ ତା' ପଣତକାନି ପାଲଟିଯାଏ ଏକ ନିରାପଦ ଆଶ୍ରୟସ୍ଥଳ। ଯେଉଁଠି ପ୍ରକୃତିକୁ ଖୋଜିବାର ଆବଶ୍ୟକତା ନ ଥାଏ। ଛନ୍ଦମୟୀ ନଈଟିଏ ସାଜି ସମସ୍ତଙ୍କୁ କୋଳେଇନେଇ ମାଡିଚାଲେ ସେ ଆଗକୁ ଆଗକୁ। ଯାବତୀୟ ବାଧା ବନ୍ଧନକୁ ପାଦରେ ଏଡାଇ ସମସ୍ତଙ୍କୁ ଅକାତର ଚିତ୍ତରେ କ୍ଷମା କରି ନିଜର କଠୋର ତପସ୍ୟା ବଳରେ ପାଲଟିଯାଏ ଗଙ୍ଗା। ସନ୍ତାନର ଆତ୍ମସମ୍ମାନ ରକ୍ଷା ପାଇଁ ନିଜେ ଧରିତ୍ରୀ ପରି ଦୁଇଫାଳ ହୋଇ ସତୀ ସୀତାଙ୍କୁ ଗର୍ଭରେ ସ୍ଥାନ ଦେଇ ଏକ ବିରଳ ଉଦାହରଣ ସୃଷ୍ଟି କରିପାରିଥିବା କରୁଣାମୟୀ ମା'ପରି ଆଉ କିଏ ହୋଇପାରେ!

ଏ ସଂସାରର ପ୍ରତ୍ୟେକଟି ମଣିଷ ପାଇଁ ମା' ହେଉଛି ସବୁଠୁ ସୁନ୍ଦର ଓ ମଧୁମୟ। ତପ, ତ୍ୟାଗ, ସମର୍ପଣ ଓ ବଳିଦାନର ଜୀବନ୍ତ ପ୍ରତିମାଟିଏ ସେ। ସେ ଫୁଲଠୁ କୋମଳ ପୁଣି ଜହ୍ନଠୁ ଶୀତଳ। ସନ୍ତାନ ପାଇଁ ତା' କୋଳ ହେଉଛି ସ୍ନେହ-ମମତାର ଗନ୍ତାଘର। ତା' ହାତଛୁଆଁରେ ପାଣି ପାଲଟିଯାଏ ଗଙ୍ଗାଜଳ। ତା' ନିଷ୍ଠା ଓ ସାଧନା ବଳରେ ଭଙ୍ଗାଘର ବି ଦେଉଳରେ ପରିଣତ ହୋଇଯାଏ। ମଧୁଠୁ ମଧୁର ମା'ର ସେଇ ପଣତକାନି ଶ୍ରୀମନ୍ଦିର ନେତଠାରୁ କୌଣସି ଗୁଣରେ କମ୍ ନୁହେଁ। ତା' ଆଶୀର୍ବାଦରୁ ହିଁ ଜୀବନ ହୁଏ ପୁଲକିତ ଓ ମଧୁମୟ।

ପ୍ରଚୁର ସ୍ନେହ ମମତା ଅଜାଡିଦେବାରେ କାର୍ପଣ୍ୟ ନ ଥାଏ ବୋଲି ତ ମା' ହେଉଛି ମମତାମୟୀ। ତା'ର ସେହି ସୀମାହୀନ ମମତା ହିଁ ପୋଛିଦେଇଥାଏ ସନ୍ତାନର ଯାବତୀୟ ଦୁଃଖ ଓ ଅବସାଦକୁ। ତା' ତ୍ୟାଗର ତୁଳନା ନାହିଁ। ଦୁନିଆର ଯେତେସବୁ ଝଡଝଞ୍ଜାକୁ ବିଷ ପରି ପାନ କରି ସେ ସାଜିଥାଏ ନୀଳକଣ୍ଠ। ସନ୍ତାନ ଯେତେବଡ଼ ହେଲେ ବି ମା' ଆଖିରେ ସେ ଛୁଆ। ତା'ର ଅସୁସ୍ଥତା ବେଳେ ସେ ରାତି ରାତି ଉଜାଗର ରହେ ଓ ତା' ମଙ୍ଗଳକାମନା କରି ବାରମାସ ଯାକ ଓଷାବ୍ରତ କରେ। ଉଜାଗର ରହି ଦୀପ ଜାଳେ। ଛୁଆ ଟିକିଏ ଝୁଣ୍ଟିପଡିଲେ କି କାନ୍ଦି ଉଠିଲେ ମା'ର ସହାନୁଭୂତିର ହାତଯୋଡିକ ଲମ୍ବିଆସେ ତା' ଆଡକୁ। ମା'ର ସାନ୍ନିଧ୍ୟରୁ ମିଳିଥାଏ ଅପୂର୍ବ ଶାନ୍ତି। ମା' ବୋଲି ପଦେ ଡାକିଦେଲେ ଯୋଜନ ଯୋଜନ ଚାଲିଯାଏ ଦୁଃଖ। ସମ୍ଭବତଃ ସେଥିପାଇଁ ଝୁଣ୍ଟି ପଡିଲେ କି ବିପଦ ଆସିଲେ ମୁହଁରୁ ସ୍ୱତଃପ୍ରବୃତ୍ତ ଭାବେ ବାହାରିପଡ଼େ ମା' ଡାକ।

ଭକ୍ତି, ପରୋପକାର ଓ ଧର୍ମପରାୟଣତାର ମୂର୍ତ୍ତିଟିଏ ମା'। ସନ୍ତାନକୁ ଭଲ ମଣିଷ ଭାବେ ଗଢ଼ିବାର ଦୁର୍ବାର ଆକାଙ୍କ୍ଷା ନେଇ ପ୍ରତିଶ୍ରୁତିବଦ୍ଧ ସ୍ୱପ୍ନଟିଏ ସେ। ଦୁଃଖ-ଯାତନା ଓ

### ୧୨ରୁ ଅନ୍ତର୍ଜାତୀୟ ମାତୃଦିବସ ଉପଲକ୍ଷେ

ନୈରାଶ୍ୟକୁ ପ୍ରତିହତ ପୂର୍ବକ ଆଗକୁ ବଢ଼ିବାର ସେ ଦିଏ ପ୍ରେରଣା ଓ ସାମର୍ଥ୍ୟ। ଶିଳ୍ପୀଟିଏ ସାଜି କୋଣାର୍କ ଗଢ଼ିବାର ମଗ୍ନ ସାଧିକା ସେ। ତା' ବିନା ସନ୍ତାନର ଅସ୍ତିତ୍ୱ ଯେ ଭିତ୍ତିହୀନ। ପୁଣ୍ୟ ପବିତ୍ରର ଫଲ୍‌ଗୁଟିଏ ସାଜି ସନ୍ତାନର ସାମଗ୍ରିକ ସତ୍ତାକୁ ପ୍ରଭାବିତ କରୁଥାଏ ତା' ବ୍ୟକ୍ତିତ୍ୱ। ଚିନ୍ତା ଓ ଚେତନାରେ ଅହରହ ଆସି ସେ ପାଲଟିଯାଏ ଆଦର୍ଶର କେନ୍ଦ୍ରବିନ୍ଦୁଟିଏ। ମା'ଟିଏ ହେଉ କଦାକାର ଅବା ମୂର୍ଖ, ପୁଣି ହୋଇଥାଉ ଗରିବ ତଥାପି ସନ୍ତାନ ପାଇଁ ସେ ଏ ଦୁନିଆର ସବୁଠୁ ଭଲ ମା'। ସନ୍ତାନର ଖୁସି ପାଇଁ ନିଜେ ଉପବାସରେ ରହି ଛୁଆକୁ ଖୁଆଏ, ନିଜେ ଦୁଃଖ ସହି ଖୁସି ବାଣ୍ଟେ। କେତେବେଳେ ହାତଠାରି ଜହ୍ନମାମୁଙ୍କୁ ନିମନ୍ତ୍ରଣ ଜଣାଏ ତ କେତେବେଳେ ବାଇଆକୁ ଡାକେ। କାହାର ନଜର ପଡିବନି ବୋଲି ଛୁଆ ମଥାରେ କଜଳଟିକା ଲଗାଏ। ହାତ ଓ ବେକରେ ବାନ୍ଧେ ତେଉଁରିଆ। ତା' ସ୍ତନ୍ୟରୁ ଅମୃତସମ ଦୁଗ୍ଧ ପାନକରାଇ ଛୁଆକୁ ପୁଷ୍ଟ କରାଏ।

ସନ୍ତାନ ପାଇଁ ଯିଏ ସମର୍ପି ଦେଇଥାଏ ନିଜର ସମଗ୍ର ଆୟୁଷ, ସେ ମା' ନିଶ୍ଚିତ। ସ୍ନେହ-ମମତା-ପ୍ରେମର ପ୍ରତୀକ ମା' ହେଉଛି ସମ୍ପୂର୍ଣ୍ଣା, ପରିପୂର୍ଣ୍ଣା। ମନରୁ ରାଗ, ରୋଷ, ଦ୍ୱେଷ, ହିଂସା, ଘୃଣା ଓ ଅହଂକାରକୁ ଦୂରେଇଦେଇଥାଏ ବୋଲି ତ ସେ ମା'। ଅନ୍ଧାର ରାତିରେ ବତିଘର ସାଜି ସେ ଦେଖାଏ ରାହା। ତା' କଠୋର ଅନୁଶାସନ ହିଁ ସନ୍ତାନ ପାଇଁ ସାଜିଥାଏ ପଥପ୍ରଦର୍ଶକ। ତା' ହାତତିଆରି ଖାଦ୍ୟର ସୁଆଦ ଓ ଝାଳୁଆ ପଣତକାନିର ସୁଗନ୍ଧ କିଏ ଭଲା ପାସୋରି ପାରିବ। ଜୀବନର କୌଣସି ନା କୌଣସି କ୍ଷେତ୍ରରେ ଆତ୍ମସନ୍ତୋଷ ପରିପ୍ରେକ୍ଷୀରେ ନିଶ୍ଚୟ ମନେପଡେ ମା'ର ଶିକ୍ଷା, ସଂସ୍କାର ଓ ଅବଦାନ।

ସାଗରଠୁ ଆକାଶ ଯାଏ ପରିବ୍ୟାପ୍ତ ମା'ର ସ୍ନେହମମତା, ତା' କୋଳର ଝୁଲଣା, ନିର୍ଭୟତାର ପଣତକାନି, ମୁଖନିଃସୃତ ମନଗଢ଼ା କାହାଣୀ ପୁଣି ଲୋରୀ କିଏ ବା ଭୁଲିପାରିବ ! ସକଳ ତ୍ୟାଗ ଓ ତିତିକ୍ଷାର ଦେବୀଟିଏ ସାଜି ଦୁଃଖ-କ୍ଳେଶକୁ ପିଠିକରି, କେତେକେତେ ନିଃଶବ୍ଦ ବ୍ୟଥା ଓ ବେଦନାକୁ ଆତ୍ମସ୍ଥକରି ନିଃସର୍ତ୍ତରେ, ନିବିଡ଼ ଆଶ୍ଳେଷରେ ମାତୃତ୍ୱର ଦୀପ୍ତିରେ ଉଦ୍ଭାସିତ କରିପାରୁଥିବା ସଞ୍ଜ ସଳିତାଟିଏ ହେଉଛି ମା'। ଯିଏ ନିଜ ଦେହରୁ ବିନ୍ଦୁ ବିନ୍ଦୁ ରକ୍ତ ନିଗାଡ଼ି, ଅମାପ ଉଦାମତାରେ, ନିଜର ପ୍ରେମମୟ ସତ୍ତାରେ ଭରିଦେଇପାରେ ସକଳ ବ୍ରହ୍ମାଣ୍ଡ। ତା' ନିବିଡ ଆଲିଙ୍ଗନ ହିଁ ଆଣିଦେଇପାରେ ସନ୍ତାନ ପାଇଁ ମହଣ ମହଣ ଖୁସିର ସମ୍ଭାର। ତା' ହୃଦୟରେ ସାଇତା ମମତାରେ ସେ ଟପିଯାଇଛି ସାଗରର ଗଭୀରତାକୁ ଓ ଦିଗନ୍ତ ବିସ୍ତାରୀ ନୀଳାଭ ଗଗନକୁ। ମା' ବୋଲି ଡାକିଦେଲେ ପ୍ରତିଧ୍ୱନି ଖେଳିଯାଏ ଭୂମିଠୁ ଭୂମା ଯାଏ। ସନ୍ତାନର ଚେତନାରେ, ବେଦନାରେ, ସ୍ପନ୍ଦନରେ ଅହରହ ଗୁଞ୍ଜରିତ ହେଉଥିବା ଶକ୍ତି, ମୈତ୍ରୀ ଓ ପ୍ରୀତିର ଆବେଗ ମା' ଏକ ଶବ୍ଦ ନୁହେଁ, ମନ୍ତ୍ରଟିଏ। ଅମୃତ ଅନୁଭବଟିଏ। ତାକୁ ଏଡାଇବାର ସାମର୍ଥ୍ୟ କାହାର ଭଲା ଅଛି ଯେ !

ରାଜକିଶୋର ନଗର, ଅନୁଗୋଳ,
ମୋ-୯୪୩୭୫୪୭୧୪୬

## ଏଇ ଭାରତରେ

ସ୍କୁଲ ଯିବାକୁ କେତେଜଣ ପିଲା ଅମଙ୍ଗ ହୋଇଥାନ୍ତି। ତେବେ ମଧ୍ୟପ୍ରଦେଶ ଭୋପାଳର ଜଣେ ଛାତ୍ରୀ ୧୨ ବର୍ଷ ମଧ୍ୟରେ କୌଣସି ଗୋଟିଏ ବି ଦିନ ସ୍କୁଲ ବନ୍ଦ କରି ନାହାନ୍ତି। ସବୁଦିନ ସ୍କୁଲ ଯାଇ ସେ ଏକ ନିଆରା ରେକର୍ଡ ସୃଷ୍ଟି କରିଛନ୍ତି। ସ୍ଥାନୀୟ ବାଲାଜୀପୁରମ୍‌ର ବାସିନ୍ଦା ମୁକୁଲ ଦାସଙ୍କ କନ୍ୟା ମାନସୀ ଏହି ରେକର୍ଡ କରିଛନ୍ତି। ସେ ପିପିଲାନିସ୍ଥିତ ସେଣ୍ଟ ଥେରେସା ଗର୍ଲ୍ସ ସ୍କୁଲରେ ଅଧ୍ୟୟନ କରୁଥିଲେ। ସେ ଦ୍ୱାଦଶ ଶ୍ରେଣୀ ସିବିଏସଇ ପରୀକ୍ଷାରେ ସାଇନ୍ସ ପାଠ୍ୟକ୍ରମରେ ୯୩.୬ ପ୍ରତିଶତ ନମ୍ବର ରଖି ପାସ୍ କରିବା ସହିତ ଜେଇଇରେ ୯୮.୨ ପ୍ରତିଶତ ନମ୍ବର କରିଛନ୍ତି। ୨୦୦୦ ଅକ୍ଟୋବର ୧୯ରେ ଜନ୍ମ ହୋଇଥିବା ମାନସୀ ଏହି ସ୍କୁଲରେ ପ୍ରଥମ ଶ୍ରେଣୀରୁ ପଢୁଥିଲେ। ପାଠପଢ଼ା ଜୀବନରେ ସେ ୨୫୧୦ ଦିନ ସ୍କୁଲ ଯାଇଛନ୍ତି। ଚତୁର୍ଥ ଶ୍ରେଣୀରେ ପଢୁଥିବାବେଳେ ଦୁର୍ଘଟଣା ଯୋଗୁ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଡାକ୍ତର ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ ମଧ୍ୟ ମାନସୀ ସ୍କୁଲ ବନ୍ଦ କରି ନ ଥିଲେ। ସେହିପରି ପଞ୍ଚମରେ ପଢୁଥିବା ସମୟରେ ମାନସୀଙ୍କୁ ମ୍ୟାଲେରିଆ ହୋଇଥିଲା। ତଥାପି ସେ ଗୋଟିଏ ଦିନ ବି ସ୍କୁଲ ବନ୍ଦ କରି ନ ଥିଲେ ବୋଲି ପିତା ମୁକୁଲ କୁହନ୍ତି। ସେମାନେ କୋଲ୍‌କାତାର ମୂଳ ବାସିନ୍ଦା। ମୁକୁଲ ଏକ ଘରୋଇ କମ୍ପାନୀରେ ଭୋପାଳରେ କାମ କରନ୍ତି। କେବଳ ଖରାଦିନ ଛୁଟିରେ ସେମାନେ କୋଲ୍‌କାତା ଆସିଥାନ୍ତି ବୋଲି ମୁକୁଲ କହିଛନ୍ତି।

## ଚିରନ୍ତନୀ

ଜନନୀଙ୍କୁ ନ ଦେଖି କାନ୍ଦେ ନନ୍ଦନ
ନ ମାନଇ ଦୁହିତା ପିତା ବଚନ!
ସ୍ୱାମୀ କଥା ନ ଶୁଣେ କୁଳ ରମଣୀ
ସମାଜର ନିୟମ କେହି ନ ଗଣି!
(ବଂଶୀ ଧ୍ୱନି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ମେ ୧୯୯୪

- ଦକ୍ଷିଣ ଆଫ୍ରିକା ମୁକ୍ତି ସଂଗ୍ରାମର ମୁଖ୍ୟ ନେଲସନ ମଣ୍ଡେଲା ଦେଶର ପ୍ରଥମ ଅଣଶ୍ୱେତାଙ୍ଗ ରାଷ୍ଟ୍ରପତି ଭାବେ ଶପଥ ନେଲେ।
- ଯର୍ନେଷ୍ଟୋ ପେରେନ ବାଲାଡେୟାରସ୍ ପାନାମାର ରାଷ୍ଟ୍ରପତି ଭାବେ ନିର୍ବାଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ବେଆଇନ ପାର୍କିଂ ଫି ଆଦାୟ ବନ୍ଦ ହେଉ

ମହାଶୟ,

ବିଭିନ୍ନ ସ୍ଥାନରେ ମନ୍ଦିରକୁ ଯିବାବେଳେ ଧର୍ମକୁ ନେଇ ବେପାର କରୁଥିବା ଲୋକଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ପୁରୀ ଜିଲ୍ଲାର କାକଟପୁରରେ ଥିବା ମା' ମଙ୍ଗଳାଙ୍କ ପୀଠର ମାତ୍ର ୨୦୦ ହାତ ପୂର୍ବରୁ ରାସ୍ତାକୁ ବ୍ଲକ୍ କରି କିଛି ଯୁବକ ମନ୍ଦିର ଆଡକୁ ଯାଉଥିବା ଗାଡିଗୁଡିକୁ ଅଟକାଉଛନ୍ତି। ପ୍ରତି ୪ ଚକିଆ ଯାନରୁ ପାର୍କିଂ ଫି ଆଳରେ ଜୋରଜବରଦସ୍ତ ୫୦ ଟଙ୍କା ଆଦାୟ କରୁଛନ୍ତି। ମନ୍ଦିର ସମ୍ମୁଖରେ କିମ୍ବା ରାସ୍ତା କଡ଼ରେ ହେଉଥିବା ପାର୍କିଂ ପାଇଁ ଏଭଳି ଟଙ୍କା ଆଦାୟ କରାଯିବା ସଂପୂର୍ଣ୍ଣ ବେଆଇନ। ଏଭଳି ପାର୍କିଂ ଫିସ ଆଦାୟ ଜିଲ୍ଲା ପ୍ରଶାସନ ଜ୍ଞାତସାରରେ ହେଉଥିଲେ ସେଥିନେଇ ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ତରଫରୁ ସମସ୍ତଙ୍କୁ ଦେଖାଗଲା ଭଳି ବିଜ୍ଞାପନ ରହିବା ଆବଶ୍ୟକ। ମନ୍ଦିର ତରଫରୁ ମଧ୍ୟ ରାସ୍ତାକଡ଼ରେ ଗାଡ଼ି ପାର୍କିଂ ପାଇଁ ଅର୍ଥ ଆଦାୟ କରିବାର ଅଧିକାର ନାହିଁ। ଏହି ଆଳରେ ଆଦାୟ ହେଉଥିବା ଅର୍ଥର ସିଂହଭାଗ କେତେକ ଦଲାଲ ଏବଂ ଦୁର୍ନୀତିଗ୍ରସ୍ତ ପୋଲିସ, ପ୍ରଶାସକଙ୍କ ପକେଟକୁ ଯାଉଥିବ। ସେଥିପାଇଁ ମନ୍ଦିର ପରିସରରେ ଥିବା ପୋଲିସ କାର୍ଯ୍ୟାଳୟର କର୍ମଚାରୀମାନେ ପ୍ରତିଦିନ ପାର୍କିଂ ଫି ଆଦାୟକୁ ନେଇ ହେଉଥିବା ଜୁଲମ୍ ଓ ଗଣ୍ଡଗୋଳକୁ ଦେଖି ମଧ୍ୟ ଚୁପ୍ ରହୁଛନ୍ତି। ଏଭଳି ବେଆଇନ ପାର୍କିଂ ଫି ଆଦାୟ ତୁରନ୍ତ ବନ୍ଦ କରାଯାଉ।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### ଭାରତର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ଆମେରିକାର ଏକ ସର୍ବେକ୍ଷଣ ସଂସ୍ଥା ଏହାର ସଦ୍ୟ ପ୍ରକାଶିତ ରିପୋର୍ଟରେ ଦର୍ଶାଇଛି ଯେ ଏବେ ଭାରତରେ ୬ ଲକ୍ଷ ଡାକ୍ତର ଓ ୨୦ ଲକ୍ଷ ସେବିକାଙ୍କ ଅଭାବ ରହିଛି। ଜଣେ ଭାରତୀୟ ନିଜ ଚିକିତ୍ସା ପାଇଁ ଯେତେ ଖର୍ଚ୍ଚ କରନ୍ତି ତା'ର ୬୫ ପ୍ରତିଶତ ହାତ ଉଧାର କିମ୍ବା ବ୍ୟାଙ୍କ ଋଣ କରିଥାନ୍ତି। ଯେଉଁମାନଙ୍କୁ ହୃଦ୍‌ରୋଗ ପରି ବ୍ୟୟବହୁଳ ରୋଗ ହୁଏ ସେମାନଙ୍କ ଉପରେ ଚଡକ ପଡିଥାଏ। ଏହି ସମସ୍ୟା ପ୍ରତିବର୍ଷ ୫.୭ କୋଟି ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲିଦିଏ। ଏବେ ଭାରତରେ ପ୍ରତି ୧୦,୧୮୯ ଜଣ ଲୋକଙ୍କ ପାଇଁ ଜଣେ ଡାକ୍ତର ଅଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ଅଭାବ ଯୋଗୁ ଲୋକମାନେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ପାଇ ପାରୁନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ସହ ୧୦ କୋଟି ଅତି ଗରିବ ପରିବାରଙ୍କ କ୍ରୟଶକ୍ତି ବୃଦ୍ଧି କରାଯିବା ଦରକାର।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | | 8 | 9 | | D | | | | | | 5 | |
| | | | | C | 2 | 9 | B | 1 | | | 3 | | | |
| | 3 | 0 | 1 | | | | | A | 7 | 8 | C | | 2 | |
| | 5 | 7 | | | | | | 2 | | | | D | | |
| 9 | | | | | B | | | | | 2 | 5 | 0 | A | |
| | | 8 | | | 4 | | | | A | | | | | |
| 2 | E | | 8 | 9 | 0 | B | | | | | | | | |
| | 7 | | E | | | 3 | | | 1 | | | 9 | | |
| 6 | C | 1 | | | D | | | | 4 | 0 | | 2 | | |
| 0 | | | | | | | | | | D | 2 | 3 | | 5 |
| | A | 2 | 0 | | | 1 | | 7 | 3 | C | | E | | |
| | 1 | | | 2 | | | | | 8 | 4 | | A | | |
| | B | | 9 | | | | | 4 | | | | | | |
| | | C | D | | 6 | | | 9 | | 5 | A | 8 | | 7 |
| 4 | | | | | | | 3 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 3 | 2 | B | E | 0 | 5 | 7 | 8 | A | D | 9 | 4 | C | 1 |
| 4 | C | E | 3 | 1 | 9 | 2 | A | 6 | 7 | 8 | 5 | D | 0 | B |
| A | D | 5 | C | 8 | 7 | 0 | 1 | E | B | 4 | 3 | 9 | 2 | 6 |
| 9 | 8 | 0 | 5 | 2 | 4 | 3 | B | D | 1 | C | 6 | 7 | E | A |
| B | 1 | 7 | A | D | 6 | 4 | C | 9 | 0 | 2 | E | 8 | 5 | 3 |
| 5 | 2 | 8 | E | B | D | 9 | 0 | C | 4 | 3 | A | 1 | 6 | 7 |
| 1 | 6 | D | 4 | 9 | 3 | 7 | 2 | 5 | 8 | E | B | C | A | 0 |
| E | 9 | 3 | 6 | C | 1 | D | 4 | A | 2 | 0 | 7 | 5 | B | 8 |
| 7 | 4 | A | 8 | 0 | 2 | E | 6 | B | 5 | 1 | C | 3 | D | 9 |
| C | 0 | B | 7 | A | 5 | 8 | 3 | 1 | 6 | 9 | D | E | 4 | 2 |
| 8 | E | C | 1 | 7 | B | 6 | 5 | 2 | 3 | A | 4 | 0 | 9 | D |
| 2 | 7 | 1 | 9 | 5 | 8 | B | E | 4 | D | 6 | 0 | A | 3 | C |
| D | A | 6 | 0 | 3 | E | C | 8 | 7 | 9 | 5 | 2 | B | 1 | 4 |
| 3 | 5 | 9 | 2 | 4 | A | 1 | D | 0 | C | B | 8 | 6 | 7 | E |
| 0 | B | 4 | D | 6 | C | A | 9 | 3 | E | 7 | 1 | 2 | 8 | 5 |

ଗତକାଲିର ଉତ୍ତର

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତ ୮ ନମ୍ବର ୱାର୍ଡର ମଳିକସାହି ବସ୍ତିରେ ଶୁକ୍ରବାର ପୂର୍ବାହ୍ନରେ ବିଷାକ୍ତ କୋଚିଲା ଫଳର ସିଝାପାଣି ପିଇ ଏକ ପରିବାରର ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ବସ୍ତିର ଉଗ୍ରସେନ ମଳିକଙ୍କ ପୁଅ ଯତୀନ(୨୩)। ପରିବାରର ଜଣେ ବୟସ୍କ ମହିଳା ଚର୍ମରୋଗର ଚିକିତ୍ସା ପାଇଁ କୋଚିଲା ଫଳ ଆଣି ତାକୁ ସିଝାଇ ପାଣିକୁ ଏକ ପାତ୍ରରେ ରଖିଥିଲେ। ଏହି ପାଣିକୁ ଚା’ ଭାବି ଯତୀନ, ଅଗସ୍ତି ଓ ମହେଶ ପିଇ ଦେଇଥିଲେ।



## ସଂକ୍ଷେପରେ

### ଆଇଆଇଏମ୍‌ସିରେ ନାମଲେଖା ଆବେଦନ ୧୫କୁ ବୃଦ୍ଧି

**ଢେଙ୍କାନାଳ ଅଫିସ, ୧୦ା୫:** ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ୨୦୧୯-୨୦ ଶିକ୍ଷାବର୍ଷ ଲାଗି ସ୍ନାତକୋତ୍ତର ଡିପ୍ଲୋମା ବିଭାଗର ନାମଲେଖା ଆବେଦନ ତାରିଖ ମେ ୧୫କୁ ବୃଦ୍ଧି କରାଯାଇଛି। ଚଳିତ ୧୨ ତାରିଖ ନାମଲେଖା ଆବେଦନର ଶେଷଦିନ ରହିଥିଲା। ବାତ୍ୟା ‘ଫନୀ’ରେ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଯୋଗାଯୋଗ ପ୍ରଭାବିତ ହୋଇଛି। ଏହି କାରଣରୁ ନାମଲେଖା ଆବେଦନକୁ ୧୫ ଯାଏ ବୃଦ୍ଧି କରାଯାଇଛି। ଇଂଲିଶ ଏବଂ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମରେ ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରୀଛାତ୍ର ଏହି ସମୟରେ ଆଇଆଇଏମ୍‌ସି ୱେବସାଇଟରେ ଆବେଦନ କରିପାରିବେ ବୋଲି ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି।

### ଇଭିଏମ୍, ଭିଭିପିଏଟି ସୁରକ୍ଷିତ: ସିଇଓ

**ଭୁବନେଶ୍ୱର,୧୦ା୫ (ବ୍ୟୁରୋ):** ବାତ୍ୟା ଫନୀରେ ରଖାଯାଇଥିବା କୌଣସି ଷ୍ଟ୍ରଙ୍ଗରୁମ୍‌ରେ ପାଣି ପଶି ନାହିଁ। ଇଭିଏମ୍, ଭିଭିପିଏଟି ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର କହିଛନ୍ତି। ପୁରୀର ଗୋଟିଏ ଜାଗାରେ ବ୍ୟାରିକେଡ ବାତ୍ୟା ଯୋଗୁ ଭାଙ୍ଗି ଯାଇଥିଲା। ସେଠାରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ବାତ୍ୟା ଫନୀ ଆସିବା ପୂର୍ବରୁ ସମସ୍ତ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷାକୁ ପୁଣି ଥରେ ଯାଞ୍ଚ କରିବାକୁ ସମସ୍ତ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ସେ ଦେଇଥିଲେ। ଆବଶ୍ୟକ ସ୍ଥଳେ କେତେକ ସ୍ଥାନରେ ଇଭିଏମଗୁଡିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ସେହି ରୁମ୍‌ରେ ଯେପରି ପାଣି ପଶି ପାରିବ ନାହିଁ ସେଥିପାଇଁ ୱାଟର ପ୍ରୁଫ ବ୍ୟବସ୍ଥା କରାଯାଇଥିଲା। ଆସନ୍ତା ୨୩ ତାରିଖରେ ଭୋଟ ଗଣତି ହେବ।

## ଧାନ ସଂଗ୍ରହ

# ଆରମ୍ଭରୁ ଅଚଳାବସ୍ଥା

**ବରଗଡ଼ ଅଫିସ/ଅତାବିରା,୧୦ା୫**

ବରଗଡ଼ ଜିଲାରେ ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ଶୁକ୍ରବାରଠାରୁ ଧାନ କିଣାବିକା ଆରମ୍ଭ ହେବ ବୋଲି ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ଶୁକ୍ରବାର ସୁଦ୍ଧା ଜିଲାର ମଣ୍ଡିଗୁଡ଼ିକୁ ପ୍ରାୟ ୭୨ହଜାର ପ୍ୟାକେଟ୍ ଧାନ ପହଞ୍ଚିଥିଲେ ମଧ୍ୟ ଆଦୌ ବିକ୍ରି ହୋଇପାରି ନାହିଁ। ଏପର୍ଯ୍ୟନ୍ତ ମଣ୍ଡିଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ଯୋଗୁ ଏଭଳି ସମସ୍ୟା ଉପୁଜିଛି। ସୋମବାର ସୁଦ୍ଧା ଜିଲାର ଧାନ କିଣାବିକା ପ୍ରକ୍ରିୟା ସ୍ୱାଭାବିକ ହୋଇଯିବ ବୋଲି କେତେକ ବିଭାଗୀୟ ଅଧିକାରୀ କହୁଛନ୍ତି। ଏ ନେଇ ଜାଣିବାକୁ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ। ସାଧାରଣ ନିର୍ବାଚନ ଯୋଗୁ ରବିରତୁ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ଯଥେଷ୍ଟ ବିଳମ୍ବରେ ଅର୍ଥାତ୍ ଗତ ଏପ୍ରିଲ ୩୦ତାରିଖରେ ଅନୁଷ୍ଠିତ ହୋଇଥିଲା। ସେହି ବୈଠକରେ ମେ ୮ତାରିଖରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ରାଜ୍ୟର ଉପକୂଳ ଅଞ୍ଚଳକୁ ବାତ୍ୟା ଫନୀ ମାଡ଼ି ଆସିବା ଯୋଗୁ ସମ୍ବଲପୁର ଆରଡିସି ଜୋନସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସି ପାରି ନ ଥିଲା ଏବଂ ରବିରତୁ ଧାନ ସଂଗ୍ରହ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ପାରି ନ ଥିଲା। ତେବେ ଗତବର୍ଷ ରବିରତୁ ଭଳି ଏଥର ମଧ୍ୟ ଏକର ପ୍ରତି ୨୬କୁଇଣ୍ଟାଲ ଧାନ କିଣାଯିବ ଏବଂ ୧୦ତାରିଖ ଅର୍ଥାତ୍ ଶୁକ୍ରବାରଠାରୁ ଏହା ଆରମ୍ଭ ହେବ ବୋଲି ଜିଲା ଯୋଗାଣ ଅଧିକାରୀ ମାଝି ସୂଚନା ଦେଇଥିଲେ।

କିନ୍ତୁ ଶୁକ୍ରବାର ମଧ୍ୟ ଧାନକ୍ରୟ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଅନ୍ୟପଟେ ଜିଲାର ମଣ୍ଡିଗୁଡ଼ିକରେ ବହୁ ପରିମାଣର ଧାନ ବିକ୍ରି ଅପେକ୍ଷାରେ ପଡ଼ିରହିଛି।



ଅତାବିରା ଆରଏମ୍‌ସି ଲରମ୍ବା ମଣ୍ଡିରେ ପଡ଼ି ରହିଥିବା ଧାନବସ୍ତା।

- ମଣ୍ଡିରେ ପଡିଛି ୭୨ହଜାର ପ୍ୟାକେଟ୍ ଧାନ
- ଗୋଟିଏ ପ୍ୟାକେଟ୍ ବି ବିକ୍ରି ହେଲାନି
- ଆନୁଷଙ୍ଗିକ ବ୍ୟବସ୍ଥା ଅସମ୍ପୂର୍ଣ୍ଣ
- ବଢ଼ିଲା ଅଭାବୀ ବିକ୍ରି ଆଶଙ୍କା

ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନ ମଣ୍ଡିଗୁଡ଼ିକରେ କେବଳ ୭୦ହଜାର ପ୍ୟାକେଟ୍ ଧାନ ପଡ଼ିରହିଥିବା ସୂଚନା ମିଳିଛି। ତନ୍ମଧ୍ୟରୁ ଗୋଡ଼ଭଗାରେ ୭ହଜାର, କାଦୋବାହାଲରେ ୨୨୦୦, ଅତାବିରାରେ ୧୦ହଜାର, ଥୁଆପାଲିରେ ୬୬୯, ଲରମ୍ବାରେ ୩୩୭୫, ଖୁଣ୍ଟଲିପାଲିରେ ୪୧୩ ପ୍ୟାକେଟ ରହିଛି। ସେହିପରି ରୁଷୁଡ଼ା ମଣ୍ଡିରେ ମଧ୍ୟ ବହୁ ପରିମାଣର ଧାନ ବିକ୍ରି ନ ହୋଇ ପଡିରହିଛି।

ବରଗଡ଼ ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକୁ ମଧ୍ୟ ବିକ୍ରି ପାଇଁ ନିୟମିତ ବହୁ ପରିମାଣର ଧାନ ଆସୁଛି। ଏପର୍ଯ୍ୟନ୍ତ ଉକ୍ତ ଆରଏମ୍‌ସି ଅଧୀନ କଳାପାଣି, ଗୁଡ଼େଶିରା ଏବଂ ବରଗଡ଼ ମଣ୍ଡିକୁ ସମୁଦାୟ ୨୦୩୨ ପ୍ୟାକେଟ୍ ଧାନ ଆସିଛି। ମାତ୍ର ସେଥିରେ ମଧ୍ୟ ଗୋଟିଏ ବି ପ୍ୟାକେଟ୍ ଧାନ ବିକ୍ରି ହୋଇ ପାରିନାହିଁ। ଧାନ କିଣାବିକା ଆରମ୍ଭରୁ ଏଭଳି ଅଚଳାବସ୍ଥା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆକସ୍ମିକ ବର୍ଷା ସମ୍ଭାବନା ଥିବା ଯୋଗୁ ତାକୁ ନେଇ ଚାଷୀ ଚିନ୍ତିତ ହୋଇ ପଡ଼ିଛି। ଅନ୍ୟପକ୍ଷେ ଧାନ କିଣାବିକାରେ ବିଳମ୍ବର ସୁଯୋଗକୁ ବେପାରୀମାନେ ହାତଛଡ଼ା କରୁନାହାନ୍ତି। ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ରହିଛି। ମାତ୍ର ବେପାରୀମାନେ ତାକୁ ୨୦୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ କମ୍ ଦରରେ ଚାଷୀଙ୍କଠାରୁ କିଣୁଥିବା ଅଭିଯୋଗ ହୋଇଛି। ଜିଲାରେ ଧାନ କିଣାବିକା ପ୍ରକ୍ରିୟାକୁ ତୁରନ୍ତ ସ୍ୱାଭାବିକ କରା ନ ଗଲେ ଆଗକୁ ଚାଷୀ ଆହୁରି ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି।

# ପଵନ ଅଗ୍ରୱାଲ ଓୟୁଏଟି କୁଳପତି



**ଭୁବନେଶ୍ୱର, ୧୦ା୫ (ବ୍ୟୁରୋ):** ପଵନ କୁମାର ଅଗ୍ରୱାଲ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ନୂଆ କୁଳପତି ଭାବେ ଶୁକ୍ରବାର ନିଯୁକ୍ତ ହୋଇଛନ୍ତି। ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ଜାତୀୟ କୃଷି ବିଜ୍ଞାନ ଫଣ୍ଡ (ଏନଏଏସ୍‌ଏଫ୍) ଏବଂ ଭାରତୀୟ କୃଷି ଗବେଷଣା କେନ୍ଦ୍ର (ଆଇସିଏଆର) ନିର୍ଦ୍ଦେଶକ ତଥା ଏଡିଜି ଭାବେ କାର୍ଯ୍ୟରତ। ରାଜ୍ୟପାଳ ଗଣେଶୀ ଲାଲ ୩ ବର୍ଷ ପାଇଁ ପଵନଙ୍କ କାର୍ଯ୍ୟକାଳକୁ ଅନୁମୋଦନ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ସୁରେନ୍ଦ୍ର ପଶୁପାଳକ ବିବାଦୀୟ ହୋଇ ଓୟୁଏଟି କୁଳପତିରୁ ବିଦାୟ ନେଇଥିଲେ। ପରବର୍ତ୍ତୀ ସମୟରେ କୃଷି ସଚିବ ସୌରବ ଗର୍ଗ ସାମୟିକ ଭାବେ ଓୟୁଏଟି କୁଳପତି ଦାୟିତ୍ୱ ତୁଲାଇଥିଲେ।







## ପୂର୍ବ ତଟ ରେଳପଥ

ଜୁନ୍-2019 ପାଇଁ ଡିପୋ ଏବଂ
ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ

ଇ-ନିଲାମର ଅନୁସୂଚୀ

| ମାସ | ଡିପୋ/ମଣ୍ଡଳ | ତାରିଖ |
|---|---|---|
| ଜୁନ୍ -2019 | ଡିପୋ ମଞ୍ଚେଶ୍ୱର | 03.06.2019 (ସୋମବାର), 10.06.2019 (ସୋମବାର), 18.06.2019 (ମଙ୍ଗଳବାର) ଏବଂ 29.06.2019 (ଶନିବାର) |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 04.06.2019 (ମଙ୍ଗଳବାର), 11.06.2019 (ମଙ୍ଗଳବାର), 19.06.2019 (ବୁଧବାର) ଏବଂ 27.06.2019 (ଗୁରୁବାର) |
| | ୱାଲ୍ଟିୟର ମଣ୍ଡଳ | 06.06.2019 (ଗୁରୁବାର), 13.06.2019 (ଗୁରୁବାର), 20.06.2019 (ଗୁରୁବାର) ଏବଂ 28.06.2019 (ଶୁକ୍ରବାର) |
| | ସମ୍ବଲପୁର ମଣ୍ଡଳ | 07.06.2019(ଶୁକ୍ରବାର),17.06.2019 (ସୋମବାର) ଏବଂ 26.06.2019 (ବୁଧବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସଂଞ୍ଚାଳନ ସମ୍ପର୍କିତ ଅଧିକାରୀ କିମ୍ବା ନିଲାମ ତାରିଖର 07 (ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ହେବ।

PR-68/K/19-20 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


# ସୋମବାର ସୁଦ୍ଧା ସ୍ୱାଭାବିକ ହେବ ବ୍ୟାଙ୍କ ସେବା

**ଭୁବନେଶ୍ୱର,୧୦ା୫(ବ୍ୟୁରୋ)**

## ଏସ୍‌ଏଲ୍‌ବିସି ବୈଠକ

ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ବ୍ୟାଙ୍କିଙ୍ଗ ସୁବିଧା ସମ୍ପୂର୍ଣ୍ଣବିପର୍ଯ୍ୟସ୍ତ ହୋଇପଡିଛି। ଏହିକ୍ଷେତ୍ରରେ ସୁଧାର ଆଣିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଆଲୋଚନା ଆରମ୍ଭ ହୋଇଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବ୍ୟାଙ୍କିଙ୍ଗ୍ କମିଟି (ଏସ୍‌ଏଲ୍‌ବିସି) ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅର୍ଥ ସଚିବ ଅଶୋକ ମୀନା ଏବଂ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ପରେ ଅର୍ଥ ସଚିବ ଅଶୋକ ମୀନା କହିଛନ୍ତି, ସୋମବାର ସୁଦ୍ଧା ବାତ୍ୟା ପ୍ରଭାବିତ ଜିଲାଗୁଡିକରେ ବ୍ୟାଙ୍କିଙ୍ଗ ସେବାରେ ସ୍ୱାଭାବିକ ସ୍ଥିତି ଆଣିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରାୟ ସବୁ ଜିଲାରେ ସ୍ଥିତି ସ୍ୱାଭାବିକ ହେଲାଣି, କେବଳ ପୁରୀ ଜିଲାରେ ଅସୁବିଧା ରହିଛି। ଦୁଇ ଦିନ ମଧ୍ୟରେ ଏଟିଏମ୍‌ଗୁଡିକ ମଧ୍ୟ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ହୋଇଛି। ବିଜୁଳି ନ ଆସିଲେ ମଧ୍ୟ ଯେପରି ଡଙ୍ଗଲ ସାହାଯ୍ୟରେ ଏଟିଏମ୍ କାର୍ଯ୍ୟକାରୀ ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଛି। ଏହି ବୈଠକରେ ବୀମା କମ୍ପାନୀ ମଧ୍ୟ ଯୋଗ ଦେଇଥିଲେ। ଏହାସହ ଶିକ୍ଷା ଏବଂ କୃଷି ଋଣ ଲୋକମାନଙ୍କୁ ଯୋଗାଇବା ପାଇଁ ଆଲୋଚନା ହୋଇଛି। ଯେଉଁ ସବୁ ଚାଷୀଙ୍କର ୩୩ପ୍ରତିଶତରୁ ଅଧିକ ଚାଷ କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ଋଣ ଯୋଗାଇବା ଉପରେ ଆଲୋଚନା ହୋଇଛି। ଏହାସହ କେରଳ ମଡେଲ ଅନୁକରଣ କରିବା ପାଇଁ ରାଜ୍ୟ ସରକାର ବ୍ୟାଙ୍କଗୁଡିକୁ ପରାମର୍ଶ ଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ କମ୍ ଡକ୍ୟୁମେଣ୍ଟ ନେଇ ଋଣ ପ୍ରଦାନ କରିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ପୁରୀରେ ୧୫ଟି ଏବଂ ଭୁବନେଶ୍ୱରରେ ୧୦ଟି ମୋବାଇଲ ଏଟିଏମ୍ ଆଣିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଭୁବନେଶ୍ୱରରେ ୧୦ଟି ମୋବାଇଲ ଏଟିଏମ୍ କାର୍ଯ୍ୟକାରୀ ହୋଇଛି ବୋଲି ସେ କହିଛନ୍ତି। ବୈଠକରେ ଆର୍‌ବିଆଇର ଡେପୁଟି ଗଭର୍ନର ମଧ୍ୟ ଯୋଗଦେଇଥିଲେ।

# ବାତ୍ୟା ଉଜାଡ଼ିଲା ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ୯୩ କୋଟି

**ଭୁବନେଶ୍ୱର,୧୦ା୫(ବ୍ୟୁରୋ)**

‘ଫନୀ’ ଯୋଗୁ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ବ୍ୟାପକ କ୍ଷତି ହୋଇଛି। ପ୍ରାଥମିକ ଆକଳନରୁ ଜଣାପଡିଛି ଯେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୭୨.୭୪ କୋଟି ଟଙ୍କା କ୍ଷତି ହୋଇଛି। ସେହିପରି ପର୍ଯ୍ୟଟନ ବିଭାଗର ୨୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। କଟକ ଜିଲାର କଟକ ପାନ୍ଥ ନିବାସର ୩୦ ଲକ୍ଷ ଟଙ୍କା କ୍ଷତି ହୋଇଥିବା ବେଳେ ଭଞ୍ଜାରିକା ପାନ୍ଥଶାଳାର ୧୦, ଜଗତ୍‌ସିଂହପୁର ଜିଲାର ପାରାଦୀପ ପାନ୍ଥ ନିବାସର ୨୫, କେନ୍ଦ୍ରାପଡା ଜିଲାର ପର୍ଯ୍ୟଟନ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସାମଗ୍ରୀ ୨୫ ଲକ୍ଷ ଟଙ୍କା, ଭଦ୍ରକ ଜିଲାର ଚାନ୍ଦବାଲି ଅରଣ୍ୟ ଭବନର ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଅନ୍ୟାନ୍ୟ ଜିଲାର ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିପରି ବାତ୍ୟା ମାଡରେ ସଂସ୍କୃତି ବିଭାଗ ଅଧୀନରେ ଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୩ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ରାଜ୍ୟ ସଂଗ୍ରହାଳୟ ଓ ଏହାର ୧୨ଟି ଶାଖାର ୧୫ କୋଟି, ବି.କେ. ଆର୍ଟ କଲେଜର ୪ କୋଟି, ହରେକୃଷ୍ଣ ମହତାବ ରାଜ୍ୟସ୍ତରୀୟ ପାଠାଗାରର ୩ କୋଟି, ରାଜ୍ୟ ଅଭିଲେଖାଗାରର ୧ କୋଟି, ଗୁରୁ କେଲୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରର ୨ କୋଟି, ଓଡ଼ିଶା ଇନଷ୍ଟିଚ୍ୟୁଟ ଅଫ ମାରିଟାଇମ ସାଉଥ ଇଷ୍ଟ ଏସିଆନ ଷ୍ଟଡିଜର ୫୦ ଲକ୍ଷ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ୧୦ କୋଟି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୧୨ କୋଟି, କଟକ ଆନନ୍ଦ ଭବନର ୫୦ ଲକ୍ଷ, ନେତାଜୀ ମ୍ୟୁଜିୟମର ୫୦ ଲକ୍ଷ, ମଧୁସ୍ମୃତି କଟକର ୫୦ ଲକ୍ଷ, ସ୍ୱରାଜ ଆଶ୍ରମ ଡିଷ୍ଟ୍ରିକ୍ଟ ଲାଇବ୍ରେରୀର ୫୦ ଲକ୍ଷ, ଷ୍ଟାଚ୍ୟୁଜ୍ ଆଣ୍ଡ ମେମୋରିଆଲର ୧ କୋଟି, ପୁରୀ ନେତାଜୀ ମେମୋରିଆଲ ମ୍ୟୁଜିୟମର ୧ କୋଟି, ଜିଲା ପାଠାଗାରର ୧ କୋଟି ଏବଂ ଢେଙ୍କାନାଳ ସଂସ୍କୃତି ଭବନର ୨୪ ଲକ୍ଷ ଟଙ୍କାର କ୍ଷତି ହୋଇଛି। କ୍ଷୟକ୍ଷତି ନେଇ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁକ୍ରବାର ପାନ୍ଥ ନିବାସ ଓ ସଚିବାଳୟଠାରେ ସମୀକ୍ଷା କରିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ପର୍ଯ୍ୟଟନ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଭୁତ କ୍ଷତି ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ ୯୩ କୋଟି ଟଙ୍କାର କ୍ଷତି ହୋଇଛି। ଆସନ୍ତା ୧୨ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି କ୍ଷୟକ୍ଷତି ଭରଣା ପାଇଁ କେନ୍ଦ୍ରୀୟ ଟିମ୍‌କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ୮ ଦିନରେ ସଂସାର ଶେଷ

**ବଅଁରପାଳ, ୧୦ା୫ (ଡି.ଏନ.ଏ.):** ମାତ୍ର ୮ ଦିନ ତଳେ ବିବାହ କରିଥିଲେ। ନୂଆ ଘର, ବରକୁ ନେଇ କେତେ କ’ଣ ସ୍ୱପ୍ନ ଦେଖିଥିଲେ। ହେଲେ ୮ ଦିନରେ ସରିଗଲା ସଂସାର। ସୁଖ ଦୁଃଖର ଦୁନିଆକୁ ସାଥିରେ ନେଇ ଚାଲିବା ଆଗରୁ ଦୁନିଆ ଛାଡ଼ିଦେଲେ ଜଣେ ନବବଧୂ। ଅନୁଗୋଳ ଜିଲା ନାଲ୍‌କୋ ଥାନା କାଣ୍ଡସର ଗ୍ରାମରେ ଶୁକ୍ରବାର ଘଟିଛି ଏପରି ଏକ ଅଭାବନୀୟ ଘଟଣା। ଗାଁର ଏକ ଭଡ଼ା ଘରୁ ରାତିରେ ପୋଲିସ ନବବଧୂ ଜିନାରାଣୀ ପ୍ରଧାନ(୨୫)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ବି ସ୍ୱାମୀଙ୍କ ସହ ମନାନ୍ତରରୁ ସେ ଆତ୍ମହତ୍ୟା କରିଥିବା ସାଧାରଣରେ ସନ୍ଦେହ କରାଯାଉଛି।

ପୋଲିସ କହିଛି, ବଅଁରପାଳ ଥାନା ତୁଳସୀପାଳ ଗ୍ରାମର ଧର୍ମେନ୍ଦ୍ର ସାହୁ ନାଲ୍‌କୋରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଗତ ୨ ତାରିଖରେ ସେ ତାଳଚେର ଅଞ୍ଚଳର ଜିନାରାଣୀଙ୍କୁ କୋର୍ଟରେ ବିବାହ କରିଥିଲେ। ପରେ ନବଦମ୍ପତି କାଣ୍ଡସରସ୍ଥିତ ଏକ ଭଡା ଘରେ ରହୁଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଧର୍ମେନ୍ଦ୍ର ଘରକୁ ଆସି କବାଟ ବାଡେଇଥିଲେ। ହେଲେ ଭିତରୁ କେହି କବାଟ ନ ଖୋଲିବାରୁ ସେ କେଉଁଆଡ଼େ ଚାଲିଯାଇଥିଲେ। ପରେ ପଡ଼ୋଶୀମାନେ ଘର ଭିତରେ ଜିନାରାଣୀଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ମାଜିଷ୍ଟ୍ରେଟ ଜିତେନ୍ଦ୍ର ସାହୁ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗିବା ପରେ ମୃତଦେହ ଝୁଲୁଥିବା ଦେଖିଥିଲେ। ମୃତ ଜିନାରାଣୀଙ୍କ ସ୍ୱାମୀ ଧର୍ମେନ୍ଦ୍ର ଆସିବା ପରେ ଶନିବାର ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଖବରପାଇ ଜିନାରାଣୀଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚିଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ନଂ.MCSW-ShopClean-19-20-08

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ସମସ୍ତ ଫ୍ଲୋର ସପ୍ ଏବଂ ସଂଲଗ୍ନ କ୍ଷେତ୍ର, ପିଟ୍, ପିଟ୍ ସଂଲଗ୍ନ କ୍ଷେତ୍ର, ସଡ଼କଗୁଡ଼ିକର ସଫେଇ ଏବଂ ସଂଗୃହୀତ ଆବର୍ଜନାଗୁଡ଼ିକର ମନୋନୀତ ସ୍ଥାନକୁ ସ୍ଥାନାନ୍ତରଣ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 2,17,02,235/-, EMD (ଟଙ୍କାରେ) : 2,58,500/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : 10,000 ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.05.2019 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.29.05.2019 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସମ୍ପର୍କରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର କାଗଜପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (POH), ରେଳ ଡବା ମରାମତି କାରଖାନା,ମଞ୍ଚେଶ୍ୱର

PR-71/K/19-20



## ନୋଟିସ

**ମାନ୍ୟବର ୨ୟ ଅତିରିକ୍ତ ଜିଲ୍ଲା ଜଜ୍
ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା
ସି.ଏମ.ଏ କେସ ନଂ.-୪୨/୨୦୧୭
(ମୂଳ କେସ ଆର.ଏଫ.ଏ
ନଂ.୦୩/୧୯/୨୦୧୪/୧୧
ପୂନଃ ମୂଳ କେସ ନଂ. ସି.ଏସ ନଂ.୫୭୮/୨୦୦୬**

ଶ୍ରୀ ଅନାଦି ଚରଣ ସାହୁ ......ବାଦୀ

**ବନାମ**

ଶ୍ରୀମତୀ କେ. ପଦ୍ମଲତା ଏବଂ ଓଗେର .....ପ୍ରତିବାଦୀ

**ନୋଟିସ ଅର୍ଡର-୫ ରୁଲ-୨୦ ସି.ପି.ସି ମୁତାବକ**

**ପ୍ରାପ୍ତେଷୁ:** (୧) ଶ୍ରୀମତୀ କେ.ପଦ୍ମଲତା, ସ୍ୱାମୀ:କୃଷ୍ଣମୋହନ (ପ୍ରତିବାଦୀ ନଂ.୧) ସା:ପ୍ଲଟ ନଂ.୨୦୭୭/୨, ଗୌତମ ନଗର, ଥାନା:ବଡଗଡ, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା। ହା:ସା:-ପ୍ଲଟ ନଂ.୧୪୩-ବି, ସେକ୍ଟର-ଏ, ଜୋନ-ଏ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ସା/ପୋ/ଥା:ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା।

ଏହିକି ଉପରୋକ୍ତ ମୋକଦ୍ଦମାରେ ଆପଣଙ୍କ ସ୍ଥାୟୀ ଘର ଠିକଣାରେ ମାନ୍ୟବର ଅଦାଲତଙ୍କ ତରଫରୁ ନୋଟିସ ପ୍ରେରଣ କରାଯାଇଥିଲେ ମଧ୍ୟ ଆପଣ ସେଠାରେ ରହୁ ନଥିବାରୁ ତାହା ଆପଣଙ୍କୁ ଜାରି ହୋଇପାରୁନାହିଁ। ଆପଣଙ୍କର ବର୍ତ୍ତମାନ ବାସସ୍ଥାନ ଠିକଣା ଆମ୍ଭକୁ ଜଣାନାହିଁ। ଏଣୁ ଏ ଓଡିଆ ଖବର କାଗଜ ନୋଟିସ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆସନ୍ତା ତା:୧୮।୦୬।୨୦୧୯ରିଖ ଘ:୧୧:୩୦ ସମୟରେ ଆପଣ ସ୍ୱୟଂ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଅଦାଲତରେ ହାଜର ହୋଇ ଶୁଣାଣିରେ ଅଂଶଗ୍ରହଣ କରିବେ। ଏଥିକୁ ହେଳା କଲେ ଉକ୍ତ ମକଦ୍ଦମାଟି ଏକ ତରଫା ବିଚାର କରାଯିବ।

**ତଫସିଲ ବୃତ୍ତି**

ଜିଲ୍ଲା:ଖୋର୍ଦ୍ଧା, ଥାନା:ନ୍ୟୁକ୍ୟାପିଟାଲ, ହା:ଥାନା: ମଞ୍ଚେଶ୍ୱର, ତହସିଲ:ଭୁବନେଶ୍ୱର, ମୌଜା:ଭୁବନେଶ୍ୱର ସହର ୟୁନିଟ ନଂ-୩୮ ପାଣ୍ଡରା, ଖାତା ନଂ.୫୦୬, ପ୍ଲଟ ନଂ.୨୯୩୩, ଏରିଆ ଏ୦.୧୫.୫ଡିସିମିଲ, ସ୍ୱଧ ଏରିଆ ଏ୦.୧୬୦ଡିସିମିଲ, ପ୍ଲଟ ନଂ.୨୯୪୫, ଏରିଆ ଏ୦.୦୪୦ଡିସିମିଲ, ସମୁଦାୟ ଏରିଆ ଏ୦.୦୫୫.୫ଡିସିମିଲ।

**ତା:୨୨।୦୪।୨୦୧୯**

**ଭୁବନେଶ୍ୱର** **ସହି ମୋହର ସହ
ମାନ୍ୟବର୨ୟ ଅତିରିକ୍ତ ଜିଲ୍ଲା ଜଜ୍
ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା
Addl. Dist. & Session's
Judge, Bhubaneswar**



No. 04-AA

**GOVERNMENT OF ODISHA
ELECTRICAL LICENSING BOARD
OFFICE OF THE ENGINEER-IN-CHIEF
ELECTRICITY-CUM-PRINCIPAL
CHIEF ELECTRICAL INSPECTOR, ODISHA
3RD FLOOR HEADS OF DEPARTMENT BUILDING
BHUBANESWAR- 751001**

Phone- **0674-2394572**, Email: **secyelbo@nic.in**

## NOTICE

No. ELBO/Fani/125/2019/455/Dated Bhubaneswar, the 10.05.2019

ଇତିମଧ୍ୟରେ ବହୁତ ଲାଇସେନ୍ସ ପ୍ରାପ୍ତ (HT) ବିଦ୍ୟୁତ୍ କଣ୍ଟ୍ରାକ୍ଟର ଆମର ନୋଟିସ ଅନୁସାରେ ଆମ ପାଖରେ ରିପୋର୍ଟ କରିସାରିଲେଣି।

ଯେଉଁ ଲାଇସେନ୍ସ ପ୍ରାପ୍ତ (HT) ବିଦ୍ୟୁତ୍ କଣ୍ଟ୍ରାକ୍ଟର ‘ମେ’ ମାସ ୧୦ତାରିଖ ସୁଦ୍ଧା ତାଙ୍କର ଗ୍ୟାଙ୍ଗ ସହ ବାତ୍ୟା "ଫନି"ର ପୁନଃଉଦ୍ଧାର କାର୍ଯ୍ୟରେ ଯୋଗଦେବାରେ ବିଫଳ ହୋଇଛନ୍ତି, ସେମାନଙ୍କୁ ଅନ୍ତିମ ସୁଯୋଗ ସ୍ୱରୂପ ଆସନ୍ତା ‘ମେ’ ମାସ ୧୨ତାରିଖ ୧୨ଟା ସୁଦ୍ଧା ତାଙ୍କ ଅଧୀନସ୍ଥ ଶ୍ରମିକ ଗ୍ୟାଙ୍ଗ୍ ତଥା ସୁପରଭାଇଜର ଏବଂ ଆବଶ୍ୟକ ଯନ୍ତ୍ରପାତି ସହିତ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଅନ୍ୟଥା ଲାଇସେନ୍ସ ରଦ୍ଦ ହୋଇଯିବ।

ଶ୍ରୀରାଜ କୁମାର ମିଶ୍ର
**ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଓଡ଼ିଶା**

04004/11/0004/1920



‘ସିଂଘମ୍’, ’ସିମ୍ବା’ ଏବଂ ‘ସୂର୍ଯ୍ୟବଂଶୀ’କୁ ନେଇ ଗୋଟିଏ ଫିଲ୍ମ ନିର୍ମାଣ ପାଇଁ ଯୋଜନା ହେଉଛି।

-ଅଜୟ୍ ଦେବଗନ୍,
ବଲିଉଡ୍ ଅଭିନେତା

# ଜୀବନ୍ତ ଅକ୍ଟୋପସ୍ ଖାଇ ଯନ୍ତ୍ରଣା ଭୋଗିଲେ

ବେଜିଂ,୧୦।୫



ବ୍ଲଗପୋଷ୍ଟରେ ରୁଚି ରଖୁଥିବା ଚାଇନାର ଜଣେ ବାଳିକା ଏକ ଜୀବନ୍ତ ଅକ୍ଟୋପସ୍ ଖାଉଥିବା ବେଳେ ଅକ୍ଟୋପସ୍‌ଟି ବାଳିକାର ଆଖିପତାକୁ ଆକ୍ରମଣ କରିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ବାଳିକା ଜଣକ ଏଭଳି ଉଦ୍ୟମ କରି ବିଶ୍ୱବାସୀଙ୍କ ପ୍ରଶଂସା ସାଉଁଟିବାକୁ ଇଚ୍ଛା କରିଥିଲେ ହେଁ ପରିଶେଷରେ ଏହି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ଯନ୍ତ୍ରଣା ସହିବାକୁ ତଥା ଲଜ୍ଜିତ ହେବାକୁ ପଡିଛି। ଅକ୍ଟୋପସ୍‌ଟି ବାଳିକାର ବାମପାର୍ଶ୍ୱ ତଳ ଆଖିପତାକୁ ଟାଣି ଧରିଥିବା ବେଳେ ସେ କିଛି ମିନିଟ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥିଲେ ଏବଂ ଏହାକୁ ଟାଣି ଫିଙ୍ଗି ଦେବାକୁ ଉଦ୍ୟମ କରିଥିଲେ। ପରିଶେଷରେ ଏହି ସାମୁଦ୍ରିକ ପ୍ରାଣୀଟିକୁ ଟାଣି ଛଡାଇଦେଇଥିଲେ ମଧ୍ୟ ସେ କ୍ଷତାକ୍ତ ହୋଇଥିଲେ। ଉକ୍ତ ବାଳିକା ଜଣକ ଚାଇନାର ଫଟୋ ଶେୟାରିଂ ଆପ୍ ‘କୁଆଇଶୋଉ’ରେ ଆଶ୍ଚର୍ଯ୍ୟଜନକ ଫଟୋ ଛାଡି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ସାମୁଦ୍ରିକ ପ୍ରାଣୀ ଅକ୍ଟୋପସ୍ ବିଶେଷକରି ଶିକାର ଧରିବା ବେଳେ କିମ୍ବା ଶତ୍ରୁ କବଳରୁ ନିଜକୁ ରକ୍ଷାକରିବା ପାଇଁ ଏହାର ଅଷ୍ଟପାଦକୁ ବ୍ୟବହାର କରିଥାଏ। ଏହାର ଭିଡିଓ ପ୍ରଥମେ ଚାଇନାର ସୋସିଆଲ ମିଡିଆ ୱାଇବୋରେ ଭାଇରାଲ ହୋଇଥିଲା। ପରେ ଏହାକୁ ଅନଲାଇନ୍ ଯୋଗେ ଲକ୍ଷ ଲକ୍ଷ ଲୋକ ଦେଖିବାର ସୁଯୋଗ ପାଇଥିଲେ। ଅକ୍ଟୋପସ୍‌କୁ ଜୀବନ୍ତ ଖାଇବାକୁ ଉଦ୍ୟମ କରୁଥିବା ଉକ୍ତ ଯୁବତୀଙ୍କୁ ଅନେକ ଲୋକ ସମାଲୋଚନା କରିଛନ୍ତି।



ଗୁରଦାସପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସନ୍ନି ଦେଓଲଙ୍କ ପ୍ରଚାର ପାଇଁ ଅମୃତସର ବିମାନବନ୍ଦରରେ ତାଙ୍କ ବାପା ତଥା ବଲିଉଡ୍ ଅଭିନେତା ଧର୍ମେନ୍ଦ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତରେ ନାହିଁ ଖଡ଼ଖଡ଼**
**କଥା କହୁଛି ବଡ଼ବଡ଼ ।**

ହାତରେ ଧନ ନାହିଁ କିନ୍ତୁ ମୁହଁ ଫୁଟାଣି କାହିଁରେ କେତେ। କିଛି ଧନହୀନ ବ୍ୟକ୍ତି ନିଜର ବୃଥା ବଡ଼ିମା ଦେଖାଇ ହେବାକୁ ଯାଇ ତୁମ୍ଭିତୋଫାନ ଭଳି କଥା କହିଥାନ୍ତି। ହାତରେ ଧନ ନ ଥାଇ ବଡ଼ବଡ଼ କଥା କହୁଥିବା ଲୋକ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହାତରେ ମୁଦି, ଗୋଡ଼ରେ ପାହୁଡ଼**
**ଚାଲିଗଲେ ରୁଣଝୁଣ ;**
**ଭାରିଜା ପରଷା ସୁଆଦ ଲାଗେ,**
**ଭାରିଜା ତ ଅବିଗୁଣ ।**


ଯେତେ ଅଳଙ୍କାରରେ ସଜ୍ଜିତ ହୋଇଥିଲେ ସୁଦ୍ଧା ଯଦି ନାରୀଠାରେ ସ୍ନେହ, ଆଦର, ସେବା ତଥା ପବିତ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟ ହୋଇ ପାରି ନ ଥାଏ। ଭଲ ରନ୍ଧାବଢ଼ା କରି ଶିଖିଥିଲେ ମଧ୍ୟ ଯଦି ସେ ମନ୍ଦଗୁଣଯୁକ୍ତ ହୋଇଥାଏ ତା’ହେଲେ ସେ ପତିର ମନକୁ ଆକୃଷ୍ଟ କରି ପାରି ନ ଥାଏ। ଫଳସ୍ୱରୂପ ଏପରି ନାରୀଠାରୁ ସ୍ୱାମୀ ମୁହଁ ଫେରାଇନେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

# କରୀନାଙ୍କ ଶିଶୁ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ

**ମୁମ୍ବାଇ:** ମେ ୧୨ରେ ମାତୃଦିବସ ପାଳିତ ହେଉଥିବାବେଳେ ଅଭିନେତ୍ରୀ କରୀନା କପୁର ଖାନ୍ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ହେବାକୁ ମା’ମାନଙ୍କୁ ପରାମର୍ଶ ଦେଇଛନ୍ତି। କରୀନା ଜଣେ ପୁତ୍ର ସନ୍ତାନର ଜନନୀ ହୋଇଥିବାରୁ ପ୍ରତ୍ୟେକ ନବଜାତ ସନ୍ତାନକୁ ଠିକ୍ ସମୟରେ ଟିକାଦାନ କରି ସେମାନଙ୍କ ରୋଗମୁକ୍ତ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଅଭିନେତ୍ରୀ କରୀନା ୟୁନିସେଫର ଏକ କାର୍ଯ୍ୟକ୍ରମ ରେଡିଓଫୋରଚାଇଲ୍ଡ ଆୱାର୍ଡ ୨୦୧୯ର ତୃତୀୟ ସଂସ୍କରଣରେ ଯୋଗଦେବା ଅବସରରେ ଏହା ପ୍ରକାଶ କରିଛନ୍ତି। ୟୁନିସେଫ୍‌ର ସେଲିବ୍ରିଟି ଆଡଭୋକେଟ୍ ଭାବରେ ମାତୃଦିବସରେ ପିଲାଙ୍କୁ ବଞ୍ଚାଇ ରଖିବା ଲାଗି ସେ ସବୁ ମା’ମାନଙ୍କୁ ଅନୁରୋଧ କରିଛନ୍ତି। କୌଣସିଠାରେ ଓ କୌଣସି ପରିସ୍ଥିତିରେ ଶିଶୁ ଜନ୍ମ ହୋଇଥାଆନ୍ତୁ ନା କାହିଁକି ସେମାନେ ବଞ୍ଚିରହିବା ଦରକାର। ଦେଶରେ ରେଡିଓ ଜକିମାନଙ୍କୁ ଧନ୍ୟବାଦ ଯେ, ସେମାନେ ଅବିଶ୍ରାନ୍ତ ଭାବରେ ଶିଶୁ ସ୍ୱାସ୍ଥ୍ୟର ଗୁରୁତ୍ୱ, ଟିକାଦାନ ସମ୍ପର୍କରେ ବିଶେଷକରି ଯୁବତୀ ମା’ମାନଙ୍କୁ ସଚେତନ କରାଇବା ସହିତ ୟୁନିସେଫ୍‌ର ବାର୍ତ୍ତା ପ୍ରଚାର ପ୍ରସାର କରୁଛନ୍ତି। ଅଭିନୟକୁ ଛାଡିଦେଲେ କରୀନା ରେଡିଓ ଜକିର ଟୋପି ପିନ୍ଧି ଶିଶୁ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଉଛନ୍ତି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୩ | ୨୬.୧ |
| ଚାନ୍ଦବାଲି | ୩୯.୦ | ୨୭.୮ |
| କଟକ | ୩୭.୬ | ୨୬.୫ |
| ପାରାଦ୍ୱୀପ | ୩୨.୪ | ୨୮.୮ |
| ଭୁବନେଶ୍ୱର | ୩୬.୭ | ୨୮.୩ |
| ଗୋପାଳପୁର | ୩୨.୧ | ୨୭.୩ |
| ପୁରୀ | --- | --- |
| ଅନୁଗୋଳ | ୪୨.୧ | ୨୪.୬ |
| ବାରିପଦା | ୪୧.୪ | ୨୮.୪ |
| ଝାରସୁଗୁଡ଼ା | ୪୪.୮ | ୨୪.୪ |
| କେନ୍ଦୁଝର | ୪୧.୦ | ୨୫.୨ |
| ସମ୍ବଲପୁର | ୪୫.୧ | ୨୫.୫ |
| ସୁନ୍ଦରଗଡ଼ | ୪୧.୫ | ୨୩.୦ |
| ହୀରାକୁଦ | ୪୪.୧ | ୨୪.୩ |
| ତାଳଚେର | ୪୧.୮ | ୨୭.୦ |
| ଭବାନୀପାଟଣା | --- | --- |
| ବଲାଙ୍ଗୀର | --- | ୨୭.୦ |
| କୋରାପୁଟ | ୩୮.୦ | ୨୨.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୫.୫ | ୨୫.୫ |
| ମାଲକାନଗିରି | ୪୪.୪ | ୨୪.୦ |
| ସୋନପୁର | ୪୫.୪ | ୨୪.୦ |
| ଦାରିଙ୍ଗିବାଡ଼ି | ୩୮.୫ | ୨୨.୦ |

ଡିଗ୍ରୀ ସେଲ୍‌ସିୟସ୍

# ଜାପାନୀ ଜେଲ୍ ହେବ ହୋଟେଲ

ଟୋକିଓ

ଜାପାନର ଐତିହାସିକ ତଥା ସର୍ବପୁରାତନ ନାରା କାରାଗାରକୁ ଏକ ବିଳାସମୟ ହୋଟେଲରେ ପରିଣତ କରାଯିବ ଏବଂ ଏହାକୁ ୨୦୨୧ରେ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବ। ଜାପାନର ହୋନ୍‌ସୁ ଦ୍ୱୀପରେ ଅବସ୍ଥିତ ନାରା ନଗରୀର ଏହି କାରାଗାରକୁ ୧୯୦୧ରୁ ୧୯୦୮ ମଧ୍ୟରେ ନିର୍ମାଣ କରାଯାଇଥିଲା ଏବଂ ୧୯୦୯ରେ ଏହାକୁ ଖୋଲାଯାଇଥିଲା।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- Boneikala, Dist.- Keonjhar, PIN- 758038 (ODISHA), Phone No- 7328829375,
E-mail- ehtm.div.jod@optcl.co.in, CIN: U40102OR2004SGC007553

Letter No. 121 Dated: 10.05.19

TENDER CALL NOTICE NO.- 01/2019-2020

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha/ Military/ Railways & having valid IT PAN Card/ GST registration for the Work of "SUPPLY, FITTING & FIXING OF FALSE CEILING INSIDE DIFFERENT ROOMS OF DIVISION OFFICE JODA, SUPPLY & FIXING OF ALUMINIUM SLIDING WINDOWS, PAINTING OF DIFFERENT DOORS, GRILL GATES AT DIVISION OFFICE JODA" under EHT (O&M) Division Joda. Cost of Tender paper Rs. 2240/-, EMD= Rs. 5000/-. Sale of tender documents from dt:- 14.05.2019 to 23.05.2019. Last Date of submission of tender:- 24.05.2019 upto 1.00 PM. Date of opening of tender: 24.05.2019 at 3.00 PM. For details visit our website:- www.optcl.co.in.
Corrigendum if any will be published in the OPTCL website only.
Sd./- Dy. General Manager (Elect) for EHT (O&M) Division, Joda

# ଅଧିକାଂଶ ମହାକାଶ ଆବର୍ଜନା ନଷ୍ଟ ହୋଇଛି

ନୂଆଦିଲ୍ଲୀ,୧୦।୫(ପି.ଟି)

ମାର୍ଚ୍ଚରେ ଭାରତ ଦ୍ୱାରା କରାଯାଇଥିବା ସାଟେଲାଇଟ ବିଧ୍ୱଂସୀ ପରୀକ୍ଷଣରୁ ସୃଷ୍ଟ ମହାକାଶ ଆବର୍ଜନା ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଯାଇଛି। ଅବଶିଷ୍ଟ ଆବର୍ଜନା ଖୁବ୍ କମ୍ ସମୟ ମଧ୍ୟରେ ନଷ୍ଟ କରାଯିବ ବୋଲି ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥା (ଡିଆରଡିଓ)ର ଅଧ୍ୟକ୍ଷ ଜି. ସଥୀଶ ରେଡ୍ଡୀ ଶୁକ୍ରବାର ପ୍ରକାଶ କରିଛନ୍ତି। ଏଠାରେ ‘ଜାତୀୟ ନିରାପତ୍ତା ପାଇଁ ପ୍ରଯୁକ୍ତି’ ଶୀର୍ଷକ ଆଲୋଚନାରେ ଭାଗନେଇ ଏକ ପ୍ରଶ୍ନର ଉତ୍ତର ଦେବାବେଳେ ସେ ଏହା ପ୍ରକାଶ କରିଛନ୍ତି। ଏପ୍ରିଲ ୬ରେ ଡିଆରଡିଓ ଭବନରେ ଏକ ଖବରଦାତା ସମ୍ମିଳନୀରେ ରେଡ୍ଡୀ କହିଥିଲେ, ବିଶ୍ୱର ସ୍ପେସ୍ ଆସେଟ୍ସ ପ୍ରତି ବିପଦ ଏଡାଇବା ପାଇଁ ଭାରତ ୩୦୦ କିଲୋମିଟର ନିମ୍ନ କକ୍ଷରେ ସାଟେଲାଇଟ୍ ବିଧ୍ୱଂସୀ ପରୀକ୍ଷା କରିଥିଲା। ଭାରତ ଏହାଦ୍ୱାରା ମହାକାଶରେ ଆବର୍ଜନା ସୃଷ୍ଟି କରୁଛି ବୋଲି ନାସା ଯେଉଁ ଆପତ୍ତି ଉଠାଇଥିଲା ତାହାର କିଛି ଦିନ ପରେ ଏହି ସ୍ପଷ୍ଟୀକରଣ ଦିଆଯାଇଥିଲା।

[ଇତିହାସର ଆଇନାରେ]

## ମେ ୧୧ର ପ୍ରମୁଖ ଘଟଣା

୧୯୯୮ ମେ ୧୧ରେ ପୋଖରାନ୍‌ରେ ଭାରତ ୩ଟି ଆଣବିକ ବୋମା ପରୀକ୍ଷା କରିଥିଲା। ଏଥିପାଇଁ ‘ଅପରେଶନ୍ ଶକ୍ତି’ ନାମରେ ଏକ କୋଡ ରଖାଯାଇଥିଲା। ତନ୍ମଧ୍ୟରୁ ଗୋଟିଏ ଫ୍ୟୁଜନ୍ ବୋମା ହୋଇଥିବା ବେଳେ ଅନ୍ୟଟି ଫିସିଅନ୍। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏକ ଖବରଦାତା ସମ୍ମିଳନୀ ଡାକି ଭାରତ ଏକ ସ୍ୱୟଂସମ୍ପୂର୍ଣ୍ଣ ଆଣବିକ ରାଷ୍ଟ୍ର ବୋଲି ଘୋଷଣା କରିଥିଲେ।

୨୦୧୩ ମେ ୧୧ରେ ତୁର୍କିର ରେହନାଲିରେ ଦୁଇଟି କାର୍ ବୋମା ବିସ୍ଫୋରଣ ଯୋଗୁ ୫୨ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୧୪୦ ଆହତ ହୋଇଥିଲେ। ଏହା ସିରିଆ ସୀମାଠାରୁ ୫ କିଲୋମିଟର ଦୂର ଏକ ବ୍ୟସ୍ତବହୁଳ ସହର। ପରେ ୧୨ ସନ୍ଦିଗ୍ଧ ତୁର୍କି ନାଗରିକଙ୍କୁ ଗିରଫ କରାଯିବା ପରେ ସିରିଆ ପ୍ରୋତ୍ସାହନରେ ଆକ୍ରମଣ ଘଟାଯାଇଥିବା ସେମାନେ ସ୍ୱୀକାର କରିଥିଲେ।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି
ପର୍ସନାଲ, ବ୍ୟବସାୟ
ରାଶନ କାର୍ଡ, ଆଧାର କାର୍ଡ
ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନା ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHARITRI Career appointment Every Wednesday and Saturday

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ପରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS

ଡାଇରେକ୍ଟ ସେଲିଂ ପାଇଁ ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଏକ ଅଗ୍ରଣୀ ୱେଲନେସ ଇଣ୍ଟରନ୍ୟାସନାଲ ଡାଇରେକ୍ଟ ସେଲିଂ ବ୍ରାଣ୍ଡ ୧୨ ମଇ ୨୦୧୯ରେ ଓଡ଼ିଶାର ଭୁବନେଶ୍ୱରଠାରେ ପଦାର୍ପଣ କରିବାକୁ ଯାଉଛି। ଓଡ଼ିଶାର ଏମଏଲଏମ ଟପ୍ ଲିଡର ସେମାନଙ୍କ ଟପ ପୋଜିସନ ପାଇଁ ବୁକ୍ କରିପାରିବେ ଓ ଏହି ପବିତ୍ର ଅବସରରେ ଆମ ସହ ଯୋଗ ଦେଇପାରିବେ। କମ୍ପାନୀ ଓଡ଼ିଶାରେ ତାର ବ୍ୟବସାୟ ବୃଦ୍ଧି କରିବାରେ ସହାୟତା କରୁଥିବା ପ୍ରଥମ ୫୦ ଲିଡରଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବ। ଅଧିକ ବିବରଣୀ ପାଇଁ ଦୟାକରି ଆମକୁ କଲ୍ କରନ୍ତୁ
9540672367
9143090746

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

See Color Display Classified on every Tuesday & Friday

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

EDUCATION

SRI AUROBINDO INTEGRAL SCHOOL
Matrupuram, Markona, At: Bhagia, PO: Markona, Via/PS: Simulia, Dist: Balasore- 756126
ADMISSION NOTICE FOR THE EDUCATION YEAR- 2019-2020
(Ref: COR for Academic Session-2017-18 to 2021-22) Sl. No.-183, Application No.- 10058-Approved Letter No.-3175, Dt. 11.03.2019, DEO, Balasore and Letter No.-4150/ Pvt- Dated 29.03.19
- There is no Admission Fees for school admission for all
- There is no Tuition Fees
- The School will take no admission of students belonging to weaker sections and disadvantageous group against 25% quota under RTE Act. 2009 as required under Section-12.I.C. of RTE Act.

(Ku. Manjulata Nayak)
PRINCIPAL

## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେ ଭଲ ହେଉ ପଛକେ ସେହି ଗୋଟିଏ ବିଷୟକୁ ସବୁଦିନ ଶୁଣିଲେ ଚିଟା ଲାଗେ। ତେଣୁ ପ୍ରକାରଭେଦ ଦରକାର ।
- ବାକନ୍

## ପୁରୀ ମୁଖ୍ୟ କେନାଲରେ ବୁଡ଼ିଗଲେ ଯୁବକ

# ମଦ ଦୋକାନ ପୋଡ଼ିଦେଲେ



ଜଳୁଥିବା ମଦ ଦୋକାନ।



ମଦ ଦୋକାନରେ ଲାଗିଥିବା ନିଆଁକୁ ଅଗ୍ନିଶମବାହିନୀ ଲିଭାଉଛନ୍ତି।



ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ଲୋକେ।

**ଭୁବନେଶ୍ୱର,୧୦।୫(ବ୍ୟୁରୋ)/ ବାଲିଅନ୍ତା(ଡି.ଏନ୍.ଏ)**

ସାଙ୍ଗଙ୍କ ସହ କେନାଲରେ ପହଁରି ମଦ ଆଣିବା କାଳ ହେଲା। ମଦ ଆଣି ପାଣିରେ ଆସିବା ସମୟରେ ବୁଡି ଗଲେ ଜଣେ ଯୁବକ। ଏଭଳି ଦୁଃଖଦ ଘଟଣା ରାଜଧାନୀ ଉପକଣ୍ଠ ହଂସପାଳ ପୁରୀ ମୁଖ୍ୟ କେନାଲରେ ଦେଖିବାକୁ ମିଳିଛି। ନିଖୋଜ ଯୁବକ ଜଣଙ୍କ ହେଲେ ହଂସପାଳ ତାରିଣୀ ମନ୍ଦିର ନିକଟରେ ରହୁଥିବା ସଞ୍ଜୟ ମହାନ୍ତି(୨୫)। ଖବରପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି କେନାଲରେ ବୁଡି ଯାଇଥିବା ସଞ୍ଜୟଙ୍କୁ ଖୋଜାଖୋଜି କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ରାତି ବେଶି ହୋଇଯାଇଥିବାରୁ ବାଧ ହୋଇ ଅଗ୍ନିଶମ କର୍ମଚାରୀ ଫେରିଆସିଥିବା ଜଣାପଡିଛି। ଅନ୍ୟପଟେ ଏଭଳି ଘଟଣା ଘଟିବା ପରେ ଲୋକମାନେ କେନାଲ ଆରପାର୍ଶ୍ୱରେ ଥିବା ଏକ ମଦ ଦୋକାନକୁ ପୋଡି ଦେଇଛନ୍ତି। ପ୍ରତିଦିନ ମଦ ଦୋକାନ ସମ୍ମୁଖରେ ଏକାଧିକ ଗାଡି ରହୁଛି। ଅନ୍ୟ ଗାଡି ମଦ ଦୋକାନ ଦେଇ ଯାଇପାରୁନାହାନ୍ତି। ଯାହାଫଳରେ ଅନେକ ଲୋକେ ରାସ୍ତା ଉପରେ ମଦ ପିଉଛନ୍ତି। ଯଦି କୌଣସି ଝିଅ ଓ ମହିଳା ଯାଉଛନ୍ତି ସେମାନଙ୍କୁ ମଦ୍ୟପମାନେ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଅନେକ ସମୟରେ ମଦ୍ୟପମାନେ ସେଠାରେ ମଦ ପିଇ କେନାଲରେ ଗାଧୋଇବା ସମୟରେ ନିଶାଗ୍ରସ୍ତ ଅବସ୍ଥାରେ ଗଭୀର ପାଣିକୁ ଚାଲିଯାଇ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଏସବୁ କାରଣକୁ ନେଇ ଅଞ୍ଚଳବାସୀ ଉକ୍ତ ମଦ ଦୋକାନରେ ନିଆଁ ଲଗାଇ ଦେଇଛନ୍ତି। ଖବରପାଇ ଅଗ୍ନିଶମ କମଚାରୀ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ ମଧ ଦୋକାନଟି ସମ୍ପୂର୍ଣ୍ଣ ପୋଡିଯାଇଛି।

ସୂଚନା ଅନୁଯାୟୀ, ସଞ୍ଜୟ ବାପାଙ୍କୁ ହରାଇବା ପରେ ମା' ସହ ହଂସପାଳରେ ରହୁଥିଲେ। ନିକଟରେ ତାଙ୍କର ଜେଜେ ମା'ଙ୍କ ମୃତ୍ୟୁ ଘଟିଥିଲା। ସେ ହଂସପାଳରେ ଥିବା ଏକ ହୋଣ୍ଡା ଶୋ' ରୁମ୍‌ରେ ଏଚ୍‌ଡିଏଫ୍‌ସିରେ ଫାଇନାନ୍ସ କର୍ମଚାରୀ ଭାବେ କାମ କରନ୍ତି। ଶୁକ୍ରବାର ଅପରାହ୍ନ ୫ଟା ସମୟରେ ସେ ୩ଜଣ ସାଙ୍ଗ ଏକ କାର ଯୋଗେ ପୁରୀ କେନାଲ ନିକଟକୁ ଆସିଥିଲେ। ଏପରି କି ଘରୁ ଏକ ଗାମୁଛା ମଧ ସାଥିରେ ଆଣିଥିଲେ। ପରିବାର ଲୋକେ ପଚାରିବାରୁ ସାଙ୍ଗମାନେ ଗାଧୋଇବେ ବୋଲି କହି ଚାଲିଆସିଥିଲେ। କେନାଲ ନିକଟରେ ପହଞ୍ଚିବା ପରେ ତୁଠରେ ଗାଧୋଇଥିବା ଜଣେ ବ୍ୟକ୍ତିଙ୍କ ଠାରୁ ଲୁଙ୍ଗି ମାଗି ଆଣିଥିଲେ। ଏହାପରେ ୩ଜଣ ସାଙ୍ଗ ସହ ସଞ୍ଜୟ ପହଁରି କେନାର ଅପରପାର୍ଶ୍ୱରେ ଥିବା ମଦ ଦୋକାନକୁ ଯାଇଥିଲେ। ସେଠାରୁ ମଦ କିଣି ୩ଜଣ ସାଙ୍ଗ ପୁଣି ପହଁରି କାର ରଖିଥିବା କୂଳକୁ ଫେରିଥିଲେ। ହେଲେ ସେତବେଳକୁ ସଞ୍ଜୟ ଆସି ନ ଥିବା ଦେଖିବାକୁ ପାଇଥିଲେ। ପଛକୁ ଦେଖିବା ପରେ ସଞ୍ଜୟ ପାଣିରେ ବୁଡି ଯାଉଥିବା ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ଅନ୍ୟ ଏକ ତୁଠରେ ଗାଧୋଉଥିବା ଜଣେ ବୃଦ୍ଧଙ୍କୁ ଜଣାଇଥିଲେ। ବୃଦ୍ଧଜଣଙ୍କ ପାଟି କରି ଅନ୍ୟ ପିଲାଙ୍କୁ ଡାକିବା ପରେ ସମସ୍ତେ ଦୌଡି ସେଠାକୁ ଆସିଥିଲେ। ହେଲେ ସେତବେଳକୁ ସଞ୍ଜୟ ପାଣିରେ ବୁଡି ସାରିଥିଲା। ସେମାନେ ତୁରନ୍ତ ଅଗ୍ନିଶମ କର୍ମଚାରୀଙ୍କୁ ଫୋନ୍ କରି ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ କେନାଲରେ ବୁଡି ଖୋଜାଖୋଜି କରିଥିଲେ ମଧ କୌଣସି ପତ୍ତା ମିଳି ନ ଥିଲା। ଅନ୍ୟପଟେ ଲୋକମାନେ ଉତ୍ତେଜିତ ହୋଇ ମଦ ଦୋକାନରେ ନିଆଁ ଲଗାଇଦେଲେ। ଖବରପାଇ ବାଲିଅନ୍ତା ପୋଲିସ ଓ ମଞ୍ଚେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ଏହାସହ ସଞ୍ଜୟ ସହ ଗାଧୋଉଥିବା ଅନ୍ୟ ୩ଜଣ ଯୁବକଙ୍କୁ ପୋଲିସ ପଚରାଉଚରା କରୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ସଞ୍ଜୟଙ୍କ ପରିବାର ଲୋକେ ଉକ୍ତ କେନାଲ ନିକଟରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଥିବାରୁ ବେଳେ ପୋଲିସ ଲୋକଙ୍କୁ ଜଗି ରହିଥିଲା।

**ସାଙ୍ଗଙ୍କ ସହ ପାଣିରେ ପହଁରି ମଦ ଆଣିବା କାଳ ହେଲା**

## ଫନୀ ସମୟରେ କାମ ଦେଇଥିଲା ଏଚ୍‌ଏଏମ୍ ରେଡିଓ ସେବା

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ସାମୁଦ୍ରିକ ଝଡ ଫନୀ ସମୟରେ ଟେଲି ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଯାଇଥିଲା। ଏମିତି କି ସଚିବାଳୟରୁ ବିଭିନ୍ନ ଜିଲାର ବିଭାଗୀୟ କାର୍ଯ୍ୟାଳୟ ଏବଂ ଜିଲା ମୁଖ୍ୟାଳୟକୁ ଯୋଗାଯୋଗ ହୋଇପାରି ନ ଥିଲା। ଏହି ସମୟରେ ପୁଣେସ୍ଥିତ ଏଚଏଏମ୍ ରେଡିଓ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ବାତ୍ୟା ପ୍ରଭାବିତ ପୁରୀ, ଖୋର୍ଦ୍ଧା ଜିଲାପାଳଙ୍କ ସହ କଥା ହୋଇଥିଲେ। ୧୯୯୯ରେ ହୋଇଥିବା ପ୍ରଳୟଙ୍କରୀ ମହାବାତ୍ୟା ସମୟରେ ମଧ ସମାନ ବୈଷୟିକ ଜ୍ଞାନକୌଶଳ ବିନିଯୋଗ କରାଯାଇଥିଲା। ଟି. ରବି ତେଜା ନାମକ ବ୍ୟକ୍ତି ଏହି ରେଡିଓକୁ ପରିଚାଳନା କରୁଛନ୍ତି। ଜରୁରିକାଳୀନ ସ୍ଥିତିରେ ଏହି ଏଚ୍‌ଏଏମ୍ ରେଡିଓ ଦ୍ୱାରା ଟେଲିଫୋନ୍, ଇଣ୍ଟରନେଟ୍ ଏବଂ ମୋବାଇଲ ସେବା କିଛି ମାତ୍ରାରେ ହୋଇପାରିଥିଲା। ରବି ତେଜା ଚଳିତ ମାସ ୨ରୁ ରାଜୀବ ଭବନରେ ଏଚଏଏମ୍‌ର ପରିଚାଳନା କରି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ପ୍ରମୁଖ ଶାସନ ସଚିବ ପି.କେ. ମିଶ୍ର ବାତ୍ୟା ଅଞ୍ଚଳ ପରିଦର୍ଶନ କରୁଥିବା ସମୟରେ ମଧ ଏଚ୍‌ଏଏମ୍ ରେଡିଓ ଦ୍ୱାରା ଯୋଗାଯୋଗ କରାଯାଇଥିଲା।

## ରିଅଲ ହିରୋ



ଭୁବନେଶ୍ୱରରେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟରେ ବ୍ୟସ୍ତ ଦୁଇ କର୍ମଚାରୀ।



କଟକ କାଫ୍‌ଲାବଜାର ରେବା କଲୋନୀ।



କଟକ କ୍ୟାଣ୍ଟନମେଣ୍ଟ ଥାନା ନିକଟରେ ଶ୍ରମିକମାନେ ତାର ଟାଣୁଛନ୍ତି।



ଭୁବନେଶ୍ୱରରେ ବିଦ୍ୟୁତ୍ କର୍ମଚାରୀ ଓ ଶ୍ରମିକମାନେ ଗାଡ଼ିରେ କାର୍ଯ୍ୟସ୍ଥଳକୁ ଯାଉଛନ୍ତି।



କଟକ ତୁଳସୀପୁର ଡିୟର ପାର୍କ ନିକଟରେ କ୍ଷତିଗ୍ରସ୍ତ ବିଦ୍ୟୁତ୍ ଖୁଣ୍ଟକୁ ଉଠାଯାଉଛି।



ଭୁବନେଶ୍ୱରରେ ଭାଙ୍ଗିପଡ଼ିଥିବା ଗଛକୁ କଟାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଅଭିଲାଷ



ପ୍ରଭାତ



ଜୀବନ



ଛୋଟୁ



ନାଗାର୍ଜୁନ



ମୃତ୍ୟୁଞ୍ଜୟ



ସତ୍ୟବ୍ରତ


# ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା : ୧୩୯୫୦ ତା.୧୦.୦୫.୨୦୧୯

## ନୋଟିସ୍

ଫନି ପ୍ରଭାବିତ ଭୁବନେଶ୍ୱର ମହାନଗର ନିଗମାଂଚଳରେ ସମସ୍ତ ରାସନ କାର୍ଡଧାରୀ ମାନଙ୍କୁ ( ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ) ସରକାରୀ ଆର୍ଥିକ ସୁରକ୍ଷା ସହାୟତା ପ୍ରଦାନ କାର୍ଯ୍ୟ ତା.୦୬.୦୫.୨୦୧୯ ରିଖ ଠାରୁ ଚାଲୁ ରହିଛି । ମହାନଗର ନିଗମର **୬୭ଟି** କେନ୍ଦ୍ରରେ ଏହି ସହାୟତା କାର୍ଯ୍ୟ ତା. ୧୦.୦୫.୨୦୧୯ ରିଖ ପର୍ଯ୍ୟନ୍ତ ଚାଲୁ ରହିଥିଲା । ଏହାଦ୍ୱାରା ପ୍ରାୟ ୮୫% ହିତାଧିକାରୀଙ୍କୁ ଉକ୍ତ ଆର୍ଥିକ ସହାୟତା ଦିଆଯାଇପାରିଛି । କତୃପକ୍ଷଙ୍କ ଅନୁଧ୍ୟାନ କ୍ରମେ ନିମ୍ନରେ ପ୍ରଦତ୍ତ ଅସ୍ଥାୟୀ କେନ୍ଦ୍ର ଗୁଡିକ ତା.୧୧.୦୫.୨୦୧୯ ରିଖ ଠାରୁ ବନ୍ଦ କରାଯିବ ।

### LIST OF CLOSED DISTRIBUTION CENTERS

| Name of the Sector | Ward No | Distribution Point Distribution Officer & Contact Number |
|---|---|---|
| INFOCITY | 6 | Mahima Vidya Vihar, Gayatri Nagar Chitta RanjanSwain(AE ) 9778398978 |
| Vani Vihar | 9 | Rangamatia Primary School Binod Mallick,(WO) 9937469011 |
| | 11 | VSS Nagar High School Deepak Nayak (WO) 9861382023 |
| | 12 | New Govt.Colony building , Near ICDS office DD Sangram Singh(WO) 9078554928 |
| | 17 | Vanivihar School Srikanta Ku. Mohanty (WO) 9438732288 |
| Kuakhai | 10 | Silpa Anchalika H.S. Mahendra Ku Moharana,(WO) 9861450385 |
| | 18 | Pandra UP School Pradeep Kumar Mohanty (WO) 9556679186 |
| Khandagiri | 15 | Rental High School, Nrusingh Behera (WO) 9861036662 |
| | 23 | Ghatikia High school Jogendra Pradhan (WO) 9861060238 |
| | 24 | Govt.UP School, Baramunda HB Colony Keshab Rout (WO)/ 9437757228 |
| | 49 | Topoban Highschool Ranjan Ku Nayak (WO) 9437873334 |
| Iskon Area | 25 | I.R.C.Govt. H.S.(N3) Silla Satyanarayan(AE) 9437219015 |
| | 37 | Kasturaba Sikhyasadan, Nayapalli Rabindranath Sahoo (WO) 9438361774 |
| | 38 | Devrai College,Naypalli Bibhuti Bhusan Pradhan (WO) 9437110788 |

| | | |
|---|---|---|
| | 39 | Utkal mani nodal pri.school Sunil Ku. Behera (WO) 9853288023 |
| OUAT | 46 | Govt. Girls H.S, Unit-6 Prasanta Ku Acharya (WO) 9437342553 |
| | 48 | Unit-8 Boys High School Pitabas Dash (WO) 9238688715 |
| | 50 | Baramunda Highschool Rajkishore Mallia (WO) 9338222426 |
| | 51 | Sevasharam School Gula Nayak (WO) 8280329323 |
| Air Port | 52 | Ganganagar Community Centre Trilochan Rout (WO) 9861040009 |
| | 62 | Central School,Pokhariput P.K.Sethi (WO) 9437371335 |
| | | Khandagiri Govt.H.S.School D.D.Mohanty(WO) 9938543102 |
| | 63 | Dumuduma Village U.P.School SK Z Abedin (WO) 9938848599 |
| | 66 | Raghunath Nagar UP School Sarbeswar Paikray (WO) 8018046591 |
| Sachivalay Marg Area | 28 | Tirupati Kalyan Mandap Nagen Bhol (WO) 8984540976 |
| | 29 | Girls H.S.Unit-9 Gouranga Behera (WO) 9338450601 |
| | 35 | Capital H.S.Unit-3 Pradeep ku. Dakua (WO) 9938315712 |
| | 40 | Govt Boy's Highschool Unit-1 Ajodhyanath Rout (WO) 9439543807 |
| Cuttack Road Area | 33 | Yatri Niwas Arun Sahoo(WO) 9937471713 |
| Lingaraj Area | 55 | Goutam Nagar Highschool Pradeep Sahoo (WO) 9861292193 |

ଉପରୋକ୍ତ କେନ୍ଦ୍ରରୁ ଯେଉଁ ହିତାଧିକାରୀମାନେ ଆର୍ଥିକ ସହାୟତା ନେଇନାହାନ୍ତି, ସେମାନେ ନିଜ ଅଂଚଳର ମହାନଗର ନିଗମ ଜୋନ କାଯ୍ୟାଳୟକୁ ଆସି ଉକ୍ତ ସହାୟତା ନେଇ ପାରିବେ ।

**କମିଶନର**
**ଭୁବନେଶ୍ୱର ମହାନଗର ନିଗମ**

## ବାତ୍ୟାବିପନ୍ନ ରୋଗୀଙ୍କ ଦୁର୍ଦ୍ଦଶା ବଢ଼ିଲା

# କ୍ୟାପିଟାଲ ହସ୍ପିଟାଲରେ ମିଳୁନି ଅଧିକାଂଶ ଔଷଧ



- ଘଣ୍ଟାଘଣ୍ଟା ଧରି ଧାଡ଼ିରେ ରହି ନିରାଶରେ ଫେରୁଛନ୍ତି
- ଜ୍ୱର, ଝାଡ଼ାବାନ୍ତି ଭଳି ସାଧାରଣ ଔଷଧ ବି ମହଜୁଦ ନାହିଁ
- ଔଷଧ ବଦଳରେ ଓଆର୍‌ଏସ୍ ଧରାଇ ବୁଝାଯାଉଛି

**ଜ୍ୟୋତିରଞ୍ଜନ ମହାପାତ୍ର**
**ଭୁବନେଶ୍ୱର,୧୦।୫ (ବ୍ୟୁରୋ)**

ବାତ୍ୟା ପରେ ବଢ଼ି ଚାଲିଛି ବିପନ୍ନଙ୍କ ଦୁର୍ଦ୍ଦଶା। ଖାଦ୍ୟ ଓ ପାଣି ସମସ୍ୟା ଲାଗି ରହିଛି। ଏବେ ପ୍ରବଳ ଖରାତାତିରେ ଆଉଟୁପାଉଟୁ ହେଉଛନ୍ତି ବିପନ୍ନ। ଏଭଳିସ୍ଥିତିରେ ଜ୍ୱର, ଥଣ୍ଡା, କାଶ, ଝାଡ଼ାବାନ୍ତି ଆରମ୍ଭ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲରେ ଏହି ରୋଗୀଙ୍କ ସଂଖ୍ୟା ଏବେ ବଢ଼ି ଚାଲିଛି। ଏଥିସହ ବିଭିନ୍ନ ଅଞ୍ଚଳରୁ ସାପ କାମୁଡା ରୋଗୀ ମଧ୍ୟ ଆସୁଥିବା ଦେଖିବାକୁ ମିଳୁଛି। ହେଲେ ହସ୍ପିଟାଲର ଜନଔଷଧି କେନ୍ଦ୍ରରେ ମହଜୁଦ ନାହିଁ ସାଧାରଣ ଓ ଅତ୍ୟାବଶ୍ୟକ ଔଷଧ। ଫଳରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଗରମରେ ଠିଆ ହୋଇ ରୋଗୀ ଓ ସମ୍ପର୍କୀୟମାନେ ଶେଷରେ ନିରାଶରେ ଫେରୁଛନ୍ତି। ବିପନ୍ନମାନେ ପାଖରେ ଯାହାକିଛି ଅର୍ଥ ରଖିଥିଲେ ବାତ୍ୟା ପରଠାରୁ ଖର୍ଚ୍ଚ ଚାଲିଛି। ବ୍ୟାଙ୍କ୍ ଓ ଏଟିଏମ୍‌ରୁ ଟଙ୍କା ଉଠାଣ ସମସ୍ୟା ମଧ୍ୟ ଲାଗି ରହିଛି। ଏବେ ଅର୍ଥାଭାବ ଭିତରେ ବିପନ୍ନମାନେ ଘାଣ୍ଟି ହେଉଥିବାବେଳେ ବାହାରୁ ଔଷଧ କିଣିବା ସମ୍ଭବ ହେଉନି। ଫଳରେ କ୍ୟାପିଟାଲ ହସ୍ପିଟାଲରେ ମାଗଣା ଔଷଧ ମିଳୁ ନ ଥିବାରୁ ରୋଗୀମାନେ ବାହାରୁ ଔଷଧ କିଣି ନ ପାରି ଘରକୁ ଫେରିଯାଉଥିବା ଜଣାପଡିଛି। ଗୁରୁବାର ଓ ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ଏଭଳି ସ୍ପର୍ଶକାତର ସ୍ଥିତି ଦେଖିବାକୁ ମିଳିଥିଲା। କିଏ ଜନଔଷଧି କେନ୍ଦ୍ରରୁ ଔଷଧ ନ ପାଇ ପ୍ରେସ୍‌କ୍ରିପ୍‌ଶନ ଧରି ଫେରୁଥିଲା ତ ଆଉ କାହାକୁ କର୍ମଚାରୀମାନେ କେବଳ ଓଆର୍‌ଏସ୍ ଧରାଇ ବୁଝାଇ ଶୁଝାଇ ବିଦା କରୁଥିଲେ। ହସ୍ପିଟାଲରୁ ଫେରୁଥିବା ରୋଗୀଙ୍କ ମୁହଁରୁ ଯାହା ଶୁଣିବାକୁ ମିଳିଥିଲା ତାହା ଥିଲା ଅତ୍ୟନ୍ତ ହୃଦୟବିଦାରକ।

### ଟଙ୍କା ନ ଥିବାରୁ ଔଷଧ କିଣିପାରିଲିନି



ଜଟଣୀରୁ ଆସିଥିବା ପ୍ରମୋଦ କୁମାର ସାହୁ କହିଛନ୍ତି, ବାତ୍ୟା ପରଠାରୁ ନାତି ଅସୁସ୍ଥ ହେବାରେ ଲାଗିଛି। ତା'ର ଖାଇବା ପିଇବା ବନ୍ଦ ହୋଇଯାଇଛି। ଜଟଣୀରୁ କ୍ୟାପିଟାଲ ହସ୍ପିଟାଲ ଆସିଥିଲି। ଡାକ୍ତର ପରାମର୍ଶ ଯାହା ଔଷଧ ଲେଖିଲେ ସେଥିରୁ ଅଧା ଜନଔଷଧି କେନ୍ଦ୍ରରୁ ମିଳିଲାନି। ଏନେଇ ଡାକ୍ତରଙ୍କୁ ଜଣାଇବାରୁ ଜରୁରୀ ଔଷଧ ନିହାତି ଦରକାର କହି ସେ ବାହାରୁ କିଣି ନେବାକୁ ପରାମର୍ଶ ଦେଲେ। ମାତ୍ର ପାଖରେ ସେତେ ପଇସା ନ ଥିଲା। ଦାମ୍ ଅଧିକ ଥିବାରୁ ସବୁ ଔଷଧ କିଣିପାରିଲି ନାହିଁ।

### ଦୁର୍ଭାଗ୍ୟର କଥା



ରସୁଲଗଡ଼ରୁ ଆସିଥିବା ନୀଳିମା ବାରିକ କୁହନ୍ତି, ୮ ବର୍ଷ ପୁଅର ପ୍ରବଳ କାଶ ଲାଗି ରହିଛି। ବାନ୍ତି ବଢ଼ିବାରୁ ଡାକ୍ତର ଦେଖାଇବାକୁ ଆଣିଥିଲି। ଡାକ୍ତରଙ୍କ ଚିଠା ନେଇ ଜନଔଷଧି କେନ୍ଦ୍ରରେ ବହୁ ସମୟ ଧରି ଧାଡ଼ିରେ ଠିଆ ହୋଇ କାଉଣ୍ଟରରେ ପହଞ୍ଚିବା ପରେ ସେଠାରେ ଔଷଧ ନ ଥିବା ଶୁଣି ଭାରି କାନ୍ଦ ଲାଗିଲା। ସାଧାରଣ ଜ୍ୱର, କାଶ ଓ ବାନ୍ତି ପାଇଁ କ୍ୟାପିଟାଲ ହସ୍ପିଟାଲରେ ଔଷଧ ନ ମିଳିବା ବଡ଼ ଦୁର୍ଭାଗ୍ୟର କଥା। ମୋ ଭଳି ଏପରି ଅନେକ ଲୋକ ନିରାଶ ହୋଇ ଫେରୁଛନ୍ତି।

ଏ ନେଇ ଜନଔଷଧି କେନ୍ଦ୍ରରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି, ବାତ୍ୟାପରେ ଔଷଧ ସମସ୍ୟା ଅଧିକ ବଢିଯାଇଛି। ନିର୍ବାଚନ ପୂର୍ବରୁ ଅଧିକ ମେଡିସିନ ଆସିଯାଇଥିଲା। ନିର୍ବାଚନ ସରିବା ପରେ ପରେ ବାତ୍ୟା ଆସିଲା। କିନ୍ତୁ ମେଡିସିନ ଯୋଗାଣ ହୋଇ ନ ଥିବାରୁ ଯାହା ଥିଲା ପ୍ରାୟ ସରିଯାଇଛି। ଲୋକେ ଔଷଧ ନ ପାଇ ଗାଳିଗୁଲଜ କରି ଫେରୁଛନ୍ତି। ଆମେ କ'ଣ କରିପାରିବୁ ବୋଲି କହି ସେ ଦୁଃଖ ପ୍ରକାଶ କରିଥିଲେ।

## ସାପ କାମୁଡ଼ା ଔଷଧ ମିଳିଲାନି, ଜୀବନ ଚାଲିଗଲା

ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ଦେଖିବାକୁ ମିଳିଥିଲା ଏକ ଅଭାବନୀୟ ଘଟଣା। ପୁରୀ ଜିଲା କାକଟପୁର ଅଞ୍ଚଳରୁ କ୍ୟାପିଟାଲ ହସ୍ପିଟାଲକୁ ଜଣେ ସାପ କାମୁଡା ରୋଗୀ ଆସିଥିଲେ। ଅବସ୍ଥା ଗୁରୁତର ଥିବାର ତ୍ୱରିତ ଚିକିତ୍ସାର ଆବଶ୍ୟକତା ଥିଲା। ମାତ୍ର ସେତେବେଳେ ହସ୍ପିଟାଲରେ ସାପ କାମୁଡା ଔଷଧ ନ ଥିଲା। ରୋଗୀଙ୍କ ସମ୍ପର୍କୀୟ ବାହାରୁ ବିଭିନ୍ନ ଦୋକାନ ବୁଲି ବୁଲି ଔଷଧ ଆଣିବା ବେଳକୁ ରୋଗୀଙ୍କର ଜୀବନ ଚାଲିଯାଇଥିଲା। ରୋଗୀଙ୍କୁ ଧରି ଆସିଥିବା କାକଟପୁର ଅଞ୍ଚଳର ଶିବ ଓଝା କୁହନ୍ତି, ବାତ୍ୟାରେ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟାଠାରୁ ସାପ ଓ ଅନ୍ୟ ବିଷାକ୍ତ ସରୀସୃପଙ୍କ ପ୍ରାଦୁର୍ଭାବ ବଢ଼ିଛି। ଶୁକ୍ରବାର ଦିନ ୧୦ଟାରେ ୨୨ ବର୍ଷର ପୁତୁରା ଆଲୋକ ଓଝାଙ୍କୁ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲି। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଆଇସିୟୁକୁ ରେଫର କରି ଔଷଧ ଲେଖିଲେ। ମାତ୍ର ୨୫ ଟଙ୍କାର ଗୋଟିଏ ସାଲାଇନ ସହ ଛୋଟମୋଟ ମେଡିସିନ ଜନଔଷଧି କେନ୍ଦ୍ରରେ ମିଳିଲାନି। ହସ୍ପିଟାଲ ବାହାରେ ଥିବା ଦୋକାନରୁ ବୁଲିବୁଲି କିଣିବାକୁ ପଡ଼ିଲା। ହୁଏତ ବିଳମ୍ବ ଯୋଗୁ ଅପରାହ୍ନ ୨ଟାରେ ଆଇସିୟୁରେ ପୁତୁରାର ଜୀବନ ଚାଲିଗଲା। ଉନ୍ନତ ସେବା ପାଇଁ କ୍ୟାପିଟାଲ ହସ୍ପିଟାଲ ଆସିଥିଲୁ, ମାତ୍ର ଖୋଦ୍ ରାଜଧାନୀରେ ଏତେ ହୀନସ୍ତା ହେବୁ ବୋଲି କେବେ ବି ଭାବି ନ ଥିଲୁ।





**କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡ. ଅଶୋକ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବାତ୍ୟା ପାଇଁ ଔଷଧ ଆସିବାରେ ସମସ୍ୟା ଉପୁଜିଛି। ଲୋକଙ୍କ ସମସ୍ୟା ପାଇଁ ଆମେ ଦୁଃଖିତ। ଶୀଘ୍ର କିପରି ଔଷଧ ଆସିପାରିବ ଓ ଜନଔଷଧି କେନ୍ଦ୍ରରେ ଅନ୍ତତଃ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖାଯାଇପାରିବ ସେଥିପାଇଁ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି।**

## ଫନୀ ଭାଙ୍ଗିଲା ଅଧରପଣା ହାଣ୍ଡି



**ପ୍ରଭାତ ପାଣିଗ୍ରାହୀ**
**ପୁରୀ ଅଫିସ,୧୦।୫**

ବାତ୍ୟାରେ ଉଜୁଡ଼ିଯାଇଛି ଅନେକ କୁମ୍ଭକାରଙ୍କ ଭିଟାମାଟି। କ୍ଷତିଗ୍ରସ୍ତ ହୋଇଛି ଶାଳ ଓ ଭାଟି। ଲକ୍ଷାଧିକ ଟଙ୍କାର ମାଟି କୁଡୁଆ ଏବଂ ଅନ୍ୟାନ୍ୟ ମାଟିପାତ୍ର ମାଟିରେ ମିଶିଯାଇଛି। ମହାପ୍ରଭୁଙ୍କ ଲାଗି ଅଧରପଣା ହାଣ୍ଡି ଗଢୁଥିବା ବରିଷ୍ଠ କୁମ୍ଭକାର ଲକ୍ଷ୍ମୀଧର ବିଶୋଇଙ୍କ ଘର ଉଜୁଡ଼ି ଯାଇଛି। ଏଥିସହ ଭାଙ୍ଗିଯାଇଛି ତାଙ୍କ ହାତଗଢା ଅଧରପଣା ହାଣ୍ଡି। ଆଗକୁ ଆସୁଛି ରଥଯାତ୍ରା। ନୀଳାଦ୍ରି ବିଜେ ସମୟରେ ମହାପ୍ରଭୁଙ୍କ ନିକଟରେ ଅଧରପଣା ନୀତିରେ ଲାଗିହୋଇଥାଏ ଏହି ହାଣ୍ଡି। ବର୍ତ୍ତମାନ କମ୍ ସମୟ ମଧ୍ୟରେ କିପରି ପୁଣି ଅଧରପଣା ହାଣ୍ଡି ପ୍ରସ୍ତୁତ ହୋଇପାରିବ ସେନେଇ ଚିନ୍ତାରେ ପଡ଼ିଛନ୍ତି ଲକ୍ଷ୍ମୀଧର। ଉଜୁଡା ଭାଟି ନିକଟରେ ବସି ଭଙ୍ଗା କୁଡୁଆକୁ ହାତରେ ଧରି କଇଁ କଇଁ କାନ୍ଦୁଛନ୍ତି।

ଲକ୍ଷ୍ମୀଧର କହିଛନ୍ତି, ଦୀର୍ଘବର୍ଷ ହେଲା ସେ ଶ୍ରୀମନ୍ଦିରକୁ ଅଧରପଣା ହାଣ୍ଡି ଯୋଗାଇଦେଇ ଆସୁଛନ୍ତି। ଚଳିତବର୍ଷ ଅଧରପଣା ଲାଗିହେବା ପାଇଁ ସେ ହାଣ୍ଡି ଗଢିଥିଲେ। ତିନି ଠାକୁରଙ୍କ ନିମନ୍ତେ ଗୋଟିଏ ଲେଖାଏ ହାଣ୍ଡି ଗଢା ସରିଥିଲା। ଶ୍ରୀପଞ୍ଚମୀଠାରୁ ଏହି କାମ ଆରମ୍ଭ କରିଥିଲେ। ବାହୁଡ଼ା ଯାତ୍ରା ପୂର୍ବରୁ ରାଘବ ଦାସ ମଠ ଓ ଶ୍ରୀମନ୍ଦିର ପ୍ରଶାସନକୁ ହାଣ୍ଡି ପ୍ରଦାନ କରିଥାନ୍ତେ। ଗୋଟିଏ ହାଣ୍ଡି ପ୍ରସ୍ତୁତ ଲାଗି ୧୫ରୁ ୨୦ ଦିନ ଲାଗିଥାଏ। ଏବେ ମାଟିଶାଳର ୩ରୁ ୪ଲକ୍ଷ ଟଙ୍କା କ୍ଷତି ଘଟିଛି। ଶାଳ ସଜାଡିବା ଲାଗି ଏକ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିବ। ଏହି ସମୟରେ ପୁଣି ଅଧରପଣା ହାଣ୍ଡି ପ୍ରସ୍ତୁତ କରିବା ସମ୍ଭବପର ନୁହେଁ। କିପରି ପୁଣି ଥରେ ଅଧରପଣା ହାଣ୍ଡି ପ୍ରସ୍ତୁତ କରିବେ, ସେନେଇ ଲକ୍ଷ୍ମୀଧର ମନଦୁଃଖରେ ମହାପ୍ରଭୁଙ୍କ ଶରଣାପନ୍ନ ହୋଇଛନ୍ତି। ଏହିଭଳି ସ୍ଥିତିରେ ରଥରେ ମହାପ୍ରଭୁଙ୍କ ଅଧରପଣା ନୀତି କିପରି ହେବ ସେନେଇ ଆଶଙ୍କା ସୃଷ୍ଟି ହୋଇଛି।

### ଶ୍ରୀମନ୍ଦିର ହୁଣ୍ଡିରେ ଫନୀ ପ୍ରଭାବ

## ବାତ୍ୟା ଦିନ ମିଳିଛି ୧୪ହଜାର ଟଙ୍କା

**ପୁରୀ ଅଫିସ,୧୦।୫**

ବାତ୍ୟା ଫନୀର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡି ଉପରେ ବି ପଡ଼ିଛି। ବାତ୍ୟା ପୂର୍ବଦିନ ଅର୍ଥାତ୍ ମେ ୨ରୁ ୮ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିର ହୁଣ୍ଡିର ଆୟକୁ ଦେଖିଲେ ଏହା ସ୍ପଷ୍ଟ ହେଉଛି। ପର୍ବପର୍ବାଣି ଦିନକୁ ବାଦ୍ ଦେଲେ ସାଧାରଣ ଦିନଗୁଡ଼ିକରେ ହୁଣ୍ଡିରେ ପ୍ରାୟ ଦେଢଲକ୍ଷ ଟଙ୍କା ମିଳିଥାଏ। ହେଲେ ବାତ୍ୟା ଯୋଗୁ ହୁଣ୍ଡି ଆୟ ବହୁତ ମାତ୍ରାରେ ପ୍ରଭାବିତ ହୋଇଛି। ବାତ୍ୟା ପୂର୍ବଦିନଠାରୁ ୭ଦିନ ପର୍ଯ୍ୟନ୍ତ ମାତ୍ର ୧ ଲକ୍ଷ ଟଙ୍କା ଛୁଇଁଛି। ଗୋଟିଏ ଦିନ ହୁଣ୍ଡିରୁ ମାତ୍ର ୭୭୩ ଟଙ୍କା ବାହାରିଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ବାତ୍ୟା ପୂର୍ବଦିନ ଅର୍ଥାତ୍ ୨ତାରିଖରେ ୧,୨୩,୦୫୫ ଟଙ୍କା ମିଳିଥିଲା। ୩ତାରିଖରେ ୧୪,୮୪୪ ଟଙ୍କା, ୪ ତାରିଖରେ ୭୭୩ ଟଙ୍କା, ୫ତାରିଖରେ ୪୨,୨୨୮ ଟଙ୍କା, ୬ତାରିଖରେ ୭୪,୬୩୨ ଟଙ୍କା, ୭ତାରିଖରେ ୧,୬୬,୫୮୯ ଏବଂ ୮ ତାରିଖରେ ୯୮,୦୪୫ ଟଙ୍କା ବାହାରିଛି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ହୁଣ୍ଡିରେ ଟଙ୍କା, ସୁନା, ରୁପା, ବସ୍ତ୍ର ଇତ୍ୟାଦି ପକାଇଥାନ୍ତି। କେହି କେହି ମାନସିକ ରଖି ମଧ୍ୟ ଏଥିରେ ଦାନ ଦେଇଥାନ୍ତି। ପ୍ରତ୍ୟେହ ଅପରାହ୍ନରେ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥାଏ।

# ଜୀବିକା ଚିନ୍ତାରେ ମତ୍ସ୍ୟଜୀବୀ



**ହେମନ୍ତ ନାୟକ**
**ପୁରୀ ଅଫିସ,୧୦।୫**

ସମୁଦ୍ର ସେମାନଙ୍କ ସାଥୀ ଆଉ ଡଙ୍ଗା ଜୀବିକାର ମାଧ୍ୟମ। ଗଭୀର ସମୁଦ୍ରକୁ ଡଙ୍ଗା ନେଇଗଲେ ଘରେ ଚୁଲି ଜଳୁଥିଲା। ହେଲେ ବାତ୍ୟା 'ଫନୀ' ସେମାନଙ୍କ ଉପରେ ଦାଉ ସାଧିଲା। ବାତ୍ୟା ସେମାନଙ୍କ ଡଙ୍ଗା ଭାଙ୍ଗିଦେଇଥିବାବେଳେ ଘର ଉଜାଡ଼ି ଦେଇଛି। ସମ୍ବଳ ଅଭାବରୁ ଏ ପର୍ଯ୍ୟନ୍ତ ସେମାନେ ଡଙ୍ଗା କିମ୍ବା ଘର ମରାମତି କରିପାରିନାହାନ୍ତି। ପ୍ରଶାସନର ସହାୟତାକୁ ଚାହିଁବସିଛନ୍ତି ପେଣ୍ଠକଟା ବସ୍ତିର ହଜାର ହଜାର ମତ୍ସ୍ୟଜୀବୀ ପରିବାର। ଇତିମଧ୍ୟରେ ବାତ୍ୟାକୁ ଏକ ସପ୍ତାହ ବିତିଗଲାଣି। ଅଶାନ୍ତ ସମୁଦ୍ର ଶାନ୍ତ ପଡ଼ିଲାଣି। କିନ୍ତୁ ସମୁଦ୍ର କୋଳକୁ ଯିବାର ମାଧ୍ୟମ ଡଙ୍ଗା କେଉଁଠି ବାଲିରେ ପୋତି ହୋଇଯାଇଛି ତ ଆଉ କେଉଁଠି ଭଙ୍ଗାଦଦରା ଅବସ୍ଥାରେ ପଡ଼ିରହିଛି। ଅନେକ ଡଙ୍ଗା କେଉଁଆଡେ ଭାସିଯାଇଛି। ପ୍ରଶାସନର ହାତଟେକା ରିଲିଫ୍‌ରେ ପେଟ ପୂରୁ ନ ଥିଲେ ମଧ୍ୟ କିଛି କରିବାର ନ୍ତୁ' ନାହିଁ। ଭାଗ୍ୟ ଓ ଭବିଷ୍ୟତକୁ ଆଦରି ଅନେକ ମତ୍ସ୍ୟଜୀବୀ ପରିବାର ଭଙ୍ଗା କୁଡ଼ିଆରେ ମୁଣ୍ଡ ଗୁଞ୍ଜିବାକୁ ଅଣ୍ଟା ଭିଡୁଥିବାବେଳେ ସେମାନଙ୍କୁ ଡଙ୍ଗା ଚିନ୍ତା ଘାରିଛି। କେବେ ଜୀବନ ଜୀବିକାର ଉତ୍ସ ଡଙ୍ଗା ପାଇଁ ପ୍ରଶାସନ ସହଯୋଗ କରିବ ଏବଂ ପୁଣି ସେମାନେ ସମୁଦ୍ରକୁ ମାଛ ମାରିବାକୁ ଯିବେ ତାହାକୁ ଚାହିଁ ରହିଛନ୍ତି ଏହି ମତ୍ସ୍ୟଜୀବୀ ପରିବାର।

ପେଣ୍ଠକଟା ବସ୍ତିରେ ହଜାର ହଜାର ମତ୍ସ୍ୟଜୀବୀ ପରିବାର ରହୁଛନ୍ତି। ସମୁଦ୍ରରୁ ମାଛ ଧରି ପରିବାର ପ୍ରତିପୋଷଣ କରିବା ସେମାନଙ୍କର ମୁଖ୍ୟ ବେଉସା। ତେବେ ମେ ୩ତାରିଖରେ ସବୁକିଛି ବଦଳି ଗଲା। ସକାଳୁ ଆରମ୍ଭ ହୋଇଯାଇଥିଲା ଫନୀର ପ୍ରକୋପ। ଧୀରେ ଧୀରେ ଏହା କରାଳ ରୂପ ଧାରଣ କରିଥିଲା। ଜୀବନ ବଞ୍ଚାଇବା ପାଇଁ ବାତ୍ୟା ଆଶ୍ରୟସ୍ଥଳ ଏବଂ ଅନ୍ୟାନ୍ୟ ନିରାପଦ ସ୍ଥାନକୁ ଚାଲିଯାଇଥିଲେ ସମସ୍ତ ମତ୍ସ୍ୟଜୀବୀ ପରିବାର। ପେଟପାଟଣାର ମୁଖ୍ୟ ଉତ୍ସ ଡଙ୍ଗାକୁ ବେଳାଭୂମି ଉପରକୁ ଉଠାଇ ଆଣିଥିଲେ। ହେଲେ ଫନୀର ଫୁତ୍କାରରେ ଅଶାନ୍ତ ହୋଇପଡ଼ିଥିଲା ସମୁଦ୍ର। ଜୁଆର ମାଡ଼ି ଆସିଥିଲା। ଏହି ଜୁଆର ଅନେକ ଡଙ୍ଗାକୁ ବାଡେଇ ଭାଙ୍ଗିଦେଇଥିଲା। ଆଉ କେତେକ ବାଲିରେ ପୋତି ହୋଇଯାଇଥିବାବେଳେ ଅନେକ ଡଙ୍ଗା କେଉଁଆଡେ ଭାସିଯାଇଥିଲା।

- ବାତ୍ୟାରେ ଭାଙ୍ଗିଛି, ହଜିଛି ଡଙ୍ଗା
- ଅନେକଙ୍କ ଘର କ୍ଷତିଗ୍ରସ୍ତ
- ପ୍ରଶାସନ ସହାୟତାକୁ ଅପେକ୍ଷା

ଜୁଆର ଏତେ ମାତ୍ରାରେ ଉଠିଥିଲା ଯେ, କିଛି ଡଙ୍ଗାକୁ ବସ୍ତିର ଘର ଉପରକୁ ଉଠାଇ ଦେଇଥିଲା। ସେପଟେ ବାତ୍ୟା ଆଶ୍ରୟସ୍ଥଳରେ ରହି ନିଜ ନିଜ ଡଙ୍ଗାର ସୁରକ୍ଷା ଚିନ୍ତା କରୁଥିଲେ ମତ୍ସ୍ୟଜୀବୀ। ବାତ୍ୟା ପରେ ସମସ୍ତେ ଫେରିଥିଲେ ବସ୍ତିକୁ। ମାତ୍ର ସେତେବେଳକୁ ସବୁକିଛି ଛାରଖାର ହୋଇଯାଇଥିଲା। କାହା ଘର ଭାଙ୍ଗିଯାଇଥିବାବେଳେ ପୁଣି କାହାର ଛପର ଉଡ଼ିଯାଇଥିଲା। କଚ୍ଚା ଘର ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଥିଲା। ପୁଣି କାହା ଘରର କାନ୍ଥ ତଳେ ଚାପି ହୋଇରହିଥିଲା ସବୁ ଆସବାବପତ୍ର। ସେମିତି ବେଳାଭୂମିରେ ଡଙ୍ଗାଗୁଡ଼ିକ ଛିନ୍ନଛତ୍ର ହୋଇ ପଡ଼ିରହିଥିଲା। ଅନେକ ମତ୍ସ୍ୟଜୀବୀ ନିଜ ଡଙ୍ଗା ପାଇ ନ ଥିଲେ।

ପ୍ରଶାସନ ଡଙ୍ଗା କ୍ଷୟକ୍ଷତି ଆକଳନ କରି ନ ଥିବାରୁ ମତ୍ସ୍ୟଜୀବୀମାନେ ହାତବାନ୍ଧି ବସିଛନ୍ତି। ଏସ୍.ଶ୍ରୀନୁ କହିଛନ୍ତି, ସମୁଦ୍ରକୁ ଡଙ୍ଗା ନେଇଗଲେ ଆମ ପରିବାର ଚଳେ। ସମୁଦ୍ର ହେଉଛି ଆମର ଭାତହାଣ୍ଡି। ଡଙ୍ଗା ହିଁ ପେଟପାଟଣା ଲାଗି ଭରସା। ବାତ୍ୟା ଦୁଇଦିନ ପୂର୍ବରୁ ଡଙ୍ଗାକୁ ବେଳାଭୂମି ଉପରକୁ ଉଠାଇ ଆଣିଥିଲୁ। ହେଲେ ବାତ୍ୟା ଡଙ୍ଗାକୁ ଭାଙ୍ଗିରୁଜି ଦେଇଛି। ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ଡଙ୍ଗା କ୍ଷୟକ୍ଷତି ଆକଳନ କରାଯାଇନାହିଁ। ତେଣୁ ପୁଣି କେବେ ସମୁଦ୍ରକୁ ମାଛ ମାରିବାକୁ ଯିବି ତାହା ଜାଣିପାରୁନାହିଁ। ତାଙ୍କ ଭଳି ଅନେକ ମତ୍ସ୍ୟଜୀବୀଙ୍କ ଡଙ୍ଗା କ୍ଷତିଗ୍ରସ୍ତ ହୋଇଛି, ଆଉ କେତେଜଣ ସେମାନଙ୍କ ଡଙ୍ଗା ପାଉନାହାନ୍ତି ବୋଲି ଶ୍ରୀନୁ ପ୍ରକାଶ କରିଛନ୍ତି।

## ବାତ୍ୟା ପରେ ସଙ୍କଟରେ ପ୍ରାଣୀ ସମ୍ପଦ

**ସ୍ୱାଧୀନ ଚମ୍ପତିରାୟ**
**ବ୍ରହ୍ମଗିରି, ୧୦।୫(ଡି.ଏନ୍.ଏ.)**

ପ୍ରଳୟଙ୍କରୀ ବାତ୍ୟା ଫନୀର ତାଣ୍ଡବ ଲୀଳାରେ ସମସ୍ତେ କ୍ଷତିଗ୍ରସ୍ତ ହୋଇଛନ୍ତି। ମଣିଷଠାରୁ ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତେ ବେସାହାରା ହୋଇଯାଇଛନ୍ତି। ସେଥି ପାଇଁ ଚାରି ଆଡୁ ଛୁଟିଆସୁଛି ସାହାଯ୍ୟର ହାତ। କିନ୍ତୁ ନିରୀହ ପଶୁଙ୍କର ପାଟି ଖୋଲୁ ନ ଥିବାରୁ ସେମାନେ ନିଜର ବେଦନା ଜଣାଇ ପାରୁନାହାଁନ୍ତି। ମଣିଷମାନେ ନିଜ କଥା ବୁଝୁ ବୁଝୁ ଭୁଲିଯାଇଛନ୍ତି ଏମାନଙ୍କ ଦୁର୍ଦ୍ଦଶା। ଏହି ପ୍ରଳୟଙ୍କରୀ ବାତ୍ୟାରେ କେତେ ପଶୁଙ୍କର ମୃତ୍ୟୁ ଘଟିଛି ତାର ହିସାବ କାହା ପାଖରେ ନାହିଁ। ବାତ୍ୟାରେ ଏମାନଙ୍କ ଆଶ୍ରୟସ୍ଥଳ ଭାଙ୍ଗିଯାଇଥିବାରୁ ଏହି ନୀରିହ ପ୍ରାଣୀ ଗୁଡାକ ଛାଇଟିକେ ନ ପାଇ ଖରାରେ ସିଝୁଛନ୍ତି। ସରକାରଙ୍କ ଠାରୁ ଯାହା ରିଲିଫ ମିଳିଛି ସେ ସବୁ ସମୁଦ୍ରକୁ ଶଙ୍ଖେ। ତେଣୁ ଖାଦ୍ୟାଭାବରୁ ଭୋକରେ ଡହଳବିକଳ ହେବାଛଡ଼ା ଅନ୍ୟକିଛି ଉପାୟ ନାହିଁ।

ଫନୀ ପ୍ରଭାବରେ ବିଶେଷ କ୍ଷତିଗ୍ରସ୍ତ ହୋଇଛି ବ୍ରହ୍ମଗିରି ବ୍ଲକ। ଫଳରେ ସଙ୍କଟରେ ପଡିଛି ପ୍ରାଣୀ ସମ୍ପଦ। ସରକାରୀ ତଥ୍ୟ ଅନୁଯାୟୀ, ବ୍ଲକରେ ରହିଛନ୍ତି ୩୩, ୪୮୯ଟି ଗୃହପାଳିତ ପଶୁ। ତାଛଡା ଛେଳି,ମେଣ୍ଢା, କୁକୁଡାକୁ ମଧ୍ୟ ଲୋକେ ପାଳନ କରିଥାନ୍ତି। ଗମ୍ଭାରୀ, ପରିଜିପୁର, ହରିଦାସ, ଗୋଲରା ଆଦି ଗ୍ରାମ କ୍ଷୀର ଉତ୍ପାଦନରେ ବେଶ ଆଗରେ ରହିଥିଲା। ବ୍ରହ୍ମଗିରି ଅଞ୍ଚଳରୁ ପ୍ରତିଦିନ ପ୍ରାୟ ୫ ହଜାର ଲିଟର କ୍ଷୀର ବାହାରକୁ ଯାଇଥାଏ। କିନ୍ତୁ ବାତ୍ୟାରେ ଶହଶହ ମଇଁଷି, ଗାଈ ମରିଯିବା କାରଣରୁ କ୍ଷୀର ଉତ୍ପାଦନ କ୍ଷେତ୍ରରେ ସଙ୍କଟ ଦେଖାଦେବ। ଏହା ଉପରେ ନିର୍ଭର କରି ଚଳୁଥିବା ପରିବାରଙ୍କ ଆର୍ଥିକ ସ୍ଥିତ ଉପରେ ପ୍ରଭାବ ପକାଇବ। ସରକାରୀ ଆକଳନ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୨୩୭ଟି ଗାଈବଳଦ, ୭,୬୩୨ଟି କୁକୁଡା ମରିଥିବାର ସୂଚନା ମିଳିଛି। ଏମାନଙ୍କ ମୃତଦେହକୁ ବ୍ରହ୍ମଗିରି ପ୍ରାଣୀ ଚିକିତ୍ସାଳୟ ତରଫରୁ ଉଦ୍ଧାର କରି ପୋତାଯାଉଛି। ଆହୁରି ଅନେକ ପଶୁଙ୍କ ମୃତଦେହ ଏବେବି ପାଣି ଭିତରେ ପଡ଼ିଛି। ବ୍ରହ୍ମଗିରି ପ୍ରାଣୀ ବିଭାଗ ଦ୍ୱାରା ଢେଙ୍କାନାଳ, ଗଞ୍ଜାମରୁ ଦୁଇଟି ଆରଆରଟିର ସଦସ୍ୟଙ୍କ ଦ୍ୱାରା ଏହି ଉଦ୍ଧାର କାର୍ଯ୍ୟ ଚାଲିଛି। ୨୩ ଭ୍ରାମ୍ୟମାଣ କ୍ୟାମ୍ପ ମାଧ୍ୟମରେ ୧୨୭୧ଟି ଗୃହପାଳିତ ପଶୁଙ୍କ ଚିକିତ୍ସା କରାଯାଇଥିବା ଭୁବନେଶ୍ୱର ଟିକା ଉତ୍ପାଦନ କେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ବାଳରାମ ସାହୁ ସୂଚନା ଦେଇଛନ୍ତି।

### ପାଟି ଖୋଲୁନି, ବୁଝିବାକୁ କେହି ନାହିଁ

ପ୍ରଶାସନ ତରଫରୁ ଅଳ୍ପ କିଛି ଗୋଖାଦ୍ୟ ରିଲିଫ ଆକାରରେ ଆସିଛି। ଏ ସମ୍ପର୍କରେ ବ୍ରହ୍ମଗିରି ଗ୍ରାମର ବିନାୟକ ପାତ୍ର କୁହନ୍ତି, ବର୍ତ୍ତମାନ ମୁଖ୍ୟ ସମସ୍ୟା ହେଉଛି ଗୃହପାଳିତ ପ୍ରାଣୀମାନେ ଖାଦ୍ୟ ନ ପାଇ ଅଖାଦ୍ୟ ଖାଇବେ। ଫଳରେ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିପାରନ୍ତି। ତେଣୁ ତୁରନ୍ତ ଏମାନଙ୍କ ସୁରକ୍ଷା କଥା ପ୍ରଶାସନ ଚିନ୍ତା କରିବା ଦରକାର।

## କଟକ ତୁଳସୀପୁର ଡିୟର ପାର୍କ ନିକଟ ମଧୁକୁଞ୍ଜ ପାର୍କ



ପୂର୍ବରୁ



ଏବେ



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରିପାରିବେ।

-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ହତ୍ୟା ଅଭିଯୋଗ

**ଆଠଗଡ଼,୧୦ା୫(ସ୍ୱ.ପ୍ର.):** ଆଠଗଡ଼ ଥାନା ଅଧୀନ ଖୁଣ୍ଟକଟା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ସକାଳୁ କୂଅରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ଗ୍ରାମର ମେଘାନନ୍ଦ ନାଏକଙ୍କ ପୁଅ ମନୋଜ ନାଏକ ଓରଫ୍ ମିଲୁ(୩୫)। ଅନ୍ୟପକ୍ଷରେ ମିଲୁଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇ କୂଅରେ ଫିଙ୍ଗାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୧୧୦/୧୯ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ମିଲୁ ବୁଧବାର ଯାତ୍ରା ଦେଖିବାକୁ ରେଗେଡ଼ାପଡ଼ା ଯାଇଥିଲେ। ସେଠାରେ ତାଙ୍କର ରେଗେଡ଼ାପଡ଼ା ଯୁବକଙ୍କ ସହ ବଚସା ହୋଇଥିଲା। ଏହାପରେ ପୁଣି ଗୁରୁବାର ରାତିରେ ସେଠାକୁ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ବିଳମ୍ବିତ ରାତିରେ ସାଙ୍ଗମାନଙ୍କ ସହ ଘରକୁ ବାହାରୁଥିବାବେଳେ ଅନ୍ୟଜଣେ ସାଙ୍ଗ ତାଙ୍କୁ ଫୋନ୍ ଯୋଗେ ଚା' ପିଇବା ପାଇଁ ଡାକିଥିଲେ। ମିଲୁ ସେଠାରେ ଥିବା ଚା' ଦୋକାନକୁ ଯିବା ବାଟରେ ପୂର୍ବ ଯୋଜନା ମୁତାବକ ରେଗେଡ଼ିପଡ଼ା ଗ୍ରାମର କଙ୍କଡ଼ି ସ୍ୱାଇଁ, ଗଙ୍ଗାଧର ସ୍ୱାଇଁ ଓ ଅନ୍ୟ ସହଯୋଗୀମାନେ ତାଙ୍କ ମୁଣ୍ଡକୁ ବିଭିନ୍ନ ମାରଣାସ୍ତ୍ରରେ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହାପରେ ସେମାନେ ମିଲୁଙ୍କ ମୃତଦେହକୁ ଅନତି ଦୂରରେ ଥିବା ପରିତ୍ୟକ୍ତ କୂଅରେ ଫିଙ୍ଗି ପଳାଇଥିଲେ। ପୁଅ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶେଷରେ କୂଅରେ ମିଲୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ମୃତଦେହ ଉଦ୍ଧାର କରାଯାଇଥିଲା। ପୂର୍ବ ଶତ୍ରୁତାକୁ ନେଇ ମିଲୁଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହକୁ ଜବତ କରି ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

### ୭୯ ହଜାର ହିତାଧିକାରୀ ପାଇଲେ ସହାୟତା

**ଭୁବନେଶ୍ୱର,୧୦ା୫(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଉଛି। ସୋମବାରଠାରୁ ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟର ପଞ୍ଚମ ଦିନରେ ମୋଟ ୬୭ଟି ୱାର୍ଡ଼ର ୮ ହଜାର ୬୬୬ଜଣ ଲୋକଙ୍କୁ ୨ହଜାର ୫ଶହ ଟଙ୍କାର ସହାୟତା ସହ ୮ହଜାର ଲୋକଙ୍କୁ ୫୦ କେଜି ଚାଉଳ ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୭୯ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସହାୟତା ରାଶି ମିଳିଛି। ଅନ୍ୟପକ୍ଷେ ଶୁକ୍ରବାର ୩୦ଟି ସହାୟତା କେନ୍ଦ୍ରକୁ ବନ୍ଦ କରି ଦିଆଯାଇଛି। ବିଭିନ୍ନ ସ୍ଥାନରେ ହିତାଧିକାରୀମାନେ ସହାୟତା ରାଶି ପାଇସାରିବା ପରେ ମୋଟ ୬୭ଟି ସହାୟତା କେନ୍ଦ୍ରରୁ ୩୦ଟିକୁ ଏବେ ବନ୍ଦ କରି ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ୧ଲକ୍ଷ ୪ହଜାର ୮ଶହ ୧୪ଜଣଙ୍କୁ ବିଏମ୍‌ସି ଏହି ସହାୟତା ରାଶି ପ୍ରଦାନ କରିବ। କ୍ଷତିଗ୍ରସ୍ତ ଲୋକଙ୍କୁ ୨୬କୋଟି ୨୦ଲକ୍ଷ ୩୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ।

■ ବିଦ୍ୟୁତ୍‌କୁ ନେଇ ବଢୁଛି ଜନଅସନ୍ତୋଷ

# ସେସୁ ଅଫିସ ଘେରାଉ କରୁଛନ୍ତି ଲୋକେ

**ଭୁବନେଶ୍ୱର,୧୦ା୫(ବ୍ୟୁରୋ)**



ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଲୋକଙ୍କ ରାସ୍ତାରୋକୋ।



ଉତ୍ତ୍ୟକ୍ତ ଲୋକେ ସେସୁ ଅଫିସ ଘେରାଉ କରିଛନ୍ତି।

ବିଦ୍ୟୁତ୍‌କୁ ନେଇ ବଢୁଛି ଜନ ଅସନ୍ତୋଷ। ରାଜଧାନୀର ଅନେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ମଧ୍ୟ କେତେକ ସ୍ଥାନରେ ଏ ପର୍ଯ୍ୟନ୍ତ ଦିଆଯାଇ ପାରିନାହିଁ। ବିଦ୍ୟୁତ୍ ସଂଯୋଗ ପାଇ ନ ଥିବା ଅଞ୍ଚଳବାସୀଙ୍କ ରାଗ କାହିଁରେ କେତେ। ବିଦ୍ୟୁତ୍ ପାଇଁ ସେମାନେ ସେସୁ ଅଫିସ ଘେରାଉ କରୁଛନ୍ତି। ପରିସ୍ଥିତି ଏପରି ହୋଇଛି ପୋଲିସକୁ ମଧ୍ୟ ପାୱାର ଷ୍ଟେଶନ ଏବଂ ସେସୁ ଅଫିସକୁ ଜଗିବାକୁ ପଡୁଛି। ଅନ୍ୟପକ୍ଷରେ ଯେଉଁ ସବୁ ସ୍ଥାନରେ ବିଦ୍ୟୁତ୍ ଆସିଛି ସେଠାରେ ମଧ୍ୟ ରାତି ପାହାନ୍ତାରୁ ପାୱାର କଟ୍ ହୋଇ ସନ୍ଧ୍ୟାରେ ଦିଆଯାଉଛି। ଅନେକ ସ୍ଥାନରେ ବିଦ୍ୟୁତ୍ ମରାମତି କାର୍ଯ୍ୟ ହେଉଥିବାରୁ ପାୱାର କଟ୍ ହେଉଥିବା ବିଭାଗ ପକ୍ଷରୁ ସଫେଇ ଦିଆଯାଉଥିଲେ ମଧ୍ୟ ଲୋକଙ୍କ ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି। ମରାମତି ଯେଉଁ ସ୍ଥାନରେ ହେଉଛି ତା'ର ନିକଟବର୍ତ୍ତୀ ସୀମିତ ଅଞ୍ଚଳରେ ବିଦ୍ୟୁତ କାଟ କରାଯାଉ ବୋଲି ଲୋକେ ଦାବି କରିଛନ୍ତି। ସବୁ ସ୍ଥାନରେ ବିଦ୍ୟୁତ୍ କାଟି ଲୋକଙ୍କୁ ହଇରାଣ କରିବା ଠିକ୍ ନୁହେଁ ବୋଲି ରାଜଧାନୀବାସୀ ଅଭିଯୋଗ କରିଛନ୍ତି।

■ ଆଇଆର୍‌ସି ଭିଲେଜ ଲୋକଙ୍କ ରାସ୍ତାରୋକୋ

■ ପାୱାର କଟ୍ ବଢ଼ାଉଛି ଚିନ୍ତା

ଅନ୍ୟପକ୍ଷରେ ରାଜଧାନୀରେ ଅନ୍ଧକାର ଥିବାରୁ ପୋଲିସ ଅଫିସର ତଦନ୍ତ ଠିକ୍‌ସେ କରି ପାରୁନାହାନ୍ତି। ଥାନାକୁ ଯଦି କେହି ଅଭିଯୋଗ କରିବାକୁ ଆସୁଛନ୍ତି ତେବେ ସେମାନଙ୍କୁ ପୋଲିସ ପରେ ଆସିବାକୁ କହି ବିଦା କରି ଦେଉଛନ୍ତି। ଥାନାଗୁଡିକରେ ପୋଲିସ ଅଫିସରମାନେ ଗରମ ଯୋଗୁ ଖାକି ପୋଷାକ ଖୋଲି ବସୁଥିବାବେଳେ କେହି କେହି ବିଞ୍ଚଣା ଧରି ବିଞ୍ଚି ହେଉଥିବା ଦେଖିବାକୁ ମିଳୁଛି।

ଶୁକ୍ରବାର ରାତିରେ ଆଇଆରସି ଭିଲେଜରେ ବିଦ୍ୟୁତ୍ ଯୋଗାଣ ଦାବି କରି ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଆଇଆର୍‌ସି ଭିଲେଜ୍‌ସ୍ଥିତ ବିଦ୍ୟୁତ୍ ଅଫିସ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଫଳରେ ବହୁ ଗାଡିମୋଟର ଦୀର୍ଘ ସମୟ ଅଟକି ରହିଥିଲା। ଶନିବାର ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ଅଫିସ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଲୋକେ ତାହା ଶୁଣି ନ ଥିଲେ। ବର୍ତ୍ତମାନ ବିଦ୍ୟୁତ୍ ସଂଯୋଗ ଦିଆଯାଉ ଦାବି କରି ରାସ୍ତାରୁ ହଟି ନ ଥିଲେ। ଶେଷରେ ନୟାପଲ୍ଲୀ ଥାନା ପୋଲିସ ଓ ବିଦ୍ୟୁତ୍ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଉକ୍ତ ଅଞ୍ଚଳରେ ଯେଉଁଠି ବିଦ୍ୟୁତ୍ ତାର ଛିଡିଛି କିମ୍ବା ସମସ୍ୟା ରହିଛି ତାହା ଶନିବାର ସକାଳୁ ମରାମତି କରାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସେମାନେ ରାସ୍ତାରୋକୋରୁ ହଟିଥିଲେ। ସେହିପରି ପୁରୁଣା ଭୁବନେଶ୍ୱର ଅଞ୍ଚଳର ଗ୍ୟାରେଜ ଛକଠାରେ ଲୋକେ ପାନୀୟ ଜଳ, ରିଲିଫ ଓ ବିଦ୍ୟୁତ୍ ସେବା ଯୋଗାଇ ଦେବା ଦାବିରେ ରାସ୍ତାରୋକୋ କରିଥିଲେ। ପୋଲିସ ଓ ବିଦ୍ୟୁତ୍ ବିଭାଗର ବରିଷ୍ଠ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ଅନ୍ୟପକ୍ଷରେ ପଟିଆ ଛକ-କିଟ୍ କଲେଜ ରାସ୍ତାକୁ ମଧ୍ୟ ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ୍ ପାଇଁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ରାସ୍ତାରୁ ଉଠାଇଥିଲା।

ଏବେବି ରାଜଧାନୀର ଅନେକ ସ୍ଥାନରେ ବିଦ୍ୟୁତ୍ ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବାହାର ରାଜ୍ୟରୁ ଆସିଥିବା ଅନେକ ବିଦ୍ୟୁତ୍ କର୍ମଚାରୀ ଏହି ସବୁ କାର୍ଯ୍ୟ କରୁଛନ୍ତି। ଆଉ ୩ରୁ ୪ଦିନ ଭିତରେ ଏସବୁ କାର୍ଯ୍ୟ ଶେଷହୋଇ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବ ବୋଲି ସେସୁ ପକ୍ଷରୁ କୁହାଯାଇଛି।

## ବିଜୁଳି, ପାଣି ଯୋଗାଣ ଉପରେ ସରକାର ଗୁରୁତ୍ୱ ଦିଅନ୍ତୁ: ଗୁଲାମନବୀ

**ଭୁବନେଶ୍ୱର,୧୦ା୫(ବ୍ୟୁରୋ)**

ବାତ୍ୟା ଫନୀ ପ୍ରଭାବରେ ଉପକୂଳ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଲୋକମାନେ ଏଯାବତ୍ ବିଦ୍ୟୁତ୍ ଓ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ବିଦ୍ୟୁତ୍ କାଟ ଲୋକଙ୍କୁ ଅଥୟ କରିସାରିଲାଣି। ତେଣୁ ତୁରନ୍ତ ଲୋକଙ୍କୁ ବିଜୁଳି ଓ ଜଳ ଯୋଗାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି କଂଗ୍ରେସର ବରିଷ୍ଠ ନେତା ଗୁଲାମନବୀ ଆଜାଦ କହିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୁଲାମନବୀ କହିଛନ୍ତି, ୧୯୯୯ ମହାବାତ୍ୟା ଭଳି ନ ହେଲେ ମଧ୍ୟ ଫନୀ ପ୍ରଭାବରେ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟା ଯୋଗୁ ପୁରୀ ଜିଲାରେ ଭିତ୍ତିଭୂମି ଏବଂ ବହୁ ସଂଖ୍ୟାରେ ଗଛ ନଷ୍ଟ ହୋଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ପାଇଁ ପୁରୀ ଗସ୍ତ କରିଥିଲେ। ଲୋକମାନେ ବାତ୍ୟା ପରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ରିଲିଫ ନ ପାଇବାରୁ ରାସ୍ତା ବନ୍ଦ କରିଥିଲେ। ଯେଉଁଥିପାଇଁ ତାଙ୍କୁ ରାସ୍ତାରେ ଅଟକିବାକୁ ପଡିଥିଲା। ଏହାପରେ ସେ ଆନ୍ଦୋଳନ ରତ ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝି ସେଠାରୁ ଫେରିଥିଲେ। ସରକାରଙ୍କ ପକ୍ଷରୁ ଯାହା ଘୋଷଣା କରାଯାଇଥିଲା ୨ହଜାର ଟଙ୍କା, ପଲିଥିନ୍ ଏବଂ ୫୦କେଜି ଚାଉଳ ଦେବାକୁ ତାହା ତୁରନ୍ତ ଦିଅନ୍ତୁ। କୋଣାର୍କ ଅଞ୍ଚଳରେ ମଧ୍ୟ ସରକାରଙ୍କ ପକ୍ଷରୁ ଲୋକେ ରିଲିଫ ପାଇନାହାନ୍ତି। ତେଣୁ ଲୋକଙ୍କୁ ତୁରନ୍ତ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ରିଲିଫ ଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଅନୁରୋଧ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଯେଉଁ ଲୋକମାନେ ସରକାରଙ୍କ ଦ୍ୱାରା ରନ୍ଧା ଯାଉଥିବା ଖାଦ୍ୟ ଖାଉଛନ୍ତି ସେମାନେ ଅତି ଗରିବ ଶ୍ରେଣୀର। ତେଣୁ ସେମାନଙ୍କୁ ୨୦ରୁ ୨୪ଦିନ ଯେତେଦିନ ଆବଶ୍ୟକ ରନ୍ଧା ଖାଦ୍ୟ ଦିଆଯାଉ। ବିଜୁଳି ଓ ଜଳ ଯୋଗାଣ ମୁଖ୍ୟ ଦାୟିତ୍ୱ। ବର୍ତ୍ତମାନ ଶୀତଦିନ ହୋଇଥିଲେ ଚଳିଥାଆନ୍ତା। ଶୀତଦିନ ହୋଇଥିଲେ ଲୋକଙ୍କୁ ଗରମ କିମ୍ବା ଶୋଷ ହୋଇ ନ ଥାଆନ୍ତା। ହେଲେ ଗରମ ଦିନ ହୋଇଥିବାରୁ ଲୋକଙ୍କୁ ଗରମ, ଭୋକ ଓ ଶୋଷ ସବୁ ଜୋର୍‌ରେ ହେବ। ତେଣୁ ବିଜୁଳି ଓ ପାଣି ଯୋଗାଣ ଦାୟିତ୍ୱକୁ ମୁଖ୍ୟତଃ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଗୁଲାମନବୀ କହିଛନ୍ତି। ଏହାସହ ବାତ୍ୟା ଫନୀ ସମୟରେ ଲାଗାତାର ସୂଚନା ଦେଇ ଲୋକଙ୍କୁ ସତର୍କ କରାଇଥିବାରୁ ଓଡିଶାର ଗଣମାଧ୍ୟମକୁ ଗୁଲାମନବୀ ଧନ୍ୟବାଦ ଜଣାଇଛନ୍ତି।

## ନୃତ୍ୟାୟନର ୨୭ତମ ସ୍ୱନକ୍ଷତ୍ର ଦିବସ





ରବୀନ୍ଦ୍ରମଣ୍ଡପଠାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର,୧୦ା୫(ବ୍ୟୁରୋ)**

ଓଡ଼ିଶୀ ନୃତ୍ୟାନୁଷ୍ଠାନ 'ନୃତ୍ୟାୟନ' ପକ୍ଷରୁ ଏହାର ୨୭ତମ ସ୍ୱନକ୍ଷତ୍ର ଦିବସ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ. ରାଧାଶ୍ୟାମ ପାତ୍ରଙ୍କ ସଭାପତିତ୍ୱରେ ଅତିଥିଭାବେ ଡ. ସ୍ନେହପ୍ରଭା ସାମନ୍ତରାୟ ଓ ଡ. ସଙ୍ଗୀତା ଗୋସାଇଁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଲୁଲୁ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଙ୍ଗଠନ ସମ୍ପାଦକ ବିନୁ ବସୁମଲ୍ଲିକ, ବରିଷ୍ଠ ସଦସ୍ୟ ଶେଷଦେବ ସାମଲ, ପ୍ରଦୀପ କୁମାର ଜେନା ଓ ଲକ୍ଷ୍ମୀଧର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରେ ଅନୁଷ୍ଠାନର ବରିଷ୍ଠ ଓ କନିଷ୍ଠ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାରମ୍ଭରେ ଦଶମହାବିଦ୍ୟା ପରିବେଷିତ ହେବା ପରେ ମଙ୍ଗଳାଚରଣ ନମାମି, କିଏ ତୁ ସଜନୀ, କାହିଁ ଗଲେ ମୁରଲୀ ଫୁଙ୍କା, ଶିବ ସ୍ତୁତି, ଗୋବିନ୍ଦ ଦାମୋଦରାଷ୍ଟକମ୍ ଆଦି ମଞ୍ଚସ୍ଥ ହୋଇଥିଲା। ସମ୍ବଲପୁରୀ ଲୋକନୃତ୍ୟ କାର୍ଯ୍ୟକ୍ରମର ଆକର୍ଷଣ ସାଜିଥିଲା। ରସୁଲଗଡ଼, ଆଚାର୍ଯ୍ୟ ବିହାର ଛକସ୍ଥିତ ନୃତ୍ୟାନୁଷ୍ଠାନର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ଦୁର୍ଗାଚରଣ ରଣବୀର ନୃତ୍ୟର ସଂରଚନା କରିଥିବା ବେଳେ ମନୋଜ ପ୍ରଧାନ ଓ ନୀଳାଦ୍ରି ମହାନ୍ତି ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ।

## ୮୨୨ ହିତାଧିକାରୀଙ୍କୁ ମିଳିଛି ପଲିଥିନ୍

**ବାଲିଅନ୍ତା,୧୦ା୫(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକର ୮୨୨ ହିତାଧିକାରୀଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ଶୁକ୍ରବାରଠାରୁ ଏହି ବ୍ଲକ ଅଞ୍ଚଳରେ କ୍ଷତିଗ୍ରସ୍ତ ଲୋକଙ୍କୁ ଆଉ ପଲିଥିନ ମିଳିବ ନାହିଁ ବୋଲି ପଲିଥିନ ବଣ୍ଟନରେ ଥିବା ଜଣେ ଅଧିକାରୀ କହିଛନ୍ତି। ଯେଉଁ ହିତାଧିକାରୀଙ୍କୁ ପଲିଥିନ ମିଳିନାହିଁ, ସେମାନଙ୍କୁ ୫୦୦ଟଙ୍କା ଦିଆଯିବ। ପୂର୍ବରୁ ନେଇଥିବା ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ରିଲିଫ ବାବଦକୁ ବାକି ଥିବା ୨୦୦୦ଟଙ୍କା ଦିଆଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ରାଶନ କାର୍ଡ ନ ଥିବା ବିପନ୍ନଙ୍କୁ ପଲିଥିନ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି।

## ମନବୋଧଙ୍କୁ ଏମ୍‌ସ ଓପିଡିରେ ଭେଟିବାକୁ ପରାମର୍ଶ

**କଟକ ଅଫିସ, ୧୦ା୫**

ଦିଲ୍ଲୀର ଏମ୍‌ସ ଆଉଟଡୋରକୁ ମନବୋଧ ଯିବେ। ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବଳପଦର ଗ୍ରାମର ମନବୋଧ ବାଗ୍(୩୧) ମାରାତ୍ମକ ନ୍ୟୁରୋଫାଇବ୍ରୋମା ରୋଗରେ ଆକ୍ରାନ୍ତ ଅଛନ୍ତି। ୨୦୧୮ ଅକ୍ଟୋବର ୯ରୁ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ସେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ମୁହଁରେ ହୋଇଥିବା ଛୋଟ ଆବୁଟି କ୍ରମଶଃ ବଢି ବଢି ଡାହାଣ ପଟ ଆଖି ଓ ପାଟି ବନ୍ଦ ହୋଇଗଲାଣି। ପୂର୍ବରୁ ଦୁଇ ଥର ତାଙ୍କ ମୁହଁରେ ଅସ୍ତ୍ରୋପଚାର କରାଯାଇଥିଲେ ମଧ୍ୟ ଏଥିରେ କୌଣସି ସୁଧାର ନ ଆସିବାରୁ ଚିକିତ୍ସା ପାଇଁ ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାମାଜିକ ସଙ୍ଗଠନ ମୈତ୍ରୀ ସଂସଦ ପକ୍ଷରୁ ମେଡିକାଲ, ଜିଲା, ରାଜ୍ୟ ପ୍ରଶାସନ, ସ୍ୱାସ୍ଥ୍ୟ ସଚିବ, ଏମ୍‌ପି ଓ ବିଭାଗୀୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଏଥିରୁ ସଫଳ ନ ହେବାରୁ ସଂସଦ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲା। ହାଇକୋର୍ଟ ଏହାକୁ ବିଚାର କରି କେନ୍ଦ୍ର ସରକାରଙ୍କ ସରକାରୀ ଓକିଲଙ୍କୁ ଏ ସମ୍ବନ୍ଧରେ ଦିଲ୍ଲୀ ଏମ୍‌ସରୁ ତଥ୍ୟ ସଂଗ୍ରହ କରି ହାଇକୋର୍ଟଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦିଲ୍ଲୀସ୍ଥିତ ଏମ୍‌ସର ନ୍ୟୁରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର, ଏସ୍‌ସିବି ଅଧୀକ୍ଷକଙ୍କୁ ଅନୁରୋଧ କରି ମନବୋଧଙ୍କୁ ଏମ୍‌ସ ଓପିଡିରେ ସାକ୍ଷାତ କରିବାକୁ ପରାମର୍ଶ ଦେଇଛନ୍ତି।

## ବାତ୍ୟା ପ୍ରପୀଡ଼ିତଙ୍କ ସହାୟତାରେ ସ୍ୱୟଂସେବକ

**ଭୁବନେଶ୍ୱର,୧୦ା୫(ବ୍ୟୁରୋ)**



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି।

ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଯୋଜନା ଏବଂ ରାଷ୍ଟ୍ରୀୟ ସେବାଭାରତୀ ସହଯୋଗରେ ଉତ୍କଳ ବିପନ୍ନ ସହାୟତା ସମିତି ଦ୍ୱାରା ବିଭିନ୍ନ ପ୍ରକାର ସେବାକାର୍ଯ୍ୟ କରାଯାଉଛି। ଦେଢ଼ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂସେବକଙ୍କ ଦ୍ୱାରା ରାସ୍ତାଘାଟ ସଫା କରାଯିବା ସହିତ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ଚୁଡ଼ା, ଗୁଡ଼, ମହମବତି, ଦିଆସିଲି, ପାଣି ବୋତଲ, ତାରପୋଲିନ୍, ଔଷଧ ଆଦି ଯୋଗାଇ ଦିଆଯାଉଛି। ଶୁକ୍ରବାର ସୁଦ୍ଧା ୨୬୮ ଗ୍ରାମରେ ୧ଲକ୍ଷ ୬୪ହଜାର ୭୬ଜଣଙ୍କୁ ସେବା ଯୋଗାଇ ଦିଆଯାଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହସରକାର୍ଯ୍ୟବାହ ଭି. ଭାଗେୟାଜୀ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସ୍ୱୟଂସେବକମାନେ ପୁରୀ ଜିଲାର ଘୋଡ଼ାବଜାର, ବ୍ରହ୍ମଗିରି, ବଳଙ୍ଗା, କୋଣାର୍କ, ଖେଲାର, କଣାସ, ଦାଣ୍ଡମୁକୁନ୍ଦପୁର, ନିମାପଡ଼ା, ଖୋର୍ଦ୍ଧା ଜିଲାର ସୋରଣ, ବାଲିପାଟଣା, ଜଟଣୀ, ଭୁବନେଶ୍ୱରର ୟୁନିଟ-୩ ଏବଂ କଟକ ଜିଲାର ମହାନଦୀ ବିହାର, ଓଲଟପୁରଠାରେ ସହାୟତା କେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି। ପୁରୀ ପେଣ୍ଟକଟାର ଲୋକେ ରାସ୍ତା ଉପରେ ରାତ୍ରିଯାପନ କରୁଥିବା ବେଳେ ଅନେକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସଂଘ ତରଫରୁ ସେମାନଙ୍କ ପାଖରେ ଏକ ଡାକ୍ତରୀ ଟିମ୍ ପହଞ୍ଚି ସେବା ଯୋଗାଇ ଦେବା ସହ ବିଭିନ୍ନ ସାହାଯ୍ୟ ସହଯୋଗ କରିଛନ୍ତି। ବାତ୍ୟା ପ୍ରପୀଡ଼ିତଙ୍କ ପାଇଁ ସହାୟତା ରାଶି ପଠାଇବାକୁ ସଂଘ ପକ୍ଷରୁ ଜନସାଧାରଣ ଓ ବିଭିନ୍ନ କର୍ପୋରେଟ୍ ସଂସ୍ଥାକୁ ଅନୁରୋଧ କରାଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ବା ସଂସ୍ଥା ଦରକାରୀ ଜିନିଷ ଦେବାକୁ ଚାହାନ୍ତି, ତା'ହେଲେ ସେମାନେ ମଞ୍ଚେଶ୍ୱରସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତିର ମୁଖ୍ୟ କାର୍ଯ୍ୟାଳୟରେ ଦେଇପାରିବେ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଂଘର ପୂର୍ବ କ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର, ପୂର୍ବ ପ୍ରାନ୍ତ ସଂଘଚାଳକ ସମୀର ମହାନ୍ତି, ୟୁବିଏସ୍‌ଏସ୍‌ର ସଭାପତି ଇଂ. ଅଭୟ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଟାରି ରୟାଲ୍ ପକ୍ଷରୁ ରିଲିଫ କ୍ୟାମ୍ପ୍

**ଭୁବନେଶ୍ୱର,୧୦ା୫(ବ୍ୟୁରୋ)**

ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ରୟାଲ ପକ୍ଷରୁ ପୁରୀ ଓ ଭୁବନେଶ୍ୱର ବାତ୍ୟା ପ୍ରପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟାଯାଇଛି। ଗତ ୩ଦିନ ଧରି ଏହି ରିଲିଫ୍ କ୍ୟାମ୍ପ୍ ଚାଲିଥିଲା। ଭୁବନେଶ୍ୱରର ରେଣ୍ଟାଲ ବସ୍ତି ଓ ଜମେଶ୍ୱର ବସ୍ତିର ପ୍ରାୟ ୨ହଜାର ଲୋକଙ୍କୁ ରିଲିଫ୍ ସାମଗ୍ରୀ ଦିଆଯାଇଛି। ଏହାସହ ପୁରୀ ବଳିଆପଣ୍ଡା ଅଞ୍ଚଳର ମହାବୀର ନଗର, ନାଳିପଟି ବସ୍ତି, ମଙ୍ଗଳା ବସ୍ତି, ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତର ନୂଆଗୋଡ଼ିସାହି, ମୁସଲମାନ ବସ୍ତି, ପ୍ରଧାନ ସାହି, ପୋଡ଼ଙ୍ଗ ଓ ଆଗଲପୁରରେ ଚୁଡ଼ା, ଓଆର୍‌ଏସ୍ ପ୍ୟାକେଟ, ଚିନି, ମହମବତି, ସୋଲାର ଲ୍ୟାମ୍ପ୍, ମଶାରୀ, ପାଣି ବୋତଲ, ବିସ୍କୁଟ୍ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। ରୋଟାରି ରୟାଲ୍ ସଭାପତି ପ୍ରଦୀପ କୁମାର ଦାସ ଓ ମିଡିଆ ସେଲ୍ ଅଧ୍ୟକ୍ଷ ବିଭୂତି ଭୂଷଣ କରଙ୍କ ତତ୍ତ୍ୱାବଧାନରେ ଏହି କ୍ୟାମ୍ପ୍ ଚାଲିଥିଲା।

## ବାତ୍ୟା ବଢ଼ାଇଛି ଲୋକଙ୍କ ଦୁର୍ଦ୍ଦଶା

**ବାଲିଅନ୍ତା,୧୦ା୫(ଡି.ଏନ୍.ଏ.)**

ବାତ୍ୟାରେ ପ୍ରଭାବିତ ବିପନ୍ନଙ୍କୁ ରିଲିଫ ଟଙ୍କା ଦିଆଯାଉଥିବା ବେଳେ ଏହାର ପରିମାଣକୁ ନେଇ ବାଲିଅନ୍ତା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରିଲିଫ ଟଙ୍କା ବଣ୍ଟନର ପ୍ରଥମ ଦିନ ବୁଧବାର ଓ ଦ୍ୱିତୀୟ ଦିନ ଗୁରୁବାର ଦିନ ରାଶନ କାର୍ଡଧାରୀଙ୍କୁ ୨ହଜାର ଟଙ୍କା ଲେଖାଏ ବଣ୍ଟନ କରାଯାଇଥିଲା। କିନ୍ତୁ ବଣ୍ଟନ ଦିବସରେ ତୃତୀୟ ଦିନ ଅର୍ଥାତ ଶୁକ୍ରବାର ହିତାଧିକାରୀଙ୍କୁ ୨୫୦୦ଟଙ୍କା ଦିଆଯାଇଥିଲା। ଏହାକୁ ନେଇ କେତେକ ସ୍ଥାନରେ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବରୁ ୨୦୦୦ ଟଙ୍କା ନେଇଥିବା ଲୋକେ ବାକି ଆଉ ୫୦୦ଟଙ୍କା ନେବାପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ହୋହଲ୍ଲା କରିଥିଲେ। ଏ ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟର ରିଲିଫ ଦାୟିତ୍ୱରେ ଥିବା ଅଧିକାରୀ କୁହନ୍ତି, ପଲିଥିନ ପାଇଁ ୫୦୦ ଟଙ୍କା କମ୍ ଦିଆଯାଇଥିଲା। ଯେଉଁମାନଙ୍କୁ ପଲିଥିନ ନ ଦିଆଯାଇଛି, ସେମାନଙ୍କୁ ଅଧିକ ୫୦୦ଟଙ୍କା ଦିଆଯିବ।

### ଅନ୍ଧାରରେ ବଢୁଛି ଅସାମାଜିକ କାର୍ଯ୍ୟ

ବାଲିଅନ୍ତା ଅଞ୍ଚଳରେ ଏବେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଅନ୍ଧାର ରାତିର ସୁଯୋଗରେ କେତେକ ଅଞ୍ଚଳରେ ଆସାମାଜିକ କାର୍ଯ୍ୟ ବଢ଼ି ଚାଲିଛି। କେତେକ ଜାଗାରେ ଚୋରି, ଡକାୟତି ହେଉଥିବା ବେଳେ ଆଉ କେତେ ଜାଗାରେ ଯୁବତୀଙ୍କୁ ଅସଦାଚରଣ ଭଳି ଘଟଣା ଘଟିଛି। ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ରାତିରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଉଥିବା ଥାନାଧିକାରୀ ପ୍ରଦୀପ ରାଉତ କହିଛନ୍ତି। ଅଧିକ ପାଟ୍ରୋଲିଂ ପାଇଁ ଥାନାରେ ପିସିଆର୍ ଗାଡ଼ି ନ ଥିବାରୁ ଅପରାଧୀମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି ବୋଲି କହିଛନ୍ତି।

### ଜେନେରେଟରରେ ଜଳଯୋଗାଣ

ବିଦ୍ୟୁତ୍ ଅଭାବରୁ ଅଚଳ ପାନୀୟ ଜଳ ପ୍ରକଳ୍ପ ତୁରନ୍ତ ଡିଜି ମାଧ୍ୟମରେ କାର୍ଯ୍ୟ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ୮ଟି ବଡ଼ ଜେନେରେଟର ଅଣାଯାଇ ଜଳ ପ୍ରକଳ୍ପରୁ ପିଇବା ପାଣି ଯୋଗାଇ ଦିଆଯାଇଛି। ବିଭାଗର କନିଷ୍ଠଯନ୍ତ୍ରୀ ରଜନୀକାନ୍ତ ପାଣିଗ୍ରାହୀ ନିଜେ ବାଇକରେ ସମସ୍ତ ୪୫ ପାନୀୟ ଜଳପ୍ରକଳ୍ପକୁ ବୁଲି ପାଣି ଯୋଗାଇବା ବ୍ୟବସ୍ଥାକୁ ତଦାରଖ କରୁଛନ୍ତି। ବାତ୍ୟାର ପରେ ପରେ ପାଣି ସମସ୍ୟା ଦୂର ଦିଗରେ ସମ୍ପୃକ୍ତ ବିଭାଗର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଂଶସା ମିଳୁଛି। ପ୍ରତିଦିନ ୧ଘଣ୍ଟା ସମସ୍ତ ପାନୀୟ ପ୍ରକଳ୍ପକୁ ଜେନେରେଟର ଦ୍ୱାରା ଚଳାଯାଉଛି।

■ ବହୁ କ୍ଷତିଗ୍ରସ୍ତ ପଲିଥିନ ପାଇବାରୁ ବଞ୍ଚିତ

# ପ୍ରତିବାଦରେ ରାସ୍ତାରୋକୋ, ପାଟିତୁଣ୍ଡ

**ଜଟଣୀ, ୧୦ା୫(ଡି.ଏନ୍.ଏ.)**



ରିଲିଫ ନ ମିଳିବା ପ୍ରତିବାଦରେ ବିପନ୍ନଙ୍କ ରାସ୍ତାରୋକୋ।

ସାମୁଦ୍ରିକ ଝଡ ଫନୀ ପ୍ରଭାବିତ ଜଟଣୀ ମ୍ୟୁନିସିପାଲିଟି ଅଞ୍ଚଳର ଅନେକ କ୍ଷତିଗ୍ରସ୍ତ ପଲିଥିନ୍ ନ ପାଇବା ପ୍ରତିବାଦରେ ଶୁକ୍ରବାର ରାସ୍ତାରୋକୋ କରିଥିଲେ। ତହସିଲ ଅଫିସ ସମ୍ମୁଖ ମୁଖ୍ୟ ରାସ୍ତା ଉପରେ ଶତାଧିକ ମହିଳାପୁରୁଷ ବସି ରହି ଏକଘଣ୍ଟା ରାସ୍ତାରୋକୋରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀଙ୍କ ମଧ୍ୟରୁ କାହା ଘର ଚାଳ ଉଡିଯାଇଥିବା ବେଳେ ଆଉ କାହାର ଆଜବେଷ୍ଟସ୍ ନଷ୍ଟ ହୋଇଯାଇଛି। ୨ ଦିନ ହେବ ତହସିଲ ଅଫିସ ଆସି ନିରାଶ ହୋଇ ଫେରିବା ପରେ ଶୁକ୍ରବାର ତହସିଲ ଅଫିସ ମଧ୍ୟରେ ପାଟିତୁଣ୍ଡ କରିବା ସହ ରାସ୍ତାରୋକୋକୁ ଓହ୍ଲାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଅବସ୍ଥା ଶାନ୍ତ ପଡିଥିଲା। ଏ ନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କୁହନ୍ତି, ଯେଉଁମାନେ ପଲିଥିନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ସେ ବାବଦରେ ୫ ଶହ ଟଙ୍କା ଦିଆଯିବ। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ବାତ୍ୟା ପ୍ରଭାବିତଙ୍କୁ ପଲିଥିନ, ଚାଉଳ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ୨ ହଜାର ଟଙ୍କା ପ୍ରଦାନରେ ଘୋର ଅବ୍ୟବସ୍ଥାକୁ ନେଇ ଏଠାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଫଳରେ ଦୈନିକ ତହସିଲ, ବ୍ଲକ ଓ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ କାର୍ଯ୍ୟାଳୟଗୁଡିକରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗୋଟିଏ ସ୍ଥାନରେ ବ୍ୟବସ୍ଥା ନ କରି କ୍ଷତିଗ୍ରସ୍ତମାନେ ପଲିଥିନ୍ ଆଣିବାକୁ ତହସିଲ ଅଫିସ, ଚାଉଳ ଆଣିବାକୁ କଣ୍ଟ୍ରୋଲ ଡିଲର୍ ଓ ସ୍ୱତନ୍ତ୍ର ବାତ୍ୟା ସହାୟତା ୨ ହଜାର ଟଙ୍କା ଆଣିବାକୁ ମ୍ୟୁନିସିପାଲିଟି କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଫଳରେ ୩ଟି ସ୍ଥାନରେ ଖରାରେ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍‌ରେ ବିପନ୍ନଙ୍କୁ ଛିଡା ହେବାକୁ ପଡୁଛି। ଗୋଟିଏ ସ୍ଥାନରେ ଏହି ସୁବିଧା କରାଗଲେ ଲୋକେ ଆଉ ଅସୁବିଧାରେ ପଡନ୍ତେ ନାହିଁ ବୋଲି କୁହାଯାଉଛି। ବାତ୍ୟା ପୂର୍ବ ଓ ପରବର୍ତ୍ତୀ ମୁକାବିଲା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଫିଲ୍ଡ ଅଫିସରମାନଙ୍କ ଅନଭିଜ୍ଞତାରୁ ଏପରି ଅବ୍ୟବସ୍ଥା ଓ ବିଳମ୍ବ ହୋଇଥିବା ଏଠାରେ ଅନେକେ ଅଭିଯୋଗ କରିଛନ୍ତି। ଏପରି ପରିସ୍ଥିତିରେ ଠିକ୍ ପରିଚାଳନା ପାଇଁ ଅଭିଜ୍ଞ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଲୋକମାନଙ୍କ ପକ୍ଷରୁ ଦାବି ହେଉଛି।



ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିଲାବେଳେ ନୌସେନାର ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିରାଟକୁ ଛୁଟି କଟାଇବା ଲାଗି ନେଇ ନ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିବାର ଥିଲେ, ସେ ଏଭଳି କାମ କରିଥାନ୍ତେ। ତାଙ୍କର ପରିବାର ନାହିଁ କି ପରିବାର ପ୍ରତି ସମ୍ମାନ ନାହିଁ ବୋଲି କଂଗ୍ରେସର ବରିଷ୍ଠ ନେତା ଆନନ୍ଦ ଶର୍ମା କହିଛନ୍ତି।

## ସଂକ୍ଷେପରେ

### ଗୁଳି ଫୁଟି ଶିକାରୀ ମୃତ

ନାକଟିଦେଉଳ, ୧୦।୫(ଡି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଥାନା ଅଧୀନ ନୂତନ ମଣ୍ଡୁଆମ ଚାଟୁଣି ସାହି ନିକଟସ୍ଥ ଜଙ୍ଗଲକୁ ଶିକାର କରିବାକୁ ଯିବା ଜଣେ ଶିକାରୀଙ୍କୁ ମହଙ୍ଗା ପଡ଼ିଛି। ଶିକାର ବେଳେ ନିଜ ବନ୍ଧୁକରୁ ଗୁଳି ଫୁଟି ତାଙ୍କର ମୃତ୍ୟୁ ଘଟିଛି। ମୃତ ଶିକାରୀ ଜଣକ ହେଲେ କିସିଣ୍ଡା ଥାନା ଅନ୍ତର୍ଗତ ରଙ୍ଗିଆଖଣ୍ଡି ନିକଟସ୍ଥ ନୂତନ ଗଜାବାହାର ଗାଁର ସାହିର ବାହାଦୂର ସିଂ (୩୫)। ଗୁରୁବାର ରାତିରେ ଗ୍ରାମର ଅନ୍ୟ ୨ ଜଣଙ୍କ ସହ ବାହାଦୂର ମଣ୍ଡୁଆମ ଗ୍ରାମ ନିକଟସ୍ଥ ଖଳାଗୁଣ୍ଡା ଅଭୟାରଣ୍ୟକୁ ଶିକାର ପାଇଁ ଯାଇଥିଲେ। ଜଙ୍ଗଲରେ ଏକ ମୟୂର ଶିକାର କରୁଥିବା ବେଳେ ଅସାବଧାନତା କାରଣରୁ ନିଜ ବନ୍ଧୁକରୁ ଗୁଳି ଫୁଟି ବାହାଦୂରଙ୍କ ତାହାଣ ଗୋଡ଼ ଏବଂ ପେଟରେ ବାଜିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ତାଙ୍କ ସହ ଯାଇଥିବା ଅନ୍ୟ ୨ ଶିକାରୀ କହିଛନ୍ତି। ସେମାନେ ରାତିସାରା ଗାଁକୁ ମୃତଦେହ ନ ଆଣି ମଣ୍ଡୁଆମ ଚାଟୁଣି ସାହି ନିକଟ ଏକ ନାଳ ବାଲିରେ ପୋତି ଦେଇ ଚାଲି ଆସିଥିଲେ। ଶୁକ୍ରବାର ସକାଳୁ କିସିଣ୍ଡା ପୋଲିସ ଜୌଣସି ସୂତ୍ରରୁ ଏ ସମ୍ପର୍କରେ ସୂଚନା ପାଇଥିଲା। ଏହାପରେ ଜଙ୍ଗଲକୁ ଯାଇ ବହୁ ଖୋଜାଖୋଜି ପରେ ମୃତଦେହକୁ ମୃତଦେହକୁ ଠାବ କରିଥିଲା। ହେଲେ ରାତି ହୋଇଯିବାରୁ ବାଲି ଭିତରୁ ମୃତଦେହ ଉଦ୍ଧାର କରାଯାଇପାରି ନାହିଁ। ଏପରି କି ବ୍ୟବହୃତ ବନ୍ଧୁକକୁ ମଧ୍ୟ ଜବତ କରାଯାଇପାରି ନାହିଁ। ଶନିବାର ସକାଳୁ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି।

## କୋରାପୁଟ ଜିଲା: ଶିକ୍ଷିତ ବେକାରି ବୃଦ୍ଧି ତୁଳନାରେ କମିଛି କର୍ମସଂସ୍ଥାନ

# ୯ ବର୍ଷରେ ମାତ୍ର ୪୦୮ ନିଯୁକ୍ତି

ପବନ ପାଣିଗ୍ରାହୀ
ଜୟପୁର, ୧୦।୫

ଆଦିବାସୀ ଅଧ୍ୟୁଷିତ ତଥା ଉପାନ୍ତ ଜିଲା ଭାବେ ପରିଚିତ ଥିବା କୋରାପୁଟରେ ଶିକ୍ଷିତ ବର୍ଗଙ୍କ ମଧ୍ୟରେ ବେକାରି ସମସ୍ୟା ସଙ୍ଗୀନ ସ୍ଥିତି ସୃଷ୍ଟି କରିଛି। ଗତ ୯ ବର୍ଷ ଭିତରେ ୪୧ ହଜାରରୁ ଅଧିକ ଶିକ୍ଷିତ ଯୁବତୀ ଯୁବକ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଛନ୍ତି ସତ; କିନ୍ତୁ ସେମାନଙ୍କ ଭିତରୁ ମାତ୍ର ୪୦୮ ଜଣ କର୍ମସଂସ୍ଥାନ ପାଇଛନ୍ତି। ଚାକିରି ପାଉଥିବା ନଗଣ୍ୟ ଯୁବତୀ ଯୁବକମାନେ ନିଜ ନିଯୁକ୍ତିଗତ ଭବିଷ୍ୟତ ନେଇ ମଧ୍ୟ ନିଶ୍ଚିନ୍ତ ନୁହନ୍ତି। ଜିଲାରେ ଯେଉଁଭଳି ବେକାରୀ ବଢ଼ିବାରେ ଲାଗିଛି, ଆମ୍ବବଳ ହରାଇ ଶିକ୍ଷିତ ଯୁବପିଢ଼ି ମଦ, ନିଶା କବଳରେ ପଡ଼ିଯାଉଛନ୍ତି। କେତେକ ନିଶା କାରବାର ଓ ଗଞ୍ଜେଇ ଚାଲାଣ ଭଳି ଅସାଧୁ କାର୍ଯ୍ୟରେ ମଧ୍ୟ ଲିପ୍ତ ରହୁଛନ୍ତି।

ଜିଲା ନିୟୋଜନ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ଗତ ୯ ବର୍ଷର ପରିସଂଖ୍ୟାନ ଅନୁଯାୟୀ, କୋରାପୁଟ ଜିଲାର ୪୧ ହଜାର ୨୬୫ ଜଣ ଶିକ୍ଷିତ ଯୁବତୀ ଯୁବକ ଉପରୋକ୍ତ ଅବଧି ଭିତରେ କୋରାପୁଟ ଓ ଜୟପୁର ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜିକରଣ କରିଛନ୍ତି। କିନ୍ତୁ ମାତ୍ର ୪୦୮ ଜଣ ନିଯୁକ୍ତି ପାଇବାରେ ସକ୍ଷମ ହୋଇଛନ୍ତି। ୨୦୧୦ରେ ୩,୭୨୩ ଜଣ ନାମ ପଞ୍ଜିକରଣ କରିଥିବା ବେଳେ ମାତ୍ର ୭୩ ଜଣ ନିଯୁକ୍ତି ପାଇଥିଲେ। ସେମାନଙ୍କ ମଧ୍ୟରେ ୬୪ ଜଣ ଆଇଟିଆଇ କିମ୍ବା ଅନ୍ୟ ବୈଷୟିକ ତାଲିମ ପାଇଥିଲେ। ୨୦୧୧ରେ ୩,୯୫୮ ପଞ୍ଜିକରଣ ହୋଇଥିବା ବେଳେ ମାତ୍ର ୫୯ ଜଣ ନିଯୁକ୍ତି ପାଇଛନ୍ତି। ଏମାନଙ୍କ ମଧ୍ୟରେ ୫୧ ଜଣ ଆଇଟିଆଇ କିମ୍ବା ଅନ୍ୟ ବୈଷୟିକ ତାଲିମପ୍ରାପ୍ତ ରହିଛନ୍ତି। ୨୦୧୨ରେ ୩,୭୪୦ ଜଣ ପଞ୍ଜିକୃତ ହୋଇଥିବା ବେଳେ ୫୨ ଜଣ ନିଯୁକ୍ତି ପାଇଥିଲେ। ସମସ୍ତେ ଆଇଟିଆଇ କିମ୍ବା ଅନ୍ୟ ବୈଷୟିକ ତାଲିମପ୍ରାପ୍ତ। ୨୦୧୩ରେ ୩,୮୫୭ ଜଣ ପଞ୍ଜିକୃତ ଓ ଏଥିରୁ ୪୭ ଜଣ ନିଯୁକ୍ତି ଲାଭ କରିଥିଲେ। ଏଥିରେ ମଧ୍ୟ ସମସ୍ତେ ଆଇଟିଆଇ ଓ ଅନ୍ୟ ବୈଷୟିକ ତାଲିମ ପାଇଥିଲେ। ୨୦୧୪ରେ ୫,୧୯୬ ପଞ୍ଜୀକରଣ ହୋଇଥିବା ବେଳେ ଜଣେ ବି ନିଯୁକ୍ତି ପାଇ ନ ଥିଲେ। ୨୦୧୫ରେ ୫,୧୮୮ ଜଣ ପଞ୍ଜିକୃତଙ୍କ ମଧ୍ୟରୁ ୪୬, ୨୦୧୬ରେ ୪,୯୫୩ରୁ ମାତ୍ର ୨ ଜଣ, ୨୦୧୭ରେ ୫,୦୨୭ ମଧ୍ୟରୁ ୫୨ ଜଣ, ୨୦୧୮ରେ ୫,୫୫୯ ମଧ୍ୟରୁ ୭୦ ଜଣ ନିଯୁକ୍ତି ପାଇଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟରେ ସିଟି ତାଲିମପ୍ରାପ୍ତ ୩୮୮୧ ଜଣ, ବିଭିନ୍ନ ବିଷୟରେ ଡିପ୍ଲୋମା କରିଥିବା ୧,୯୧୫ ଜଣ ଓ ଆଇଟିଆଇ ତାଲିମପ୍ରାପ୍ତ ୮,୨୪୩ ଜଣ ନାମ ପଞ୍ଜୀକରଣ କରିଛନ୍ତି। କିନ୍ତୁ ସାମଗ୍ରିକ ଭାବେ ଦେଖିଲେ ସରକାରୀ ସ୍ତରରେ ଏହି ନିଯୁକ୍ତି ସମୁଦ୍ରକୁ ଶଙ୍ଖେ ଭଳି ମନେ ହେଉଛି। ୨୦୧୦-୧୧ରେ ଜିଲାର ବିଭିନ୍ନ ସ୍ଥାନରେ ନିଯୁକ୍ତି ମେଳା କ୍ରମରେ ୭,୮୨୪ ଜଣଙ୍କୁ ବିଭିନ୍ନ ଘରୋଇ ସଂସ୍ଥାରେ ନିଯୁକ୍ତି ମିଳିଥିଲା। ୨୦୧୨-୧୩ରେ ୧୩ ଜଣ, ୨୦୧୪-୧୫ରେ ୪୬ ଜଣ, ୨୦୧୬-୧୭ରେ ୧୨୧ ଜଣ, ୨୦୧୭-୧୮ରେ ୨୨୧ ଜଣ ଓ ୨୦୧୮-୧୯ରେ ୫୩୦ ଜଣଙ୍କୁ ନିଯୁକ୍ତି ମେଳା ମାଧ୍ୟମରେ ବିଭିନ୍ନ ଘରୋଇ ସଂସ୍ଥାରେ କର୍ମସଂସ୍ଥାନ ଯୋଗାଇ ଦିଆଯାଇଥିଲା। କିନ୍ତୁ ୨୦୧୧-୧୨ ଓ ୨୦୧୫-୧୬ରେ ନିଯୁକ୍ତି ମେଳା ବନ୍ଦ ରହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜିକୃତ ଯୁବତୀ ଯୁବକଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ରହିବା ଖାଇବା ସହ ମାଗଣା ତାଲିମ ଦିଆଯାଉଛି। ସେମାନଙ୍କୁ ମୁଖ୍ୟତଃ ଇଲେକ୍ଟ୍ରିସିଆନ, ସିଲେଇ, ପାଣି ପାଇପ ମିସ୍ତ୍ରି, ସ୍ୱାସ୍ଥ୍ୟକର୍ମୀ, ଲ୍ୟାବ ଆସିଷ୍ଟାଣ୍ଟ ପଦବୀ ପାଇଁ ତାଲିମ ଦିଆଯାଇ ବେସରକାରୀ ଉଦ୍ୟୋଗରେ ଥଇଥାନ ବ୍ୟବସ୍ଥା କରୁଥିଲେ ସରକାର। କିନ୍ତୁ ବେସରକାରୀ ଉଦ୍ୟୋଗରେ ସେମାନଙ୍କ ନିଯୁକ୍ତିଗତ ଭବିଷ୍ୟତ ଅନିଶ୍ଚିତତା ଭିତରେ ରହୁଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଏହି ତାଲିମ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବିଭାଗ ସୂଚନା ଦେଇଛି। ବାସ୍ତବତା ହେଉଛି, ମେଳା ଦ୍ୱାରା ନିଯୁକ୍ତି ପାଇଥିବା ସଂଖ୍ୟାଧିକ ଶିକ୍ଷିତ ଯୁବତୀ ଯୁବକ କାମ ଛାଡ଼ି ଚାଲିଆସୁଛନ୍ତି। ଅନ୍ୟପକ୍ଷରେ ପ୍ରତି ବର୍ଷ ଯେତିକି ଯୁବତୀ ଯୁବକ ସରକାରୀ ଚାକିରି ଆଶାରେ ନାମ ପଞ୍ଜିକରଣ କରୁଛନ୍ତି, ତା' ପୂର୍ବ ବର୍ଷର ୨୦ ପ୍ରତିଶତ ଯୁବତୀ ଯୁବକଙ୍କ ସରକାରୀ ଚାକିରି କରିବାର ବୟସ ସେତେବେଳେ ଅତିକ୍ରାନ୍ତ ହୋଇଯାଉଛି। ଏଭଳି ସ୍ଥିତି କୋରାପୁଟ ଜିଲାରେ ଶିକ୍ଷିତ ବେକାର ଯୁବତୀ ଯୁବକଙ୍କ ଅବସ୍ଥା ସଙ୍ଗୀନ କରିଛି। ଶିକ୍ଷା ସହଯୋଗ ରାଜ୍ୟସ୍ତରୀୟ ହେବା ସହ ଏଠାରେ ପିଅନ ଚାକିରି ମଧ୍ୟ ଜିଲାସ୍ତରୀୟ ନ ଥିବାରୁ ସ୍ଥାନୀୟ ଗରିବ, ଆଦିବାସୀ ନିଯୁକ୍ତିରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଜିଲା ନିୟୋଜନ ଅଧିକାରୀ କାଳୁଚରଣ ବେହେରା କହିଛନ୍ତି, ଅଧିକ ନିଯୁକ୍ତି ପାଇଁ ଚେଷ୍ଟା ଜାରି ରହିଛି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଭେଟୁଛନ୍ତି କଂଗ୍ରେସ ନେତା ଗୁଲାମ ନବୀ ଆଜାଦ୍।

### ■ ଗୁଲାମ ନବୀ ଆଜାଦ୍‌ଙ୍କ ପୁରୀ ଗସ୍ତ

## ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ, ରୋଗୀଙ୍କୁ ଭେଟିଲେ

ପୁରୀ ଅଫିସ, ୧୦।୫

ବରିଷ୍ଠ କଂଗ୍ରେସ ନେତା ତଥା ଏଆଇସିସିର ସାଧାରଣ ସମ୍ପାଦକ ଗୁଲାବ ନବୀ ଆଜାଦ୍ ଶୁକ୍ରବାର ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଦେଖିଛନ୍ତି। ପୂର୍ବାହ୍ନରେ ଆଜାଦ୍ ପୁରୀରେ ପହଞ୍ଚିଥିଲେ। ପ୍ରଥମେ ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଆଇସିୟୁ ସମେତ ବିଭିନ୍ନ ୱାର୍ଡକୁ ଯାଇ ରୋଗୀଙ୍କୁ ବୁଝିଥିଲେ। ଅନେକ ରୋଗୀ ତଳେ ଶୋଇଥିବା ଦେଖି ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଏ ପର୍ଯ୍ୟନ୍ତ ପୁରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇ ନ ଥିବା ଜାଣିବାକୁ ପାଇ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହାପରେ ଆଜାଦ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଥିଲେ। ପରେ କୋଣାର୍କ, ଗୋପ ପ୍ରଭୃତି ଅଞ୍ଚଳକୁ ଯାଇ ବାତ୍ୟାରେ କେତେ ପରିମାଣରେ କ୍ଷୟକ୍ଷତି ହୋଇଛି ତାହା ଅନୁଧ୍ୟାନ କରିଥିଲେ। ଆଜାଦ୍‌ଙ୍କ ସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପୁରୀ ଲୋକ ସଭା କଂଗ୍ରେସ ପ୍ରାର୍ଥୀ ସତ୍ୟପ୍ରକାଶ ନାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ ସାମିଲ ଥିଲେ।

## କାର୍ଯ୍ୟାନୁଷ୍ଠାନ ନ ହେବାରୁ ସିଇଓଙ୍କୁ ଭେଟିଲା ଭାଜପା ଟିମ୍

### ଭଦ୍ରକ ମଦ ମୃତ୍ୟୁ ଘଟଣା

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଭଦ୍ରକ ଜିଲାର ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଭୋଟ ହାସେଲବା ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ଓହିଡ଼ି ବୁଥରେ ବିଷାକ୍ତ ମଦ ବାଣ୍ଟିଥିଲେ। ଏହି ମଦ ପିଇବା ଯୋଗୁ ୧୨ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥି ଯୋଗୁ ୧୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇ ଏବେ ଚିକିତ୍ସିତ ଅଛନ୍ତି। ଭଦ୍ରକ ଓ ବାଲେଶ୍ୱରରେ ବିଜେଡି ନେତାମାନେ ଚୋରା ମଦ କାରବାର କରୁଥିବାର ପ୍ରମାଣ ପୋଲିସ ପାଖରେ ଆଗରୁ ରହିଛି। ହେଲେ ଏଯାଏ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ ଅଭିଯୋଗ କରିଛନ୍ତି। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସାଧାରଣ ନିର୍ବାଚନରେ ଭୋଟ ହାସେଲବା ପାଇଁ ବିଜେଡି ଲୋକଙ୍କୁ ବିଷାକ୍ତ ମଦ ଏବଂ ଟଙ୍କା ବାଣ୍ଟିଛି। ସ୍ଥାନୀୟ ବାସିନ୍ଦା ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ଏଥିରେ ସମ୍ପୃକ୍ତ ବିଜେଡି ନେତା ଓ କର୍ମକର୍ତ୍ତାଙ୍କ ବିରୋଧରେ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏନେଇ ପୂର୍ବରୁ ଅଭିଯୋଗ କରାଯାଇଥିଲା। ମାତ୍ର ଏଯାବତ୍ ଦୋଷୀଙ୍କୁ ଗିରଫ କରାଯାଇନାହିଁ। ବିଷାକ୍ତ ମଦ ବାଣ୍ଟିଥିବା ଘଟଣାରେ ସାମିଲ ଥିବା ଅପରାଧୀଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ଦେବା ସହ ଜବତ କରିବା ସହ ନିଲାମ କରି ମଦ ପିଇ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦେବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି। ସମୀର ମହାନ୍ତି କହିଛନ୍ତି ଯେ, ଧର୍ମଗଡ଼, ଜୁଜୁମୁରା ସମେତ ଆଠଗଡ଼ର ୯ଟି ବୁଥ୍ ସହ ଶାସକ ବିଜେଡି ଦ୍ୱାରା ରିଗିଂ ଓ ବ୍ୟାପ୍‌ଚରିଂ କରାଯାଇଥିବା ୬୮ ବୁଥ୍‌ରେ ସାନିମତଦାନ କରିବାକୁ ଦାବି କରିଥିଲୁ। କିନ୍ତୁ ରାଜ୍ୟ ନିର୍ବାଚନ ଅଧିକାରୀ ମାତ୍ର ୩ଟି ବୁଥ୍‌ରେ ସାନି ମତଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୟୂରଭଞ୍ଜ ଜିଲାର ବାରିପଦାରେ ୪ ଏବଂ ବୋଲାଙ୍ଗିରରେ ୨ଟି ବୁଥ୍‌ରେ କେହି ଅଭିଯୋଗ କରି ନ ଥିଲେ ମଧ୍ୟ ପରିଚାଳନା ତ୍ରୁଟି ଦେଖାଇ ସାନି ମତଦାନ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଭାଜପା ଦୃଢ଼ ବିରୋଧ କରୁଛି ବୋଲି ସମୀର କହିଛନ୍ତି।

## 'ଶତପ୍ରତିଶତ ପେଟ୍ରୋଲ ପମ୍ପ କାର୍ଯ୍ୟକ୍ଷମ'



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

■ କ୍ଷତିଗ୍ରସ୍ତ ୨ଶହ ଟାଙ୍କି ବର୍ଷାଦିନ ସୁଦ୍ଧା ସମ୍ପୂର୍ଣ୍ଣ ମରାମତି ହେବ

■ ପ୍ରଭାବିତ ୩ଜିଲାରେ ଗ୍ୟାସ ବିକ୍ରି ବୃଦ୍ଧି ପାଇଛି

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ପୁରୀ, ଖୋର୍ଦ୍ଧା ଓ କଟକର ୨୩୪ ପେଟ୍ରୋଲ ପମ୍ପ ମଧ୍ୟରୁ ୨୩୨ଟି ଏବେ କାମ ଆରମ୍ଭ କରିଛି। ଏବ୍ରିସିଏଲ୍‌ର ୨ଟି ପେଟ୍ରୋଲ ପମ୍ପ କାମ କରୁନାହିଁ। ଶନିବାର ଆଉ ଦୁଇଟି ପେଟ୍ରୋଲ ପମ୍ପ କାମ ଆରମ୍ଭ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସ୍ଥାନୀୟ ଆଇଓସିଏଲ୍ କାର୍ଯ୍ୟାଳୟଠାରେ ପେଟ୍ରୋଲିୟମ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ ଧର୍ମେନ୍ଦ୍ର ପ୍ରଧାନ ବୈଠକ କରି ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକରେ ପେଟ୍ରୋଲ ଓ ଗ୍ୟାସ ବିତରଣ ସମ୍ପର୍କିତ ସ୍ଥିତିର ସମୀକ୍ଷା କରିଛନ୍ତି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଧର୍ମେନ୍ଦ୍ର କହିଛନ୍ତି, ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକରେ ପେଟ୍ରୋଲପମ୍ପଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ବାତ୍ୟାର ୭ଦିନ ମଧ୍ୟରେ ସବୁ ପେଟ୍ରୋଲ ପମ୍ପ ଶତପ୍ରତିଶତ କାର୍ଯ୍ୟ ଆରମ୍ଭ ହୋଇଛି। ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକର ସରକାରୀ ଅଫିସ, ବ୍ୟାଙ୍କ ଓ ଟେଲିକମ୍ ସଂସ୍ଥା ପକ୍ଷରୁ ଲଗାଯାଇଥିବା ଜେନ୍‌ସେଟ ଓ ଡିଜି ପାଇଁ ପେଟ୍ରୋଲିୟମ କମ୍ପାନୀ ପକ୍ଷରୁ ୮ଟି ଭ୍ରାମ୍ୟମାଣ ଡିଜେଲ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ବାତ୍ୟା ପୂର୍ବରୁ ପୁରୀରେ ପ୍ରତିଦିନ ୩ଲକ୍ଷ ଲିଟର ପେଟ୍ରୋଲ ଓ ଡିଜେଲ ବିକ୍ରି ହେଉଥିଲା। ବର୍ତ୍ତମାନ ମଧ୍ୟ ସେହିଭଳି ପେଟ୍ରୋଲ ଓ ଡିଜେଲ ବିକ୍ରି ହେବା ଆରମ୍ଭ ହୋଇଛି। ମୋଟ ଉପରେ ଉପରୋକ୍ତ ୩ ଜିଲାରେ ରହିଥିବା ୨୩୪ ପେଟ୍ରୋଲିୟମ ଟାଙ୍କି ମଧ୍ୟରୁ ୨ଶହ ପେଟ୍ରୋଲ ଟାଙ୍କି କ୍ଷତିଗ୍ରସ୍ତ ହୋଇଥିଲା। ଏହାର ସମସ୍ତ କାମ ବର୍ଷାଦିନ ସୁଦ୍ଧା ଶେଷ ହୋଇଯିବ। ପର୍ଯ୍ୟାପ୍ତ ପରିମାଣର ଏଲ୍‌ପିଜି ମଧ୍ୟ ମହଜୁଦ ରହିଛି। ପୁରୀ ଜିଲାରେ ୩୪, ଖୋର୍ଦ୍ଧାରେ ୬୯ ଓ କଟକର ୫୯ ଡିଷ୍ଟ୍ରିବ୍ୟୁଟର ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛନ୍ତି। ପୁରୀରେ ପ୍ରତିଦିନ ୪ହଜାର ସିଲିଣ୍ଡର ଗ୍ରାହକମାନେ ନେଉଥିବା ବେଳେ ଏହି ସଂଖ୍ୟାରେ ବୃଦ୍ଧି ଘଟିଛି। ଗୁରୁବାର ସୁଦ୍ଧା ଏହା ବୃଦ୍ଧି ପାଇ ୫୭୦୦ରେ ପହଞ୍ଚିଛି। ସେହିପରି ଖୋର୍ଦ୍ଧାରେ ୧୩ହଜାରରୁ ଏହି ସଂଖ୍ୟା ବୃଦ୍ଧି ପାଇ ୧୬ହଜାରରେ ପହଞ୍ଚିଛି। ସେହିପରି କଟକରେ ୯୩ ହଜାରରୁ ସିଲିଣ୍ଡର ବିକ୍ରି ସଂଖ୍ୟା ବୃଦ୍ଧି ପାଇ ୧,୧୧,୦୦୦ରେ ପହଞ୍ଚିଛି। ରିଲିଫ କାର୍ଯ୍ୟରେ ସହାୟତା ପାଇଁ ପର୍ଯ୍ୟାପ୍ତ ପରିମାଣରେ କିରୋସିନ ମହଜୁଦ ରହିଛି। ଆଇଓସିଏଲ୍ ପକ୍ଷରୁ ଶ୍ରୀମନ୍ଦିରରେ ବାତ୍ୟା କ୍ଷତିଗ୍ରସ୍ତର ମରାମତି ପାଇଁ ମନ୍ଦିର ପ୍ରଶାସନକୁ ୫କୋଟି ଟଙ୍କାର ଚେକ୍ ପ୍ରଦାନ କରିଯିବା ସହ ୭ଦିନ ଧରି ପେଟ୍ରୋଲିୟମ କମ୍ପାନୀ ସମସ୍ତ ସହଯୋଗ ଯୋଗାଇ ଥିବାରୁ ଆଇଓସିଏଲ୍‌କୁ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

## ହାତୀର ଗଳିତ ମୃତଦେହ ଉଦ୍ଧାର

ବନ୍ତଳା, ୧୦।୫(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପମ୍ପାସର ରେଞ୍ଜ ଜଗନ୍ନାଥପୁର ବିଟ୍ ପଣସ ଡାଳରେ ଶୁକ୍ରବାର ଅପରାହ୍ନରେ ଏକ ହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ସୂଚନାରୁ ପ୍ରକାଶ, ରବିବାର ଠାରୁ ହାତୀର ମୃତ୍ୟୁ ହୋଇଛି। ୭ ଦିନ ପୂର୍ବରୁ ହାତୀଟି ଅସୁସ୍ଥ ହୋଇ ବୁଲୁ ଥିବା ବେଳେ ବନ କର୍ମଚାରୀମାନେ ଏହାକୁ ନଜରରେ ରଖିଥିଲେ। ଦୁଇଦିନ ପରେ ହାତୀଟି କେଉଁଆଡେ ଚାଲିଯାଇଥିବା ବେଳେ ପୁଣି ଜଗନ୍ନାଥପୁର ତରଭା ରାସ୍ତାରେ ଦେଖାଯାଇଥିଲା। ପରେ ହାତୀର ଗତିବିଧି ଉପରେ ବନ ବିଭାଗ ନଜର ରଖି ନ ଥିବା ଅଭିଯୋଗ ହୋଇଛି। ଟେବେ ହାତୀ ମୃତ୍ୟୁ ସମ୍ପର୍କରେ ଖବରପାଇ ସାତକୋଶିଆ ଡିଏଫଓ ପି. ରାମାସ୍ୱାମୀ, ଏସିଏଫ ଶ୍ରୀଭେଣ୍ଡୁ ବେହେରା, ସରୋଜ କୁମାର ପଣ୍ଡା, ଡାକ୍ତର କିଶୋର କୁମାର ସାହୁ ପ୍ରମୁଖ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ଏହାକୁ ପୋତି ଦେଇଥିଲେ। ଡିଏଫଓ କୁହନ୍ତି, ମୃତ ହାତୀର ବୟସ ୩ରୁ ୪ ବର୍ଷ ମଧ୍ୟରେ ହେବ। ୪ରୁ ୫ ଦିନ ହେବ ଏହାର ମୃତ୍ୟୁ ଘଟିଛି। ପାନ୍ତ୍ରୋଲିଂବେଳେ ହାତୀର ମୃତ୍ୟୁ ଘଟିଥିବା କର୍ମଚାରୀମାନେ ଜାଣିବାକୁ ପାଇଥିଲେ।



ହାତୀର ଗଳିତ ମୃତଦେହ।

### ତଲେଇପଥରରେ ଭୟାବହ ଅଗ୍ନିକାଣ୍ଡ

## ରୋଷେଇ ନିଆଁରେ ୨୯ ବଖରା ଛାରଖାର



ପୋଡ଼ିଯାଇ ଛାରଖାର ହୋଇଯାଇଥିବା ଘର।

ବଡ଼ଣ୍ଡା, ୧୦।୫(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାନ୍ଥଲ୍ଲା ପଞ୍ଚାୟତ ତଲେଇପଥର ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୮ ପରିବାରର ୨୯ ବଖରା ଘର ଛାରଖାର ହୋଇଯାଇଛି। ରୋଷେଇ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ସାନନ୍ଦ ସାହୁଙ୍କ ଘରେ ରୋଷେଇ ହେଉଥିବାବେଳେ ଅସାବଧାନତା କାରଣରୁ ନିଆଁ ଲାଗି ଯାଇଥିଲା। ପ୍ରବଳ ତାତି ଓ ପବନ ଯୋଗୁ ନିଆଁକୁ ଆୟତ୍ତ କରାଯାଇପାରି ନ ଥିଲା। ଅଳ୍ପ ସମୟ ମଧ୍ୟରେ ଗାଁର ୭ ବଖରା ପୋଡି ପାଉଁଶ ହୋଇଯାଇଥିଲା। ପରେ ପଡୋଶୀ କେଶବ ନାୟକଙ୍କ ୫ ବଖରା, ଛବି ନାୟକଙ୍କ ୪, ପହିଲି ନାୟକଙ୍କ ୬, ଦଳେଇ ନାୟକଙ୍କ ୩, ମମତା ନାୟକଙ୍କ ୩, ଜଗନ୍ନାଥ ସାହୁଙ୍କ ୧ ଓ ସାଗର ନାୟକଙ୍କ ୧ ବଖରା ଘର ଜଳି ଯାଇଥିଲା। ଅଗ୍ନିକାଣ୍ଡରେ ଧାନ, ଚାଉଳ, ପୋଷାକ ପତ୍ର ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଆଠମଲ୍ଲିକ ବିଡିଓ, ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ ମଧ୍ୟ ପିଡ଼ିତଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତୁରନ୍ତ ଅଗ୍ନିପିଡ଼ିତଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

See CAREER APPOINTMENT on every Wednesday & Saturday

URGENTLY REQUIRED
Bhumisree Consultancy & Marketing (P) Ltd.
Our Organization has urgently required the post of Consultant-DP, Consultant-CB, Consultant-IEC for SPMU & Faculty in Financial Management(SPRC) to work at our Client Office SIRD & PR, Government of Odisha. So interested candidates may send their all testimonials with Bio-Data, experience details by Speed Post/ By hand/By E-mail within 10 days. For detail visit our Website.
www.bhumisreenaukri.com
Ph.-0674-2352042

NATIONAL BANK FOR AGRICULTURE AND RURAL DEVELOPMENT
Plot No. C-24, G Block, Bandra-Kurla Complex, Bandra (E), Mumbai 400051
Direct Recruitment of Officers in Grade 'A' & 'B' – 2019
NABARD, an all India Apex Organization, wholly owned by Government of India, invites ONLY online applications from Indian citizens having necessary qualification for appointment in NABARD for the following posts:

| Sr. No. | Post | Vacancies | Online Application Registration |
|---|---|---|---|
| 1 | Manager in Grade 'B' (Rural Development Banking Service) | 08 | 10.05.2019 to 26.05.2019 |
| 2 | Assistant Manager in Grade 'A' (Rural Development Banking Service) | 79 | 10.05.2019 to 26.05.2019 |

For all details related to vacancies, educational qualification, age, application fee, selection procedure, etc., please visit https://www.nabard.org
Chief General Manager
HRMD
Date : 06.05.2019
गाँव बढ़े >> तो देश बढ़े www.nabard.org Taking Rural India >> Forward

ଆବଶ୍ୟକ
ଭୁବନେଶ୍ୱରରେ ଥିବା ହୋଟେଲ ପାଇଁ ହେଲପର ଓ ସୁପ୍ୟର ଆବଶ୍ୟକ
ଯୋଗାଯୋଗ
9040566755
9437353936

URGENT REQUIREMENT
For Male HELPERS to work in Hyderabad and Visakhapatnam
Good Salary and Accommodation.
Ph: 6305484850

A Leading Consultancy Group requires the following personnel urgently

| Sl | Name of the post | Qualification & Experience |
|---|---|---|
| 1 | Manager – HR | MBA (HR) with 8 - 12 yrs or above experience, preference will be given to candidates having experience in hotel industry |
| 2 | Asst. Mgr. – HR | MBA (HR) with 5-7 yrs or above experience, preference will be given to candidates having experience in hotel industry |
| 3 | HR Executive | MBA (HR) with 3 - 5 yrs or above experience, preference will be given to candidates having experience in hotel industry |
| 4 | Sales Mgr. | MBA Mktg / Hotel Mgmt with More than 7 yrs of experience |

Candidates having experience in Hotel Industry will be given preference. The posting will be within Odisha.
Salary will commensurate with Qualification, Experience & Efficiency
Candidates may apply within seven days to Email:cservicesbbsr@gmail.com

କାର ଡ୍ରାଇଭର
ଜଗତପୁର ଅଫିସ ପାଇଁ ଆବଶ୍ୟକ
ଯୋଗାଯୋଗ
Mob No. 7381075901
9437496020

| Dollar | Sensex | Nifty | Gold | Silver |
|---|---|---|---|---|
| 69.92 (2) | 37,462.99 (95.92) | 11,278.90 (22.90) | 32,900.00 (₹0) | 38,600.00 (₹380) |



"ମାଇଣ୍ଡଟ୍ରିର ଅଧିଗ୍ରହଣ ପାଇଁ ହେଉଥିବା ଶେୟାର କିଣା ଏକ ନିରନ୍ତର ପ୍ରକ୍ରିୟା। ଅଧିଗ୍ରହଣ ନେଇ ସେବି ଓ ସରକାରଙ୍କୁ ଜଣାଇ ଦିଆଯାଇଛି।"

– ଏସ୍.ଏନ୍.ସୁବ୍ରମଣ୍ୟନ, ସିଇଓ ତଥା ଏମ୍‌ଡି, ଏଲ୍‌ଆଣ୍ଡଟି



"ବିଜ୍ଞାନକୁ ଭରସା କରି ନିର୍ଭରଯୋଗ୍ୟ ଡାକ୍ତର,ଫାର୍ମାସିଷ୍ଟ ଓ ଖାଉଟିଙ୍କ ସହାୟତାରେ ପ୍ରକ୍ଟର ଆଣ୍ଡ ଗ୍ୟାମ୍ବଲ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କଞ୍ଜ୍ୟୁମର ହେଲ୍‌ଥ ବଜାରରେ ନିଜର ସ୍ଥିତି ଦୃଢ଼ କରିପାରିଛି।"

–ମିଲିନ୍ଦ ଥାଟ୍ଟେ, ଏମ୍‌ଡି, ପ୍ରକ୍ଟର ଆଣ୍ଡ ଗ୍ୟାମ୍ବଲ ଇଣ୍ଡିଆ

## ସଂକ୍ଷେପରେ

### ଜେଟ୍‌ରେ ନିବେଶ ଲାଗି ରାଜି ହେଲା ଏଟିହାଦ୍

ନୂଆଦିଲ୍ଲୀ,୧୦-୫: ଜେଟ୍ ଏୟାରୱେଜର ୨୪ ପ୍ରତିଶତ ଅଂଶଧନ ରଖିଥିବା ଆବୁଧାବିର ଏୟାରଲାଇନ୍ସ କମ୍ପାନୀ ଏଟିହାଦ ଏୟାରୱେଜ ଶେଷରେ ନିବେଶ ବୃଦ୍ଧି ଲାଗି ରାଜି ହୋଇଛି। ଏଟିହାଦ ଶୁକ୍ରବାର ଶେଷ ମୁହୂର୍ତ୍ତରେ ନିଜର ଆର୍ଥିକ ଏବଂ ଟେକ୍ନିକାଲ ବିଡ୍ ଦାଖଲ କରିଛି। ଏ ସମ୍ପର୍କରେ ଏଟିହାଦ ମୁଖପାତ୍ର ସୂଚନା ଦେଇଥିଲେ। ତେବେ ନିୟମ ଅନୁଯାୟୀ କମ୍ପାନୀ ଜେଟ୍ ଏୟାରୱେଜରେ ୪୯ ପ୍ରତିଶତ ପର୍ଯ୍ୟନ୍ତ ଅଂଶଧନ କିଣିପାରିବ। ଅବଶିଷ୍ଟ ୫୧ ପ୍ରତିଶତ ଅଂଶଧନ ଭାରତୀୟ କମ୍ପାନୀଙ୍କୁ କିଣିବାକୁ ହେବ। ଏଟିହାଦର ଏହି ପଦକ୍ଷେପ ଯୋଗୁ ପୁଣିଥରେ ଜେଟ୍ ଏୟାରୱେଜ ବିମାନ ଉଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ଏଟିହାଦ ମୁଖପାତ୍ର କହିଛନ୍ତି ଯେ, ଭାରତ ବିଶ୍ୱରେ ଅତି ଦ୍ରୁତଗତିରେ ବୃଦ୍ଧି ପାଉଥିବା ବିମାନ ବଜାର ଭାବେ ଉଭା ହେଉଛି। ଏହା ୟୁନାଇଟେଡ ଆରବ ଏମିରେଟ୍ସର ଏକ ମୁଖ୍ୟ ସହଯୋଗୀ। ଜେଟ୍‌କୁ ବଞ୍ଚାଇବା ଲାଗି ଏଟିହାଦ ଗତ ୧୫ ମାସ ହେବ କମ୍ପାନୀର ମୁଖ୍ୟ ଶେୟାରଧାରୀଙ୍କ ସହ ଆଲୋଚନା ଜାରି ରଖିଥିଲା।

### ମାର୍ଚ୍ଚରେ ଔଦ୍ୟୋଗିକ ଅଭିବୃଦ୍ଧି ହାର ୦.୧%

ନୂଆଦିଲ୍ଲୀ,୧୦-୫: ବିନିର୍ମାଣ କ୍ଷେତ୍ର ଧିମା ହେବା କାରଣରୁ ଚଳିତବର୍ଷ ମାର୍ଚ୍ଚରେ ଔଦ୍ୟୋଗିକ ଅଭିବୃଦ୍ଧି ହାର ହ୍ରାସ ପାଇ ୦.୧% ହୋଇଛି। ଯାହା କି, ଗତ ୨୧ ମାସ ଭିତରେ ସର୍ବନିମ୍ନ। ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଏହା ଜଣାପଡିଛି। ଗତବର୍ଷ ଏହି ସମୟରେ ଏହା ୫.୩% ରହିଥିଲା। ବିନିର୍ମାଣ, ଖନନ ଏବଂ ବିଦ୍ୟୁତ ଭଳି ସମସ୍ତ ଉଦ୍ୟୋଗର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଆଧାରରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ଗଣନା କରାଯାଇଥାଏ। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ଅନୁଯାୟୀ, ଆର୍ଥିକ ବର୍ଷ ୨୦୧୮-୧୯ରେ ଔଦ୍ୟୋଗିକ ବୃଦ୍ଧି ହାର ୩.୬ ପ୍ରତିଶତ ରହିଥିଲା। ଆର୍ଥିକ ବର୍ଷ ୨୦୧୭-୧୮ରେ ଏହା ୪.୪% ଥିଲା। ଫେବୃୟାରୀରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ହାର ୨୦ ମାସର ସର୍ବନିମ୍ନ ସ୍ତର ୦.୧% ରହିଥିଲା। ଏଥିପୂର୍ବରୁ ନଭେମ୍ବର ୨୦୧୮ର ସଂଶୋଧିତ ଆଇଆଇପି ଜାରି କରାଯାଇଥିଲା। ଏହା ହ୍ରାସ ପାଇ ୦.୨% ରହିଥିଲା । ପୂର୍ବରୁ ଜାରି ପରିସଂଖ୍ୟାନରେ ଏହା ୦.୩% ଥିଲା।

### ଏସ୍‌ବିଆଇ ଋଣ ହେବ ଶସ୍ତା

ନୂଆଦିଲ୍ଲୀ,୧୦-୫: ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ଏମ୍‌ସିଏଲ୍‌ଆର୍‌ରେ ୦.୦୫% ହ୍ରାସ କରିଛି। ଏହା ପ୍ରତ୍ୟେକ ଅବଧିର ଋଣ ଉପରେ ସୁଧ ହାରରେ ଲାଗୁ ହେବ। ନୂଆ ସୁଧ ହାର ଶୁକ୍ରବାରଠାରୁ କାର୍ଯ୍ୟକାରୀ କରାଯିବ ବୋଲି ଷ୍ଟେଟ୍ ବ୍ୟାଙ୍କ ଘୋଷଣା କରିଛି। ଫଳରେ ଏସ୍‌ବିଆଇର ସମସ୍ତ ପ୍ରକାର ଋଣ ଶସ୍ତା ହେବ। ସୁଧ ହାର ହ୍ରାସ ଘୋଷଣା ଯୋଗୁ ୧ବର୍ଷର ଋଣ ଉପରେ ଏମ୍‌ସିଏଲ୍‌ଆର ୮.୫୦ ପ୍ରତିଶତ ବଦଳରେ ୮.୪୫% ଲାଗୁ ହେବ। ଏସ୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ମେ ୧୦ରୁ ଏମ୍‌ସିଏଲ୍‌ଆର୍ ସହ ଜଡିତ ସମସ୍ତ ଋଣ ଉପରେ ସୁଧ ହାର ୫ ବେସିସ୍ ପଏଣ୍ଟ କମ୍ କରାଯାଇଛି। ଏଥିଯୋଗୁ ଅଦ୍ୟାବଧି ଗୃହ ଋଣ ଉପରେ ସୁଧ ହାର ୦.୧୫% ହ୍ରାସ ପାଇଛି।

### ଆଣ୍ଡ୍ରଏଡ୍‌ର ଦୁରୁପଯୋଗ: ଗୁଗଲ୍ ବିରୋଧରେ ଯାଞ୍ଚ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୦-୫: ଦେଶର ଆଣ୍ଟି ଟ୍ରଷ୍ଟ ୱାଚ୍‌ଡଗ୍ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ଅଲ୍ଫାବେଟ୍ ଅଧୀନ କମ୍ପାନୀ ଗୁଗଲ ବିରୋଧରେ ଯାଞ୍ଚ ନିର୍ଦ୍ଦେଶ ଦେଇଛି। ଭାରତରେ ଗୁଗଲ୍ ବିରୋଧୀ ପ୍ରତିଯୋଗୀଙ୍କୁ ବ୍ଲକ୍ କରିବା ଲାଗି ନିଜର ଲୋକପ୍ରିୟ ଆଣ୍ଡ୍ରଏଡ ମୋବାଇଲ ଅପରେଟିଂ ସିଷ୍ଟମର ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମିଳିବା ପରେ ଗତବର୍ଷ ସିସିଆଇ ପ୍ରାରମ୍ଭିକ ଯାଞ୍ଚ କରିଥିଲା। ୟୁରୋପରେ ମଧ୍ୟ ଏଭଳି ସମାନ ଅଭିଯୋଗ ଆସିଥିଲା। ଏହା ପ୍ରମାଣିତ ହେବା ପରେ କମ୍ପାନୀ ବିରୋଧରେ ୟୁରୋପୀୟ କମିଶନ ୪.୩୪ ବିଲିୟନ ୟୁରୋ ଅର୍ଥାତ୍ ୫ ବିଲିୟନ ଡଲାର ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଥିଲା। ଏପ୍ରିଲ ମଧ୍ୟଭାଗରେ ସିସିଆଇ ଯାଞ୍ଚରୁ କିଛି ପ୍ରମାଣ ପାଇଥିଲା। ଏହାକୁ ଭିତ୍ତି କରି ଏହା ନିଜର ଯାଞ୍ଚ ବିଭାଗକୁ ଅଧିକ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛି।

# ଦେଶ ଛାଡ଼ିଲେ ଆଉ ୫ ହଜାର ଅତିଧନୀ

ନୂଆଦିଲ୍ଲୀ,୧୦-୫



- ଚାଇନାରୁ ସର୍ବାଧିକ ୧୫ ହଜାର ଅତିଧନୀ ଦେଶ ଛାଡ଼ିଛନ୍ତି
- ଅଷ୍ଟ୍ରେଲିଆ ସର୍ବାଧିକ ପସନ୍ଦର ବସବାସ ଯୋଗ୍ୟ ଦେଶ
- ଭାରତ ଅତିଧନୀ ସୃଷ୍ଟିର ଫ୍ୟାକ୍ଟ୍ରି
- ଅତିଧନୀ ସୃଷ୍ଟିରେ ଭାରତ ଟପ୍ ୫ରେ ସ୍ଥାନ ପାଇଛି

ବିଶ୍ୱରେ ଧନୀ ତାଲିକାରେ ସାମିଲ ହୋଇଥିବା ଅତିଧନୀମାନେ ନିଜ ଦେଶ ପରିତ୍ୟାଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। କେବଳ ଭାରତରେ ସେମାନଙ୍କ ମଧ୍ୟରୁ ୫ ହଜାର ଗତବର୍ଷ ଦେଶ ଛାଡ଼ିଛନ୍ତି। ଆଶ୍ଚର୍ଯ୍ୟର କଥା ଏହି ଯେ, ଦେଶ ସେତିକି ସଂଖ୍ୟାରୁ ଅଧିକ ଅତିଧନୀ ସୃଷ୍ଟି କରିପାରିଛି। ଏକ ହିସାବରୁ ଜଣାଯାଇଛି ଯେ, ଭାରତର ପଡୋଶୀ ଦେଶ ଚାଇନାରୁ ସର୍ବାଧିକ ପ୍ରାୟ ୧୫ ହଜାର ଅତିଧନୀ ନିଜ ଦେଶ ଛାଡ଼ିଛନ୍ତି। ଏହାପରେ ରୁଷ୍, ଭାରତ, ବ୍ରିଟେନ, ଫ୍ରାନ୍ସ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ରହିଛି। ଅନ୍ୟପକ୍ଷରେ ପଳାୟନ କରୁଥିବା ଧନୀଙ୍କର ପ୍ରଥମ ପସନ୍ଦ ହୋଇଛି ଅଷ୍ଟ୍ରେଲିଆ। ସାରାବିଶ୍ୱରୁ ପ୍ରାୟ ୧୨ହଜାର ମହାଧନୀ ନିଜ ଦେଶ ଛାଡି ଅଷ୍ଟ୍ରେଲିଆରେ ବସବାସ କଲେଣି। ଏହାପରେ ଆମେରିକା, କାନାଡା, କ୍ୟାରିବିୟାନ ଦେଶ, ଗ୍ରୀସ୍ ଏବଂ ସ୍ପେନ ପ୍ରତି ପଳାୟନକାରୀ ଧନୀଙ୍କ ଆଗ୍ରହ ରହିଛି। ଅନ୍ୟପକ୍ଷରେ ଭାରତ ଯେତିକି ଅତିଧନୀ ହରାଇଛି, ତା'ଠାରୁ ଅଧିକ ସୃଷ୍ଟି କରିଛି। ଅନ୍ୟ ଅର୍ଥରେ କହିଲେ ଭାରତକୁ ଧନୀଙ୍କ ଫ୍ୟାକ୍ଟ୍ରି କହିଲେ ଭୁଲ୍ ହେବ ନାହିଁ। ପରିସଂଖ୍ୟାନରୁ ଜଣାପଡୁଛି ଯେ ଭାରତ,ମହାଧନୀ ସୃଷ୍ଟିରେ ଟପ୍ ୫ରେ ରହିଛି। ଏହି ତାଲିକାରେ ଏସିଆର ୩ ଦେଶ ରହିଛନ୍ତି। ଭାରତ ତାଲିକାର ଚତୁର୍ଥରେ ରହିଥିଲା ବେଳେ ଶ୍ରୀଲଙ୍କା ପଞ୍ଚମରେ ରହିଛି। ତେବେ ଭାରତରେ ଧନୀଙ୍କ ନିକଟରେ ଥିବା ପୁଞ୍ଜିର ଅସମାନତା ସବୁଠୁ ବେଶି। ଏଠାରେ ୫୨ ପ୍ରତିଶତ ଧନ ଦେଶର ସମସ୍ତ ଲୋକଙ୍କ ମଧ୍ୟରେ ବାଣ୍ଟି ହୋଇ ରହିଥିବା ବେଳେ ଅବଶିଷ୍ଟ ୪୮% ଧନ କେତେକ ଧନୀଙ୍କ ପାଖରେ ରହିଛି। କେବଳ ଭାରତ ନୁହେଁ,ବିଶ୍ୱର ୩୬% ଧନ ଅତିଧନୀଙ୍କ ନିକଟରେ ରହିଛି। ଅବଶିଷ୍ଟ ୬୪% ସାଧାରଣ ଲୋକ ବାଣ୍ଟି ନେଇଛନ୍ତି।

## ହ୍ୟୁଣ୍ଡାଇର ନୂଆ ମେଡ୍ ଇନ୍ ଇଣ୍ଡିଆ 'ଭେନ୍ୟୁ'




ଭୁବନେଶ୍ୱର,୧୦-୫

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ମେଡ ଇନ ଇଣ୍ଡିଆ ମଡେଲ 'ଭେନ୍ୟୁ' ବଜାରକୁ ଆସିଛି। କମ୍ପାନୀର ୨୩ତମ ପ୍ରତିଷ୍ଠା ଦିବସରେ ଏହି କନେକ୍‌ଟେଡ ଭେହିକିଲ ବଜାର ପ୍ରବେଶ କରିଛି। ଏହା ଦ୍ୱାରା କମ୍ପାନୀ ଦେଶର ଅଭିବୃଦ୍ଧିଶୀଳ କମ୍ପାକ୍ଟ ଏସ୍‌ୟୁଭି ବଜାରରେ ପ୍ରବେଶ କରିଛି। ହ୍ୟୁଣ୍ଡାଇ ଲାଗି ଏହା ଏକ ଗର୍ବର ବିଷୟ ବୋଲି ନୂଆ ଯାନକୁ ବଜାର ପ୍ରବେଶ କରାଇ ଏହାର ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ ସୂଚନା ଦେଇଛନ୍ତି। ଏଥିରେ ସ୍ମାର୍ଟ ଜ୍ଞାନକୌଶଳ ବ୍ୟବହାର କରାଯାଇଥିବା ବେଳେ ଏହା ଏକ ଗେମ୍‌ଚେଞ୍ଜର ସାବ୍ୟସ୍ତ ହେବ ବୋଲି କିମ୍ କହିଛନ୍ତି।

## ହିରୋ ପକ୍ଷରୁ ୩ ନୂଆ ମଡେଲ ଉନ୍ମୋଚନ

ନୂଆଦିଲ୍ଲୀ,୧୦-୫



ନୂଆ ମଡେଲ ଯାନ ସହ ପ୍ରିମିୟମ୍ ବାଇକିଂ ସେଗ୍‌ମେଣ୍ଟକୁ ଆହୁରି ଦୃଢ କରିବାକୁ ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା କମ୍ପାନୀ ହିରୋ ମୋଟୋକର୍ପ ସକ୍ଷମ ହୋଇଛି। କମ୍ପାନୀ ପକ୍ଷରୁ ବିଶ୍ୱ ବଜାର ଲାଗି ୩ଟି ପରବର୍ତ୍ତୀ ପିଢ଼ିର ନୂଆ ବାଇକ ବଜାରକୁ ଆସିଛି। ଏଗୁଡିକ ମଧ୍ୟରେ ନୂଆ ଏକ୍ସପଲ୍‌ସ ୨୦୦, ଏକ୍ସପଲ୍‌ସ ୨୦୦ ଏଫ୍‌ଆଇ, ଏକ୍ସପଲ୍‌ସ ୨୦୦ଟି, ଏକ୍ସଟ୍ରିମ ୨୦୦ଏସ୍ ଭଳି ମଡେଲ ସ୍ଥାନିତ ହୋଇଛି। ଏଥିରେ ଗ୍ରାହକମାନେ ନୂଆ ଜ୍ଞାନକୌଶଳ ଏବଂ ଉଦ୍ଭାବନ ଲାଭ କରିପାରିବେ। ଏସିଆ,ଆଫ୍ରିକା, ଦକ୍ଷିଣ ଏବଂ କେନ୍ଦ୍ର ଆମେରିକା ସମେତ ବିଶ୍ୱର ଅନ୍ୟ ପ୍ରମୁଖ ବଜାରଗୁଡିକରେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି ନୂଆ ମଡେଲଗୁଡିକ ବଜାରକୁ ଆସିଥିବା ହିରୋ ମୋଟୋକର୍ପ ଅଧ୍ୟକ୍ଷ ପୱନ ମୁଞ୍ଜାଲ ସୂଚନା ଦେଇଛନ୍ତି।

## ଚାଇନା ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କଲା ଆମେରିକା

ୱାଶିଂଟନ,୧୦-୫

ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ଆମେରିକା ଓ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଅଧିକ ଗଭୀର ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାରୁ ଆସିବାକୁ ଥିବା ୨୦୦ ବିଲିୟନ ଡଲାରର ବିଭିନ୍ନ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ(ଟାରିଫ)କୁ ଅଢ଼େଇ ଗୁଣ ବୃଦ୍ଧି କରିବା ଲାଗି ଘୋଷଣା କରିଛନ୍ତି। ଉଭୟ ଦେଶର ଅଧିକାରୀ ବାଣିଜ୍ୟ ଚୁକ୍ତିକୁ କାଏମ ରଖିବା ଲାଗି



ଆଲୋଚନା ଚଳାଇଥିବା ବେଳେ ଟ୍ରମ୍ପ ପ୍ରଶାସନର ଏଭଳି ନିଷ୍ପତ୍ତି ବିଶ୍ୱକୁ ଚକିତ କରିଛି। ଆମେରିକାର ସଂଘୀୟ ପ୍ରଶାସନ ପକ୍ଷରୁ ପ୍ରକାଶିତ ଏକ ନୋଟିସ ଅନୁଯାୟୀ, ଶୁକ୍ରବାରଠାରୁ ଚାଇନାରୁ ଆମେରିକାକୁ ଆସିବାକୁ ଥିବା ଉତ୍ପାଦଗୁଡ଼ିକ ଉପରେ ଶୁଳ୍କକୁ ୧୦ରୁ ୨୫%କୁ ବୃଦ୍ଧି କରାଯାଇଛି ଏବଂ ଏହାକୁ ସେହିଦିନଠାରୁ ଲାଗୁ କରାଯିବ। ଆଲୋଚନାକାଳରେ ଚାଇନା ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଚାଇନା ଏହି ଘଟଣାରେ ଦୁଃଖ ପ୍ରକାଶ କରିଛି ଏବଂ ଆମେରିକା ବିରୋଧରେ ପାଲ୍‌ଟା ପଦକ୍ଷେପ ନେବ ବୋଲି ଧମକ ଦେଇଛି। ସୂଚନାଥାଉ କି, ଆମେରିକାର ଜବାବରେ ପୂର୍ବଥର ଚାଇନା ସେ ଦେଶର ୧୧୦ ବିଲିୟନ ଡଲାର ସାମଗ୍ରୀ ଉପରେ ଟାରିଫ୍ ବୃଦ୍ଧି କରିଥିଲା।

## ଟେଲିକମ୍ ଶିଳ୍ପ ଅଂଶୀଦାରଙ୍କ ରିଲିଫ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୦-୫

ଫନୀ ପ୍ରଭାବିତଙ୍କ ଲାଗି ଟେଲିକମ୍ ଶିଳ୍ପ ଅଂଶୀଦାରଙ୍କ ପକ୍ଷରୁ ସହାୟତା ଘୋଷଣା କରାଯାଇଛି। ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଟେଲିକମ୍ ଶିଳ୍ପ ସହ ଜଡିତ ବିଭିନ୍ନ କମ୍ପାନୀର ହ୍ୟାଣ୍ଡସେଟ୍ ଡିଲର ଏବଂ ଡିଷ୍ଟ୍ରିବ୍ୟୁଟର ପ୍ରଭାବିତଙ୍କ ଲାଗି ରିଲିଫ ଯୋଗାଣ ନେଇ ଆଗେଇ ଆସିଛନ୍ତି। ଦୁଇ ରାଜ୍ୟର ଅଂଶୀଦାରଙ୍କ ଏକ ଟିମ୍ ପୁରୀ ଏବଂ ସାକ୍ଷୀଗୋପାଳ ନିକଟବର୍ତ୍ତୀ କ୍ଷତିଗ୍ରସ୍ତ ବିଭିନ୍ନ ଗ୍ରାମ ଚୟନ କରି ରିଲିଫ ଯୋଗାଣ ନେଇ କାର୍ଯ୍ୟ କରୁଛନ୍ତି। ଲୋକମାନଙ୍କୁ ଖାଦ୍ୟ ପ୍ୟାକେଟ, କ୍ୟାଣ୍ଡେଲ, ଟର୍ଚ୍ଚ ଲାଇଟ, ଖାଦ୍ୟ ରନ୍ଧନ ସାମଗ୍ରୀ, କ୍ଷୀର ପ୍ୟାକେଟ ଏବଂ ସାନିଟାରୀ ନ୍ୟାପ୍‌କିନ ଭଳି ସାମଗ୍ରୀ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିବା ଅଂଶୀଦାରଙ୍କ ପକ୍ଷରୁ ସୂଚନା ରହିଛି। ଏହି ଟିମ୍‌ରେ ସୌରଭ ଭଟ୍ଟାଚାର୍ଯ୍ୟ, ତାରିଣୀ ଦାସ, ବିନୟ ଦୀକ୍ଷିତ, ମଦନଲାଲ ଅଗ୍ରୱାଲ, ନକୁଳ ସୁବୁଦ୍ଧି, ଅଭିନବ ଅଗ୍ରୱାଲ, ରବି ଗୁପ୍ତା, ମୋହନ ବଜୋରିଆ, ବିଶାଲ ତୋଷୀ, ରାକେଶ ରାଏ ପ୍ରମୁଖ ସାମିଲ ଅଛନ୍ତି।

## ଟି.କେ. ଚାନ୍ଦ ସିଆଇଆଇ ବାତ୍ୟା ପରିଚାଳନା କମିଟି ଅଧ୍ୟକ୍ଷ

ଭୁବନେଶ୍ୱର,୧୦-୫



ଟି.କେ. ଚାନ୍ଦ।

ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ବାତ୍ୟା ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ସମ୍ଭାଳିଛନ୍ତି। ବାତ୍ୟା ଫନୀ ଯୋଗୁ ଅନେକ ଲୋକ ପ୍ରଭାବିତ ହୋଇଥିବା ବେଳେ ଧନ ସମ୍ପତ୍ତି ନଷ୍ଟ ହୋଇଛି। ଏଭଳି ସ୍ଥିତିରେ ଅନେକ ସଂସ୍ଥା ଥଇଥାନ ତଥା ସହାୟତା ପାଇଁ ଆଗେଇ ଆସିଛନ୍ତି। ସିଆଇଆଇ ପକ୍ଷରୁ ଏକ ବାତ୍ୟା ପରିଚାଳନା ସମିତି ଗଠନ ହୋଇଥିବା ବେଳେ ଏହାର ଅଧ୍ୟକ୍ଷତା ଲାଗି ଚାନ୍ଦଙ୍କୁ ଦାୟିତ୍ୱ ମିଳିଛି। ଚାନ୍ଦଙ୍କ ସହ ସିଆଇଆଇ ପୂର୍ବାଞ୍ଚଳର ଆଡମିରାଲ ଏ.କେ.ବର୍ମା ଉକ୍ତ ସମିତିରେ କାର୍ଯ୍ୟ କରିବେ। ବାତ୍ୟା ପରବର୍ତ୍ତୀ ରିଲିଫ ଏବଂ ଥଇଥାନ କାର୍ଯ୍ୟରେ ସହଯୋଗ ଲାଗି ବିଭିନ୍ନ ଶିଳ୍ପ ସଂସ୍ଥାଙ୍କୁ ଚାନ୍ଦ ଅନୁରୋଧ କରିଛନ୍ତି। ଏ ନେଇ ଷ୍ଟିୟରିଂ କମିଟିର ଏକ ବୈଠକ ଚଳିତ ମାସ ୧୧ରେ ନାଲ୍‌କୋ ଭବନ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଶିଳ୍ପର ବିଭିନ୍ନ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବାତ୍ୟା ପ୍ରଭାବିତଙ୍କୁ ରାମ୍‌କୋ ସିମେଣ୍ଟର ସହାୟତା




ଭୁବନେଶ୍ୱର,୧୦-୫

ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ରାମ୍‌କୋ ସିମେଣ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ପୁରୀ ସମେତ କଟକ, କେନ୍ଦ୍ରାପଡା, ନିମାପଡା, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଅଞ୍ଚଳରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। କମ୍ପାନୀର ସିଏମ୍‌ଡି ପି.ଆର୍ ଭେଙ୍କଟରମଣ ରାଜା, ସିଇଓ ଏ.ଭି.ଧର୍ମକ୍ରିଷ୍ଣନ୍, ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ପ୍ରେସିଡେଣ୍ଟ ବାଲାଜୀ କେ.ମୂର୍ତ୍ତି, ମାନୁଫାକ୍‌ଚରିଂ ପ୍ରେସିଡେଣ୍ଟ ଶ୍ରୀନିବାସନ ଏମ୍ ପ୍ରଭାବିତ ଲୋକଙ୍କ ଲାଗି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଯାଜପୁରସ୍ଥିତ ୟୁନିଟର ମୁଖ୍ୟ ଅଜିତ କୁମାର ପଲ୍, ଏଜିଏମ୍ ପ୍ରଭାତ କୁମାର ସାହୁ, ରାଜ୍ୟ ମାର୍କେଟିଂ ମୁଖ୍ୟ ଡିଜିଏମ୍ ପ୍ରତୀକ କୁମାର ରୟ, ସିନିୟର ମ୍ୟାନେଜର ଚଣ୍ଡୀ ପ୍ରସାଦ ମହାନ୍ତି ରିଲିଫ ବଣ୍ଟନ ପରିଚାଳନା କରିଥିଲେ।

## ଏୟାର ଇଣ୍ଡିଆ ଦେବ ଭାରି ଡିସ୍‌କାଉଣ୍ଟ

ନୂଆଦିଲ୍ଲୀ,୧୦-୫

ରାଷ୍ଟ୍ରାୟତ୍ତ ଏୟାରଲାଇନ୍ସ ଏୟାର ଇଣ୍ଡିଆ ଘରୋଇ ଯାତ୍ରୀଙ୍କ ଲାଗି ଏକ ଅଫର ଘୋଷଣା କରିଛି। ଉଡ଼ାଣର ୩ଘଣ୍ଟା ପୂର୍ବରୁ ଟିକେଟ ବୁକିଂ କଲେ ଯାତ୍ରୀଙ୍କୁ ଭାରିମାତ୍ରାରେ ଡିସ୍‌କାଉଣ୍ଟ ଦିଆଯିବ। ଏହାଦ୍ୱାରା ଶେଷ ମୁହୂର୍ତ୍ତରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଫାଇଦା ମିଳିବ। ଶୁକ୍ରବାର ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଉଡ଼ାଣର ଠିକ୍ ପୂର୍ବରୁ ଯଦି ବିମାନରେ ସିଟ୍ ଖାଲି ରହିଯାଏ, ତେବେ ୩ ଘଣ୍ଟା ପୂର୍ବରୁ ବୁକିଂ କରାଯାଇଥିଲେ ଭାରିମାତ୍ରାରେ ଡିସ୍‌କାଉଣ୍ଟ ଦିଆଯିବ। ପୂର୍ବରୁ ଶେଷ ମୁହୂର୍ତ୍ତରେ ଟିକେଟ ବୁକିଂ କରିବା କ୍ଷେତ୍ରରେ ଯାତ୍ରୀ ସାମାନ୍ୟ ଭଡ଼ା ସହ ୪୦ ପ୍ରତିଶତ ଅଧିକ ଅର୍ଥ ଦେବାକୁ ବାଧ୍ୟ ହେଉଥିଲେ। ଏୟାରଲାଇନ୍ସ ମୁଖପାତ୍ର କହିଛନ୍ତି ଯେ, ଜରୁରିକାଳୀନ ପରିସ୍ଥିତିରେ ବିମାନଯାତ୍ରୀଙ୍କୁ ପ୍ରାୟତଃ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ ଏବଂ ଟିକେଟ ଲାଗି ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡେ।

## ବନ୍ଦ ହେଲା 'ଆକାଶ' ଟାବ୍‌ଲେଟ ନିର୍ମାଣକାରୀ କମ୍ପାନୀ

ନୂଆଦିଲ୍ଲୀ,୧୦-୫

ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ପ୍ରଭାବରେ ଟାବ୍‌ଲେଟ ନିର୍ମାଣକାରୀ କମ୍ପାନୀ ଡାଟାୱିଣ୍ଡ ବନ୍ଦ ହୋଇଯାଇଛି। ଏହା ବିଶ୍ୱର ସବୁଠାରୁ ଶସ୍ତା ଟାବ୍‌ଲେଟ 'ଆକାଶ' ନିର୍ମାଣ କରି ଚହଳ ପକାଇ ଦେଇଥିଲା। ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ଲାଗୁ ହେବା ପରେ ୨୦୧୭ ଜୁଲାଇରେ କେନ୍ଦ୍ର ସରକାର ଦେଶରେ ଜିଏସ୍‌ଟି ଲାଗୁ କଲେ। ଏଥିଯୋଗୁ ଅସୁବିଧାର ସାମ୍ନା କରିଥିବା ଡାଟାୱିଣ୍ଡର ୧୦୦୦ କର୍ମଚାରୀ ନିଯୁକ୍ତି ହରାଇଲେ। କମ୍ପାନୀର ଚିଫ୍ ଏକ୍‌ଜିକ୍ୟୁଟିଭ ସୁନୀତ ସିଂହ ତୁଲୀ କହିଛନ୍ତି ଯେ, ଉକ୍ତ ଦୁଇ କାରଣରୁ ଆମର ଟାର୍ଗେଟ ସେଗମେଣ୍ଟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା। ସେ କହିଛନ୍ତି ଯେ, ସରକାର ସ୍ମାର୍ଟଫୋନରେ ୧୨% ଏବଂ ଟାବ୍‌ଲେଟରେ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ କରୁଛନ୍ତି। ଏଣୁ ଗ୍ରାହକ ୭ ଇଞ୍ଚର ଟାବ୍‌ଲେଟ ସ୍ଥାନରେ ୬ ଇଞ୍ଚର ସ୍ମାର୍ଟଫୋନ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏଣୁ ଟାବ୍‌ଲେଟ ବିକ୍ରି ଦିନକୁ ଦିନ କମିବାରେ ଲାଗିଛି। ଏହାଛଡ଼ା ବିମୁଦ୍ରୀକରଣ ଯୋଗୁ ଲୋକଙ୍କ ନିକଟରେ ଅର୍ଥର ଅଭାବ ରହିଛି। ଏହି କାରଣରୁ କମ୍ପାନୀର ଟାବ୍‌ଲେଟ ବିକ୍ରି ପ୍ରଭାବିତ ହୋଇଛି ବୋଲି ତୁଲୀ କହିଛନ୍ତି।

## ପାଇପଲାଇନ କାର୍ଯ୍ୟ ତ୍ୱରାନ୍ୱିତ କଲା ଗେଲ୍

ଭୁବନେଶ୍ୱର,୧୦-୫

- ଜଗଦୀଶପୁର-ହଳଦିଆ, ବୋକାରୋ-ଧାମରା ପ୍ରକଳ୍ପ ସାମିଲ
- ୧୦,୫୦୦ କୋଟିର କାର୍ଯ୍ୟାଦେଶ ପ୍ରଦାନ ସମ୍ପୂର୍ଣ୍ଣ

ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା କାର୍ଯ୍ୟକ୍ରମ ଅଧୀନରେ ଗ୍ୟାସ ଅଥରିଟି ଇଣ୍ଡିଆ ଲିମିଟେଡ (ଗେଲ୍) ଏହାର ଗ୍ୟାସ ପାଇପଲାଇନ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ବର୍ତ୍ତମାନ ସୁଦ୍ଧା ଜଗଦୀଶପୁର-ହଳଦିଆ, ବୋକାରୋ-ଧାମରା, ବାରାଣସୀ-ଗୁଆହାଟି ପ୍ରକଳ୍ପରେ ଏହା ୧୦,୫୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟାଦେଶ ପ୍ରଦାନ କରି ସାରିଛି। ଏହା ମଧ୍ୟରେ ୩,୪୦୦ କିମିର ପାଇପ ବିଛାଇବା କାର୍ଯ୍ୟ ସାମିଲ ରହିଛି। ଦୁର୍ଗାପୁରଠାରୁ ହଳଦିଆ ଯାଏ ୨୮୦ କିମିର ଷ୍ଟିଲପାଇପ ଲାଇନ ବିଛାଇବା ଲାଗି ଏହା ୪୭୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟଭାର ପ୍ରଦାନ କରିଛି। ବିଭିନ୍ନ ପ୍ରକଳ୍ପ ବାବଦକୁ ଏହା ୧୨,୫୦୦ କୋଟି ଟଙ୍କା ଖର୍ଚ୍ଚ ନେଇ ଯୋଜନା ରଖିଛି।

ଗ୍ୟାସ୍ ପାଇପ୍ ଲାଇନ ବାରାଣସୀ ଯାଏ ପହଞ୍ଚିଥିବା ବେଳେ ସାର ପ୍ଲାଣ୍ଟକୁ ଗ୍ୟାସ ଯୋଗାଇବାରେ ଏହା ସହାୟକ ହେବ। ଦେଶର ପୂର୍ବ ଭାଗକୁ ସିଟି ଗ୍ୟାସ ଯୋଗାଣ ନେଇ ଏହା ଲକ୍ଷ୍ୟଧାର୍ଯ୍ୟ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ଡିସେମ୍ବର ୨୦୨୧ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଦୋବୀ-ଦୁର୍ଗାପୁର ପାଇପ ଲାଇନ ସେକ୍ସନ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଦେଶର ପୂର୍ବାଞ୍ଚଳ ଏବଂ ଦକ୍ଷିଣାଞ୍ଚଳକୁ ଗ୍ୟାସ ଯୋଗାଣ ଲାଗି ୫,୫୦୦ କିମିର ପାଇପ ଲାଇନ କାର୍ଯ୍ୟରେ ଏହା ପ୍ରାୟ ୨୫,୦୦୦ କୋଟି ଟଙ୍କା ବିନିଯୋଗ କରିବ। ସେହିଭଳି ୧୪୦୦ର କିମି ଆଉ ଏକ ପ୍ରକଳ୍ପ ୭,୦୦୦ କୋଟି ଟଙ୍କାରେ ନିର୍ମାଣ କରାଯିବାକୁ ଯୋଜନା ରଖାଯାଇଛି। ଏହା ୨୦୨୩ ବେଳକୁ ସମ୍ପୂର୍ଣ୍ଣ କରାଯିବାକୁ ସମୟ ଧାର୍ଯ୍ୟ ହୋଇଛି। ସାରା ଦେଶରେ ଗ୍ୟାସ ଯୋଗାଣ ନେଇ ପ୍ରକଳ୍ପ ସଂଯୋଗୀକରଣ ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ଗେଲ୍ ଇଣ୍ଡିଆର ଏମ୍‌ଡି ତଥା ଅଧ୍ୟକ୍ଷ ବି.ସି.ତ୍ରିପାଠୀ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ମେ, ୨୦୧୯



ବଲ୍ ଟ୍ୟାମ୍ପରିଂ ମାମଲାରେ ଏକ ବର୍ଷ ବାସନ୍ଦ ସତ୍ତ୍ୱେ ଷ୍ଟିଭ୍ ସ୍ମିଥ୍ ଫର୍ମରେ ଥାଇ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରିଛନ୍ତି ।

–ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ଉସେନ ବୋଲ୍ଟ ଅବସର ନେଇସାରିଥିବାରୁ ଆସନ୍ତା ବର୍ଷ ଟୋକିଓ ଅଲିମ୍ପିକ୍ସରେ ଆମ ଦେଶ ଆଥଲେଟ୍‌ଙ୍କ ଆଶା ଉଜ୍ଜ୍ୱଳ ।

–ଶେଲି ଆନ୍ ଫ୍ରେଜର ଫ୍ରାଇସ୍, ଜାମାଇକା ସ୍ପ୍ରିଣ୍ଟର

## ସଂକ୍ଷେପରେ

### ଗମ୍ଭୀରଙ୍କ ସପକ୍ଷରେ ଲକ୍ଷ୍ମଣ, ହରଭଜନ

ନୂଆଦିଲ୍ଲୀ,୧୦।୫(ପିଟି)- ଆମ୍ ଆଦମୀ ପାର୍ଟି (ଏଏପି)ର ପୂର୍ବ ଦିଲ୍ଲୀ ପ୍ରାର୍ଥିନୀଙ୍କ ସମ୍ପର୍କରେ ପୂର୍ବତନ ଭାରତୀୟ ଓପନର ତଥା ଭାଜପା ପ୍ରାର୍ଥୀ ଗୌତମ ଗମ୍ଭୀର 'କୁତ୍ସିତ' ମନ୍ତବ୍ୟ ଦେଇଥିବା ଅଭିଯୋଗ ହେବା ପରେ ତାଙ୍କ ସପକ୍ଷରେ ବାହାରିଛନ୍ତି ପୂର୍ବତନ ସାଥୀ ଖେଳାଳି ଭି.ଭିଏସ୍. ଲକ୍ଷ୍ମଣ ଓ ହରଭଜନ ସିଂ। ଗୁରୁବାର ଏଏପି ପ୍ରାର୍ଥୀ ଅତିଶୀ ଅଭିଯୋଗ କରିଛନ୍ତି ଯେ, ଭାଜାପା ଲୋକ ସଭା ପ୍ରାର୍ଥୀ ତାଙ୍କ ସମ୍ପର୍କରେ କୁତ୍ସିତ ମନ୍ତବ୍ୟ ସମ୍ବଳିତ ପ୍ରଚାର ପତ୍ର ବାଣ୍ଟୁଛନ୍ତି। ଲକ୍ଷ୍ମଣ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, କ୍ରିକେଟରୁ ରାଜନେତା ପାଲଟିଥିବା ଗମ୍ଭୀରଙ୍କୁ ମୁଁ ଦୁଇ ଦଶନ୍ଧି ହେଲା ଜାଣିଛି। ତାଙ୍କ ସଚୋଟ ପଣିଆ ଓ ଚରିତ୍ର ଏବଂ ମହିଳାଙ୍କ ପ୍ରତି ତାଙ୍କର ସମ୍ମାନ ଉପରେ ମୋର ଦୃଢ ବିଶ୍ୱାସ ରହିଛି। ପୂର୍ବତନ ହାଇଦ୍ରାବାଦୀ ବ୍ୟାଟ୍ସମ୍ୟାନଙ୍କ ପୂର୍ବରୁ ୩୭ ବର୍ଷୀୟ ସିନିୟର ସ୍ପିନର ହରଭଜନ ସିଂ ମଧ ଗମ୍ଭୀରଙ୍କ ସପକ୍ଷରେ ବହାରିଥିଲେ। ଗୁରୁବାର ଖବର ପାଇ ମୁଁ ଚକିତ। ମୁଁ ଗମ୍ଭୀରଙ୍କୁ ଭଲ ଭାବେ ଜାଣିଛି। ନିର୍ବାଚନରେ ହାରିବା କିମ୍ବା ଜିତିବା ଭିନ୍ନ କଥା। କୌଣସି ମହିଳାଙ୍କ ପ୍ରତି ସେ ଖରାପ କଥା କହି ନ ଥିବେ ମୋର ଦୃଢ ବିଶ୍ୱାସ ବୋଲି ୪୦୦ ଟେଷ୍ଟ ଉଇକେଟ ନେଇଥିବା ହରଭଜନ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ କହିବା ସହ ସତ୍ୟ ପ୍ରମାଣିତ ହେଲେ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ଗମ୍ଭୀର କହିଛନ୍ତି। ଆହୁରି ସେ ଅତିଶୀଙ୍କ ବିରୋଧରେ ଏକ ମାନହାନି ମକଦ୍ଦମା ଦାୟର କରିଛନ୍ତି।

### ନେମାର ବାସନ୍ଦ

ପ୍ୟାରିସ,୧୦।୫- ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଫରୱାର୍ଡ ନେମାରଙ୍କୁ ୩ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ଗତମାସରେ ଫ୍ରେଞ୍ଚ କପ୍ ଫାଇନାଲରେ ହାରିବା ପରେ ଦର୍ଶକଙ୍କ ସହ ମାରପିଟ୍ କରିବା ପାଇଁ ତାଙ୍କୁ ଅତିରିକ୍ତ ୨ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିବା ଫ୍ରେଞ୍ଚ ଫୁଟ୍‌ବଲ ଫେଡେରେଶନ ପକ୍ଷରୁ କୁହାଯାଇଛି। ପିଏସ୍‌ଜି ଦଳ ଶୁଟ୍ ଆଉଟ୍ ପର୍ଯ୍ୟାୟରେ ୬-୫ ବ୍ୟବଧାନରେ ଷ୍ଟାଡ୍ ରେନିସ୍‌ଠାରୁ ପରାସ୍ତ ହୋଇଥିଲା। ଏହାପରେ ବ୍ରାଜିଲିଆନ ଷ୍ଟାର ନିଜର ରନର୍ସଅପ୍ ମେଡାଲ ଗ୍ରହଣ କରିବାକୁ ଯାଉଥିବାବେଳେ ଜଣେ ଦର୍ଶକଙ୍କୁ ପ୍ରହାର କରିଥିଲେ। ନେମାରଙ୍କ ବାସନ୍ଦାଦେଶ ସୋମବାରଠାରୁ ଆରମ୍ଭ ହେବ। ଏହାର ଅର୍ଥ ସେ ରବିବାର ଖେଳାଯିବାକୁ ଥିବା ଏଞ୍ଜର୍ସ ବିପକ୍ଷ ଲିଗ୍ ଓ୍ୱାନ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ। ସେ ପିଏସ୍‌ଜିର ଅନ୍ତିମ ଦୁଇ ଲିଗ୍ ମ୍ୟାଚ୍ ଖେଳିପାରିବେ ନାହିଁ।

# ଭାରତର ଦ୍ୱିତୀୟ ବିଜୟ

## ଅଷ୍ଟ୍ରେଲିଆ ଟୁର୍

ପର୍ଥ, ୧୦।୫(ପି.ଟି.)

ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ହକି ଦଳ ଶୁକ୍ରବାର ଏକ ସହଜ ବିଜୟ ହାସଲ କରିଛି। ଭାରତ ୩-୦ ଗୋଲରେ ଅଷ୍ଟ୍ରେଲିଆ 'ଏ' ଦଳକୁ ପରାସ୍ତ କରିଛି। ଭାରତ ତରଫରୁ ଯୁବ ଷ୍ଟ୍ରାଇକର ସୁମିତ କୁମାର ଜୁନିୟର ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ରୂପିନ୍ଦର ପାଲ ସିଂ ଦଳ ତରଫରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏଥିସହ ଭାରତ ଅଷ୍ଟ୍ରେଲିଆ ଗସ୍ତରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି।

ଇଞ୍ଜୁରି କାରଣରୁ ପାଖାପାଖି ୮ ମାସ ଖେଳରୁ ଦୂରେଇ ରହିଥିବା ରୁପିନ୍ଦର ଷଷ୍ଠ ମିନିଟ୍‌ରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ସୁମିତ ଦ୍ୱାଦଶ ଓ ୧୩ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଭାରତ ପ୍ରଥମ କ୍ୱାର୍ଟରରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ପ୍ରଥମ କ୍ୱାର୍ଟରରେ ହିଁ ୩ଟି ଯାକ ଗୋଲ ସ୍କୋର କରିଥିଲା। ଫଳରେ ଘରୋଇ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଭାରତ ପ୍ରଥମ ଶର୍ଟ କର୍ନର ହାସଲ କରିଥିଲା ଓ ରୁପିନ୍ଦର ନିଜର ଅଭିଜ୍ଞତା ବଳରେ ଅତି ସୁନ୍ଦର ଭାବେ ଫ୍ଲିକ୍ କରି ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିଥିଲେ। ଡିଫେଣ୍ଡର ହରମନପ୍ରୀତ ସିଂ ଉନ୍ନତ ଖେଳ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଏ'କୁ ନିଜ ପାଖରେ ଅଧିକ ସମୟ ବଲ୍ ରଖିବାର ସୁଯୋଗ ଦେଇ ନ ଥିଲେ। ଏହା ଫଳରେ ଭାରତ ଦ୍ୱିତୀୟ ଗୋଲ ଦେବାକୁ ସକ୍ଷମ ହୋଇଥିଲା। ଅଧିନାୟକ ମନପ୍ରୀତ ସିଂ ମଧ୍ୟ ସୁମିତଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ। ଫଳରେ ଦ୍ୱାଦଶ ମିନିଟ୍‌ରେ ସୁମିତ ଗୋଲ ଦେଇଥିଲେ। ଏହାର ଗୋଟିଏ ମିନିଟ ପରେ ସୁମିତ ଦଳ ତରଫରୁ ତୃତୀୟ ଗୋଲ ଦେଇ ଘରୋଇ ଦଳକୁ ଚକିତ କରିଥିଲେ।

ଦ୍ୱିତୀୟାର୍ଦ୍ଧରେ ଅଷ୍ଟ୍ରେଲିଆ ପେନାଲ୍ଟି କର୍ନର ହାସଲ କରିଥିଲା। ତେବେ ଭାରତୀୟ ଗୋଲକିପର କ୍ରିଷ୍ଣନ୍ ପାଠକ ଅଷ୍ଟ୍ରେଲିଆର ପ୍ରୟାସକୁ ପଣ୍ଡ କରିଥିଲେ। ଫଳରେ ଘରୋଇ ଦଳ ସୁଯୋଗ ହାତଛଡ଼ା କରିଥିଲା। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଭାରତ ଆଉ କେତୋଟି ସୁଯୋଗ ପାଇଥିଲେ ମଧ ଗୋଲରେ ପରିଣତ କରିପାରି ନ ଥିଲା। ତେବେ ଦଳରେ ଭାରତୀୟ ମୁଖ୍ୟ କୋଚ୍ ଗ୍ରାହମ ରେଡ୍ ସନ୍ତୋଷ ପ୍ରକଟ କରିଛନ୍ତି। ସୋମବାର ଭାରତ ପରବର୍ତ୍ତୀ ମ୍ୟାଚ୍ ଖେଳିବ।



ଅଷ୍ଟ୍ରେଲିଆ 'ଏ' ବିପକ୍ଷ ମ୍ୟାଚ୍ ଅବସରରେ ଭାରତର ସୁରେନ୍ଦର କୁମାର।

## ଏକତ୍ରିତ ହେବେ ଆଇପିଏଲ୍ ପ୍ରଶଂସକ

ନୂଆଦିଲ୍ଲୀ,୧୦।୫(ପିଟି)

ହାଇଦ୍ରାବାଦଠାରେ ଆସନ୍ତା ରବିବାର ହେବାକୁ ଥିବା ଫାଇନାଲବେଳେ ଆଇପିଏଲ ପ୍ରଶଂସକମାନେ ସାମାଜିକ କାରଣ ନେଇ ଏକତ୍ରିତ ହେବେ। ପ୍ଲାଷ୍ଟିକ୍ ପରିତ୍ୟାଗ ଓ ଏହା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଦେଶବାସୀଙ୍କୁ ସେମାନେ ଆହ୍ୱାନ ଦେବେ। ଆଇପିଏଲର ୬ଟି ଫ୍ରାଞ୍ଚାଇଜର ପ୍ରଶଂସକଙ୍କ ପ୍ରତିନିଧି ହାଇଦ୍ରାବାଦରେ ଏକ ବୈଠକରେ ଯୋଗଦେବେ। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓ୍ୱେଷ୍ଟ ମ୍ୟାନେଜମେଣ୍ଟ (ଆଇଆଇଡବ୍ଲ୍ୟୁଏମ୍) ପକ୍ଷରୁ ଏହା ଆୟୋଜନ କରାଯାଉଛି। ପ୍ରତ୍ୟେକ କ୍ରିକେଟ ମ୍ୟାଚ୍ ପରେ ପ୍ରାୟ ୪ରୁ ସାଢେ ଚାରି ଟନ୍ ଆବର୍ଜନା ଷ୍ଟାଡିୟମ୍‌ରୁ ବାହାରୁଛି। ଏହାକୁ ହିସାବକୁ ନେଲେ ପ୍ରତ୍ୟେକ ଦର୍ଶକ ୧୩୦ ଗ୍ରାମ ଆବର୍ଜନା ଷ୍ଟାଡିୟମ୍‌ରେ ପକାଉଛନ୍ତି। ଷ୍ଟାଡିୟମ୍‌ରେ ଥରକେ ବ୍ୟବହାର ହୋଇପାରୁଥିବା ପ୍ଲାଷ୍ଟିକ ପେପର, ପ୍ଲାଷ୍ଟିକ ଗ୍ଲାସ, ବଳକା ଖାଦ୍ୟ, କାର୍ଡ ବୋର୍ଡ, ପ୍ଲାଷ୍ଟିକ, ଚାମଚ, ଟିସୁ ପେପର ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପତକା ଛାଡ଼ିଯାଉଛନ୍ତି। ଏହାର ୪୦ ପ୍ରତିଶତ ହେଉଛି ଥରକେ ବ୍ୟବହାର ହୋଇପାରୁଥିବା ପ୍ଲାଷ୍ଟିକ ବସ୍ତୁ, ଯାହାକି ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। କାରଣ ଏଗୁଡ଼ିକ ୧୦୦ରୁ ଅଧିକ ବର୍ଷ ପର୍ଯ୍ୟନ୍ତ ମାଟିରେ ମିଶେ ନାହିଁ ବୋଲି ଆଇଆଇଡବ୍ଲ୍ୟୁଏମ ପକ୍ଷରୁ କୁହାଯାଇଛି। ଏହି ସଂସ୍ଥା ୨୦୧୨ଠାରୁ ଆଇପିଏଲ ସହ ଜଡ଼ିତ। ଚିନ୍ନାସ୍ୱାମୀ ବିଶ୍ୱର ପ୍ରଥମ ସବୁଜ ଷ୍ଟାଡିୟମ ହୋଇପାରିଛି। ଷ୍ଟାଡିୟମ୍‌ରେ ସୋଲାର ପିଭି, ବାୟୋଗ୍ୟାସ ପ୍ଲାଣ୍ଟ, ଜଳ ସଂରକ୍ଷଣ ବ୍ୟବସ୍ଥା ରହିଛି।

## ସମର୍ଥକ ସବୁକିଛି

ଗୌତମ ଗମ୍ଭୀର

ଦୁଇବର୍ଷ ପୂର୍ବେ କିଛି ବନ୍ଧୁଙ୍କ ସହିତ ମୋର ଏକ ଡିନର ଥିଲା। ସେତେବେଳେ ତେନ୍ଦୁଲକରଙ୍କର ଅବସରକାଳୀନ ଭାଷଣ ଉପରେ ଆମର ଆଲୋଚନା ହୋଇଥିଲା। ଆମ ବିଚାରରେ ଏହା ପ୍ରେରଣା ଦାୟକ ଥିଲା। ଜଣେ ବନ୍ଧୁ କହିଥିଲେ ମୋର ଅବସରକାଳୀନ ଭାଷଣ କ'ଣ ହେବ। କିଛି ସମୟ ନୀରବ ରହିବା ପରେ କହିଥିଲି ମୁଁ ଖେଳର ସମର୍ଥକଙ୍କ ଉପରେ କିଛି ବ୍ୟକ୍ତ କରିବାକୁ ଚାହିଁବି। ମୁଁ ସେମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିଥାଏ। ଅର୍ଥାତ୍ ସମ୍ମାନ ଦେଇଥାଏ। କ୍ରିକେଟରମାନଙ୍କର ଦେଶ ପ୍ରତି ଅବଦାନ ରହିଛି ବୋଲି କିଛି ଲୋକ କହିଥାନ୍ତି। କିନ୍ତୁ ତାହାକୁ ମୁଁ ପସନ୍ଦ କରି ନ ଥାଏ। ମୋ ମତରେ ଦେଶ ପାଇଁ ଖେଳିବା ଏକ ଗୌରବର ବିଷୟ। କିନ୍ତୁ ଏଥିପାଇଁ କ୍ରିକେଟରମାନେ ଲୋଭନୀୟ ବେତନ ପାଇଥାନ୍ତି। ସେମାନେ ଯଦି ବିନା ବେତନରେ ଖେଳୁଥାନ୍ତେ ତେବେ ଦେଶ ପାଇଁ କିଛି କରୁଛନ୍ତି ବୋଲି ମନରେ ଧାରଣା ସୃଷ୍ଟି ହୁଅନ୍ତା। ଦ୍ୱିତୀୟତଃ ଖେଳ ପ୍ରତି ଯଦି ବହୁ ସଂଖ୍ୟାରେ ଲୋକଙ୍କ ଆଗ୍ରହ ନ ଥିଲେ ଆମକୁ ଉଚ୍ଚ ବେତନ ମିଳୁ ନ ଥାନ୍ତା। ଖେଳାଳିମାନେ ବିସିସିଆଇଠାରୁ ବେତନ ପାଇଥାନ୍ତି। ବିସିସିଆଇ ଟିଭି ରାଇଟ୍ସ ଏବଂ ସ୍ପନସରଶିପ୍‌ରୁ ମୋଟା ଅଙ୍କରେ ରୋଜଗାର କରିଥାଏ। ମୋଟ ଉପରେ ସମର୍ଥକଙ୍କ ପାଇଁ ସବୁକିଛି। ମୋର ଗୋଟିଏ କଥା ମନେପଡୁଛି। ଥରେ ଇଡେନଗାର୍ଡେନ୍ସରେ ଏକ ଆଇପିଏଲ ପ୍ରାକ୍ଟିସ ସେସନ ଚାଲିଥାଏ। ସେତେବେଳେ ମୁଁ ମୋର ଜରୁରୀ ଟଏଲେଟର ଆବଶ୍ୟକ ପଡ଼ିଥିଲା। କୌଣସି କାରଣରୁ ଡ୍ରେସିଂରୁମ୍‌ରେ ତାଲା ପଡ଼ିଥିଲା। ତେଣୁ ମୁଁ ବାଧ୍ୟ ହୋଇ ପ୍ରଥମ ମହଲାକୁ ଯାଇ ଟଏଲେଟ କରିଥିଲି। ମାତ୍ର ଏହା ସଫା ସୁତରା ନ ଥିବାରୁ ସଂକ୍ରମଣ ଯୋଗୁ ମୁଁ ଅସୁସ୍ଥ ହୋଇପଡ଼ିଥିଲି। ଡ୍ରେସିଂରୁମ୍‌ର ଉପରେ ରହିଥିବା ଦର୍ଶକ ଗ୍ୟାଲେରୀର ଟିକେଟ ଉଚ୍ଚା ଦରରେ ବିକ୍ରି ହୋଇଥାଏ। ମାତ୍ର ମୋ ଭାଷାରେ ଏହି ପୃଷ୍ଠପୋଷକମାନଙ୍କ ଲାଗି ଏକ ଉତ୍ତମ ଓ୍ୱାଶରୁମ୍‌ର ବ୍ୟବସ୍ଥା ନାହିଁ। ଏହାର କାରଣ କ'ଣ ହୋଇପାରେ ତାହା ମୁଁ ବୁଝିପାରୁ ନାହିଁ।

ଆମ ପାଖରେ ବିଶ୍ୱଶ୍ରେଣୀର ଆଉଟ୍ ଫିଲ୍ଡ ରହିଛି। ଉଚ୍ଚ ସ୍ତରର ଖେଳାଳି ଅଛନ୍ତି। ଅନ୍ତର୍ଜାତୀୟ ମାନର ବ୍ରଡକାଷ୍ଟିଂ ସୁବିଧା ରହିଛି। ଷ୍ଟାଡିୟମରେ ଦର୍ଶକମାନଙ୍କ ଲାଗି ମୌଳିକ ସୁବିଧା ନାହିଁ। ଏହା ଦୁଃଖଦାୟକ ଏବଂ ସତ୍ୟ ଯେ ରସେଲ ଏବଂ ଗେଲ୍‌ଙ୍କ ଭଳି ଖେଳାଳି ବିସ୍ଫୋରକ ବ୍ୟାଟିଂ କରୁଥିବା ବେଳେ ଯଦି କୌଣସି ସମର୍ଥକଙ୍କୁ ଜୋର୍ ପରିସ୍ରା ଲାଗୁଥାଏ ତେବେ ଏଭଳି ଟଏଲେଟ୍ ନ ଯାଇ ବରଂ ଚାପରେ ରଖିବାକୁ ଚାହିଁବ। ମୁଁ ସମର୍ଥକଙ୍କୁ ସମ୍ମାନ ଦେଇଥାଏ। ବ୍ୟାଟିଂ କଲାବେଳେ ସାମାନ୍ୟ ଯନ୍ତ୍ରଣା ଅବା ଇଞ୍ଜୁରି ଥିଲେ ମୁଁ ତାହାକୁ ଭୁଲିଯାଇଥାଏ। (ଗେମ୍‌ପ୍ଲାନ୍)

SEAGRAM'S
ROYAL STAG
MEGA CRICKET · CRICKET GEAR

## ସେମିଫାଇନାଲରେ ଅଙ୍କିତା

ନୂଆଦିଲ୍ଲୀ,୧୦।୫(ପିଟି)

ଚାଇନାରେ ଚାଲିଥିବା ୬୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଆଇଟିଏଫ୍ ମହିଳା ଟେନିସ ଟୁର୍ନାମେଣ୍ଟ ସେମିଫାଇନାଲରେ ଭାରତୀୟ ମହିଳା ସିଙ୍ଗଲ୍ସ ଖେଳାଳି ଅଙ୍କିତା ରାଇନା ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ରାଇନା କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ହଂକଂର ୟୁଡାଇସ ଓ୍ୱଙ୍ଗ ଚଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ପ୍ରଥମ ସେଟରେ ୨-୬ ବ୍ୟବଧାନରେ ପରାସ୍ତ ହୋଇଥିଲେ। ପରେ ଦ୍ୱିତୀୟକୁ ୬-୪ ଓ ତୃତୀୟକୁ ୭-୫ ସେଟ୍‌ରେ ଜିତି ଟୁର୍ନାମେଣ୍ଟର ଅନ୍ତିମ ୪' ରାଉଣ୍ଡରେ ପ୍ରବେଶ କରିଛନ୍ତି। ମ୍ୟାଚ୍‌କୁ ଜିତିବା ପାଇଁ ତାଙ୍କୁ ଦୁଇଘଣ୍ଟାରୁ ଅଧିକ ସମୟ ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ଏହି ବିଜୟ ଯୋଗୁ ଅଙ୍କିତା ଚଳିତ ସିଜନରେ ୩ୟ ଫାଇନାଲ ଖେଳିବା ନିକଟତର ହୋଇଛନ୍ତି। ସେ ୭ମ ସିଡ୍ ଚାଇନିଜ ଖେଳାଳି ଶୁୟୁ ମାଙ୍କୁ ଭେଟିବେ।

## ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଆରମ୍ଭ

କଟକ ଅଫିସ,୧୦।୫

ରେଭେନ୍‌ଶା ମର୍ନିଂ କ୍ଲବ ଆନୁକୂଲ୍ୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଆସନ୍ତା ଜୁନ ୯ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। କଟକର ବିଭିନ୍ନ ବିଦ୍ୟାଳୟର ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ଦେବେନ୍ଦ୍ରନାଥ ସାହୁ, ପ୍ରଫେସର ପଦନ କୁମାର ଜେନା, ଶ୍ରୀକାନ୍ତ ମହାନ୍ତି, ଅଞ୍ଜନ କୁମାର ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବାବାଜୀ ଚରଣ ପ୍ରଧାନ, ଅବଦୁଲ ସହିଦ ଜବାର, ଈଶ୍ୱର ବେହେରା ପ୍ରଶିକ୍ଷକ ଦାୟିତ୍ୱରେ ଅଛନ୍ତି। କ୍ଲବ ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ବିଷ୍ଣୁ ଚରଣ ରାଉତ, କୋଷାଧ୍ୟକ୍ଷ ବସନ୍ତ କୁମାର ସାହୁ ଉପସ୍ଥିତ ଥିଲେ ।

## ଟି୧୦ ଲିଗ୍‌ରେ ଦୁର୍ନୀତି: ଜୋୟସା, ଗୁଣବର୍ଦ୍ଧନେଙ୍କୁ ବାସନ୍ଦ କଲା ଆଇସିସି

ଦୁବାଇ,୧୦।୫(ପି.ଟି.)



ନୁଆନ ଜୋୟସା



ଅଭିଷ୍କା ଗୁଣବର୍ଦ୍ଧନେ

ପୂର୍ବତନ ଶ୍ରୀଲଙ୍କା କ୍ରିକେଟର ନୁଆନ ଜୋୟସା ଓ ଅଭିଷ୍କା ଗୁଣବର୍ଦ୍ଧନେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ସାମୟିକ ଭାବେ ସସ୍ପେଣ୍ଡ ହୋଇଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହୋଇଥିବା ଏକ ଟି୧୦ ଲିଗ୍‌ରେ ଏହି ଦୁଇ ଖେଳାଳି ଦୁର୍ନୀତିରେ ଲିପ୍ତଥିବା ଜଣାପଡିବାପରେ ଆଇସିସି ଏହି ପଦକ୍ଷେପ ଗ୍ରହଣ କରିଛି। ଜୋୟସାଙ୍କ ନାମରେ ପୂର୍ବରୁ ମଧ ଦୁର୍ନୀତି କରିବାର ଅଭିଯୋଗ ଆସିଥିଲା। ଆସନ୍ତା ୧୪ ଦିନ ମଧ୍ୟରେ ଆସିଥିବା ଅଭିଯୋଗର ଉତ୍ତର ରଖିବାକୁ ବୋର୍ଡ ଦୁଇ ଖେଳାଳିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ ଆଇସିସି ପୂର୍ବତନ ଶ୍ରୀଲଙ୍କା ବୋଲିଂ କୋଚ୍ ଜୋୟସା ବିରୋଧରେ ୪ଟି କାରଣ ଓ ଗୁଣବର୍ଦ୍ଧନେଙ୍କ ବିରୋଧରେ ୨ଟି କାରଣ ପାଇଁ ଅଭିଯୋଗ ଆଣିଛି। ତେବେ କେଉଁ କାରଣ ପାଇଁ ଏହି କଡ଼ା ପଦକ୍ଷେପ ଗ୍ରହଣ କରିଛି ସେ ନେଇ ଆଇସିସି କିଛି ସ୍ପଷ୍ଟ କରିନାହିଁ। ଗତବର୍ଷ ଡିସେମ୍ବରରେ ୟୁଏଇରେ ଖେଳାଯାଇଥିବା ଏକ ଟି୨୦ କ୍ରିକେଟ ଲିଗରେ ଏହି ଦୁଇ ଖେଳାଳି ଦୁର୍ନୀତି କରିବା ଅଭିଯୋଗ ଆସିଥିଲା। ପୂର୍ବରୁ ଗତବର୍ଷ ନଭେମ୍ବରରେ ଜୋୟସା ଆଇସିସିର ଦୁର୍ନୀତି ନିବାରଣ ତଥା ଆଚରଣ ବିଧି ଉଲ୍ଲଂଘନ କରିଥିବାର ଅଭିଯୋଗ ଆସିଥିଲା।

## ହକି ଗାଙ୍ଗପୁର ଦଳ ଘୋଷିତ



ଜାତୀୟ ସବ୍‌ଜୁନିୟର ବାଳକ ହକି ଚାମ୍ପିୟନଶିପ୍ ପାଇଁ ମନୋନୀତ ଗାଙ୍ଗପୁର ଦଳ।

ଭୁବନେଶ୍ୱର,୧୦।୫(ସ୍ପୋର୍ଟ୍ସ ବ୍ୟୁରୋ) ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁରଠାରେ ମେ ୧୧ରୁ ୨୨ ତାରିଖ ପର୍ଯ୍ୟନ୍ତ ୯ମ ଜାତୀୟ ସବ୍‌ଜୁନିୟର ବାଳକ ହକି ଚାମ୍ପିୟନଶିପ୍-୨୦୧୯ (ଡିଭିଜନ-ଏ) ଅନୁଷ୍ଠିତ ହେବ। ଏଥିଲାଗି ୧୮ ଜଣିଆ ହକି ଗାଙ୍ଗପୁର ଓଡ଼ିଶା ଦଳ ଘୋଷଣା କରାଯାଇଛି। ରଣଦୀପ ଲାକ୍ରାଙ୍କୁ ଦଳର ମ୍ୟାନେଜର ଓ ବିଜୟ କୁମାର ଲାକ୍ରାଙ୍କୁ କୋଚ୍‌ଦାୟିତ୍ୱ ଦିଆଯାଇଛି। **ଘୋଷିତ ଦଳ**- ରଞ୍ଜିତ ଲାକ୍ରା, ସୁମିତ କିଣ୍ଡୋ, ଅମିତ କିଣ୍ଡୋ, ସୁଶୀଲ ମିଞ୍ଜ, ସୁଦୀପ କେରକେଟା, ରୋଶନଜିତ ମିଞ୍ଜ, ଦାବୁଲା ପୂର୍ତି, ଡିଲସନ ଖାଖା, କୁଲଦୀପ କୁମାର, ରାହୁଲ ଗୌଡ଼, ରିତିକ କୁଜୁର,ରବି ବାରା, ଇମାନ କୋଙ୍ଗାରୀ, ଜସମାନ ମୁଣ୍ଡା, ସଲିମ କୁଲୁ, ସୁମିତ ବାର୍ଲା, କୋମଲ ସୋରେଙ୍ଗ ଓ ବିକ୍ରମ ବାହାଲ।

## କ୍ୱାର୍ଟରରେ ଫେଡେରର, ନାଡାଲ, ଜୋକୋଭିଚ୍

### ମାଡ୍ରିଡ ଓପନ୍ ଟେନିସ

ମାଡ୍ରିଡ,୧୦।୫(ଏଏଫପି) ମାଡ୍ରିଡ ଓପନ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ବିଭାଗ ଇଭେଣ୍ଟରେ ଅଭିଜ୍ଞ ସୁଇଜରଲାଣ୍ଡ ଖେଳାଳି ରୋଜର ଫେଡେରର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ମହିଳା ଇଭେଣ୍ଟରେ ଟପ୍ ସିଡ ଜାପାନର ନାଓମି ଓସାକା କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଫେଡେରର ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ଫ୍ରାନ୍ସର ଗାଏଲ ମନ୍‌ଫିଲ୍ସଙ୍କୁ ୬-୦, ୪-୬, ୭-୬ ସେଟରେ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଓସାକା ୬-୩, ୨-୬ ୫-୭ ସେଟରେ ସୁଇଜରଲାଣ୍ଡର ବେଲିଣ୍ଡା ବେନସିକ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ପୂର୍ବରୁ ୨ଥର ଚାମ୍ପିୟନ ହୋଇଥିବା ସିମୋନା ହାଲେପ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ସେ ଆଶଲେ ବାର୍ଟିଙ୍କୁ ୭-୫,୭-୫ ସେଟରେ ହରାଇ ସେମିକୁ ଉଠିଛନ୍ତି। ଗତଥରର ଚାମ୍ପିୟନ ଚେକ ଗଣରାଜ୍ୟର ପେଟ୍ରା କ୍ୱିଟୋଭା କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡସର କିକି ବର୍ଟେନ୍ସଙ୍କଠାରୁ ୬-୨,୬-୩ ସେଟରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୁରୁଷ ବିଭାଗରେ ଟପ୍ ସିଡ୍ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍ ୬-୧, ୬-୨ ସେଟରେ ଜେରେମି ଚାର୍ଡିଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଏହି ଟୁର୍ନାମେଣ୍ଟରେ ୫ଥର ଟାଇଟଲ ଜିତିଥିବା ସ୍ପେନ୍‌ର ରାଫାଲ ନାଡାଲ ୬-୩,୬-୪ ସେଟରେ ଫ୍ରାନସେସ ଟିଆଫୋଙ୍କୁ ହରାଇ କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି।

## କୋରିଆ ଗସ୍ତ: ଭାରତୀୟ ଦଳରେ ଓଡ଼ିଶାର ୩

ନୂଆଦିଲ୍ଲୀ, ୧୦।୫(ପି.ଟି.)

କୋରିଆ ଗସ୍ତ ଲାଗି ଶୁକ୍ରବାର ଏକ ୧୮ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଏହି ଦଳରେ ୩ଜଣ ଓଡ଼ିଆ ଖେଳାଳି ଲିଲିମା ମିଞ୍ଜ, ଦୀପଗ୍ରେସ୍ ଏକ୍କା ଓ ସୁନୀତା ଲାକ୍ରା ସ୍ଥାନ ପାଇଛନ୍ତି। ଷ୍ଟ୍ରାଇକର ରାନୀ ରାମପାଲଙ୍କୁ ଏହି ଦଳରେ ନେତୃତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ୨୦ ତାରିଖରୁ ଘରୋଇ କୋରିଆ ବିପକ୍ଷରେ ଭାରତ ଏକ ୩ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବ। ଗୋଲକିପର ସବିତାଙ୍କୁ ଉପ- ଅଧିନାୟକ ନିଯୁକ୍ତ କରାଯାଇଛି। ଇଞ୍ଜୁରି କାରଣରୁ ସବିତା ମାଲେସିଆ ଗସ୍ତ ସାମିଲ ହୋଇପାରି ନ ଥିଲେ। ଏବେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ତତ୍ତ୍ୱାବଧାନରେ ଭାରତ ଏହି ଗସ୍ତରେ ସଫଳ ହେବ ବୋଲି ଆଶା କରାଯାଉଛି। ଆସନ୍ତା ଜୁନ ୧୫ରୁ ୨୩ ତାରିଖ ମଧ୍ୟରେ ଜାପାନର ହିରୋସିମାରେ ଏଫଆଇଏଚ୍ ଓ୍ୱାନ ସିରିଜ ଫାଇନାଲ୍ସ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଫଳରେ ଏହି ଟୁର୍ନାମେଣ୍ଟ ପୂର୍ବରୁ ପ୍ରସ୍ତୁତି ପାଇଁ ଏହି ଗସ୍ତ ଭାରତକୁ ବେଶ୍ ସହାୟ ହେବ। ଗତବର୍ଷ ଭାରତ ସ୍ପେନ୍ ଓ ଆୟର୍ଲାଣ୍ଡ ଯାତ୍ରା କରିଥିଲା। ଭାରତ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିବାବେଳେ ଗୋଟିଏ ପରାଜୟବରଣ କରିଥିଲା ଓ ୩ ମ୍ୟାଚ ଡ୍ର ରଖିଥିଲା। ସେହିପରି ଗତ ମାଲେସିଆ ଗସ୍ତରେ ଭାରତ ୪-୦ରେ ସିରିଜ ବିଜୟୀ ହୋଇଥିଲା। ତେଣୁ କୋରିଆ ଗସ୍ତରେ ଭାରତ ଏହି ସଫଳତା ବଜାୟ ରଖିବ ବୋଲି ଆଶା କରାଯାଉଛି।



ଦକ୍ଷିଣ କୋରିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

### ଭାରତୀୟ ଦଳ

- ଗୋଲକିପର- ସବିତା, ରାଜନୀ ଏଟିମାର୍ପୁ
- ଡିଫେଣ୍ଡର୍ସ- ସାଲିମା ଟେଟ, ସୁନୀତା ଲାକ୍ରା, ଦୀପ ଗ୍ରେସ୍ ଏକ୍କା, କରିଷ୍ମା ଯାଦବ, ଗୁରଜିତ କୌର, ସୁଶୀଳା ଚାନୁ ପୁଖରାମବାମ୍
- ମିଡଫିଲ୍ଡର୍ସ- ମୋନିକା, ନଭଜୋତ କୌର, ନିକ୍କି ପ୍ରଧାନ, ନେହା ଗୋଏଲ, ଲିଲିମା ମିଞ୍ଜ
- ଫରୱାର୍ଡ୍ସ- ରାନୀ (ଅଧିନାୟିକା), ବନ୍ଦନା କାଟାରିୟା, ଲାଲରେମସିଆମି, ଜ୍ୟୋତି ଓ ନବନୀତ କୌର।

## ସଂକ୍ଷେପରେ

### ଏଆଇଏଫ୍ଏଫ୍ ‘ସି’ ଲାଇସେନ୍ସ କୋଚିଂ କୋର୍ସ ୨୫ରୁ

କଟକ ଅଫିସ,୧୦।୫: ଆସନ୍ତା ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଆନୁକୂଲ୍ୟରେ କଟକରେ ଏଆଇଏଫ୍ଏଫ୍ ‘ସି’ ଲାଇସେନ୍ସ କୋଚିଂ କୋର୍ସ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଯୋଗଦେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷମାନେ ଏଆଇଏଫଏଫ ‘ଡି’ ଲାଇସେନ୍ସ ହାସଲ କରିଥିବା ଆବଶ୍ୟକ। ଏଆଇଏଫଏଫର ୱେବସାଇଟରେ ଯାଇ ନାମ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣର ଶେଷ ତାରିଖ ଆସନ୍ତା ୧୨ ତାରିଖ ରଖାଯାଇଛି।

### ଡୋପିଂ ପାଇଁ ଅଲିମ୍ପିକ ୱାକର ୪ ବର୍ଷ ବାସନ୍ଦ

ପ୍ୟାରିସ, ୧୦।୫ (ଏଏଫ୍ପି)-ଡୋପିଂ ପାଇଁ ମେକ୍ସିକୋର ବିଶ୍ୱ ତଥା ଅଲିମ୍ପିକ ୨୦ କିଲୋମିଟର ୱାକ୍ ରୌପ୍ୟ ବିଜୟିନୀ ମାରିଆ ଗୁଆଡାଲୁପ୍ ଗୋଞ୍ଜାଲେଜ୍ ୪ ବର୍ଷ ପାଇଁ ବାସନ୍ଦ ହୋଇଛନ୍ତି। ଶୁକ୍ରବାର ଆଥଲେଟିକ୍ ଇଣ୍ଟିଗ୍ରିଟି ୟୁନିଟ୍ ଏହି ସୂଚନା ଦେଇଛି। ଗତବର୍ଷ ନଭେମ୍ବର ୧୭ରେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ନିଷିଦ୍ଧ ଉପାଦାନ ଆନାବୋଲିକ୍ ଷ୍ଟେରଏଡ୍ ଟ୍ରେନ୍ବୋଲନର ମାତ୍ରା ଦେଖିବାକୁ ମିଳିଥିଲା। ଗୋଞ୍ଜାଲେଜଙ୍କୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ବାସନ୍ଦ କରାଯାଇଛି। ତେବେ ସେ ୨୦୧୬ରେ ରିଓ ଅଲିମ୍ପିକ୍ସ ଏବଂ ୨୦୧୭ରେ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱଚାମ୍ପିୟନଶିପ୍ରେ ଜିତିଥିବା ରୌପ୍ୟ ପଦକ ବଜାୟ ରଖିବେ। ଗୋଞ୍ଜାଲେଜ ଚାହିଁଲେ ଦଣ୍ଡ ବିରୋଧରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ଆବେଦନ କରିପାରିବେ।

### ସୁଆରେଜଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର



ଭାଲେନ୍ସିଆ,୧୦।୫(ଏଏଫ୍ପି)- ବାର୍ସିଲୋନା ଷ୍ଟ୍ରାଇକର ଲୁଇସ୍ ସୁଆରେଜଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଛି। ଗୁରୁବାର ଉରୁଗୁଏର ଏହି ସୁପରଷ୍ଟାରଙ୍କ ଅସ୍ତ୍ରୋପଚାର ହୋଇଥିବା ବେଳେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହେବା ପାଇଁ ତାଙ୍କୁ ୬ ସପ୍ତାହ ସମୟ ଲାଗିବ ବୋଲି ବାର୍ସିଲୋନା ତରଫରୁ କୁହଯାଇଛି। ଫଳରେ ସେ ଆସନ୍ତା ୨୫ ତାରିଖରେ ଖେଳାଯିବାକୁ ଥିବା କୋପା ଡେଲ ରେ ଫାଇନାଲ ନ ଖେଳିବା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ବାର୍ସିଲୋନା ଫାଇନାଲ ମ୍ୟାଚ୍ରେ ଭାଲେନ୍ସିଆକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଚଳିତ ସେସନରେ ୩୨ ବର୍ଷୀୟ ସୁଆରେଜ ବାର୍ସିଲୋନ ତରଫରୁ ପ୍ରତିନିଧିତ୍ୱ କରି ୨୯ଟି ମ୍ୟାଚ୍ ଖେଳି ୨୫ଟି ଗୋଲ ସ୍କୋର କରିଛନ୍ତି। ଡାହାଣ ଆଣ୍ଠୁରେ ସୁଆରେଜ ପୂର୍ବରୁ ମଧ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଗତ ମଙ୍ଗଳବାର ଅନୁଷ୍ଠିତ ଲିଭରପୁଲ ବିପକ୍ଷ ମ୍ୟାଚ୍ରେ ସୁଆରେଜ ପୂରା ୯୦ ମିନିଟ୍ ଖେଳିଥିଲେ। ଏଥିରେ ଅବଶ୍ୟ ବାର୍ସିଲୋନା ବିପର୍ଯ୍ୟୟର ଶିକାର ହୋଇ ୪-୦ ଗୋଲରେ ପରାସ୍ତ ହୋଇଥିଲା। ସୁଆରେଜ ଏପର୍ଯ୍ୟନ୍ତ ଉରୁଗୁଏ ଜାତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ୧୦୬ଟି ମ୍ୟାଚ୍ ଖେଳି ୫୫ଟି ଗୋଲ ସ୍କୋର କରିଛନ୍ତି। ମୋଟ ଉପରେ ସେ ନିଜ ଦେଶ ଓ କ୍ଲବଗୁଡିକ ତରଫରୁ ସିନିୟରସ୍ତରରେ ୪୦୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଛନ୍ତି।

### ଶୁଟର ଶିରାଜ ଶେଖଙ୍କ ରେକର୍ଡ

ଚାଙ୍ଗୱାନ(କୋରିଆ),୧୦।୫(ପିଟି)- ଭାରତୀୟ ଶିରାଜ ଶେଖ ପୁରୁଷ ସ୍କିଟ ଶୁଟିଂ ପ୍ରତିଯୋଗିତାରେ ବିଶ୍ୱ ରେକର୍ଡ କରିଛନ୍ତି। ସେ ମୋଟ ୫୦ରୁ ୫୦ ପଏଣ୍ଟ ହାସଲ କରିଛନ୍ତି। ଏଥିସହ ଏଠାରେ ଚାଲିଥିବା ବିଶ୍ୱକପ୍ରେ ଅଲିମ୍ପିକ୍ ଯୋଗ୍ୟତାର ନିକଟତର ହୋଇଛନ୍ତି। ତାଙ୍କ ପଛକୁ କୁଏତ୍, ଆର୍ଜେଣ୍ଟିନା ଓ ନରୱେର ଶୁଟରମାନେ ୨ରୁ ୪ର୍ଥ ସ୍ଥାନ ପର୍ଯ୍ୟନ୍ତ ରହିଛନ୍ତି। ଶୀରାଜଙ୍କ ବ୍ୟତୀତ ମାଇରାଜ ଅହମ୍ମଦ ଖାଁ ୪୯ ସ୍କୋର ସହ ୭ମ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ୬ ଜଣିଆ ଫାଇନାଲିଷ୍ଟ ନିର୍ଣ୍ଣୟ ଲାଗି ଆହୁରି ୩ଟି ରାଉଣ୍ଡ ବାକି ରହିଛି। ଶୀରାଜ ଓ ମାଇରାଜ ବିଶ୍ୱକପ୍ ପଦକ ସହ ୨୦୨୦ ଅଲିମ୍ପିକ୍ କୋଟା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।

---

“ଭାରତରେ ଅନେକ ମହିଳା କ୍ରିକେଟ ଖେଳାଳି ଅଛନ୍ତି, ଯେଉଁମାନଙ୍କ ଷ୍ଟ୍ରାଇକ୍ ରେଟ୍ ଭଲ ଥିଲେ ମଧ ନଜରକୁ ଆସୁ ନାହାନ୍ତି।
–ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟ ଅଧିନାୟିକା



“ଦିବାରାତ୍ର ମ୍ୟାଚରେ ଆମେ କ୍ୟାଚ୍ ଡ୍ରପ୍ କରିବାର ମୁଖ୍ୟ କାରଣ ହେଲା ଫ୍ଲଡ୍ଲାଇଟ୍ରେ ଯଥେଷ୍ଟ ନ ଖେଳିବା।
–ବେଦ କ୍ରିଷ୍ଣାମୂର୍ତ୍ତି, ଭାରତୀୟ ମହିଳା ଲେଗ୍ ସ୍ପିନର



# ମୁମ୍ବାଇ–ଚେନ୍ନାଇ ଫାଇନାଲ

**ଆଇପିଏଲ-୧୨**

ବିଶାଖାପାଟଣା, ୧୦।୫

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଦ୍ୱାଦଶ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଗତ ୭ ତାରିଖରେ ପ୍ରଥମ କ୍ୱାଲିଫାୟରରେ ମୁମ୍ବାଇ ଇଣ୍ଡିଆନ୍ସ ୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇଥିବାବେଳେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟରରେ ଚେନ୍ନାଇ ୬ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଫଳରେ ଏଲିମିନେଟରରେ ସନ୍ରାଇଜର୍ସ ହାଇଦ୍ରାବାଦକୁ ହରାଇଥିବା ଦିଲ୍ଲୀର ଅଭିଯାନ ଏଠାରେ ଶେଷ ହୋଇଛି। ଫଳରେ ପ୍ରଥମଥରପାଇଁ ଦଳର ଫାଇନାଲ ଖେଳିବା ଆଶା ଅଧୁରା ରହିଛି। ଅନ୍ୟପକ୍ଷରେ ଚେନ୍ନାଇର ଏହା ୮ମ ଫାଇନାଲ ପ୍ରବେଶ। ଚେନ୍ନାଇ ଓ ମୁମ୍ବାଇ ମଧ୍ୟରେ ଏହାକୁ ମିଶାଇ ୪ର୍ଥ ଥର ଫାଇନାଲ ହେବାକୁ ଯାଉଛି। ୨୦୧୦, ୨୦୧୩ ଓ ୨୦୧୫ରେ ମଧ ଉଭୟ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା। ୨୦୧୦ରେ ଚେନ୍ନାଇ ୨୨ ରନରେ ବିଜୟୀ ହୋଇଥିବାବେଳେ ୨୦୧୩ ଓ ୨୦୧୫ରେ ମୁମ୍ବାଇ ଯଥାକ୍ରମେ ୨୩ ଓ ୪୧ ରନରେ ମ୍ୟାଚ ଜିତିଥିଲା।

ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୪୮ ରନ ବିଜୟ ଲକ୍ଷ୍ୟକୁ ଚେନ୍ନାଇ ୧୯ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ପ୍ରଥମ କ୍ୱାଲିଫାୟରରେ ଫେଲ୍ ମାରିଥିବା ଦୁଇ ଓପନର ଫାଫ୍ ଡୁପ୍ଲେସି ଓ ଶେନ ୱାଟସନ ଏଠାରେ ଦିଲ୍ଲୀ ବୋଲରଙ୍କ ଉପରେ ଭାରି ପଡ଼ିଥିଲେ। ଦୁହେଁ ଦ୍ରୁତ ଅର୍ଦ୍ଧଶତକ ହାସଲ କରବା



ଓପନିଂ ଭାଗୀଦାରି ଅବସରରେ ଫାଫ୍ ଡୁପ୍ଲେସି ଓ ଶେନ୍ ୱାଟ୍ସନ

ସହ ଓପନିଂ ଯୋଡ଼ିରେ ୬୨ ବଲ୍ରୁ ୮୧ ରନ ସଂଗ୍ରହ କରି ଚେନ୍ନାଇ ପାଇଁ ବିଜୟ ପଥ ପରିଷ୍କାର କରିଥିଲେ। ୩୯ ବଲ୍ର ସମ୍ମୁଖୀନ ହୋଇଥିବା ଡୁପ୍ଲେସି ୭ ଚୌକା ଓ ୧ ଛକା ସହାୟତାରେ ୫୦ ରନ କରି ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିଲେ। ଟ୍ରେଣ୍ଟ ବୋଲ୍ଟ ଦିଲ୍ଲୀକୁ ଏହି ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ପରେ ୱାଟସନ ମଧ ଠିକ୍ ୫୦(୩୨ ବଲ, ୩ ଚୌକା, ୪ ଛକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ସୁରେଶ ରାଇନା ୧୩ ବଲ୍ରେ ୧୧ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୯ ବଲ୍ରୁ ୯ ରନ କରି ଆଉଟ ହୋଇଥିବାବେଳେ ଅମ୍ବାତି ରାୟୁଡୁ ୨୦(୨୦ ବଲ, ୩ ଚୌକା) ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ପିଚ୍ ପରିବେଶରୁ ଫାଇଦା ଉଠାଇ ପାରି ନ ଥିବା ଦିଲ୍ଲୀ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ, ଈଶାନ୍ତ ଶର୍ମା, ଅକ୍ଷର ପଟେଲ ଓ ଅମିତ ମିଶ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଚେନ୍ନାଇ। ପିଚ୍ ସ୍ଲୋ ବୋଲରଙ୍କୁ ସୁହାଇବ ବୋଲି ପୂର୍ବାନୁମାନ କରିଥିଲେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ଏହା କାମ ମଧ ଦେଇଥିଲା। ଚେନ୍ନାଇ ବୋଲରମାନେ ଆକର୍ଷଣୀୟ ବୋଲିଂ କରି ଦିଲ୍ଲୀର କୌଣସି ବ୍ୟାଟ୍ସମ୍ୟାନଙ୍କୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଓପନିଂ ଯୋଡ଼ିରେ ୨୧ ରନ ଯୋଗ ହେବାପରେ ପୃଥ୍ୱୀ ଶ’ ବ୍ୟକ୍ତିଗତ ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଭଲ ଆରମ୍ଭ କରିଥିବା ଅଭିଜ୍ଞ ଶିଖର ଧାୱନ ମାତ୍ର ୧୮ ରନ କରି ଆଉଟ ହେବାରୁ ଦିଲ୍ଲୀ ଶକ୍ତି ଧକ୍କା ପାଇଥିଲା। ଟପ୍ ଅର୍ଡରର ଅନ୍ୟତମ ବ୍ୟାଟ୍ସମ୍ୟାନ କଲିନ ମୁନ୍ରୋ ମଧ ଚମତ୍କାର ଆରମ୍ଭ କରିଥିଲେ। ମାତ୍ର ସେ ୨୭ (୨୪ ବଲ, ୪ ଚୌକା) ରନ କରିଥିବାବେଳେ ରବୀନ୍ଦ୍ର ଜାଡେଜାଙ୍କ ବଲରେ ବଡ଼ ଶଟ୍ ଖେଳିବାକୁ ଯାଇ ଡ୍ୱେନ ବ୍ରାଭୋଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ମିଡଲ ଅର୍ଡରରେ ଅଧିନାୟକ ଶ୍ରେୟସ ଆୟାର (୧୩) ଫେଲ୍ ମାରିବାରୁ ରିଷଭ ପନ୍ତଙ୍କ ଉପରେ ଚାପ ପଡ଼ିଥିଲା। ଅକ୍ଷର ପଟେଲ ୩, ଶେର୍ଫାନେ ରଦରଫୋର୍ଡ ୧୦, କେମୋ ପଲ୍ ୩, ଟ୍ରେଣ୍ଟ ବୋଲ୍ଟ ୬ ରନ କରି ଜଣକ ପରେ ଜଣେ ପ୍ୟାଭିଲିୟନକୁ ଧାଡ଼ି ଲଗାଇଥିଲେ। ଶେଷ ୨ ବଲ୍ରେ ଈଶାନ୍ତ ଶର୍ମା ଗୋଟିଏ ଚୌକା ଓ ଗୋଟିଏ ଛକା ମାରିବାରୁ ଦିଲ୍ଲୀ ଇନିଂସ ୨୦ ଓଭରରେ ୧୪୭/୯ରେ ପହଞ୍ଚି ପାରିଥିଲା। ରିଷଭ ଦଳ ପକ୍ଷରୁ ସର୍ବାଧିକ ୩୮ ରନ କରିଥିଲେ। ସେ ୨୫ଟି ବଲ୍ର ସମ୍ମୁଖୀନ ହୋଇ ୨ ଚୌକା ଓ ୧ ଛକା ମାରିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଦୀପକ ଚହର, ହରଭଜନ ସିଂ, ଜାଡେଜା ଓ ବ୍ରାଭୋ ୨ଟି ଲେଖାଏ ଏବଂ ଇମ୍ରାନ ତାହିର ଗୋଟିଏ ଉଇକେଟ ନେଇଥିଲେ। ବ୍ରାଭୋ ୪ ଓଭରରେ ମାତ୍ର ୧୯ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୭/୯(ରିଷଭ-୩୮, ମୁନ୍ରୋ-୨୭, ଚହର-୨/୨୮, ହରଭଜନ-୨/୩୧, ଜାଡେଜା-୨/୨୩, ବ୍ରାଭୋ-୨/୧୯, ତାହିର-୧/୨୮)।
- ଚେନ୍ନାଇ ସୁପରକିଙ୍ଗ୍ସ ୧୯ ଓଭରରେ ୧୫୧/୪(ଡୁପ୍ଲେସି-୫୦, ୱାଟସନ-୫୦, ରାୟୁଡୁ-୨୦*, ବୋଲ୍ଟ-୧/୨୦, ଈଶାନ୍ତ-୧/୨୪, ଅକ୍ଷର-୧/୩୨, ଅମିତ-୧/୨୧)

ଫାଫ୍ ଡୁପ୍ଲେସି ମ୍ୟାନ ଅଫ ଦି ମ୍ୟାଚ୍

## ଆଇଡବ୍ଲ୍ୟୁଏଲ୍: ସାଇ–କଟକ ପରାସ୍ତ

ଲୁଧିଆନା, ୧୦।୫(ପି.ଟି.)

ଏଠାରେ ଚାଲିଥିବା ଇଣ୍ଡିଆନ ଓମେନ୍ସ ଲିଗ୍(ଆଇଡବଲ୍ୟୁଏଲ୍)ର ଶୁକ୍ରବାର ମ୍ୟାଚରେ ସାଇ କଟକ ଶୋଚନୀୟ ପରାଜୟବରଣ କରିଛି। ଏହି ଦଳ ୦–୯ ଗୋଲରେ ସେଥୁ ଫୁଟବଲ କ୍ଲବ ନିକଟରୁ ହାରିଛି। ବିଜୟୀ ଦଳ ପକ୍ଷରୁ ରତ୍ନବାଳା ଦେବୀ ଏହି ମ୍ୟାଚରେ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି। ସେ ମ୍ୟାଚର ୪ର୍ଥ, ୨୯ତମ ଓ ୮୮ତମ ମିନିଟରେ ୩ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ଧ୍ୟା ୯ମ ଓ ୮୭ତମ ମିନିଟରେ ୨ଟି, ଇନ୍ଦୁମତୀ ୪୫, ଡାଙ୍ଗମେଇ ଗ୍ରେସ୍ ୬୬ ଓ ସାବିତ୍ରା ଭଣ୍ଡାରୀ ୮୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସାଇ–କଟକ ଦଳର ଶୁଭ ପାତ୍ର ୭୩ତମ ମିନିଟରେ ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚରେ ମଣିପୁର ପୋଲିସ ୫–୧ ଗୋଲରେ ବରୋଦା ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବାଲା ଦେବୀ ୧୩, ୩୭ ଓ ୪୫ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଦୟା ଦେବୀ ୭ମ ଓ ପ୍ରମେଶ୍ୱରୀ ଦେବୀ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବରୋଦା ଫୁଟବଲ ଏକାଡେମୀ ପକ୍ଷରୁ ମୋନା ୩୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

## ସ୍ୱତନ୍ତ୍ର କ୍ଲବରେ ହରଭଜନ

ନୂଆଦିଲ୍ଲୀ,୧୦।୫(ପିଟି)

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍କେ) ସ୍ପିନର ହରଭଜନ ସିଂ ଶୁକ୍ରବାର ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି। ସେ ଆଇପିଏଲ ଇତିହାସର ୩ୟ ଭାରତୀୟ ବୋଲର ଭାବେ ୧୫୦ ଉଇକେଟ ନେଇଛନ୍ତି। ବିଶାଖାପାଟଣାଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳାଯାଇଥିବା କ୍ୱାଲିଫାୟର–୨ରେ ଶିଖର ଧାୱନ (୧୮) ଓ ଶେର୍ଫାନେ ରଥରଫୋର୍ଡ (୧୦)ଙ୍କ ଉଇକେଟ ନେଇ ସେ ଏହି ସଫଳତା ପାଇଛନ୍ତି। କ୍ୟାରିୟରର ୧୫୯ତମ ମ୍ୟାଚ୍ରେ ସେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ମୋଟ ଉପରେ ଆଇପିଏଲରେ ସର୍ବାଧିକ ଉଇକେଟ ନେଇଥିବା ଭାରତୀୟ ବୋଲରଙ୍କ ତାଲିକାରେ ହରଭଜନ ୩ୟ ସ୍ଥାନରେ ରହିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି ଅମିତ ମିଶ୍ରା ୧୫୬ ଉଇକେଟ ସହ ଶୀର୍ଷରେ ରହିଥିବାବେଳେ କୋଲକାତା ନାଇଟ୍ ରାଇଡର୍ସ ଦଳର ପୀୟୁଷ ଚାୱାଲା (୧୫୦) ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ମାତ୍ରାଧିକ ପୁରୁଷ ହରମୋନ ପାଇଁ କେନିଆର ୨ ଆଥଲେଟ ବାଦ୍

ନାଇରୋବି, ୧୦।୫ (ଏଏଫ୍ପି)

ମାତ୍ରାଧିକ ପୁରୁଷ ହରମୋନ ପାଇଁ ଚଳିତ ସପ୍ତାହରେ ଜାପାନରେ ହେବାକୁଥିବା ଆଇଏଏଏଫ୍ ୱାର୍ଲ୍ଡ ରିଲେ ଚାମ୍ପିୟନଶିପ୍ ପାଇଁ କେନିଆର ଦୁଇ ଜଣ ଆଥ୍ଲେଟ ଦଳରୁ ବାଦ୍ପଡ଼ିଛନ୍ତି। ବାଦ୍ ପଡିଥିବା ଆଥ୍ଲେଟ ଦ୍ୱୟ ହେଲେ କେନିଆର ୧୦୦ ଓ ୨୦୦ ମିଟର ଚାମ୍ପିୟନ ମାକ୍ସିମିଲା ଇମାଲି ଏବଂ ୪୦୦ମିଟର ଧାବିକା ଇଭାନଜେଲିନ୍ ମାକେନା। କେତେଜଣ ମହିଳା ଆଥଲେଟ୍ଙ୍କୁ ସେମାନଙ୍କ ପୁରୁଷ ହରମୋନ ମାତ୍ରାକୁ ନିର୍ଦ୍ଦିଷ୍ଟ ସ୍ତର ମଧ୍ୟରେ ସୀମିତ ରଖିବା ଲାଗି ବାଧ କରିବା ପାଇଁ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସର ଯୋଜନାକୁ କୋର୍ଟରେ ଚ୍ୟାଲେଞ୍ଜ କରି ଦକ୍ଷିଣ ଆଫ୍ରିକାର କାଷ୍ଟର ସିମେନ୍ୟା ବିଫଳ ହେବା ପରେ ଉପରୋକ୍ତ ଦୁଇ ଆଥଲେଟ୍ ଏହି ନିୟମର ଶିକାର ହୋଇଛନ୍ତି। ଗତ ସପ୍ତାହରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ର ନିଷ୍ପତ୍ତିକ୍ରମେ କେତୋଟି ମହିଳା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ହେଲେ ଯେଉଁ ମହିଳା ଆଥଲେଟ୍ଙ୍କ ଶରୀରରେ ମାତ୍ରାଧିକ ପୁରୁଷ ହରମୋନ ଥିବ ଚିକିତ୍ସା ମାଧ୍ୟମରେ ଏହାକୁ ନିର୍ଦ୍ଦିଷ୍ଟ ସ୍ତର ମଧ୍ୟରେ ସୀମିତ ରଖିବାକୁ ପଡ଼ିବ।

# ସ୍ମିଥ୍ ୯୧*: ଅଷ୍ଟ୍ରେଲିଆ ବିଜୟୀ

**ଅନ୍ତିମ ୱାର୍ମଅପ୍ ମ୍ୟାଚ୍**

ବ୍ରିସ୍ବେନ୍,୧୦।୫ (ଏଏଫ୍ପି)

ଷ୍ଟିଭ୍ ସ୍ମିଥ୍ଙ୍କ ଅପରାଜିତ ୯୧ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ୭୦ ରନର ଅର୍ଦ୍ଧଶତକୀୟ ଇନିଂସ ବଳରେ ଅଷ୍ଟ୍ରେଲିଆ ଇଲେଭେନ୍ ଅନ୍ତିମ ୱାର୍ମଅପ୍ କ୍ରିକେଟ ମ୍ୟାଚ୍ରେ ନ୍ୟୁଜିଲାଣ୍ଡ ଇଲେଭେନ୍କୁ ଡକୱର୍ଥ ଲୁଇସ୍ ନିୟମରେ ୧୬ ରନରେ ପରାସ୍ତ କରିଛି। ଖରାପ ଆଲୋକ ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା।

ଟସ୍ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା। ଏହାପରେ ଡକ୍ୱର୍ଥ- ଲୁଇସ୍ ନିୟମରେ ଅଷ୍ଟ୍ରେଲିଆ ସମ୍ମୁଖରେ ୪୪ ଓଭରରେ ୨୩୩ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ତେବେ ଅଷ୍ଟ୍ରେଲିଆ ପୂରା ୪୪ ଓଭର ବ୍ୟାଟିଂ କରି ୫ ଉଇକେଟ ହରାଇ ୨୪୮ ରନ କରି ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ତରଫରୁ ସ୍ମିଥ୍ ୧୦୮ଟି ବଲ୍ ଖେଳି ୧୦ ଚୌକା ସହ ୯୧ ରନ କରି ଅପରାଜିତ ରହିଥିଲେ। ସେହିପରି ମ୍ୟାକ୍ସୱେଲ୍ ୪୮ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ସହ ୭୦ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉସ୍ମାନ ଖ୍ୱାଜା ୨୩, ଶନ୍ ମାର୍ଶ ୩୨, ମାର୍କସ ଷ୍ଟୋଇନିସ୍ ୧୫, ଡେଭିଡ ୱାର୍ନର ୨ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କ୍ୟାରି ୬ ରନ କରି ଅପରାଜିତ ରହିଥିଲେ। ବୋଲିଂ ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ ହେନେରୀ ଓ ଜେମ୍ସ ନିଶାମ ୨ଟି ଲେଖାଏ, ୱିଲିୟମ ସମରଭିଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ତରଫରୁ ୨୬ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ ୱିଲ୍ ୟଙ୍ଗ୍ ୧୧୧ ରନର ଶତକୀୟ ପାଳି ଖେଳିଥିଲେ ଓ ଏଥିସହ ସେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଗତ ମ୍ୟାଚ୍ରେ ମଧ ସେ ୧୩୦ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଜର୍ଜ ୱର୍କର ୫୯, ନିଶାମ ୩୯ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପ୍ୟାଟ କମିନ୍ସ ସର୍ବାଧିକ ୪, ଆଡାମ ଜାମ୍ପା ଓ ଷ୍ଟୋଇନିସ ଦୁଇଟି ଲେଖାଏ, ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- ନ୍ୟୁଜିଲାଣ୍ଡ ଇଲେଭେନ୍ ୫୦ ଓଭରରେ ୨୮୬/୯ (ୟଙ୍ଗ- ୧୧୧, ୱାର୍କର- ୫୯, ନିଶାମ- ୩୯, କମିନ୍ସ- ୪/୩୨, ଜାମ୍ପା- ୨/୭୬, ଷ୍ଟୋଇନିସ- ୨/୫୪)।
- ଅଷ୍ଟ୍ରେଲିଆ ଇଲେଭେନ ୪୪ ଓଭରରେ ୨୪୮/୫ (ସ୍ମିଥ୍- ୯୧*, ମ୍ୟାକ୍ସୱେଲ- ୭୦, ମାର୍ଶ- ୩୨, ହେନେରୀ- ୨/୪୦, ନିଶାମ- ୨/୪୫)।



ଅପରାଜିତ ୯୧ ରନ୍ର ଇନିଂସ ଅବସରରେ ଷ୍ଟିଭ୍ ସ୍ମିଥ୍।

## ‘ସ୍ମିଥ ଅଷ୍ଟ୍ରେଲିଆ ସେଟ୍–ଅପ୍ରୁ ବାହାରେ ଥିବା ମନେହେଉନି’

ମେଲବୋର୍ନ, ୧୦।୫(ପି.ଟି.)

ଷ୍ଟିଭ୍ ସ୍ମିଥଙ୍କ ଟାଇମିଂ ଏବଂ ଫର୍ମ ଫେରିଛି। ସେ ଅଷ୍ଟ୍ରେଲିଆ ସେଟ୍–ଅପ୍ରୁ ବାହାରେ ଥିବା ମନେହେଉନି। ଆଇସିସି ବିଶ୍ୱକପ ପାଇଁ ଅଷ୍ଟ୍ରେଲିଆ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚଳାଇଥିବାବେଳେ ଅଧିନାୟକ ଆରନ ଫିଞ୍ଚ୍ ଏହା ପ୍ରକାଶ କରିଛନ୍ତି। ବଲ୍ ଟ୍ୟାମ୍ପରିଂ ମାମଲାରେ ଛନ୍ଦିହୋଇ ସ୍ମିଥ ଏକ ବର୍ଷ ବାସନ୍ଦ ହେବାପରେ କ୍ରିକେଟକୁ ଫେରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ରେ ସେ ପ୍ରଥମେ ଖେଳିବାପରେ ନ୍ୟୁଜିଲାଣ୍ଡ ବିପକ୍ଷ ୨ଟି ୱାର୍ମଅପ୍ ମ୍ୟାଚରେ ୮୯ ଓ ୯୧ ରନର ଇନିଂସ ଖେଳିଛନ୍ତି। ‘‘ସ୍ମିଥ ଦଳଠାରୁ ଦୂରରେ ଥିବାପରି ମନେ ହେଉନାହିଁ। କଷ୍ଟସାଧ ପିଚ୍ରେ ସେ ଫ୍ରଣ୍ଟଫୁଟ୍ରେ ଯେପରି ଖେଳିଲେ ତାହା ବାସ୍ତବିକ ଦର୍ଶନୀୟ। ମଧ୍ୟଭାଗରେ ତାଙ୍କର ଉପଯୋଗୀ ବ୍ୟାଟିଂ ମୋତେ ଖୁବ୍ ପ୍ରଭାବିତ କରିଛି’’ ବୋଲି ଫିଞ୍ଚ୍ କହିଛନ୍ତି। କେବଳ ସ୍ମିଥ ନୁହନ୍ତି, ଡେଭିଡ ୱାର୍ନରଙ୍କ ପ୍ରଦର୍ଶନରେ ମଧ ଫିଞ୍ଚ୍ ପ୍ରଭାବିତ। ୱାର୍ନର ଗତ ଆଇପିଏଲ୍ରେ ୬୯୨ ରନ କରିଥିଲେ।

ସ୍ମିଥ ଓ ୱାର୍ନର ୨ ଜଣଯାକ ବିଶ୍ୱର ଶ୍ରେଷ୍ଠ ଖେଳାଳି। ସେମାନଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ଦଳ ଯେ ମଜଭୁତ ହୋଇଛି ଏଥିରେ ଦ୍ୱିମତ ନାହିଁ। ଦୁଇଜଣଯାକ ଅଭିଜ୍ଞ ଖେଳାଳି ହୋଇଥିବାରୁ ଯୁବ ଖେଳାଳିମାନେ ସେମାନଙ୍କଠାରୁ କିଛି ଶିଖିବା ଉଚିତ ବୋଲି ଫିଞ୍ଚ୍ କହିଛନ୍ତି। ସ୍ମିଥ୍, ୱାର୍ନର, ମିଚେଲ ଷ୍ଟାର୍କ ଦଳରେ ଥିବାରୁ ଅଷ୍ଟ୍ରେଲିଆ ପୁଣିଥରେ ଟାଇଟଲ ଜିତିବ ବୋଲି ଆଶା ପ୍ରକାଶ କରିଛନ୍ତି ଫିଞ୍ଚ୍। ୨୦୧୫ ବିଶ୍ୱକପରେ ଖେଳିଥିବା ୬ ଖେଳାଳି ଏବେ ଦଳରେ ରହିଛନ୍ତି। ସେମାନଙ୍କ ଅଭିଜ୍ଞତା ନିଶ୍ଚିତ କାମ ଦେବ ଏବଂ ଅନ୍ୟମାନେ ବହୁତ କିଛି ଶିଖି ପାରିବେ ବୋଲି ଫିଞ୍ଚ୍ ପ୍ରକାଶ କରିଛନ୍ତି।

ଆଇସିସି ବିଶ୍ୱକପ
ଆଉ ୧୮ ଦିନ

## ସଂକ୍ଷେପରେ

### ଲାଞ୍ଚ ମାମଲା
## କିରାଣି ଦଣ୍ଡିତ

**କଟକ ଅଫିସ, ୧୦।୫:** ଶୁକ୍ରବାର ଆଗତ ଏକ ଲାଞ୍ଚ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ଅଭିଯୁକ୍ତ କିରାଣିଙ୍କୁ ଜେଲ୍ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଭଦ୍ରକ ଜିଲା ଧାମନଗର ତହସିଲ କାର୍ଯ୍ୟାଳୟର ପୂର୍ବତନ କିରାଣି ବଟକୃଷ୍ଣ ବାରିକ। ମାମଲାର ରାୟ ଅନୁଯାୟୀ, ଅଭିଯୁକ୍ତ ବାରିକଙ୍କୁ ୨ ବର୍ଷ ଜେଲ୍ ଓ ୩ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୨ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ କୁହାଯାଇଛି। ସେହିପରି ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୨ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଆଉ ୧ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ ବୋଲି ରାୟରେ ସ୍ପଷ୍ଟ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ବାରିକ ତହସିଲରେ କାର୍ଯ୍ୟ କରୁଥିବା ସମୟରେ ଉମାକାନ୍ତ ସେନାପତି ନାମକ ଜଣେ ବ୍ୟକ୍ତିଙ୍କଠାରୁ ଜମି ମୂଲ୍ୟାୟନ ପ୍ରମାଣପତ୍ର ପାଇଁ ୭୦୦ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୨୩/୧୯୯୪) ରୁଜୁ ହୋଇଥିଲା। ଅଭିଯୁକ୍ତ ବାରିକ ଏବେ ଭଣ୍ଡାରିପୋଖରୀ ବ୍ଲକରେ କିରାଣି ଭାବେ କାର୍ଯ୍ୟରତ ଅଛନ୍ତି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ସେକ୍ ହାଜିରୁଦ୍ଦିନ ମାମଲା ପରିଚାଳନା କରୁଥିଲେ।

## କାର-ବାଇକ ମୁହାଁମୁହିଁ ଧକ୍କା, ବିଦ୍ୟୁତ୍ କର୍ମଚାରୀ ମୃତ

**ନରାଜ, ୧୦।୫(ଡି.ଏନ.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ କଟକ-ବାଙ୍କୀ ମୁଖ୍ୟ ରାସ୍ତାର ଗୋବିନ୍ଦପୁର ଡାକବଙ୍ଗଳା ନିକଟରେ ଏକ କାର ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଚାଳକ ବିଦ୍ୟାଧର ସାହୁ(୪୮)ଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୫ଟାରେ କାର୍(ନଂ. ଓଡି୦୨ଏଜେ-୫୪୦୪)ଟି ବାରଙ୍ଗରୁ ବାଙ୍କୀ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ (ନଂ. ଓଆର୍୦୫ଏବି-୬୮୮୫) ସହ ଧକ୍କା ହୋଇଥିଲା। ଫଳରେ ବିଦ୍ୟାଧର ତଳେ ପଡିଯିବାରୁ ତାଙ୍କ ମୁହଁ ଓ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାର୍‌ରେ ଡ୍ରାଇଭର ସମେତ ୩ ଜଣ ଥିବାବେଳେ ସେମାନଙ୍କ ମଧରୁ ଜଣେ ଫେରାର ଅଛନ୍ତି। ଖବରପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଧର ଗୋଡ଼ିସାହି ବିଦ୍ୟୁତ୍ ବିଭାଗରେ ଲାଇନ୍‌ମ୍ୟାନ ଭାବେ କାର୍ଯ୍ୟରତ ଥିଲେ।

### ଫେରୁନାହିଁ ସ୍ୱାଭାବିକ ଅବସ୍ଥା
## ଦାବିପୂରଣ ନ ହେଲେ ୧ରେ ସଚିବାଳୟ ଘେରାଉ

**ଖୋର୍ଦ୍ଧା ଅଫିସ,୧୦।୫:** ବାତ୍ୟା ଫନୀ ପରେ ଜଟଣୀ ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ଅବସ୍ଥା ଫେରିପାଇ ନାହିଁ। ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ ମରାମତି କାର୍ଯ୍ୟ ଶେଷ ହୋଇନି। ଲୋକେ ପାନୀୟଜଳ ପାଉନାହାନ୍ତି। ସରକାର କେବଳ ରାଶନ କାର୍ଡଧାରୀଙ୍କୁ ରିଲିଫ ଯୋଗାଇ ଦେଉଥିବା ବେଳେ ଗାଁ, ବସ୍ତିରେ ଅନେକ ରାଶନ କାର୍ଡ ନ ଥିବା ପରିବାର ମଧ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ପାଖରେ ରିଲିଫ ପହଞ୍ଚି ପାରିନାହିଁ। ସେମାନଙ୍କୁ ଚିହ୍ନଟ କରି ସରକାର ତୁରନ୍ତ ରିଲିଫ୍ ଓ ଅନ୍ୟ ସହାୟତା ଯୋଗାଇବାର ବ୍ୟବସ୍ଥା କରିବା ଉଚିତ। ପାନୀୟଜଳ ସମସ୍ୟା ଦେଖା ଦେଇଥିବା ଗାଁ ଓ ବସ୍ତିକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉ। କ୍ଷତିଗ୍ରସ୍ତ ଚାଷୀଙ୍କୁ ବିହନ, ଆର୍ଥିକ ସହାୟତା ଯୋଗାଇ ଦିଆଯାଉ ବୋଲି ଦାବି ହେଉଛି। ଅପରପକ୍ଷେ ଜଟଣୀ ନିର୍ବାଚନମଣ୍ଡଳୀରେ ଜଟଣୀ ମ୍ୟୁନିସିପାଲିଟି, ଜଟଣୀ ବ୍ଲକ, ଭୁବନେଶ୍ୱର, ଖୋର୍ଦ୍ଧା ବ୍ଲକ, ବିଏମ୍‌ସିର ବସ୍ତି, ଗାଁ ଓ ୱାର୍ଡ ରହିଛି। ଏହିସବୁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ କେତେଜଣ ବିପନ୍ନ ଏବେ ବି ପଲିଥିନ୍‌ଟିଏ ପାଇନାହାନ୍ତି। ବାତ୍ୟାରେ ଗୃହପାଳିତ କେତେକ ପଶୁପକ୍ଷୀ ମଧ ମୃତ୍ୟୁ କରିଛନ୍ତି। ଏଭଳିସ୍ଥଳେ ବାତ୍ୟା ଅଞ୍ଚଳରେ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ସ୍ୱାଭାବିକ ଅବସ୍ଥା ଫେରାଇବା ପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ତେବେ ଜୁନ ୧ରେ ସଚିବାଳୟ ଘେରାଉ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଚେତାବନୀ ଦେଇଛନ୍ତି।

### ଥାନାଧିକାରୀଙ୍କ ତାଗିଦ ପାଇଁ...
# ବ୍ୟବଚ୍ଛେଦ ହୋଇପାରିଲାନି ମୃତଦେହ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

### କ୍ୟାପିଟାଲ ହସ୍ପିଟାଲରେ ଅଭାବନୀୟ ଘଟଣା
- ମୃତ୍ୟୁର ଦୁଃଖଠାରୁ ବଳିଗଲା ବ୍ୟବଚ୍ଛେଦ ଯନ୍ତ୍ରଣା
- ପୋଲିସ କମିଶନରଙ୍କୁ ଭେଟି ଜଣାଇଲେ ଅଭିଯୋଗ



ମୃତ୍ୟୁର ଦୁଃଖଠାରୁ ବଳିଗଲା ପୋଲିସ ଯନ୍ତ୍ରଣା। କ୍ୟାପିଟାଲ ହସ୍ପିଟାଲରେ ଶୁକ୍ରବାର ଦେଖିବାକୁ ମିଳିଥିଲା ଏପରି ଏକ ଘଟଣା। ଚିକିତ୍ସାଧୀନ ଅବସ୍ଥାରେ ଜଣେ ସାପକାମୁଡା ରୋଗୀଙ୍କ ମୃତ୍ୟୁ ଘଟିଥିଲା। ହସ୍ପିଟାଲରେ ଔଷଧ ନ ଥିବାରୁ ପରିବାର ଲୋକେ ବାହାରୁ କିଣି ଆଣିବାରେ ବିଳମ୍ବ ହେବାରୁ ତାଙ୍କର ଜୀବନ ଚାଲିଯାଇଥିଲା। ଏ ପରିସ୍ଥିତିରେ ହସ୍ପିଟାଲ ଫାଣ୍ଡିରେ କେହି ଅଫିସର ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିଲା। ଏହାକୁ ନେଇ ହସ୍ପିଟାଲ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

ପ୍ରକାଶ ଯେ, କାକଟପୁରର ଆଲୋକ ଜେନା(୨୨) ବାତ୍ୟାରେ କ୍ଷତିଗ୍ରସ୍ତ ବାଡିରେ କାମ କରୁଥିବା ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ସକାଳ ପ୍ରାୟ ୧୦ଟାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ପ୍ରାୟ ୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ସମୟ ଥିବାରୁ ସେମାନେ ମୃତଦେହକୁ ତୁରନ୍ତ ବ୍ୟବଚ୍ଛେଦ କରାଇ ଗ୍ରାମକୁ ନେଇ ଦାହ କରିବେ ବୋଲି ଫାଣ୍ଡି ପୋଲିସକୁ ନିବେଦନ କରିଥିଲେ ପରିବାର ଲୋକେ। ହେଲେ ଫାଣ୍ଡି ଦାୟିତ୍ୱରେ ଥିବା ଅଫିସର ନ ଥିଲେ। ଫାଣ୍ଡିରେ ଥିବା ଅନ୍ୟ ଜଣେ ପୋଲିସ ଅଫିସର ସବୁ କାଗଜପତ୍ର କାମ ସାରିଦେଇଥିଲେ। ବାକି ଥିଲା ବ୍ୟବଚ୍ଛେଦ। ଶେଷରେ ସନ୍ଧ୍ୟା ୬ଟା ହୋଇଯାଇଥିଲା। ଥାନା ଅଧିକାରୀ ମନା କରୁଥିବା କୁହାଗଲା। ଏହାକୁ ନେଇ ମୃତକଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ହୋହଲ୍ଲା କରିଥିଲେ ମଧ କିଛି ଫଳ ମିଳି ନ ଥିଲା। ଶେଷରେ ସେମାନେ ପୋଲିସ କମିଶନରଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ରାତିରେ କଟକଣା ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା।

ଚିକିତ୍ସାଧୀନ ଅବସ୍ଥାରେ ଜଣେ ସାପ କାମୁଡା ରୋଗୀଙ୍କ ମୃତ୍ୟୁ ଘଟିଥିଲା। ହସ୍ପିଟାଲରେ ଔଷଧ ନ ଥିଲା। ପରିବାର ଲୋକେ ବାହାରୁ ଔଷଧ କିଣି ଆଣିବାରେ ବିଳମ୍ବ ହେବାରୁ ତାଙ୍କର ଜୀବନ ଚାଲିଯାଇଥିଲା। ଏପରିସ୍ଥିତିରେ ହସ୍ପିଟାଲ ଫାଣ୍ଡିରେ କେହି ଅଫିସର ନ ଥିବା କହି କର୍ମଚାରୀମାନେ ମୃତଦେହ ବ୍ୟବଚ୍ଛେଦ କରି ନ ଥିଲେ। ପରିବାର ଲୋକେ ଫାଣ୍ଡି ପୋଲିସକୁ ଭେଟି ଜଣାଇଥିଲେ। ବ୍ୟବଚ୍ଛେଦ ପରେ ସେମାନେ ଗ୍ରାମକୁ ନେଇ ମୃତଦେହ ଦାହ କରିବେ ବୋଲି କହିଥିଲେ। ହେଲେ ଫାଣ୍ଡି ଅଫିସର ନଥିବାରୁ ତାହା ହୋଇପାରିନଥିଲା। ସନ୍ଧ୍ୟା ୬ଟା ହୋଇଯାଇଥିଲେ ମଧ ତାଙ୍କ କଥା କେହି ଶୁଣି ନ ଥିଲେ। ଶେଷରେ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ସେମାନେ କିଛି ବାଟ ନ ପାଇ ପୋଲିସ କମିଶନରଙ୍କୁ ଭେଟି ଏଭଳି ସମସ୍ୟା ଜଣାଇଥିଲେ।

କେବଳ ଏହି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ ଏହାକୁ ନେଇ ବାରମ୍ବାର ଅଭିଯୋଗ ଉଠିଛି। କ୍ୟାପିଟାଲ ଥାନା ଅଧୀନରେ ଥିବା କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ରହିଛି। ଦାୟିତ୍ୱରେ ଥିବା ଅଫିସର ନ ଥିଲେ ମଧ ଅନ୍ୟ ଜଣେ ପୋଲିସ ଅଫିସର ବ୍ୟବଚ୍ଛେଦ ପାଇଁ ଅନୁମତି ଦେଉଥିଲେ। ଏବେ କିନ୍ତୁ ତାହା ହୋଇପାରୁନି। ଫାଣ୍ଡି ଦାୟିତ୍ୱରେ ଥିବା ଅଫିସର ନିଜେ କାଗଜପତ୍ର କରି ବ୍ୟବଚ୍ଛେଦ କରାଇବେ ବୋଲି ଥାନା ଅଧିକାରୀ ତାଗିଦ କରିଥିବାରୁ ବିଭିନ୍ନ ସମୟରେ ଲୋକମାନେ ସମସ୍ୟାରେ ପଡୁଛନ୍ତି। ଏପରିକି କେବଳ ସାଧାରଣ ଲୋକେ ନୁହେଁ, ଅନ୍ୟ ଥାନା ଅଞ୍ଚଳରୁ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଣୁଥିବା ପୋଲିସକୁ ମଧ ନାକେଦମ ହେବାକୁ ପଡୁଛି। ଏହାସହ ଯଦି ଅପରାହ୍ନ ୪ଟା ହୋଇଯାଉଛି ତେବେ କଥା ସରିଲା। ଯେତେ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇଥିଲେ ମଧ ମୃତଦେହ ବ୍ୟବଚ୍ଛେଦ କରାଯାଉ ନ ଥିବା ନଜିର ରହିଛି।

ଏନେଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କୁହନ୍ତି, ଏଭଳି ଅଭିଯୋଗ ମିଥ୍ୟା। ଆମେ ଲ' ଆଣ୍ଡ୍ ଅର୍ଡରରେ ରହିଥିବାରୁ ସମସ୍ୟା ହୋଇଥିବ। ଏଭଳି କାର୍ଯ୍ୟକୁ ବିଳମ୍ବ କରାଯିବ ନାହିଁ। ସକାଳୁ ଶୀଘ୍ର ବ୍ୟବଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।



ପୁରୀ: ରଥଖଳାରେ ମହାରଣା ସେବକ ରଥ ତୁମ୍ବ ତିଆରି ପାଇଁ ମାପ ନେଉଛନ୍ତି।

# ଏୟାର ଗନ୍ ଗୁଳି ବାଜି ଅଷ୍ଟମ ଶ୍ରେଣୀ ଛାତ୍ର ଗୁରୁତର

**ମାହାଙ୍ଗା,୧୦।୫(ସ୍ୱ.ପ୍ର.)**

ଯୁବକଙ୍କ ଅସାବଧାନତା ଯୋଗୁ ଏକ ଏୟାର ଗନ ଗୁଳି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଛାତିରେ ବାଜିଛି। ଫଳରେ ସେ ଗୁରୁତର ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଗୁଳି ମାରିଥିବା ଯୁବକଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଥିବା ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶଯେ, ମାହାଙ୍ଗା ଥାନା ଅନ୍ତର୍ଗତ ପୋଡାମରାଇ ଗ୍ରାମର ଅଭିରାମ ମହାରଣାଙ୍କ ପୁଅ ଦୁର୍ଗାପ୍ରସାଦ(୩୦) ଏକ ଏୟାର ଗନ ଧରି ମାଙ୍କଡ ଓ କୁକୁରଙ୍କୁ ଘଉଡାଉଥିଲେ। ଅସାବଧାନତା ଯୋଗୁ ଏୟାର ଗନରୁ ଗୁଳି ବାହାରି ସେହି ଗ୍ରାମର କୁଞ୍ଜ ଜେନାଙ୍କ ପୁଅ ମନୋଜ ଜେନା(୧୩)ଙ୍କ ଡାହାଣ ପଟ ଛାତିରେ ବାଜିଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ହେବାରୁ ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ମନୋଜଙ୍କ ବାପା କୁଞ୍ଜ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ଚାଲିଛି ରମଜାନ ମାସ: ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୪ ମସ୍‌ଜିଦରେ ନମାଜ ପାଠ କରାଯାଉଛି।

# ଥାନା ଉପରେ ଝୁଲିଛି ବଡ଼ ଲୁହା ହୋର୍ଡିଂ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**



ବାତ୍ୟା 'ଫନୀ' ପ୍ରଭାବରେ ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ବହୁ କ୍ଷୟକ୍ଷତି ହୋଇଛି। ଅନେକ ଗଛ ଧରାଶାୟୀ ହୋଇଥିବା ବେଳେ ଶପିଂମଲ୍, ଦୋକାନ ଉପରେ ଲାଗିଥିବା ବଡ଼ ବଡ଼ ଲୁହା ହୋର୍ଡିଂ ଓ ବୋର୍ଡଗୁଡ଼ିକ ଏବେ ବି ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ଏ ନେଇ ଅନେକ ଥର ସଚେତନ କରାଗଲେ ମଧ ମାଲିକମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏ ସବୁ ମଧ୍ୟରୁ ଖାରବେଳ ନଗର ଥାନା ସବୁଠାରୁ ଅଧିକ ବିପଜ୍ଜନକ ଭାବେ ରହିଛି। ଥାନା ପାର୍ଶ୍ୱ ଜୁଏଲେରି ଶୋ'ରୁମ୍‌ର ଚାରି ମହଲା ଛାତ ଉପରେ ଏକ ବଡ଼ ଲୁହା ହୋର୍ଡିଂ ବାତ୍ୟାରେ ଭାଙ୍ଗି ଥାନା ଆଡ଼କୁ ଝୁଲି ରହିଛି। ଯେ କୌଣସି ସମୟରେ ଏହା ତଳକୁ ଖସି ପଡ଼ିବା ସମ୍ଭାବନା ରହିଛି। ତଳେ ଥାନା କର୍ମଚାରୀ ଏବଂ ଥାନାକୁ ଆସୁଥିବା ଅଭିଯୋଗକାରୀ ଚଳପ୍ରଚଳ ହେଉଥିବା ବେଳେ ସେମାନଙ୍କ ପାଇଁ ଏହା ଭୟଙ୍କର ବିପଦ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ଅଛି। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ହୋର୍ଡିଂଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାର ସମସ୍ତ କର୍ମଚାରୀ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ଉକ୍ତ ହୋର୍ଡିଂ ସେଠାରୁ ହଟାଇବାକୁ ପାଖାପାଖି ତିନିଥର ମାଲିକଙ୍କୁ ଅବଗତ କରାଗଲାଣି। ଖୁବ୍‌ଶୀଘ୍ର ତାହାକୁ ହଟାଯିବାର ବ୍ୟବସ୍ଥା କରାଯାଉଛି। ଏହିପରି ମାଷ୍ଟର କ୍ୟାଣ୍ଟିନ୍ ଅଞ୍ଚଳରେ ଅନେକ ଦୋକାନ ଓ ଶୋ'ରୁମ୍ ଉପରେ ମଧ ବୋର୍ଡ, ହୋର୍ଡିଂ, ଗଛ ଡାଳ ଆଦି ଝୁଲି ରହିଛି। ସମ୍ପୃକ୍ତ ମାଲିକମାନେ ହୋର୍ଡିଂ, ବୋର୍ଡ ଆଦି ହଟାଇବା କାର୍ଯ୍ୟ ତୁରନ୍ତ ସାରିବାକୁ ସେ ନିବେଦନ କରିଛନ୍ତି।

### ରାଶନ ହିତାଧିକାରୀଙ୍କୁ ମିଳୁଛି ଚାଉଳ
# ପଲିଥିନ ପାଇଁ ପାଣ୍ଠି ନାହିଁ

**ହରପ୍ରସନ୍ନ ପଣ୍ଡା**
**ବେଗୁନିଆ,୧୦।୫ (ଡି.ଏନ.ଏ.)**

- ବଢୁଛି କ୍ଷତି ଆକଳନ
- ନିରପେକ୍ଷ ତଦନ୍ତ ଦାବି




ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ବେଗୁନିଆ ତହସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହା ବହୁ ଗରିବ ଶ୍ରେଣୀର ଲୋକଙ୍କ ଅଣ୍ଟା ଦୋହଲାଇ ଦେଇଥିଲା। ମାତ୍ର ଆଜକୁ ୮ଦିନ ବିତିଯାଇଥିଲେ ମଧ ଏଯାଏ ଲୋକମାନଙ୍କର ଦୁର୍ଦ୍ଦଶାର ଅନ୍ତ ଘଟୁନାହିଁ। ଅନେକ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇ ପାରି ନ ଥିବା ବେଳେ ଜଳଯୋଗାଣ ମଧ ହୋଇପାରିନାହିଁ। ଅନ୍ୟପକ୍ଷରେ ଯୋଗାଣ ବିଭାଗ ପକ୍ଷରୁ ରିଲିଫ୍‌ରେ ରାଶନ ହିତାଧିକାରୀଙ୍କୁ ୫୦ କେଜି ଲେଖାଏ ଚାଉଳ ଓ ୨ ହଜାର ଟଙ୍କା ସହାୟତା ରାଶି ବଣ୍ଟନ କରାଯାଉଛି। ହେଲେ ପଲିଥିନ ଖଣ୍ଡିଏ ଲେଖାଏ ମିଳିବ ବୋଲି ଘୋଷଣା କରାଯାଇଥିଲା ବେଳେ ରାଜସ୍ୱ ବିଭାଗରେ ପାଣ୍ଠି ନାହିଁ ବୋଲି ଆଳ ଦେଖାଇ ପ୍ରଶାସନ ପକ୍ଷରୁ ତାହା ବଣ୍ଟନ କରାଯାଇନାହିଁ। ସେହିପରି କେତେକ କ୍ଷତିଗ୍ରସ୍ତ ପ୍ରକୃତ ହିତାଧିକାରୀଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବା ଅନେକ ଅଭିଯୋଗ ଉଠିଲାଣି। ତେବେ ଗାଁ ଗଣ୍ଡାକୁ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କ ପାଦ ପଡୁ ନ ଥିବା ଅଭିଯୋଗ ହେଉଛି। ପ୍ରକୃତ କ୍ଷୟକ୍ଷତିର ଆକଳନ କରାଯାଇ ନ ଥିବାରୁ କ୍ଷତିଗ୍ରସ୍ତମାନେ ଅଭିଯୋଗ କରୁଛନ୍ତି। ମାତ୍ର ପ୍ରକୃତ କ୍ଷୟକ୍ଷତିର ଆକଳନ କରାଯାଉ ବୋଲି ଦାବି ଯୋର ଧରିଲାଣି। ଏ ନେଇ ମଧ ଶୁକ୍ରବାର କେତେଜଣ କ୍ଷତିଗ୍ରସ୍ତ ଲୋକ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ପାଖରେ ଅଭିଯୋଗ କରିଛନ୍ତି।

ତହସିଲ ଅଧୀନରେ ଥିବା ୨୧ ପଞ୍ଚାୟତ ଅଞ୍ଚଳରେ ଅର୍ଥକରୀ ଫସଲ କରିଥିବା ଚାଷୀଙ୍କର ସୂର୍ଯ୍ୟମୁଖୀ ଶହେ ହେକ୍ଟର, ପନିପରିବା ୮୦ ହେକ୍ଟର, ଆଖୁ ୪ ହେକ୍ଟର ନଷ୍ଟ ହୋଇଥିଲା। ସେହିପରି ପ୍ରାୟ ୨.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଦ୍ୟୁତ ସରଞ୍ଜାମ ନଷ୍ଟ ଭ୍ରଷ୍ଟ ହୋଇଯାଇଛି। ଏଥିସହ ୪, ୪୪୨ ଲୋକଙ୍କର କଚା ଓ ପକ୍କା ଘର ଭାଙ୍ଗି ଯାଇଥିବା ପ୍ରଶାସନ ପକ୍ଷରୁ ପ୍ରାଥମିକ ଆକଳନ କରାଯାଇଥିଲା। ତେବେ ତାହା ଠିକ ଆକଳନ କରାଯାଇ ନ ଥିଲା ବୋଲି କ୍ଷତିଗ୍ରସ୍ତଙ୍କ ପକ୍ଷରୁ ପ୍ରଶ୍ନ ଉଠିଲାଣି। ସେହିପରି ଚାଉଳ ଏବଂ ସହାୟତା ରାଶି ସହି ପଲିଥିନ ଖଣ୍ଡିଏ ଦିଆଯାଉନାହିଁ ବୋଲି ବିପନ୍ନଙ୍କ ପକ୍ଷରୁ କୁହାଯାଉଛି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡା କୁହନ୍ତି, ଲୋକଙ୍କ ଅଭିଯୋଗ ପାଇବା ପରେ ଆମ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି। ତଥାପି ପ୍ରାଥମିକ ଆକଳନ ପ୍ରାୟ ୧ କୋଟି ୮୮ ଲକ୍ଷ ୨୨ ହଜାର ଟଙ୍କା ହୋଇଥିଲା। ଏବେ ପୁଣି କେତେକ ସ୍କୁଲ ଘର, ସ୍ୱାସ୍ଥ୍ୟକେନ୍ଦ୍ର ଭାଙ୍ଗିଯାଇଥିବା ନଜରକୁ ଆସିଛି। ତେବେ କ୍ଷତିର ଆକଳନ ବଢିବ ବୋଲି ଆଶଙ୍କା କରାଯାଉଛି। ସେହିପରି ପ୍ରାୟ ୭ ଶହ ଜଣ କ୍ଷତିଗ୍ରସ୍ତଙ୍କୁ ପଲିଥିନ ବଣ୍ଟନ କରାଯାଇଥିଲା। ତେବେ ଆମ ପାଖରେ ଆଉ ପଲିଥିନ ଗଚ୍ଛିତ ନାହିଁ କି ପାଣ୍ଠି ମଧ ଅଭାବ ରହିଛି। ୨ୟ ପର୍ଯ୍ୟାୟରେ ସହାୟତା ଅର୍ଥ ଆମ ପାଖକୁ ଆସିଲେ ଆମେ ସମସ୍ତ ରାଶନ ହିତାଧିକାରୀମାନଙ୍କୁ ୫୦୦ ଟଙ୍କା ଲେଖାଏ ପଲିଥିନ ବାବଦକୁ ବଣ୍ଟନ କରିବୁ। ତଥାପି ୧ ସପ୍ତାହ ମଧରେ ସମସ୍ତ ହିତାଧିକାରୀ ଟଙ୍କା ନ ହେଲେ ପଲିଥିନ ପାଇବା ପାଇଁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛୁ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରିପାରିବେ।
-ମଦନମୋହନ ମାଳବ୍ୟ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ନାବାଳକ ମୃତ, ଅନ୍ୟ ଜଣେ ଗୁରୁତର

**ସାଲେପୁର,୧୦।୫(ଡି.ଏନ.ଏ.):** କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଅଧୀନ ନାନ୍ଦୋଲଗଡ଼ାଠାରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଜଣା ଗାଡି ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ନାନ୍ଦୋଲଗଡ଼ା ପଞ୍ଚାୟତ ଭାତପଡ଼ା ମିଆଁଆଦପୁର ଗ୍ରାମର ମିର୍ଜା ରସିଦ୍ ବେଗ(୧୪) ଓ ତାଙ୍କ ସାଥୀ ଅଫସର ଇକ୍‌ବାଲ୍ ଖାଁ(୧୩) ଏକ ସାଇକେଲରେ ଚୁଟି କାଟିବା ପାଇଁ ନାନ୍ଦୋଳ ଆସୁଥିଲେ। ଏହି ସମୟରେ ସେମାନଙ୍କୁ ଏକ ଅଜଣାଗାଡି ପଛପଟୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ମିର୍ଜା ରସିଦ୍ ବେଗ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ସାଥୀ ଅଫସର ଗୁରୁତର ହୋଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମିର୍ଜାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗୁରୁତର ଅଫସରଙ୍କୁ କଟକ ପଠାଯାଇଥିଲା। ଏ ନେଇ ପୋଲିସ ମାମଲା ନଂ-୧୦୯/୧୯ ରୁଜୁ କରି ତଦନ୍ତ ଚଳାଇଥିବା ସବ୍‌ଇନ୍ସପେକ୍ଟର ସତ୍ୟନାରାୟଣ ପାଢ଼ୀ ସୂଚନା ଦେଇଛନ୍ତି। ମୃତ ନାବାଳକ ସ୍ଥାନୀୟ ଗ୍ରାମର ଏକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ।

### ବାତ୍ୟାକୁ ୭ ଦିନ ବିତିଲା ଅନ୍ଧାରରେ ୧୪ ପଞ୍ଚାୟତବାସୀ

**କଣ୍ଟାପଡା, ୧୦।୫(ଡି.ଏନ୍.ଏ.):** ବାତ୍ୟା 'ଫନୀ' ପ୍ରଭାବରେ କଣ୍ଟାପଡା ବ୍ଲକରେ ଆଂଶିକ କ୍ଷୟକ୍ଷତି ହୋଇଛି ବୋଲି ସରକାରୀ ଭାବେ ଦର୍ଶାଯାଇଛି। ହେଲେ ବାତ୍ୟାକୁ ୭ ଦିନ ବିତିଯାଇଥିଲେ ମଧ୍ୟ କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତ ଅନ୍ଧାରରେ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା ପ୍ରଭାବରେ ନଡିଆଗୁରୁଡି ଠାରୁ ଅତଶପୁର ପର୍ଯ୍ୟନ୍ତ ଥିବା ୧୭୦ଟି ଖୁଣ୍ଟ ମଧ୍ୟରୁ ୮୫ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ୩୫ ଖୁଣ୍ଟ ଅଧାବଙ୍କା ହୋଇଯାଇଛି। ସେହିପରି ୬୦୦ଟି ୧୧ କେଭିଏ ବିଦ୍ୟୁତ୍ ଖୁଣ୍ଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ନଡିଆଗୁରୁଡିରୁ ଦାମୋଦରପୁର ସବ୍‌ଷ୍ଟେଶନକୁ ଆସିଥିବା ୩୩ କେଭିଏ ଲାଇନର ୬୦ଟି ଖୁଣ୍ଟ ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ୧୦ଟି ବଙ୍କା ହୋଇଯାଇଛି। ଅନ୍ୟଖୁଣ୍ଟଗୁଡିକ ମଧ୍ୟ ବଙ୍କା ହୋଇଯାଇଥିଲେ ମଧ୍ୟ ସେଗୁଡିକର ମରାମତି କାମ କଚ୍ଛପ ଗତିରେ ଚାଲିଛି। ଏପରି ସ୍ଥଳେ ୩୩ କେଭିଏ ଓ ୧୧ କେଭିଏ ଲାଇନ ମରାମତି ହେବା ପାଇଁ ଆହୁରି ୧୫ଦିନ ଲାଗିବ ବୋଲି କେତେଜଣ ବିଦ୍ୟୁତ୍ କର୍ମଚାରୀ କହିଛନ୍ତି। ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁ କଣ୍ଟାପଡାବାସୀ ଅସହ୍ୟ ଗରମରେ ଛଟପଟ ହେଉଥିବାବେଳେ ବିଦ୍ୟୁତ୍ ସମସ୍ୟା ସେମାନଙ୍କୁ ଅତିଷ୍ଠ କରିଛି। ଏ ସମ୍ପର୍କରେ ସେସୁର ଗୋପାଳପୁର ଉପଖଣ୍ଡ ସହକାରୀ ଯନ୍ତ୍ରୀ ଚନ୍ଦ୍ରଭାନୁ ମହାନ୍ତି କୁହନ୍ତି, ଯେତେଶୀଘ୍ର ସମ୍ଭବ ଆମେ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଚେଷ୍ଟା ଚଳାଇଛୁ।

# ପୂର୍ବ ଶତ୍ରୁତାରୁ ହତ୍ୟା ଅଭିଯୋଗ

**କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର**

■ଯାତ୍ରା ଦେଖିବାକୁ ଯାଇଥିବାବେଳେ ହୋଇଥିଲା ଆକ୍ରମଣ

■ମାମଲାରେ କେହି ଗିରଫ ହୋଇନାହାନ୍ତି

**ଆଠଗଡ଼,୧୦।୫(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅଧୀନ ଖୁଣ୍ଟକଟା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ସକାଳୁ କୂଅରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ଗ୍ରାମର ମେଘାନନ୍ଦ ନାଏକଙ୍କ ପୁଅ ମନୋଜ ନାଏକ ଓରଫ୍ ମିଲୁ(୩୫)। ଅନ୍ୟପକ୍ଷରେ ମିଲୁଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇ କୂଅରେ ଫିଙ୍ଗାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୧୧୦/୧୯ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, ମିଲୁ ବୁଧବାର ଯାତ୍ରା ଦେଖିବାକୁ ରେଗେଡ଼ାପଡ଼ା ଯାଇଥିଲେ। ସେଠାରେ ତାଙ୍କର ରେଗେଡ଼ାପଡ଼ା ଯୁବକଙ୍କ ସହ ବଚସା ହୋଇଥିଲା। ଏହାପରେ ପୁଣି ଗୁରୁବାର ରାତିରେ ସେଠାକୁ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ବିଳମ୍ବିତ ରାତିରେ ସାଙ୍ଗମାନଙ୍କ ସହ ଘରକୁ ବାହାରୁଥିବାବେଳେ ଅନ୍ୟଜଣେ ସାଙ୍ଗ ତାଙ୍କୁ ଫୋନ୍ ଯୋଗେ ଚା' ପିଇବା ପାଇଁ ଡାକିଥିଲେ। ମିଲୁ ସେଠାରେ ଥିବା ଚା' ଦୋକାନକୁ ଯିବା ବାଟରେ ପୂର୍ବ ଯୋଜନା ମୁତାବକ ରେଗେଡ଼ିପଡ଼ା ଗ୍ରାମର କଙ୍କଡ଼ି ସ୍ୱାଇଁ, ଗଙ୍ଗାଧର ସ୍ୱାଇଁ ଓ ଅନ୍ୟ ସହଯୋଗୀମାନେ ତାଙ୍କ ମୁଣ୍ଡକୁ ବିଭିନ୍ନ ମାରଣାସ୍ତ୍ରରେ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହାପରେ ସେମାନେ ମିଲୁଙ୍କ ମୃତଦେହକୁ ଅନତି ଦୂରରେ ଥିବା ପରିତ୍ୟକ୍ତ କୂଅରେ ଫିଙ୍ଗି ପଳାଇଥିଲେ। ପୁଅ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶେଷରେ କୂଅରେ ମିଲୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ମୃତଦେହ ଉଦ୍ଧାର କରାଯାଇଥିଲା। ପୂର୍ବ ଶତ୍ରୁତାକୁ ନେଇ ମିଲୁଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହକୁ ଜବତ କରି ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

■ ଓରିକଣ୍ଟା ସେକ୍ସନରେ ବିଦ୍ୟୁତ୍ କାର୍ଯ୍ୟ ଧିମା

## ଅନ୍ଧାରରେ ୯୦ ପ୍ରତିଶତ ଅଞ୍ଚଳ

**ନେମାଳ,୧୦।୫(ଡି.ଏନ.ଏ.)**

ବାତ୍ୟା ଫନୀ ପ୍ରଭାବରେ ନିଶ୍ଚିନ୍ତକୋଇଲି ସେସୁ ଉପଖଣ୍ଡର ଓରିକଣ୍ଟା ସେସୁ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ସମସ୍ତ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଫଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ବିଭାଗ ପକ୍ଷରୁ ଠିକାଦାରଙ୍କୁ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ତେବେ ସେମାନଙ୍କ ଧିମା କାର୍ଯ୍ୟ ଯୋଗୁ ବାତ୍ୟା ଯିବାର ୭ ଦିନ ପରେ ମଧ୍ୟ କେବଳ ନେମାଳ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ବାକି ୯୦ ପ୍ରତିଶତ ଅଞ୍ଚଳ ଏବେବି ଅନ୍ଧାରରେ ରହିଛି। ସୂଚନାଯୋଗ୍ୟ, ଓରିକଣ୍ଟା ସେସୁ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ଅନ୍ୟପକ୍ଷରେ ଯେତିକି ବିଦ୍ୟୁତ୍ ସଂଯୋଗ ହୋଇଛି ସେଥିରେ ବିଭିନ୍ନ ଗ୍ରାମର ଯୁବକ, ସ୍ଥାନୀୟ ଜନସାଧାରଣ ଏଲ୍‌ଟି ଲାଇନ ମରାମତି କାର୍ଯ୍ୟ କରିଥିଲେ। ହେଲେ ଠିକା ସଂସ୍ଥାମାନେ ଏଥିରେ ଫାଇଦା ଉଠାଇ ବିଲ କରିବାକୁ ଉଦ୍ୟମ କରୁଥିବା ବହୁ ଉପଭୋକ୍ତା ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସେହିପରି ପାନୀୟ ଜଳ ପ୍ରକଳ୍ପ ଗୁଡିକ ଅଚଳ ହୋଇଥିବାରୁ ଜଳ ସମସ୍ୟା ଉତ୍କଟ ହୋଇଛି। ତେଣୁ ବାକି ଥିବା ଅଞ୍ଚଳରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ପାଇଁ ଉପଭୋକ୍ତା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଦିଗମ୍ବର ମଲ୍ଲ କହିଛନ୍ତି, ତୁରନ୍ତ ବିଦ୍ୟୁତ୍ ସଂଯୋଗ ପାଇଁ ଯୁଦ୍ଧାକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। ଅଞ୍ଚଳରେ ବ୍ୟାପକ ଖୁଣ୍ଟ ଉପୁଡ଼ିଥିବାରୁ ବିଦ୍ୟୁତ୍ ସଂଯୋଗରେ ବିଳମ୍ବ ହେଉଛି। ତଥାପି ଏକ ସପ୍ତାହ ମଧ୍ୟରେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହେବ।

■ ରିଲିଫ ବଣ୍ଟନରେ ବାଛ ବିଚାର ନୀତି

## ପ୍ରତିବାଦରେ ବାଙ୍କୀ ଭାଜପାର ବିକ୍ଷୋଭ



ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା କର୍ମୀ ବିକ୍ଷୋଭ କରୁଛନ୍ତି।

**ବାଙ୍କୀ,୧୦।୫(ସ୍ୱ.ପ୍ର.)**

ବାତ୍ୟା ଫନୀ ପ୍ରଭାବରେ ବିପନ୍ନ ହୋଇଥିବା ପରବାରବର୍ଗଙ୍କୁ ରିଲିଫ୍ ବଣ୍ଟନରେ ରାଜ୍ୟ ସରକାରଙ୍କ ବାଛ ବିଚାର ନୀତିର ପ୍ରତିବାଦ କରିଛି ବାଙ୍କୀ ଭାଜପା। ଶୁକ୍ରବାର ଦଳପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ପ୍ରତିବାଦ କରାଯାଇଥିଲା। ବରିଷ୍ଠ ନେତା ଯଯାତି କେଶରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଉପଜଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ପ୍ରତ୍ୟେକ ପରିବାରକୁ ରିଲିଫ ଯୋଗାଇ ଦେବାକୁ ଅର୍ଥରାଶି ପ୍ରଦାନ କରିଥିଲେ ମଧ୍ୟ ରାଜ୍ୟ ସରକାର କେବଳ ରାଶନକାର୍ଡଧାରୀଙ୍କୁ ଚାଉଳ ଦେଉଛନ୍ତି। କଣ୍ଟ୍ରୋଲ ଦୋକାନଗୁଡିକରେ ଚାଉଳ ବଣ୍ଟନ ସମୟରେ ଏହି ରିଲିଫ୍ କେବଳ ରାଜ୍ୟ ସରକାର ଦେଉଥିବା କୁହାଯାଇ ଭ୍ରମ ସୃଷ୍ଟି କରାଯାଉଛି। ତେଣୁ ତୁରନ୍ତ ବାଙ୍କୀର ସମସ୍ତ ପ୍ରଭାବିତ ଜନସାଧାରଣଙ୍କୁ ରିଲିଫ୍ ଯୋଗାଇ ଦିଆଯିବା ସହ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବାକୁ ସ୍ମାରକପତ୍ରରେ ଦର୍ଶାଯାଇଛି। ଉପଜିଲାପାଳ ସ୍ମାରକପତ୍ର ଗ୍ରହଣ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବିକ୍ଷୋଭରେ ଆଡ୍‌ଭୋକେଟ୍ ସମୀର ଦାସ, ବସନ୍ତ ଦଳେଇ, ପଞ୍ଚାଳି ପ୍ରଧାନ, ସଞ୍ଜୟ ରଣା, ରମାନାଥ ଦଳେଇ ଓ ଉତ୍ପଳ ଦିନବନ୍ଧୁ ନାୟକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ। ସେହିପରି ବାଙ୍କୀ ଏନଏସି ୱାର୍ଡ ନଂ-୧୫ର ରାଶନକାର୍ଡ ପାଇ ନ ଥିବା ବ୍ୟକ୍ତି ରିଲିଫ୍ ପାଇପାରୁନାହାନ୍ତି। ଅନ୍ୟପକ୍ଷରେ ଏନ୍‌ଏସି ୧୮ନମ୍ବର ୱାର୍ଡର କାଳନ୍ଦୀ ବେହେରା, ସଚ୍ଚିଦାନନ୍ଦ ସେଠୀ, ଶୈଳବାଳା ସେଠୀ, ଝରଣା ସେଠୀ, ମଧୁସୂଦନ ବେହେରା, ଭାଗ୍ୟଧର ସ୍ୱାଇଁ, ହରିହର ମହାପାତ୍ର ଓ ସରସ୍ୱତୀ ଦାସଙ୍କ ସମେତ ବହୁ ବ୍ୟକ୍ତି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରି ସମସ୍ତ ଜନସାଧାରଣଙ୍କୁ ରିଲିଫ୍ ଚାଉଳ ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏହି ସ୍ମାରକପତ୍ରର ନକଲ କଟକ ଜିଲାପାଳ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି।

### ଫନୀ: ୧୬ ଲକ୍ଷ ୫୬ହଜାର ୧୨୯ ଗୃହପାଳିତ ପଶୁ ପ୍ରଭାବିତ

**କଟକ ଅଫିସ, ୧୦।୫**

କଟକ ଜିଲାରେ ଫନୀ ପ୍ରଭାବରେ ୧୬ ଲକ୍ଷ ୫୬ହଜାର ୧୨୯ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସୁଦ୍ଧା ୨୭୭ଟି ଚିକିତ୍ସା କ୍ୟାମ୍ପ କରାଯାଇ ୨୭, ୨୧୧ଟି ପଶୁଙ୍କୁ ଚିକିତ୍ସା କରାଯାଇଛି। ସେହିପରି ଜିଲାରେ ୪୦ ଜଣ ବ୍ଲକସ୍ତରୀୟ ପ୍ରାଣୀଧନ ଚିକିତ୍ସାଧିକାରୀ, ୧୮୧ ଜଣ ପାରା ପ୍ରାଣୀଧନ ଚିକିତ୍ସକ ଓ କର୍ମଚାରୀ ନିୟୋଜିତ କରାଯାଇ ୩୭,୯୮୦ଟି ଗୃହପାଳିତ ପଶୁଙ୍କୁ ଟୀକାଦାନ କରାଯାଇଛି। ବାତ୍ୟାରେ ଜିଲାରେ ୨୪୩ଟି ଗୋ ସମ୍ପଦ, ୬୫୩ଟି ଛେଳି, ମେଣ୍ଢା ଓ ୭ଲକ୍ଷ ୨୭ ହଜାର ୮୧୫ଟି କୁକୁଡା ମୃତାହତ ହୋଇଥିବା ଜିଲା ମୁଖ୍ୟ ପ୍ରାଣୀ ଧନ ଚିକିତ୍ସାଧିକାରୀଙ୍କ ପକ୍ଷରୁ କୁହାଯାଇଛି।

## ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇବା ଦାବିରେ ବିକ୍ଷୋଭ

**କଟକ ଅଫିସ, ୧୦।୫**

କଟକ ଜିଲାର ଗରିବ ଜନସାଧାରଣ, କଟକ ସହରର ବସ୍ତିବାସିନ୍ଦା ଓ ସାହିଗୁଡିକର କଚ୍ଚାଘରେ ବାସ କରୁଥିବା ଲୋକମାନଙ୍କୁ ତୁରନ୍ତ ଉପଯୁକ୍ତ ସହାୟତା ଯୋଗାଇବା ଦାବିରେ ଏସ୍‌ୟୁସିଆଇ(ସି) ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ବେଳେ ବାତ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ଯୋଗାଇଦେବା, କ୍ଷତିଗ୍ରସ୍ତ ଘରଗୁଡିକର ଠିକ୍ ସର୍ଭେ କରି ପାଲ ଯୋଗାଇଦେବା, କଟକ ସହର ସମେତ ଜିଲାରେ ବିଦ୍ୟୁତ୍ ଓ ଜଳ ଯୋଗାଣ ତୁରନ୍ତ ସ୍ୱାଭାବିକ କରିବା, ବସ୍ତିବାସିନ୍ଦାମାନଙ୍କୁ ଘର ଭଙ୍ଗା ସହାୟତା ପରିସର ମଧ୍ୟରେ ଅନ୍ତର୍ଭୁକ୍ତ କରିବା, ବାତ୍ୟାକୁ ଜାତୀୟ ବିପତ୍ତି ଘୋଷଣା କରିବା, କଟକ ଜିଲାକୁ ସମ୍ପୂର୍ଣ୍ଣ ବାତ୍ୟା କ୍ଷତିଗ୍ରସ୍ତ ଘୋଷଣା କରିବା, ଜିଲାରେ ମୁଗ, କଦଳୀ, ମାଛ ଓ ପନିପରିବା କ୍ଷୟକ୍ଷତିର ଠିକ୍ ଭାବରେ ଆକଳନ କରି ଉପଯୁକ୍ତ ସହାୟତା ପ୍ରଦାନ କରିବା ଆଦି ଦାବି ରହିଥିଲା। ଏହି ବିକ୍ଷୋଭରେ ସହର ଓ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ କ୍ଷତିଗ୍ରସ୍ତ ଲୋକ ସାମିଲ ହୋଇଥିଲେ। ବିକ୍ଷୋଭ ସ୍ଥଳରେ ଏସ୍‌ୟୁସିଆଇ(ସି)ର ରାଜ୍ୟ କମିଟି ସଦସ୍ୟ ତଥା କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଦଳର ଜିଲା କମିଟି ସଭ୍ୟ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ ଓ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ସିଡିଏ ସେକ୍ଟର-୭ ଅଞ୍ଚଳରେ ପଡିରହିଥିବା ଆବର୍ଜନାକୁ ସଫା କରାଯାଉଛି।

## ରିଲିଫ ଅର୍ଥ ପରିମାଣ ବୃଦ୍ଧି ପାଇଁ କଂଗ୍ରେସର ଦାବି

**କଟକ ସଦର, ୧୦।୫(ଡି.ଏନ୍.ଏ.)**

ବାତ୍ୟା ପ୍ରଭାବିତ ଅଞ୍ଚଳରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା କାର୍ଡଧାରୀଙ୍କୁ କାର୍ଡ ପିଛା ୫୦୦ ଟଙ୍କା ରିଲିଫ ପ୍ରଦାନ କରିଛନ୍ତି। ଏହି ପରିମାଣ ସମୁଦ୍ରକୁ ଶଙ୍ଖେ ବୋଲି କଂଗ୍ରେସ ନେତା ମାନସ ଚୌଧୁରୀ, କଟକ ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ଗୋଚ୍ଛାୟତ ଓ ସମ୍ପାଦକ ରଞ୍ଜନ ସେନାପତି କହିଛନ୍ତି। ମୁଣ୍ଡପିଛା ଚାଉଳ ବଣ୍ଟନ ଭଳି ରିଲିଫ ଅର୍ଥ ମଧ୍ୟ ଦେବା ପାଇଁ ପ୍ରେସ୍‌ବିବୃତିରେ ଦଳ ଦାବି କରିଛି। କାରଣ ୫ରୁ ୧୦ ଜଣ ରହିଥିବା ଗରିବ ପରିବାର ପାଇଁ ୫୦୦ ଟଙ୍କା କିଛି ନୁହେଁ। ଏହାଛଡା ସଚଳ ବର୍ଗର ଲୋକମାନଙ୍କୁ ସାମୟିକ ଭାବେ କିରୋସିନ ମଧ୍ୟ ଦେବା ପାଇଁ କଂଗ୍ରେସ ପକ୍ଷରୁ ଦାବି ହୋଇଛି।

## ବାଙ୍କୀ କଲେଜ ଜାତୀୟ ସେବା ଯୋଜନା ସହାୟତାରେ ବାତ୍ୟାଞ୍ଚଳରେ ସଫେଇ

**ବାଙ୍କୀ,୧୦।୫(ସ୍ୱ.ପ୍ର.)**

ଫନୀ ବତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବାଙ୍କୀ ଓ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମରେ ବାଙ୍କୀ କଲେଜ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟଜିତ୍ ଦାସ ଓ ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଓସ୍ତପୁର ଗ୍ରାମରେ ସ୍ୱେଚ୍ଛାସେବୀ ଦେବାଶିଷ ପଣ୍ଡା, ସୌଭାଗ୍ୟ ଷଡ଼ଙ୍ଗୀ, ପ୍ରଦୀପ ମହାରଣା, ହରିହର ତ୍ରିପାଠୀ, ରାଜେଶ ମହାରଣା, ଦୋଳଗୋବିନ୍ଦ ପ୍ରଧାନ ଓ ସୋନୁ ସ୍ୱାଇଁଙ୍କ ସହାୟତାରେ ରାସ୍ତା ସଫେଇ ଏବଂ ଭାଙ୍ଗି ଯାଇଥିବା ଗୃହ ମରାମତି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ହରେକୃଷ୍ଣ ତ୍ରିପାଠୀ, ଦିଲୀପ ପଣ୍ଡା, ଚିତ୍ର ତ୍ରିପାଠୀ ଓ ରବୀନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ବାଙ୍କୀ ଅଞ୍ଚଳରେ ଭାଙ୍ଗିପଡ଼ିଥିବା ଗଛଗୁଡିକୁ ସଫା କରାଯାଉଛି।

■ ଫନୀ ବିପନ୍ନଙ୍କୁ ମିଳିନି ପଲିଥିନ୍, ଚିହ୍ନଟ ହୋଇନି ଭାଙ୍ଗିଥିବା ଘର

# କ୍ଷୟକ୍ଷତି ଆକଳନ ତ୍ୱରାନ୍ୱିତ କରିବାକୁ ଦାବି

**ରଘୁନାଥପୁର, ୧୦।୫ (ଡି.ଏନ୍.ଏ.)**

ରଘୁନାଥପୁର ତହସିଲର ୧୯ ପଞ୍ଚାୟତ ପାଇଁ ଥିବା ୬ଟି ଆର୍‌ଆଇ ସର୍କଲରେ ମାତ୍ର ୪ ଜଣ ଆର୍‌ଆଇ କାର୍ଯ୍ୟରତ ଅଛନ୍ତି। ଫଳରେ ସମସ୍ତ ରାଜସ୍ୱ ଗ୍ରାମରେ ବାତ୍ୟା ଫନୀ ଯିବାର ୮ ଦିନ ପରେ ମଧ୍ୟ କାର୍ଯ୍ୟରେ ଅଗ୍ରଗତି ହୋଇପାରିନି। ଏହାକୁ ନେଇ ଭାଜପା ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯିବା ସହ ଭାଜପା ନେତା ପ୍ରଫେସର ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ତହସିଲ ଅଫିସ, କୃଷି ଅଫିସ ଓ ସେସୁ କାର୍ଯ୍ୟାଳୟକୁ ଯାଇ ଅଧିକାରୀମାନଙ୍କୁ ଭେଟି ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ବାତ୍ୟାବିପନ୍ନ ପରିବାରଙ୍କୁ ପଲିଥିନ୍ ଓ ଭାଙ୍ଗିଯାଇଥିବା ଘରର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପ୍ରଫେସର ଭୋଇଙ୍କ ସହ ଯାଇଥିବା କର୍ମୀମାନେ ତହସିଲଦାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଏହା କରା ନ ଗଲେ ଆଗାମୀଦିନରେ ଭାଜପା ପକ୍ଷରୁ ତହସିଲ ଅଫିସ ଘେରାଉ ସହ ରାସ୍ତାରୋକୋ କରାଯିବ ବୋଲି ପ୍ରଫେସର ଭୋଇ କହିଛନ୍ତି। ଏହାଛଡା କୃଷି କାର୍ଯ୍ୟାଳୟକୁ ଯାଇ ଏଏଓ ରାଜଲକ୍ଷ୍ମୀ ସାହୁଙ୍କ ସହ ଫସଲ କ୍ଷୟକ୍ଷତିର ରିପୋର୍ଟ ଏବଂ ତଦନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ତୃଣମୂଳସ୍ତରକୁ ଯାଇ ବିଭାଗୀୟ କର୍ମଚାରୀମାନେ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ ସହ ତଦନ୍ତ ସାରିବାକୁ ପରାମର୍ଶ ରଖିଥିଲେ। ସେସୁ କାର୍ଯ୍ୟାଳୟକୁ ଯାଇ ଯନ୍ତ୍ରୀ ଭବାନୀ ପ୍ରସାଦ ମହାନ୍ତିଙ୍କ ସହ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ସ୍ୱାଭାବିକ କରିବାକୁ ପ୍ରଫେସର ଭୋଇ କହିଥିଲେ।

ପ୍ରଫେସର ଭୋଇ କୁହନ୍ତି, ବାତ୍ୟା ପରଦିନ ବିପନ୍ନ ପରିବାରଙ୍କ ପାଖରେ ପଲିଥିନ୍ ପହଞ୍ଚି ପାରିଲାନି। ଅନ୍ୟପକ୍ଷରେ ସର୍କଲରେ ବୁଲୁଥିବା ଆର୍‌ଆଇମାନେ ଘରକୁ ଘର ନ ବୁଲି ଶାସକ ଦଳର ଏଜେଣ୍ଟଙ୍କ ଦ୍ୱାରା ଘରଭଙ୍ଗା ତାଲିକା ପ୍ରସ୍ତୁତ କରୁଛନ୍ତି, ଯଦ୍ଦ୍ୱାରା କି ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବାଦ୍ ପଡିବା ଆଶଙ୍କା ରହିଛି। ସେହିପରି ମୁଗ, ବିରି ଫସଲ ୮୦ ପ୍ରତିଶତ ଉଜୁଡିଯାଇଥିଲେ ସୁଦ୍ଧା ଆର୍‌ଆଇ ଭିଏଡବ୍ଲ୍ୟୁଙ୍କ ପକ୍ଷରୁ ଜଏଣ୍ଟ ଇନ୍‌କ୍ୱାରି ଆରମ୍ଭ କରାଯାଇନାହିଁ। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବା ଅସମ୍ଭବ ହୋଇପଡିଛି। ଯଦିବା ରିପୋର୍ଟ ପ୍ରଦାନ କରାଯାଏ ତାହା ହେଲେ ଏଥିରେ ଟ୍ୟାମ୍ପରିଂ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବାବେଳେ ପ୍ରଶାସନିକ ଅବହେଳାକୁ ଭାଜପା ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏ ସମ୍ପର୍କରେ ତହସିଲଦାର ଦେବାଶିଷ ପାତ୍ରଙ୍କୁ ପଚାରିବାରେ କମ୍ ସଂଖ୍ୟକ ଆର୍‌ଆଇଙ୍କୁ ଅଧିକ କାର୍ଯ୍ୟ ପ୍ରତିବନ୍ଧକ ସାଜୁଛି। ଗୁରୁବାରଠାରୁ ପଲିଥିନ୍ ବିପନ୍ନଙ୍କୁ ବଣ୍ଟା ହେଉଥିବା ପ୍ରକାଶ କରିଥିଲେ। ତେବେ ଜିଲାପାଳ ଅଧିକ କର୍ମଚାରୀଙ୍କୁ ତଦନ୍ତ କାର୍ଯ୍ୟରେ ନିୟୋଜିତ କରାଇଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। ଭାଜପା ପକ୍ଷରୁ ମଣ୍ଡଳ ସଭାପତି ଅଶୋକ ନାୟକ, ଜିଲା ପରିଷଦ ସଭ୍ୟ ଅଶୋକ ମହାରଣା, ଲୋଭେନ୍ଦ୍ର ମିଶ୍ର, ସଂଯୋଜକ ଦିଲୀପ ସ୍ୱାଇଁ, ସଚ୍ଚିକାନ୍ତ ବାରିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଭାଜପା ନେତା ରମାକାନ୍ତ ଭୋଇ ଓ ଅନ୍ୟ କର୍ମକର୍ତ୍ତାମାନେ ତହସିଲଦାରଙ୍କୁ ଦାବି ଜଣାଉଛନ୍ତି।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରିପାରିବେ।
-ମଦନମୋହନ ମାଳବ୍ୟ



## ସଂକ୍ଷେପରେ

### କାଠ ନିଲାମ ପାଇଁ ବ୍ଲକସ୍ତରୀୟ କମିଟି ଗଠିତ

**କଟକ ସଦର, ୧୦।୫(ଡି.ଏନ୍.ଏ.):** ବାତ୍ୟା ପରେ ରାସ୍ତା ଉପରେ ପଡି ରହିଥିବା ବିଭିନ୍ନ କିସମର ଗଛକୁ ସରକାରୀ ଖର୍ଚ୍ଚରେ କଟାଯାଇଥିଲା। ଏହି ସବୁ ଗଛର କାଠକୁ ନିଲାମ କରିବା ପାଇଁ କଟକ ସଦର ବ୍ଲକସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଇଓ)ଙ୍କ ସମେତ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜଙ୍ଗଲ ବିଭାଗର ପ୍ରତିନିଧି ରହିଛନ୍ତି। ୪୨ ମୌଜା, ବାରଦା, ଯଶପଡା ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳର ସରକାରୀ ଜାଗାରେ କେତେଜଣ ଲୋକ ବାଉଁଶ, ଚାକୁଣ୍ଡା, ଶାଗୁଆନ, କୃଷ୍ଣଚୂଡା ଗଛ ଲଗାଇଥିଲେ। ବାତ୍ୟା ପରେ ସେହି ଗଛ ଉପୁଡି ପଡି ରାସ୍ତା ଅବରୋଧ କରିଥିଲା। ସରକାରଙ୍କ ବାରମ୍ବାର ଘୋଷଣା ସତ୍ତ୍ୱେ ଏହାକୁ ସମ୍ପୃକ୍ତ ବ୍ୟକ୍ତିମାନେ ସଫା କରି ନ ଥିଲେ। ତେଣୁ ବ୍ଲକ ପ୍ରଶାସନ ବାଧ ହୋଇ ଜଙ୍ଗଲ ବିଭାଗର ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ଲକ ପ୍ରଶାସନ ସକ୍ରିୟତା ଦେଖାଇଲା ବୋଲି ଜିପିଇଓ ଯାଜ୍ଞସେନୀ ଗୋଚ୍ଛାୟତ କହିଛନ୍ତି।

### ଖବରକାଗଜ ବିକ୍ରେତା ଆହତ



**କଟକ ଅଫିସ, ୧୦।୫:** ଖବରକାଗଜ ବିକ୍ରେତା ମନୋଜ ପାଣିଗ୍ରାହୀ ବାତ୍ୟାଦିନ ଆହତ ହୋଇଛନ୍ତି। ମହାନ୍ତିପଡ଼ାରେ ଥିବା ନିଜ ଘର ସିଡିରେ ସେ ଯାଉଥିଲେ। ସେହି ସମୟରେ ସିଡିରେ ଲାଗିଥିବା କାଚ ହଠାତ୍ ଭାଙ୍ଗିଯାଇ ତାଙ୍କ ମୁଣ୍ଡ ଓ ଗୋଡ଼ରେ ପଶି ଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ଏହି ଖବରପାଇ ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତାମାନେ ତାଙ୍କ ବାସଗୃହକୁ ଯାଇଥିଲେ। ସଂଘ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ପ୍ରଶାନ୍ତ ସାହୁ, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ଦିପ୍ତୀରଞ୍ଜନ ପଟ୍ଟନାୟକ ପ୍ରମୁଖ ମନୋଜଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।

### ରିଲିଫ ଅର୍ଥ ପରିମାଣ ବୃଦ୍ଧି ପାଇଁ କଂଗ୍ରେସର ଦାବି

**କଟକ ସଦର, ୧୦।୫(ଡି.ଏନ୍.ଏ.):** ବାତ୍ୟା ପ୍ରଭାବିତ ଅଞ୍ଚଳରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା କାର୍ଡଧାରୀଙ୍କୁ କାର୍ଡ ପିଛା ୫୦୦ ଟଙ୍କା ରିଲିଫ ପ୍ରଦାନ କରିଛନ୍ତି। ଏହି ପରିମାଣ ସମୁଦ୍ରକୁ ଶଙ୍ଖେ ବୋଲି କଂଗ୍ରେସ ନେତା ମାନସ ଚୌଧୁରୀ, କଟକ ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ଗୋଚ୍ଛାୟତ ଓ ସମ୍ପାଦକ ରଞ୍ଜନ ସେନାପତି କହିଛନ୍ତି। ମୁଣ୍ଡପିଛା ଚାଉଳ ବଣ୍ଟନ ଭଳି ରିଲିଫ ଅର୍ଥ ମଧ ଦେବା ପାଇଁ ପ୍ରେସ୍‌ବିବୃତିରେ ଦଳ ଦାବି କରିଛି। କାରଣ ୫ରୁ ୧୦ ଜଣ ରହିଥିବା ଗରିବ ପରିବାର ପାଇଁ ୫୦୦ ଟଙ୍କା କିଛି ନୁହେଁ। ଏହାଛଡା ସଚଳ ବର୍ଗର ଲୋକମାନଙ୍କୁ ସାମୟିକ ଭାବେ କିରୋସିନ ମଧ ଦେବା ପାଇଁ କଂଗ୍ରେସ ପକ୍ଷରୁ ଦାବି ହୋଇଛି।

### ଫନୀ: ୧୬ ଲକ୍ଷ ୫୬ହଜାର ୧୨୯ ଗୃହପାଳିତ ପଶୁ ପ୍ରଭାବିତ

**କଟକ ଅଫିସ, ୧୦।୫:** କଟକ ଜିଲାରେ ଫନୀ ପ୍ରଭାବରେ ୧୬ ଲକ୍ଷ ୫୬ହଜାର ୧୨୯ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସୁଦ୍ଧା ୨୭୭ଟି ଚିକିତ୍ସା କ୍ୟାମ୍ପ କରାଯାଇ ୨୭, ୨୧୧ଟି ପଶୁଙ୍କୁ ଚିକିତ୍ସା କରାଯାଇଛି। ସେହିପରି ଜିଲାରେ ୪୦ ଜଣ ବ୍ଲକସ୍ତରୀୟ ପ୍ରାଣୀଧନ ଚିକିତ୍ସାଧିକାରୀ, ୧୮୧ ଜଣ ପାରା ପ୍ରାଣୀଧନ ଚିକିତ୍ସକ ଓ କର୍ମଚାରୀ ନିୟୋଜିତ କରାଯାଇ ୩୭,୯୮୦ଟି ଗୃହପାଳିତ ପଶୁଙ୍କୁ ଟୀକାଦାନ କରାଯାଇଛି। ବାତ୍ୟାରେ ଜିଲାରେ ୨୪୩ଟି ଗୋ ସମ୍ପଦ, ୬୫୩ଟି ଛେଳି, ମେଣ୍ଢା ଓ ୭ଲକ୍ଷ ୨୭ ହଜାର ୮୧୫ଟି କୁକୁଡା ମୃତାହତ ହୋଇଥିବା ଜିଲା ମୁଖ୍ୟ ପ୍ରାଣୀ ଧନ ଚିକିତ୍ସାଧିକାରୀଙ୍କ ପକ୍ଷରୁ କୁହାଯାଇଛି।

# ପୂର୍ବ ଶତ୍ରୁତାରୁ ହତ୍ୟା ଅଭିଯୋଗ

**କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର**

- ଯାତ୍ରା ଦେଖିବାକୁ ଯାଇଥିବାବେଳେ ହୋଇଥିଲା ଆକ୍ରମଣ
- ମାମଲାରେ କେହି ଗିରଫ ହୋଇନାହାନ୍ତି

**ଆଠଗଡ଼,୧୦।୫(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅଧୀନ ଖୁଣ୍ଟକଟା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ସକାଳୁ କୂଅରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ଗ୍ରାମର ମେଘାନନ୍ଦ ନାଏକଙ୍କ ପୁଅ ମନୋଜ ନାଏକ ଓରଫ୍ ମିଲୁ(୩୫)। ଅନ୍ୟପକ୍ଷରେ ମିଲୁଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇ କୂଅରେ ଫିଙ୍ଗାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ–୧୧୦/୧୯ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, ମିଲୁ ବୁଧବାର ଯାତ୍ରା ଦେଖିବାକୁ ରେଗେଡ଼ାପଡ଼ା ଯାଇଥିଲେ। ସେଠାରେ ତାଙ୍କର ରେଗେଡ଼ାପଡ଼ା ଯୁବକଙ୍କ ସହ ବଚସା ହୋଇଥିଲା। ଏହାପରେ ପୁଣି ଗୁରୁବାର ରାତିରେ ସେଠାକୁ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ବିଳମ୍ବିତ ରାତିରେ ସାଙ୍ଗମାନଙ୍କ ସହ ଘରକୁ ବାହାରୁଥିବାବେଳେ ଅନ୍ୟଜଣେ ସାଙ୍ଗ ତାଙ୍କୁ ଫୋନ୍ ଯୋଗେ ଚା' ପିଇବା ପାଇଁ ଡାକିଥିଲେ। ମିଲୁ ସେଠାରେ ଥିବା ଚା' ଦୋକାନକୁ ଯିବା ବାଟରେ ପୂର୍ବ ଯୋଜନା ମୁତାବକ ରେଗେଡ଼ିପଡ଼ା ଗ୍ରାମର କଙ୍କଡ଼ି ସ୍ୱାଇଁ, ଗଙ୍ଗାଧର ସ୍ୱାଇଁ ଓ ଅନ୍ୟ ସହଯୋଗୀମାନେ ତାଙ୍କ ମୁଣ୍ଡକୁ ବିଭିନ୍ନ ମାରଣାସ୍ତ୍ରରେ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହାପରେ ସେମାନେ ମିଲୁଙ୍କ ମୃତଦେହକୁ ଅନତି ଦୂରରେ ଥିବା ପରିତ୍ୟକ୍ତ କୂଅରେ ଫିଙ୍ଗି ପଳାଇଥିଲେ। ପୁଅ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶେଷରେ କୂଅରେ ମିଲୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ମୃତଦେହ ଉଦ୍ଧାର କରାଯାଇଥିଲା। ପୂର୍ବ ଶତ୍ରୁତାକୁ ନେଇ ମିଲୁଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହକୁ ଜବତ କରି ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

# ବାତ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିପାରିନି ପ୍ରଶାସନ

**ଜିଲା ପ୍ରଶାସନ ଓ ସିଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟିଦେବା ପାଇଁ ଦାବି**

**ଫୁଲନଖରା,୧୦।୫(ଡି.ଏନ୍.ଏ.)**

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ କଟକ ମହାନଗର ନିଗମ(ସିଏମ୍‌ସି)ର ୫୬, ୫୭, ୫୮ ଓ ୫୯ନଂ. ୱାର୍ଡ ସର୍ବାଧିକ କ୍ଷତି ହୋଇଛି। ବାତ୍ୟାର ୭ଦିନ ପରେ ବି ଉକ୍ତ ୱାର୍ଡରେ ପ୍ରଶାସନ ପହଞ୍ଚି ପାରିନାହିଁ। ଏହି ୪ୱାର୍ଡର ବିପନ୍ନ ଲୋକମାନେ ଖୋଲା ଆକାଶ ତଳେ ଜୀବନ କାଟୁଥିବା ବେଳେ ଏମାନଙ୍କ ନିକଟରେ ଖଣ୍ଡିଏ ପଲିଥିନ ପହଞ୍ଚିପାରିନି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ୪ୱାର୍ଡକୁ ପରିଦର୍ଶନ କରା ନ ଯାଇ ଆଂଶିକ କ୍ଷତିଗ୍ରସ୍ତ ଦର୍ଶାଯାଇଛି, ଯାହାକୁ ନେଇ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ବିଏମ୍‌ସିକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇଥିବା ବେଳେ ବିଏମ୍‌ସିକୁ ଲାଗି ରହିଥିବା ଫୁଲନଖରା ଅଞ୍ଚଳ ସିଏମ୍‌ସିର ୫୯ନଂ. ୱାର୍ଡ କିପରି ଆଂଶିକ କ୍ଷତିଗ୍ରସ୍ତ ହୋଇଛି ବୋଲି ଦର୍ଶାଯିବା ପ୍ରଶାସନର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ଜିଲା ପ୍ରଶାସନ ଓ ସିଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟିଦେବା ସହ ବିପନ୍ନ ଲୋକଙ୍କୁ ପଲିଥିନ ଯୋଗାଇ ଦେବା ପାଇଁ ଦାବି ହେଉଛି।

# ମନବୋଧଙ୍କୁ ଏମ୍‌ସ ଓପିଡିରେ ଭେଟିବାକୁ ପରାମର୍ଶ

**କଟକ ଅଫିସ, ୧୦।୫**

ଦିଲ୍ଲୀର ଏମ୍‌ସ ଆଉଟଡୋରକୁ ମନବୋଧ ଯିବେ। ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବଳପଦର ଗ୍ରାମର ମନବୋଧ ବାଗ(୩୧) ମାରାତ୍ମକ ନ୍ୟୁରୋଫାଇବ୍ରୋମା ରୋଗରେ ଆକ୍ରାନ୍ତ ଅଛନ୍ତି। ୨୦୧୮ ଅକ୍ଟୋବର ୯ ତାରିଖଠାରୁ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ସେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ମୁହଁରେ ହୋଇଥିବା ଛୋଟ ଆବୁଟି କ୍ରମଶଃ ବଢି ବଢି ଡାହାଣ ପଟ ଆଖି ଓ ପାଟି ବନ୍ଦ ହୋଇଗଲାଣି। ପୂର୍ବରୁ ଦୁଇ ଥର ତାଙ୍କ ମୁହଁରେ ଅସ୍ତ୍ରୋପଚାର କରାଯାଇଥିଲେ ମଧ ଏଥିରେ କୌଣସି ସୁଧାର ନ ଆସିବା ହେତୁ ସେ ପୁନଶ୍ଚ ଚିକିତ୍ସା ପାଇଁ ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି। ମନବୋଧଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ତାଙ୍କର ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ଏତଦ୍‌ବ୍ୟତୀତ ଉକ୍ତ ହସ୍ପିଟାଲରେ ଏହି ଜଟିଳ ରୋଗର ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ତାହା ପରିସ୍ଥିତିକୁ ଆହୁରି ଶୋଚନୀୟ କରିଛି। ଏଣୁ ମନବୋଧଙ୍କୁ ଏହି ଜଟିଳ ରୋଗର ଚିକିତ୍ସା ପାଇଁ ଦିଲ୍ଲୀସ୍ଥିତ ଏମ୍‌ସକୁ ସ୍ଥାନାନ୍ତର କରିବା ପାଇଁ ଏସ୍‌ସିବି ମେଡିକାଲ ବୋର୍ଡ ନିଷ୍ପତ୍ତି ନେଇଥିଲେ ମଧ ଇତିମଧ୍ୟରେ ଦୀର୍ଘ ୬ ମାସରୁ ଅଧିକ ସମୟ ବିତିଗଲାଣି। ଉପରୋକ୍ତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟର ଅଗ୍ରଣୀ ସାମାଜିକ ସଙ୍ଗଠନ ମୈତ୍ରୀ ସଂସଦ ପକ୍ଷରୁ ମେଡିକାଲ ପ୍ରଶାସନ, ଜିଲା ପ୍ରଶାସନ, ରାଜ୍ୟ ପ୍ରଶାସନ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ, ଏମ୍‌ପି ଓ ବିଭାଗୀୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। କିନ୍ତୁ ଏଥିରୁ କୌଣସି ସୁଫଳ ନ ମିଳିବାରୁ ସଂସଦ ବାଧହୋଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲା। ହାଇକୋର୍ଟ ଏହାକୁ ବିଚାର କରି କେନ୍ଦ୍ର ସରକାରଙ୍କର ସରକାରୀ ଓକିଲଙ୍କୁ ଏ ସମ୍ବନ୍ଧରେ ଦିଲ୍ଲୀ ଏମ୍‌ସରୁ ତଥ୍ୟ ସଂଗ୍ରହ କରି ହାଇକୋର୍ଟଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଉକ୍ତ ରୋଗୀଙ୍କ ସମସ୍ୟାକୁ ଭିନ୍ନ ଭିନ୍ନ କର୍ତ୍ତୃପକ୍ଷ ଓ ନ୍ୟାୟାଳୟଙ୍କର ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ଲାଗି ଆବେଦନକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ଆବେଦନକାରୀଙ୍କ ଓକିଲ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ସାକ୍ଷାତ କରି ଆବଶ୍ୟକ କାଗଜପତ୍ର ତାଙ୍କୁ ଦେଖାଇ ମନବୋଧଙ୍କ ସମସ୍ୟା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ମଧ୍ୟରେ ଦିଲ୍ଲୀସ୍ଥିତ ଏମ୍‌ସର ନ୍ୟୁରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର, ଏସ୍‌ସିବି ଅଧୀକ୍ଷକଙ୍କୁ ଅନୁରୋଧ କରି ମନବୋଧଙ୍କୁ ଏମ୍‌ସ ଓପିଡିରେ ସାକ୍ଷାତ କରିବାକୁ ପରାମର୍ଶ ଦେଇଛନ୍ତି। ଏହାପରେ ସମସ୍ତ ଆନୁଷଙ୍ଗିକ ପରୀକ୍ଷା କରାଯିବା ପରେ ଉକ୍ତ ରୋଗର ଚିକିତ୍ସା ପାଇଁ କେତେ ଖର୍ଚ୍ଚ ହେବ ତାହା ଆକଳନ କରାଯାଇପାରିବ। ଉକ୍ତ ଖବର ଜାଣିବା ପରେ ମୈତ୍ରୀ ସଂସଦ ପକ୍ଷରୁ ଏକ ସ୍ମାରକପତ୍ର ସହ ଉକ୍ତ ଚିଠିର ନକଲ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ସ୍ୱାସ୍ଥ୍ୟ ସହାୟକ ସମିତିର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଆରଡିସି ହସ୍ତକ୍ଷେପ କରି ଡାଇରେକ୍ଟର ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ (ଡିଏମ୍‌ଇଟି)ଙ୍କୁ ଏମ୍‌ସ ଦେଇଥିବା ନିର୍ଦ୍ଦେଶନାମା ପାଳନ କରିବା ପାଇଁ ପରାମର୍ଶ କରିଥିଲେ।

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇବା ଦାବିରେ ବିକ୍ଷୋଭ




ଏସ୍‌ୟୁସିଆଇ(ସି) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି ।

**କଟକ ଅଫିସ, ୧୦।୫**

କଟକ ଜିଲାର ଗରିବ ଜନସାଧାରଣ, କଟକ ସହରର ବସ୍ତିବାସିନ୍ଦା ଓ ସାହିଗୁଡିକର କଚ୍ଚାଘରେ ବାସ କରୁଥିବା ଲୋକମାନଙ୍କୁ ତୁରନ୍ତ ଉପଯୁକ୍ତ ସହାୟତା ଯୋଗାଇବା ଦାବିରେ ଏସ୍‌ୟୁସିଆଇ(ସି) ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ବେଳେ ବାତ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ଯୋଗାଇଦେବା, କ୍ଷତିଗ୍ରସ୍ତ ଘରଗୁଡିକର ଠିକ୍ ସର୍ଭେ କରି ପାଲ ଯୋଗାଇଦେବା, କଟକ ସହର ସମେତ ଜିଲାରେ ବିଦ୍ୟୁତ୍ ଓ ଜଳ ଯୋଗାଣ ତୁରନ୍ତ ସ୍ୱାଭାବିକ କରିବା, ବସ୍ତିବାସିନ୍ଦାମାନଙ୍କୁ ଘର ଭଙ୍ଗା ସହାୟତା ପରିସର ମଧ୍ୟରେ ଅନ୍ତର୍ଭୁକ୍ତ କରିବା, ବାତ୍ୟାକୁ ଜାତୀୟ ବିପତ୍ତି ଘୋଷଣା କରିବା, କଟକ ଜିଲାକୁ ସମ୍ପୂର୍ଣ୍ଣ ବାତ୍ୟା କ୍ଷତିଗ୍ରସ୍ତ ଘୋଷଣା କରିବା, ଜିଲାରେ ମୁଗ, କଦଳୀ, ମାଛ ଓ ପନିପରିବା କ୍ଷୟକ୍ଷତିର ଠିକ୍ ଭାବରେ ଆକଳନ କରି ଉପଯୁକ୍ତ ସହାୟତା ପ୍ରଦାନ କରିବା ଆଦି ଦାବି ରହିଥିଲା। ଏହି ବିକ୍ଷୋଭରେ ସହର ଓ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ କ୍ଷତିଗ୍ରସ୍ତ ଲୋକ ସାମିଲ ହୋଇଥିଲେ। ବିକ୍ଷୋଭ ସ୍ଥଳରେ ଏସ୍‌ୟୁସିଆଇ(ସି)ର ରାଜ୍ୟ କମିଟି ସଦସ୍ୟ ତଥା କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଦଳର ଜିଲା କମିଟି ସଭ୍ୟ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ ଓ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଫନୀ ବିପନ୍ନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ନେଇ ସିପିଆଇ(ଏମ୍) ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ରିଲିଫ ସାମଗ୍ରୀ ବଣ୍ଟନକୁ ନେଇ ଅସନ୍ତୋଷ

**ଚୌଦ୍ୱାର,୧୦।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ରେ ପ୍ରଭାବିତ ହୋଇଥିବା ପରିବାରକୁ ସରକାରଙ୍କ ପକ୍ଷରୁ ମୁଣ୍ଡପିଛା ୫କେଜି ଚାଉଳ ଓ ୫୦୦ଟଙ୍କା ଦିଆଯାଉଛି। ଚୌଦ୍ୱାର ପୌରପାଳିକାର ୧୭ନଂ. ୱାର୍ଡରେ ରିଲିଫ ସାମଗ୍ରୀ ଠିକ୍ ଭାବେ ବଣ୍ଟନ ହୋଇପାରୁ ନ ଥିବା ଅଭିଯୋଗ ହେଉଛି, ଯାହାକୁ ନେଇ ଗୁରୁବାର ଉକ୍ତ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖାଉଟି ସାମଗ୍ରୀ ପାଇବା ପାଇଁ ଭୋର ପ୍ରାୟ ୫ଟାରୁ ପରିଚୟପତ୍ର ନେଇ ହିତାଧିକାରୀମାନେ ଧାଡିରେ ଛିଡା ହୋଇଥିଲେ। ପୌରପାଳିକା ପକ୍ଷରୁ ଜଣେ କର୍ମଚାରୀ ଦାୟିତ୍ୱରେ ଥିବାରୁ ବଣ୍ଟନ ପ୍ରକ୍ରିୟାରେ ବାଧା ଉପୁଜିଥିଲା। ଫଳରେ ହିତାଧିକାରୀଙ୍କୁ ଦୀର୍ଘ ସମୟ ଧରି ଖରାରେ ଅପେକ୍ଷା କରିବାକୁ ପଡିଥିଲା। ଏପରି କି ଦୁଇ ଜଣ ବୃଦ୍ଧ ଚେତାଶୂନ୍ୟ ହୋଇପଡିଥିଲେ। ପୌରପାଳିକାର ସମସ୍ତ ୱାର୍ଡରେ ଏଭଳି ସମସ୍ୟା ହେଉଥିବା ଜଣାପଡିଛି। ପୌରପାଳିକା କର୍ତ୍ତୃପକ୍ଷ କେନ୍ଦ୍ରଗୁଡିକରେ ଅଧିକ କର୍ମଚାରୀ ପଠାଇବା ସହ ବଣ୍ଟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

**କଟକ ଅଫିସ, ୧୦।୫**

ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜ କଟକ ଦ୍ୱାରା ଓଡ଼ିଶାରେ କାର୍ଯ୍ୟରତ ବିଭିନ୍ନ ପ୍ରକଳ୍ପର ୧୦୦ରୁ ଊର୍ଦ୍ଧ୍ୱ କର୍ମୀମାନଙ୍କୁ ନେଇ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ଉତ୍କଳ ସେବକ ସମାଜ ସଭା ଗୃହରେ ଶୁକ୍ରବାର ଅନୁଷ୍ଠିତ ଶିବିରକୁ ସମ୍ପାଦକ ଅମୀୟ ଭୂଷଣ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶ୍ୱାଳ କହିଥିଲେ, ଓଡ଼ିଶାକୁ ୧୯୯୯ ଠାରୁ କ୍ରମାଗତ ଭାବେ ବିପର୍ଯ୍ୟୟ କବଳିତ କରିଆସୁଛି। ବିପର୍ଯ୍ୟୟକୁ ସଫଳତାର ସହ ସାମ୍ନା କରିବାକୁ ହେଲେ ସମସ୍ତଙ୍କୁ ପ୍ରସ୍ତୁତ ରହିବାକୁ ପଡ଼ିବ। ଉକ୍ତ ଶିବିରରେ ପ୍ରଶାନ୍ତ କୁମାର ପାତ୍ର କହିଥିଲେ, ବିପର୍ଯ୍ୟୟ ପରିଚାଳନାର ପ୍ରଥମ ପର୍ଯ୍ୟାୟ ହେଉଛି ପ୍ରାକ୍ ପ୍ରସ୍ତୁତି। ନିଜକୁ ଠିକ୍ ଭାବେ ପ୍ରସ୍ତୁତ ରଖିପାରିଲେ ଆସୁଥିବା ବିପର୍ଯ୍ୟୟକୁ ସଫଳତାର ସହ ପ୍ରତିହତ କରିପାରିବା। ଠିକ୍ ସୂଚନା ପାଇବା ଓ ତାହାକୁ ନେଇ ଗୋଷ୍ଠୀ ସ୍ତରରେ ଆଲୋଚନା କରି ପ୍ରସ୍ତୁତ ହେବା, ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା ଓ ରୋଗୀମାନଙ୍କ ତାଲିକା ପ୍ରସ୍ତୁତ କରିବା ଓ ବିପର୍ଯ୍ୟୟ ଆସିବାର ୬ ଘଣ୍ଟା ପୂର୍ବରୁ ସେମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତ୍ୟେକ ଲୋକମାନେ ନିଜ ନିଜ ସ୍ତରରେ ଯେପରି ମହମବତି, ଚୂଡ଼ା, ବିସ୍କୁଟ, ଗୁଡ଼, ପିଇବା ପାଣି, ଦିଆସିଲ ସହିତ କିରୋସିନ ଆଦି ୭ ଦିନ ପାଇଁ ଆଗୁଆ ମହଜୁଦ ରଖି ପାରିବେ ଓ ଘରେ ଥିବା ମୂଲ୍ୟବାନ ନଥିପତ୍ର ଯଥା ସାର୍ଟିଫିକେଟ ପଟ୍ଟା, ଇଲେକ୍ଟ୍ରି ବିଲ୍ କିମ୍ବା କୋର୍ଟର କାଗଜ ଟିଣ କିମ୍ବା ଲେଦର ବାକ୍ସରେ ଭର୍ତ୍ତି କରି ନିରାପଦ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଥିଲା। ବିପର୍ଯ୍ୟୟ ସମୟରେ ଗୃହପାଳିତ ପଶୁମାନଙ୍କୁ ନିରାପଦ ସ୍ଥାନକୁ ନେବା ସହିତ ସେମାନଙ୍କ ପାଇଁ ଗୋଖାଦ୍ୟ ମହଜୁଦ ରଖିବା। ବିପର୍ଯ୍ୟୟ ସମୟରେ ଘରର ବିଦ୍ୟୁତ୍ ଓ ଗ୍ୟାସ୍ ପାଇପ ସଂଯୋଗ କାଟିଦେବା, କଚ୍ଚା ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯିବା ନିରାପଦ ବୋଲି ଶିବିରରେ କୁହାଯାଇଥିଲା। ଇଂ. ଅନ୍ୱୟ ଅଭିନବ ଓ ବରିଷ୍ଠ କର୍ମୀ ମଳୟ କୁମାର ଷଡଙ୍ଗୀ ଶିବିର ପରିଚାଳନା କରିଥିବାବେଳେ ପ୍ରମୋଦ କୁମାର ଓଝା ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ, ପାନୀୟଜଳ ଯୋଗାଣ ତ୍ୱରାନ୍ୱିତ ପାଇଁ ଗୁରୁତ୍ୱାରୋପ

**କଟକ ଅଫିସ, ୧୦।୫**

ଜିଲାର ଗ୍ରାମାଞ୍ଚଳରେ ଫନୀ ପ୍ରଭାବିତ ଲୋକଙ୍କୁ ବିଦ୍ୟୁତ ସେବା ଏବଂ ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ଓ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗୁରୁତ୍ୱାରୋପ କରିବା ସହ ଜିଲାର ସାମଗ୍ରିକ ସ୍ଥିତିର ସମୀକ୍ଷା କରିଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ବିଦ୍ୟୁତ ସେବା କାର୍ଯ୍ୟର ଦୈନନ୍ଦିନ ଅଗ୍ରଗତିର ବିବରଣୀ ପ୍ରଶାସନକୁ ଅବଗତ କରାଇବାକୁ ସେସୁ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପାନୀୟଜଳ ଯୋଗାଣ କ୍ଷେତ୍ରରେ ଗ୍ରାମାଞ୍ଚଳରେ ୧୮୯ଟି ପମ୍ପ ଷ୍ଟେଶନରୁ ପାଇପ ଏବଂ ଟ୍ୟାଙ୍କର ଯୋଗେ ଜଳଯୋଗାଣ, ଡିଜି ସେଟର ଅଧିକ ଆବଶ୍ୟକତା ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ବୈଠକରେ ତଥ୍ୟ ଉପସ୍ଥାପନ କରିଥିଲେ । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ଥିବା ରାସ୍ତାଗୁଡିକ ଗମନାଗମନର ସୁଗମ କରିବା ପାଇଁ ଅଲୋଚନା କରାଯାଇଥିଲା । ଏତଦ୍‌ବ୍ୟତୀତ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ଆଜି ସୁଦ୍ଧା ଜିଲାରେ ୫ଲକ୍ଷ ୭

**ଫନୀ ସମୀକ୍ଷା**

ହଜାର ୩ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨ ଲକ୍ଷ ୮୪ ହଜାର ୫୨୧ ଜଣଙ୍କୁ ୫ଶହ ଟଙ୍କା ଲେଖାଏ ପ୍ରଦାନ କରାଯିବା ସହ ସେମାନଙ୍କୁ ଅତିରିକ୍ତ ଏକ ମାସର କୋଟା ୪୪ହଜାର କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଇଛି। ଜିଲାରେ ବିଭିନ୍ନ ଭତା ପାଉଥିବା ୨ଲକ୍ଷ୭୬ ହଜାର୯୪୫ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧ଲକ୍ଷ ୭୮ ହଜାର ୫୩୫ ଜଣଙ୍କୁ ଅତିରିକ୍ତ ଏକମାସର ଭତା ପ୍ରଦାନ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଅନ୍ଧାରରେ ୧୪ ପଞ୍ଚାୟତବାସୀ

**ବାତ୍ୟାକୁ ୭ ଦିନ ବିତିଲା**

**କଣ୍ଟାପଡା, ୧୦।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ' ପ୍ରଭାବରେ କଣ୍ଟାପଡା ବ୍ଲକରେ ଆଂଶିକ କ୍ଷୟକ୍ଷତି ହୋଇଛି ବୋଲି ସରକାରୀ ଭାବେ ଦର୍ଶାଯାଇଛି। ହେଲେ ବାତ୍ୟାକୁ ୭ ଦିନ ବିତିଯାଇଥିଲେ ମଧ କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତ ଅନ୍ଧାରରେ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା ପ୍ରଭାବରେ ନଡିଆଗୁରୁଡି ଠାରୁ ଅଡଶପୁର ପର୍ଯ୍ୟନ୍ତ ଥିବା ୧୭୦ଟି ଖୁଣ୍ଟ ମଧ୍ୟରୁ ୮୫ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ୩୫ ଖୁଣ୍ଟ ଅଧାବଙ୍କା ହୋଇଯାଇଛି। ସେହିପରି ୬୦୦ଟି ୧୧ କେଭିଏ ବିଦ୍ୟୁତ୍ ଖୁଣ୍ଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ନଡିଆଗୁରୁଡିରୁ ଦାମୋଦରପୁର ସବ୍‌ଷ୍ଟେଶନକୁ ଆସିଥିବା ୩୩ କେଭିଏ ଲାଇନର ୬୦ଟି ଖୁଣ୍ଟ ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ୧୦ଟି ବଙ୍କା ହୋଇଯାଇଛି। ଅନ୍ୟଖୁଣ୍ଟଗୁଡିକ ମଧ ବଙ୍କା ହୋଇଯାଇଥିଲେ ମଧ ସେଗୁଡିକର ମରାମତି କାମ କଚ୍ଛପ ଗତିରେ ଚାଲିଛି। ଏପରି ସ୍ଥଳେ ୩୩ କେଭିଏ ଓ ୧୧ କେଭିଏ ଲାଇନ ମରାମତି ହେବା ପାଇଁ ଆହୁରି ୧୫ଦିନ ଲାଗିବ ବୋଲି କେତେଜଣ ବିଦ୍ୟୁତ୍ କର୍ମଚାରୀ କହିଛନ୍ତି। ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁ କଣ୍ଟାପଡାବାସୀ ଅସହ୍ୟ ଗରମରେ ଛଟପଟ ହେଉଥିବାବେଳେ ବିଦ୍ୟୁତ୍ ସମସ୍ୟା ସେମାନଙ୍କୁ ଅତିଷ୍ଠ କରିଛି। ଏ ସମ୍ପର୍କରେ ସେସୁର ଗୋପାଳପୁର ଉପଖଣ୍ଡ ସହକାରୀ ଯନ୍ତ୍ରୀ ଚନ୍ଦ୍ରଭାନୁ ମହାନ୍ତି କୁହନ୍ତି, ଯେତେଶୀଘ୍ର ସମ୍ଭବ ଆମେ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଚେଷ୍ଟା ଚଳାଇଛୁ।



ସିଡିଏ ସେକ୍ଟର–୭ ଅଞ୍ଚଳରେ ପଡି ରହିଥିବା ଆବର୍ଜନାକୁ ସଫା କରାଯାଉଛି।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରିପାରିବେ।
-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ୨୦୦ ପଏଣ୍ଟରେ ଲଗାଯିବ ଆସ୍କା ଲାଇଟ

ପୁରୀ ଅଫିସ,୧୦ା୫:ବାତ୍ୟାରେ ଶ୍ରୀକ୍ଷେତ୍ରରେ ବ୍ୟାପକ କ୍ଷତି ଘଟିଛି। ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଜାତୀୟ ରାଜପଥରୁ ଗଛକାଟି ଓ ବିଦ୍ୟୁତ ଖୁଣ୍ଟ ହଟାଇ ରାସ୍ତା ସଫା କରାଯାଇଥିଲା। ପୁରୀ-କୋଣାର୍କ, ପୁରୀ-ଭୁବନେଶ୍ୱର ଓ ପୁରୀ-ସାତପଡ଼ା ରାସ୍ତାରେ ଭାଙ୍ଗି ପଡ଼ିରହିଥିବା ଗଛ କାଟି ଓ ବିଦ୍ୟୁତ ଖୁଣ୍ଟ ହଟାଇ ଯାତାୟାତ ସ୍ୱାଭାବିକ କରାଯାଇଛି। ସେହିପରି ମେଡିକାଲ, ସରକାରୀ କାର୍ଯ୍ୟାଳୟ, ସାହିଗଳିରେ ପଡ଼ିଥିବା ଗଛ ମଧ କଟାଯାଇଛି। ଏବେ ଲୋକଙ୍କ ଛାତ ଉପରେ ପଡ଼ିରହିଥିବା ଗଛ କଟା ଚାଲିଛି ବୋଲି ଶୁକ୍ରବାର ପୁରୀ ଅଗ୍ନିଶମ କାର୍ଯ୍ୟାଳୟରେ ଓଡ଼ିଶା ଅଗ୍ନିଶମ ଆଇଜି ରାଜେଶ କୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୁରୀ ଜିଲାରେ ୫୨ଟି ୟୁନିଟ୍ କାର୍ଯ୍ୟକ୍ଷମ ଅଛନ୍ତି। ୨୫୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସହରରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ସନ୍ଧ୍ୟା ହେଲେ ଘନ ଅନ୍ଧକାର ମାଡ଼ିଯାଉଛି। ଅଗ୍ନିଶମ ପକ୍ଷରୁ ସହରର ୨ଶହଟି ପଏଣ୍ଟରେ ଶୁକ୍ରବାରଠାରୁ ଆସ୍କାଲାଇଟ ଲଗାଯିବ। ଏଥିସହିତ ୧୫ହଜାର କ୍ଷମତା ବିଶିଷ୍ଟ ୱାଟର ଟ୍ୟାଙ୍କ ଜରିଆରେ ପାଣି ଯୋଗାଇ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି ପ୍ରଭୃତି ଅଞ୍ଚଳକୁ ୱାଟର ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେବ ବୋଲି ସେ ପ୍ରକାଶ କରିଚନ୍ତି। ଏହି ଅବସରରେ ଓଡ଼ିଶା ଅଗ୍ନିଶମ ମୁଖ୍ୟ ଅଧିକାରୀ ମହେଶ୍ୱର ସ୍ୱାଇଁ, ପୁରୀ ଅଗ୍ନିଶମ ଅଧିକାରୀ ବି.କେ ପଣ୍ଡା, ବେଳାଭୂମି ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ଧନଞ୍ଜୟ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଅଫିସ୍ ଆଗରେ ବସ୍ତିବାସିନ୍ଦାଙ୍କ ଧାରଣା

ପୁରୀ ଅଫିସ,୧୦ା୫: ଇତିମଧ୍ୟରେ ବାତ୍ୟା 'ଫନୀ'କୁ ସପ୍ତାହେ ବିତିଲାଣି। ତଥାପି ଲୋକଙ୍କ ନିକଟରେ ପାନୀୟଜଳ କି ରିଲିଫ ସାମଗ୍ରୀ ପହଞ୍ଚିନି। ଭୋକ ଉପାସରେ ବସ୍ତି ବାସିନ୍ଦା ଆଉଟୁ ପାଉଟୁ ହେଉଛନ୍ତି। ପାଣି ପାଇଁ ଉହଳ ବିକଳ ହେବାକୁ ପଡୁଛି। ସହରକୁ ଦୁଇ ଦିନ ହେଲା ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଛି ବୋଲି ଜିଲା ପ୍ରଶାସନ ଡିଣ୍ଡିମ ପିଟୁଛି। ତେବେ ଏପରି କିଛି ବସ୍ତି ଅଛି, ଯେଉଁଠି ଏପର୍ଯ୍ୟନ୍ତ ପାନୀୟଜଳ ବ୍ୟବସ୍ଥା ହୋଇପାରିନାହିଁ। ଶୁକ୍ରବାର ମାଟିତୋଟା ପଞ୍ଚମ ଲେନ୍ ବସ୍ତିର ଶତାଧିକ ମହିଳା ପାନୀୟଜଳ ଓ ରିଲିଫ ସାମଗ୍ରୀ ପ୍ରଦାନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବସ୍ତିର ସୁବାସ ଚନ୍ଦ୍ର ରାଉତ କହିଛନ୍ତି, ଗତ ୪ଦିନ ହେଲା କାର୍ଯ୍ୟାଳୟକୁ ଦୌଡୁଛୁ। ମାତ୍ର ଜିଲାପାଳଙ୍କ ନିକଟକୁ ପୋଲିସ ଛାଡୁନି। ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବାକୁ କହୁଛନ୍ତି। ଅଭିଯୋଗ ସତ୍ତ୍ୱେ କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହିପରି ରଞ୍ଜିତା ରାଉତ କହିଛନ୍ତି, ପିଇବା ଲାଗି ପାଣି ଟୋପାଏ ନାହିଁ। ବାତ୍ୟାରେ ସମସ୍ତ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ଓଦା ହୋଇ ନଷ୍ଟ ହୋଇଯାଇଛି। ଚାଉଳ ବତୁରିଯାଇଛି। ରନ୍ଧାଯୋଗ୍ୟ ନୁହେଁ। ଆମ ବସ୍ତିର ଅଧିକାଂଶ ଘର ଭାଙ୍ଗିରୁଜି ଯାଇଛି। କାହାର ଛାତ ଉଡିଛି ତ କାହାର ଛାତ ଉପରେ ଗଛ ପଡ଼ିରହିଛି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇନାହିଁ।

## ■ ଫନୀ ବିପନ୍ନଙ୍କୁ ଉପହାସ

# ରାଶନ କାର୍ଡଧାରୀଙ୍କୁ ରିଲିଫ, ଅନ୍ୟମାନଙ୍କୁ ନାହିଁ

**ଖୋର୍ଦ୍ଧା ଅଫିସ,୧୦ା୫**

ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସରକାରୀ ନିଷ୍ପତ୍ତି ଉପହାସ ପାଲଟିଛି। କେବଳ ରାଶନ କାର୍ଡଧାରୀଙ୍କୁ ରିଲିଫ ମିଳୁଥିବା ବେଳେ ଅନ୍ୟମାନଙ୍କୁ ଦିଆଯାଉନାହିଁ। ଘର ଭାଙ୍ଗିଥିଲେ ବି ମିଳୁନି ରିଲିଫ୍। ରାଶନକାର୍ଡ ନ ଥିବାରୁ ବାତ୍ୟାବିପନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଖରାବର୍ଷାରେ ପିଲାଛୁଆଙ୍କୁ ଧରି ଭଙ୍ଗାଘରେ ବିତୁଛି ବିପନ୍ନଙ୍କ ଜୀବନ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ରାଶନ କାର୍ଡ ପାଇବାକୁ ବିଭିନ୍ନ ସମୟରେ ବିଡିଓ, ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଘର ଭାଙ୍ଗିଯିବା ପରେ ଏବେ ରିଲିଫ, ବାତ୍ୟା ସହାୟତା ରାଶି ଓ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ପାଇଁ ପୁଣି ଆରମ୍ଭ ହୋଇଯାଇଛି ସଂଘର୍ଷ। ଏଭଳିସ୍ଥଳେ ସେମାନଙ୍କ ସଂଘର୍ଷ ପୂର୍ବବତ୍ ଶୀତଳଭଣ୍ଡାରକୁ ଯାଉଛି ନାଁ ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ବାତ୍ୟା ସହାୟତା ଯୋଗାଇ ଦେଉଛନ୍ତି ତାହାକୁ ଅପେକ୍ଷା। ତେବେ ବିପନ୍ନଙ୍କୁ ଅଣଦେଖା ନ କରିବାକୁ ଦାବି ହେଉଛି।

ବାତ୍ୟା ଫନୀ ଦ୍ୱାରା ଖୋର୍ଦ୍ଧା ଜିଲାର ବ୍ୟାପକ କ୍ଷୟକ୍ଷତି ହୋଇଛି। ତେବେ

### ଭଙ୍ଗାଘରେ ବିତୁଛି ଜୀବନ

ସରକାର ରାଶନ କାର୍ଡଧାରୀଙ୍କୁ କେବଳ ବିପନ୍ନ ଭାବି ରିଲିଫ ବଣ୍ଟନ କରୁଛନ୍ତି। କିନ୍ତୁ ବହୁ ଗରିବ, ଖଟିଖିଆ ଲୋକ ରାଶନ କାର୍ଡ ପାଇ ନ ଥିବାରୁ କ୍ଷତିଗ୍ରସ୍ତ ପରେ ବି ରିଲିଫ୍ ପାଇବାରୁ ବଞ୍ଚିତ ହୋଇ ଦୁଃଖଦ ଜୀବନଯାପନ କରୁଛନ୍ତି। ଟାଙ୍ଗୀ ବ୍ଲକ ସୋରଣ ଗାଁର ସୁଲୋଚନା ବେହେରା, କୁନୁ ବେହେରା କୁହନ୍ତି, ଆମ୍ଭେମାନେ ଗରିବ କି ନୁହେଁ ତଦନ୍ତ କରାଯାଉ। ହେଲେ ତଦନ୍ତ ଠିକ୍‌ରେ ହେଉ ନ ଥିବାରୁ ଗରିବ ହୋଇ ବି ଅଣଦେଖା ହୋଇରହିଛୁ। ଆମ ଗାଁର ୧୪୦୦ ପରିବାରରୁ ପ୍ରାୟ ୧୩୦୦ ପରିବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ରାଶନ କାର୍ଡ ପାଇପାରିଲେ। ଆମେ ପ୍ରାୟ ୧୦୦ ପରିବାର କୌଣସି ଯୋଜନାରେ ସାମିଲ ହୋଇପାରିଲୁ ନାହିଁ। ଯୋଜନାରେ ସାମିଲ ପାଇଁ ଗୋଟିଏ ଅଫିସରୁ ଅନ୍ୟ ଅଫିସକୁ ଦୌଡି ଦୌଡି ଥକି ପଡିଲୁ। ହେଲେ ଆମର ଅଭିଯୋଗକୁ ସମସ୍ତେ ଶୁଣିଲେ। ରାଶନ କାର୍ଡ ପାଇବାକୁ ଯୋଗ୍ୟ ବୋଲି କହିଲେ, ଆଶ୍ୱାସନା ଦେଇ ଘରକୁ ପଠାଇ ଦେଲେ। ହେଲେ ଗରିବ ହୋଇ ବି ଅଯୋଗ୍ୟ ହୋଇ ରହିଗଲୁ। ଗତ ୩ ତାରିଖରେ ବାତ୍ୟା ଫନୀରେ ଘର ଭାଙ୍ଗିଲା। ହେଲେ ରାଶନ କାର୍ଡଧାରୀ ହୋଇ ନ ଥିବାରୁ ଆମ୍ଭମାନଙ୍କ ପାଇଁ ସରକାରୀ ସହାୟତା ସ୍ୱପ୍ନ ହୋଇ ରହିଗଲା। ଜଟଣୀର ରାସବିହାରୀ ସାହୁ କୁହନ୍ତି, ଗରିବ ହୋଇ ରାଶନ କାର୍ଡ ପାଇପାରିଲୁ ନାହିଁ। ବହୁ ଧନୀ ଲୋକ ନିଜକୁ ଗରିବ ଦର୍ଶାଇ ରାଶନ କାର୍ଡ ପାଇ ସରକାରୀ ସୁବିଧା ସୁଯୋଗ ହାତଉଛନ୍ତି। ଘର ଭାଙ୍ଗି ନ ଥିଲେ ମଧ୍ୟ ବହୁ ରାଶନ କାର୍ଡଧାରୀ ଉପକୃତ ହେଉଛନ୍ତି। ରାଶନ କାର୍ଡଧାରୀ ନ ହୋଇ ଥିଲେ ବି ଘର ଭାଙ୍ଗିଲେ କ'ଣ ସରକାରୀ ସୁବିଧା ସୁଯୋଗ ଦିଆଯିବନି। ଏହା କି ପ୍ରକାରର ସରକାରୀ ନିୟମ ବୋଲି ସେ କହିଥିଲେ। ଖୋର୍ଦ୍ଧାର ସୀତା ପ୍ରଧାନ କୁହନ୍ତି, ସରକାର ଗରିବ ଲୋକଙ୍କ ପାଇଁ ବହୁ ଯୋଜନା କରୁଛନ୍ତି। ହେଲେ ଏହି ଯୋଜନାରେ ଗରିବ ଲୋକ କେତେଦୂର ଉପକୃତ ହେଉଛନ୍ତି ତା'ର ଠିକ୍ ସମୀକ୍ଷା କରାଯାଉନି। ଠିକ୍ ସମୀକ୍ଷା କରାଯାଉଥିଲେ ମୋ ପରି ଗରିବ ଲୋକମାନେ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇ ନ ଥାନ୍ତେ। ଅପରପକ୍ଷେ ବାତ୍ୟାରେ ଘର ଭାଙ୍ଗିଲା। ରିଲିଫ୍ ଓ ସହାୟାତା ଯୋଗାଇଲା ବେଳକୁ ପୁଣି ଖୋଜା ପଡିଲା ରାଶନ କାର୍ଡ। ବାତ୍ୟା କ'ଣ କେବଳ ରାଶନ କାର୍ଡଧାରୀଙ୍କୁ ଖୋଜି ଖୋଜି ଘର ଭାଙ୍ଗିଲା। ସରକାରଙ୍କର ଏପରି ନିଷ୍ପତ୍ତି ଗରିବ ଲୋକଙ୍କ ପାଇଁ ଉପହାସ ପାଲଟିଛି। ବେଗୁନିଆର ରମା ନାୟକ କୁହନ୍ତି, ମୋ ପରି ଲୋକମାନେ ପ୍ରଥମେ ବାତ୍ୟା ସହୟତା ଓ ରାଶନ କାର୍ଡ ପାଇବା କଥା। ତେବେ ରାଶନ କାର୍ଡ ମୋତେ ମିଳିଲା ନାହିଁ। ଏବେ ଘର ଭାଙ୍ଗି ବି ରିଲିଫ୍ ସହାୟତାରୁ ବଞ୍ଚିତ ହୋଇଗଲି। ମୋ ପରି ଲୋକଙ୍କର ଭୁଲ ରହିଲା କେଉଁଠି। ଗରିବ ହେବା ସୁବୁଠୁ ବଡ ବିଡମ୍ବନା ବୋଲି କହିଥିଲେ। ଚିଲିକାର ରାମଚନ୍ଦ୍ର ପ୍ରଧାନ କୁହନ୍ତି, ସରକାର ଓ ପ୍ରଶାସନ ଗରିବ ଲୋକଙ୍କୁ ଅଣଦେଖା କରିବା ଉଚିତ ନୁହେଁ। କାରଣ ଜଣେ ଅନୁଭବୀ ହିଁ ଜାଣିପାରେ ଗରିବର ବେଦନା। ଯେଉଁମାନେ ଗରିବ ହୋଇ ବି ରାଶନ କାର୍ଡରୁ ବଞ୍ଚିତ ହୋଇଗଲେ ସେମାନଙ୍କର ଭୁଲ ରହିଲା କେଉଁଠି। ସେହିପରି ଘର ଭାଙ୍ଗିବା ପରେ ବି ରିଲିଫ୍‌ରୁ ବଞ୍ଚିତ କରାଗଲା। ସେମାନଙ୍କର ଘର ଭାଙ୍ଗିଲା ପରେ ବି ଅଣଦେଖା କେତେଦୂର ଠିକ୍। ତ୍ରୁଟି ଯାହାର ଥାଉନା କାହିଁକି ଗରିବଙ୍କୁ ଉପହାସ ବହୁ ମହଙ୍ଗା ପଡିବ। ବୋଲଗଡର ସୀତା ସ୍ୱାଇଁ କୁହନ୍ତି, ରାଶନ କାର୍ଡ ପାଇ ନ ଥିବା କ୍ଷତିଗ୍ରସ୍ତ ବାତ୍ୟାବିପନ୍ନମାନଙ୍କୁ ସରକାର ଚିହ୍ନଟ କରି ରିଲିଫ ଓ ଅନ୍ୟ ସହାୟତା ଯୋଗାନ୍ତୁ। ସରକାର ନିଷ୍ପତ୍ତିରେ ପରିବର୍ତ୍ତନ ଆଣନ୍ତୁ। ପରେ ରାଶନ କାର୍ଡ ଯୋଗାଇବାର ବ୍ୟବସ୍ଥା କରାଇବେ।

ରିପୋର୍ଟ : **ଲୋକନାଥ ମିଶ୍ର**



ଟାଙ୍ଗୀ ଅଞ୍ଚଳର ବିପନ୍ନମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବସି ରହିଛନ୍ତି ।

## ■ ରିଲିଫରୁ ବଞ୍ଚିତ ପରେ କ୍ଷତିଗ୍ରସ୍ତଙ୍କ ପ୍ରତିବାଦ

# ଜିଲାପାଳଙ୍କ କାର୍ଯ୍ୟାଳୟରେ ବିପନ୍ନମାନଙ୍କ ଧାରଣା

**ଖୋର୍ଦ୍ଧା ଅଫିସ,୧୦ା୫**

ରାଶନ କାର୍ଡ ପାଇବାକୁ ଯୋଗ୍ୟ ହୋଇ ବି କାର୍ଡ ଦେଲେନି। ବାତ୍ୟା କ୍ଷତିଗ୍ରସ୍ତ ପରେ ରିଲିଫ ଦେବାରୁ ବଞ୍ଚିତ କଲେ। ଗରିବଙ୍କ ପ୍ରତି ସରକାର ଓ ପ୍ରଶାସନର ଏପରି ନିଷ୍ପତ୍ତିକୁ ପ୍ରତିବାଦ କରି ଟାଙ୍ଗୀ ବ୍ଲକ ମାନସିଂହପୁର ପଞ୍ଚାୟତ ସୋରଣ ଗାଁର ୨୦ରୁ ଉର୍ଦ୍ଧ୍ୱ ବିପନ୍ନ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଜିଲାପାଳଙ୍କ ସହ ସାକ୍ଷାତ ନ ହୋଇ ପାରିବାରୁ ଜିଲା ଆପତକାଳୀନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପରେ ଜିଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ। ଧାରଣାରତ ପ୍ରଭାତୀ ବେହେରାଙ୍କ ସୂଚନା ଅନୁସାରେ ମୋର ୫ ବଖରା ଟିଣ ଛପର ଉଡି ଯାଇଛି। ତେବେ ମୋତେ ରିଲିଫ୍ ଦିଆଗଲାନି। ସେହିପରି ପାଲ ଖଣ୍ଡିଏ ମଧ ଦିଆଯାଇନାହିଁ। ବନିତା ବେହେରା କୁହନ୍ତି, ମୋର ୨ ବଖରା ଟିଣ ଛପର ଉଡିଗଲା। ହେଲେ ମୁଁ ବାତ୍ୟା ବିପନ୍ନ ହୋଇପାରିଲି ନାହିଁ। ମୋତେ ରିଲିଫ୍ ମିଳିଲାନି। ଗରିବ ହୋଇ ପ୍ରଥମେ ରାଶନ କାର୍ଡ ପାଇ ନ ଥିଲି। ପରେ ରିଲିଫରୁ ବଞ୍ଚିତ ହୋଇଯାଇଛି। ଏହି ଧାରଣାରେ ଅନ୍ୟମାନଙ୍କ ମଧରେ ସୁଲୋଚନା ବେହେରା, ଭୋବନି ବେହେରା, ଚତୁରୀ ବେହେରା, କାଉଖାଇ ବେହେରା, ମମତା ବହେରା, ଉନି ବେହେରା, ସୁମ ବେହେରା ପ୍ରମୁଖ ସରକାର, ପ୍ରଶାସନର ନୀତିକୁ ସମାଲୋଚନା କରିଥିଲେ। ସେମାନଙ୍କୁ ରିଲିଫ୍ ଦେବା ସହ ରାଶନ କାର୍ଡ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

# ସଂଯୋଗ ଦେଇ ସାଢ଼େ ୧୩ ଘଣ୍ଟା ବିଦ୍ୟୁତ୍ କାଟ



ଚଣ୍ଡିଟୁଆରେ ବିଦ୍ୟୁତ କର୍ମଚାରୀଙ୍କୁ ସହଯୋଗ କରିଥିବା ଯୁବକମାନେ ।

**ଖୋର୍ଦ୍ଧା ଅଫିସ,୧୦ା୫:** ବାତ୍ୟା ଫନୀ ଦ୍ୱାରା ଖୋର୍ଦ୍ଧା ସହର ଶ୍ରୀହୀନ ହୋଇପଡିଛି। ସହର ୨୨ଟି ୱାର୍ଡରୁ ପ୍ରାୟ ୧୪ଟି ୱାର୍ଡରେ ବିଦ୍ୟୁତ୍ ସଂଯୋଗ ହୋଇ ସାରିଲାଣି। ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋକ ମଧ ଜଳିଛି। ତେବେ ଶୁକ୍ରବାର ପୂର୍ବାହ୍ନ ୮ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ସାଢ଼େ ୧୩ ଘଣ୍ଟା ହଠାତ୍ ବିଦ୍ୟୁତ୍ କାଟ ହୋଇଥିଲା। ବିଦ୍ୟୁତ୍ କାଟ ନେଇ କାରଣ ପଚାରିଲେ କିଛି ଉତ୍ତର ମିଳି ନ ଥିଲା। ମରାମତି ଉଦ୍ଦେଶ୍ୟରେ ଯଦି ବିଦ୍ୟୁତ୍ କଟିଥିଲା ତେବେ ସବୁ ଅଞ୍ଚଳରେ କଟାଗଲା ନାହିଁ କାହିଁକି। ଯଦି ବିଦ୍ୟୁତ୍ କାଟ କରାଗଲା ତେବେ ମରାମତି କାର୍ଯ୍ୟ ଶେଷ ପରେ ବି ବିଦ୍ୟୁତ୍ ଦିଆଯିବାରେ ବିଳମ୍ବ କରାଯିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ଘଟଣା ପରେ ପ୍ରତିବାଦ ଆରମ୍ଭ ହୋଇଥିଲା। ବିଭିନ୍ନ ସ୍ଥାନରେ ଉତ୍ତେଜନା ମଧ ଦେଖା ଦେଇଥିଲା। ଶେଷରେ ସେସୁ କର୍ତ୍ତୃପକ୍ଷ ରାତି ସାଢ଼େ ୯ଟା ପରେ ବିଦ୍ୟୁତ୍ ଦେବାରୁ ପରିସ୍ଥିତିରେ ଶାନ୍ତ ପଡିଛି।

**ବିଦ୍ୟୁତ୍ ମରାମତି କାର୍ଯ୍ୟରେ ୨୦ ଯୁବକ**

ବାତ୍ୟା ଫନୀର ତାଣ୍ଡବ ପରେ ଖୋର୍ଦ୍ଧା ସହର ଅନ୍ଧାରରେ ଥିଲା। ଏବେ ୩ ଦିନ ହେଲା ସହରରେ ଗୋଟିଏ ପରେ ଗୋଟିଏ ୱାର୍ଡରେ ବିଦ୍ୟୁତ୍ ଜଳୁଛି। ଲୋକେ ଟିକିଏ ଆଶ୍ୱସ୍ତି ହେଉଛନ୍ତି। ତେବେ ସହରରେ ଶୀଘ୍ର ବିଦ୍ୟୁତ୍ ଜଳିବାକୁ ସୁନ୍ଦରୀସାହିର ପ୍ରାୟ ୨୦ ଯୁବକ ବିଦ୍ୟୁତ୍ କର୍ମଚାରୀଙ୍କୁ ସାହାର୍ଯ୍ୟ କରୁଛନ୍ତି। ଖୁଣ୍ଟ ପୋତାଠାରୁ ଆରମ୍ଭ କରି ତାର ଟଣା ଯାଏ ବିଦ୍ୟୁତ୍ କର୍ମଚାରୀଙ୍କୁ ସହଯୋଗ କରି ଆସୁଛନ୍ତି।

### ସପ୍ତାହକ ପରେ ପାଦ ପଡିଲାନି ଅଧିକାରୀଙ୍କ

**ଟାଙ୍ଗୀ (ଖୋର୍ଦ୍ଧା),୧୦ା୫ (ଡି.ଏନ.ଏ.)**

ସାମୁଦ୍ରିକ ଝଡ ଫନୀ ଯୋଗୁ ଟାଙ୍ଗୀ ବ୍ଲକ୍ ନୂଆଗଡ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରାୟ ଦେଢ ହଜାର ପରିବାର ଅତ୍ୟନ୍ତ ଦୟନୀୟ ଭାବେ ଜୀବନଯାପନ କରୁଛନ୍ତି। ସପ୍ତାହକ ପରେ ମଧ କୌଣସି ସରକାରୀ ଅଧିକାରୀଙ୍କ ଏଯାବତ୍ ପାଦ ପଡି ନ ଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ରିଲିଫ୍ ପ୍ରଦାନରେ ଅନିୟମିତା ହେଉଛି। ରାଜ୍ୟ ସରକାରଙ୍କ ଖାଉଟି ନିୟମ ଅନୁସାରେ ପ୍ରାୟ ତିନିଶହ ଖାଉଟି କାର୍ଡଧାରୀ ହିତାଧିକାରୀଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରାଯାଉନାହିଁ। ୬ମାସ ହେଲା ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ସାମିଲ ହୋଇ ରାଶନକାର୍ଡ ପାଇଥିବା ହିତାଧିକାରୀଙ୍କୁ ରିଲିଫ୍‌ରୁ ବଂଚିତ କରାଯାଇଛି । ଏହି ସମସ୍ୟା ସମ୍ପର୍କରେ ନୂଆଗଡ ପଞ୍ଚାୟତ ନବନିର୍ମାଣ କୃଷକ ସଂଘର ନେତା ବାଲା ଜେନା, ଅଜୟ କୁମାର ରଣସିଂହ, ସାମାଜିକ କର୍ମୀ କୈଳାସ ପାଇଶାଣୀ, ବିଶ୍ୱମ୍ଭର ପ୍ରଧାନ, ମାନଭଞ୍ଜନ ସାମନ୍ତରାୟ, ଋଷିକେଶ ପ୍ରଧାନଙ୍କ ନେତୃତ୍ୱରେ ବହୁ ଯୁବକ ଟାଙ୍ଗୀ ଆସି ନବନିଯୁକ୍ତ ବିଡିଓ ଅକ୍ଷୟ କୁମାର ସାହୁଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ବିଡିଓ ସାହୁ ରିଲିଫ ବଣ୍ଟନ ପ୍ରକ୍ରିୟାରେ ତୁରନ୍ତ ଏହି ନୂତନ ରାଶନକାର୍ଡ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ନୂଆଗଡ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଘରଭଙ୍ଗା ସର୍ଭେ କାର୍ଯ୍ୟ ରାଜସ୍ୱ ବିଭାଗର କାମ ବୋଲି ସେ ଦର୍ଶାଇଥିଲେ।

## ■ ବିପନ୍ନଙ୍କ ପାଇଁ ଭିନ୍ନ ନିୟମ

# ବାଣପୁର ସହରାଞ୍ଚଳରେ ଟଙ୍କା କି ପଲିଥିନ୍ ନାହିଁ

**ଖୋର୍ଦ୍ଧା ଅଫିସ,୧୦ା୫**

### ବାଲୁଗାଁରେ ପଲିଥିନ କିଣିବାକୁ ୫୦୦ ଟଙ୍କା

ଖୋର୍ଦ୍ଧା ଜିଲାରେ ରିଲିଫ ବଣ୍ଟନରେ ବିପନ୍ନଙ୍କ ପାଇଁ ଭିନ୍ନ ନିୟମ ଲାଗୁ କରିବା ବିପନ୍ନଙ୍କୁ ବ୍ୟଥିତ କରିଛି। ନିଜର ସୁବିଧା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଗୋଟିଏ ଜିଲା ହୋଇ ବି ବାଣପୁର ଓ ବାଲୁଗାଁ ଏନ୍‌ଏସିରେ ଭିନ୍ନ ଭିନ୍ନ ନିୟମକୁ ସମାଲୋଚନା କରାଯାଇଛି। ବାଲୁଗାଁରେ ଏନ୍‌ଏସିରେ ପଲିଥିନ କିଣିବାକୁ ରାଶନ କାର୍ଡଧାରୀ ୫୦୦ ଟଙ୍କା ଦିଆଯାଇଛି। ତେବେ ବାଣପୁର ସହରାଞ୍ଚଳରେ ଟଙ୍କା କି ପଲିଥିନ୍ କିଛି ବି ଦିଆଯାଉନାହିଁ। କେତେଜଣ ବିପନ୍ନ ବାଣପୁର ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କୁ ପଲିଥିନ ବଦଳରେ ୫୦୦ ଟଙ୍କା କାହିଁକି ଦିଆଗଲାନି ପଚାରିଥିଲେ। ହେଲେ ଆଜି ଅର୍ଡର ପହଞ୍ଚିଲା। ପରେ ପଲିଥିନ୍ ଦିଆଯିବ କହି ଏନ୍‌ଏସିର ନିର୍ବାହୀ ଅଧିକାରୀ ଏଡାଇ ଯାଇଥିବା ଅଭିଯୋଗ ରହିଛି। ବିପନ୍ନ ପରିବାରର ଲାବଣ୍ୟ ବିଶୋଇ କୁହନ୍ତି, ବିପନ୍ନମାନଙ୍କୁ ଏକା ସମୟରେ ରିଲିଫ୍ ସହାୟତା ୨ ହଜାର ଟଙ୍କା ଓ ପଲିଥିନ ଦିଆଯାଉଛି। ଯେଉଁଠି ପଲିଥିନ ଦିଆଯାଉନି ସେଠାରେ ୫୦୦ ଟଙ୍କା ଦିଆଯାଉଛି। ହେଲେ ବାଣପୁରରେ ୨ ହଜାର ଟଙ୍କା ଦେଇ ପଲିଥିନ୍ ପରେ ଦିଆଯିବ କହିବା ଠିକ୍ ନୁହେଁ। ବିପନ୍ନଙ୍କୁ ବାରମ୍ବାର ଦୌଡାଇବା ଭଲ କଥା ନୁହେଁ। ଜାନକୀ ପାତ୍ର କୁହନ୍ତି, ବାଲୁଗାଁ ଏନ୍‌ଏସିରେ ପଲିଥିନ୍ ବଦଳରେ ୫୦୦ ଟଙ୍କା ଦିଆଗଲା। ବାଣପୁରରେ ଦେଇଥିଲେ କ'ଣ ଅସୁବିଧା ହୋଇଥାନ୍ତା। ବିପନ୍ନମାନେ କେତେଦିନ ଧରି ଭଙ୍ଗା ଘରେ ରହିଥିବେ। ପାଲ ନେଇ ଭଙ୍ଗା ଘରେ ପକାଇ ଟିକଏ ହେଲେ ଆଶ୍ୱସ୍ତି ଲାଭ କରିଥାନ୍ତେ। ଏ ନେଇ ବାଣପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିହାଲଙ୍କୁ ମୋବାଇଲ ନଂ. ୮୭୬୩୫୩୭୧୫୮ରେ ଯୋଗାଯୋଗ କରାଯାଇଥିଲେ ହେଁ ସୁଇଚ୍ ଅଫ ବୋଲି ଦର୍ଶାଇଥିଲା।

**ନିଲମ୍ବନ ପରେ ଅନିୟମିତତା ପ୍ରମାଣିତ**

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ବିପନ୍ନ ପରିବାରକୁ ରିଲିଫ୍ ବଣ୍ଟନରେ ଅନିୟମିତତା ଚାଲିଥିବା ଅଭିଯୋଗ ରହିଛି। ତେବେ ରିଲିଫ ବଣ୍ଟନରେ ଅନିୟମିତତାକୁ ନେଇ ନିରାକାରପୁର ଆର୍‌ଆଇ ନିଲମ୍ବନ ହେବା ଲୋକଙ୍କ ଅଭିଯୋଗକୁ ସତ୍ୟତାରେ ପରିଣତ କରିଛି। କ୍ଷୟକ୍ଷତି ଆକଳନ ସଂଗ୍ରହ ଓ ରିଲଫ୍ ବଣ୍ଟନରେ ବିଳମ୍ବକୁ ନେଇ ଏଠାରେ ପୂର୍ବତନ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କୁ ବଦଳି କରାଯାଇଥିଲା। ସରକାର ଏହାକୁ ସ୍ୱୀକାର କରି ନ ଥିଲେ ହେଁ ତରବରିଆ ବଦଳି ଏହାକୁ ପ୍ରମାଣିତ କରିଥିଲା। ନୂଆ ଜିଲାପାଳ ଭୂପିନ୍ଦର ସିଂ ପୁନିଆ କାର୍ଯ୍ୟରେ ଯୋଗ ଦେବା ପରେ କ୍ଷୟକ୍ଷତି ଆକଳନ ଓ ରିଲିଫ୍ ବଣ୍ଟନରେ ତ୍ୱରାନ୍ୱିତ ଆସିଛି। ହେଲେ ଅନିମୟିତତା ଅଭିଯୋଗକୁ ପ୍ରଶାସନ ପକ୍ଷରୁ ସମାଧାନ କରାଯାଇ ପାରୁନାହିଁ। ବାଣପୁର ଏନ୍‌ଏସିରେ ରାଶନ କାର୍ଡଧାରୀଙ୍କୁ ଦିଆଯାଉଥିବା ରିଲିଫ୍ ଚାଉଳ ୫୦ କିଗ୍ରା ବସ୍ତା ପାଇଁ ୨୦ ଟଙ୍କା ଆଦାୟ କରାଯାଉଛି। ବସ୍ତା ମାଗଣାରେ ଦେବାକୁ ଜିଲାପାଳ ଗଣମାଧମକୁ କହିଥିବାବେଳେ ତାଙ୍କ ନିର୍ଦ୍ଦେଶକୁ ମଧ ଅବମାନନା କରାଯାଉଛି।

# ତ୍ୱରିତ ରିଲିଫ ପହଞ୍ଚାଇବା ନିମନ୍ତେ ଯୁଗ୍ମ ସଚିବଙ୍କ ତାଗିଦ

**କୃଷ୍ଣପ୍ରସାଦ,୧୦ା୫(ଡି.ଏନ.ଏ.)**

ଫନୀ ବାତ୍ୟାର ୭ଦିନ ପରେ ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ବାତ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ବଡଝାଡ ପଞ୍ଚାୟତର କୁରୁପାଳ ଗ୍ରାମ ଠାରେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସରପଞ୍ଚ ସତ୍ୟବାନ ତରେଇ,କାର୍ଯ୍ୟ ନିର୍ବାହୀ ଅଧିକାରୀ କେଦାର ନାଥ କର ଗ୍ରାମର ବରିଷ୍ଠ ସଦସ୍ୟ ଗୌତମ କୁମାର ଜେନାଙ୍କ ସହଯୋଗରେ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ବଣ୍ଟନ କରିଛନ୍ତି। ସେହିଭଳି ଚିଲିକା ନୂଆପଡା ସରପଞ୍ଚ ମମତାମୟୀ ପ୍ରଧାନ,ସମିତିସଭ୍ୟ ଉତ୍ତମ କୁମାର ତରେଇଙ୍କ ନେତୃତ୍ୱରେ ପଲିଥିନ,ପାଣି ବୋତଲ,ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଦୀର୍ଘ ଦିନ ଧରି ଖୋଲା ଆକାଶ ତଳେ ରହିବା ପରେ ଲୋକମାନଙ୍କୁ ରିଲିଫ ଏବଂ ପଲିଥିନ ବଣ୍ଟନ କରାଯାଇଥିବାରୁ ସେମାନେ ଆଶ୍ୱସ୍ତ ହୋଇଛନ୍ତି। କ୍ଷୟକ୍ଷତି ଆକଳନ ପାଇଁ ରାଜସ୍ୱ ବିଭାଗର ତତ୍ପରତା ପ୍ରକାଶ ପାଇଥିବା ଦେଖାଯାଇଛି । ସମଗ୍ର କୃଷ୍ଣପ୍ରସାଦ ବ୍ଲକରେ କିଭଳି ଏହାର ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ଠିକ୍ ଭାବେ କ୍ଷତିପୂରଣ ପ୍ରଦାନ କରାଯିବ ସେ ନେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଶ୍ରୀଧର ନାୟକ ପ୍ରତ୍ୟକ୍ଷ ଭାବେ ତଦାରଖ ଆରମ୍ଭ କରିଛନ୍ତି। ତ୍ୱରିତ ଗତିରେ ଲୋକମାନଙ୍କ ପାଖରେ ରିଲିଫ ପହଞ୍ଚାଇବା ନିମନ୍ତେ ସମସ୍ତ ଅଫିସରଙ୍କୁ ଯୁଗ୍ମ ସଚିବ ତାଗିଦ କରିଛନ୍ତି। ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ ସମସ୍ତ ଅଙ୍ଗନୱାଡି କର୍ମଚାରୀଙ୍କୁ ଡାକି ବାତ୍ୟା ଫନୀ ସମ୍ପର୍କରେ ସମୀକ୍ଷା ବୈଠକ କରିଛନ୍ତି। ବିଡିଓ ଜିତେନ୍ଦ୍ର କୁମାର ନାୟକ,ବ୍ଲକର ମୁଖ୍ୟ କିରାଣି ରୂପକ କୁମାର ରାଉତରାୟ,କନିଷ୍ଠ କିରାଣି ପୂର୍ଣ୍ଣଚନ୍ଦ୍ର କାଣ୍ଡି ପ୍ରମୁଖ ରିଲିଫ ବଣ୍ଟନ କାର୍ଯ୍ୟର ତଦାରଖ କରୁଛନ୍ତି । ମେ ଆଇ ହେଲ୍‌ପ ଟିମ୍ ତରଫରୁ ବିଷ୍ଣୁ ପ୍ରସାଦ ବେହେରାଙ୍କ ନେତୃତ୍ୱରେ କେତେକ ଗ୍ରାମରେ ମଧ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି ।



ପ୍ରଶାସନ ପକ୍ଷରୁ ବିପନ୍ନମାନଙ୍କୁ ପଲିଥିନ ବଣ୍ଟନ କରାଯାଉଛି ।

## ■ ବହୁ କ୍ଷତିଗ୍ରସ୍ତ ପଲିଥିନ ପାଇବାରୁ ବଞ୍ଚିତ

# ପ୍ରତିବାଦରେ ରାସ୍ତାରୋକୋ, ପାଟିତୁଣ୍ଡ

**ଜଟଣୀ, ୧୦ା୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ ଫନୀ ପ୍ରଭାବିତ ଜଟଣୀ ମ୍ୟୁନିସିପାଲିଟି ଅଞ୍ଚଳର ଅନେକ କ୍ଷତିଗ୍ରସ୍ତ ପଲିଥିନ୍ ନ ପାଇବା ପ୍ରତିବାଦରେ ଶୁକ୍ରବାର ରାସ୍ତାରୋକୋ କରିଥିଲେ। ତହସିଲ ଅଫିସ ସମ୍ମୁଖ ମୁଖ୍ୟ ରାସ୍ତା ଉପରେ ଶତାଧିକ ମହିଳାପୁରୁଷ ବସି ରହି ଏକଘଣ୍ଟା ରାସ୍ତାରୋକୋରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀଙ୍କ ମଧ୍ୟରୁ କାହା ଘର ଚାଳ ଉଡିଯାଇଥିବା ବେଳେ ଆଉ କାହାର ଆଜବେଷ୍ଟସ୍ ନଷ୍ଟ ହୋଇଯାଇଛି। ୨ ଦିନ ହେବ ତହସିଲ ଅଫିସ ଆସି ନିରାଶ ହୋଇ ଫେରିବା ପରେ ଶୁକ୍ରବାର ତହସିଲ ଅଫିସ ମଧ୍ୟରେ ପାଟିତୁଣ୍ଡ କରିବା ସହ ରାସ୍ତାରୋକୋକୁ ଓହ୍ଲାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଅବସ୍ଥା ଶାନ୍ତ ପଡିଥିଲା। ଏ ନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କୁହନ୍ତି, ଯେଉଁମାନେ ପଲିଥିନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ସେ ବାବଦରେ ୫ ଶହ ଟଙ୍କା ଦିଆଯିବ। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ବାତ୍ୟା ପ୍ରଭାବିତଙ୍କୁ ପଲିଥିନ, ଚାଉଳ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ୨ ହଜାର ଟଙ୍କା ପ୍ରଦାନରେ ଘୋର ଅବ୍ୟବସ୍ଥାକୁ ନେଇ ଏଠାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଫଳରେ ଦୈନିକ ତହସିଲ, ବ୍ଲକ ଓ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ କାର୍ଯ୍ୟାଳୟଗୁଡିକରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗୋଟିଏ ସ୍ଥାନରେ ବ୍ୟବସ୍ଥା ନ କରି କ୍ଷତିଗ୍ରସ୍ତମାନେ ପଲିଥିନ୍ ଆଣିବାକୁ ତହସିଲ ଅଫିସ, ଚାଉଳ ଆଣିବାକୁ କଣ୍ଟ୍ରୋଲ ଡିଲର୍ ଓ ସ୍ୱତନ୍ତ୍ର ବାତ୍ୟା ସହାୟତା ୨ ହଜାର ଟଙ୍କା ଆଣିବାକୁ ମ୍ୟୁନିସିପାଲିଟି କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଫଳରେ ୩ଟି ସ୍ଥାନରେ ଖରାରେ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍‌ରେ ବିପନ୍ନଙ୍କୁ ଛିଡା ହେବାକୁ ପଡୁଛି। ଗୋଟିଏ ସ୍ଥାନରେ ଏହି ସୁବିଧା କରାଗଲେ ଲୋକେ ଆଉ ଅସୁବିଧାରେ ପଡନ୍ତେ ନାହିଁ ବୋଲି କୁହାଯାଉଛି। ବାତ୍ୟା ପୂର୍ବ ଓ ପରବର୍ତ୍ତୀ ମୁକାବିଲା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଫିଲ୍‌ଡ ଅଫିସରମାନଙ୍କ ଅନଭିଜ୍ଞତାରୁ ଏପରି ଅବ୍ୟବସ୍ଥା ଓ ବିଳମ୍ବ ହୋଇଥିବା ଏଠାରେ ଅନେକେ ଅଭିଯୋଗ କରିଛନ୍ତି। ଏଣୁ ଏପରି ପରିସ୍ଥିତିର ଠିକ୍ ପରିଚାଳନା ପାଇଁ ଅଭିଜ୍ଞ ଅଧିକାରୀକୁ ଏଠାରେ ତୁରନ୍ତ ନିଯୁକ୍ତି ଦେବାକୁ ଲୋକମାନଙ୍କ ପକ୍ଷରୁ ଦାବି ହେଉଛି।



ରିଲିଫ ନ ମିଳିବା ପ୍ରତିବାଦରେ ବିପନ୍ନମାନଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଛି ।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୃଦ୍ଧ କରିପାରିବେ।
-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ଆଜିଠୁ ମିଳିବ ସହାୟତା ରାଶି

#### ୪୬ ପିଡିଏସ୍ ସେଣ୍ଟରରେ ବଣ୍ଟାଯିବ

ପୁରୀ ଅଫିସ,୧୦।୫: ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ପକ୍ଷରୁ ରିଲିଫ୍ ଏବଂ ଅନ୍ୟାନ୍ୟ ସହାୟତା ଦିଆଯାଉଛି। କ୍ଷତିଗ୍ରସ୍ତ ପରିବାର (ରାଶନକାର୍ଡଧାରୀ)ଙ୍କୁ ୫୦ କେଜି ଚାଉଳ ଯୋଗାଇଦେବା କାର୍ଯ୍ୟ ଜାରି ରହିଛି। ଶନିବାରଠାରୁ ଏହି ପରିବାରକୁ ୨ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ପୁରୀ ପୌରସଂସ୍ଥା ଅଞ୍ଚଳରେ କ୍ଷତିଗ୍ରସ୍ତଙ୍କୁ କିପରି ଏହା ଶୃଙ୍ଖଳିତ ଭାବେ ବଣ୍ଟାଯିବ ସେ ନେଇ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ, ପୌରସଂସ୍ଥା ଅଧୀନ ୪୬ଟି ପିଡିଏସ୍ ସେଣ୍ଟରରେ ସହାୟତା ରାଶି ପ୍ରଦାନ କରାଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କାର୍ଡଧାରୀମାନେ ଆସି ଏଠାରୁ ୨ହଜାର ଟଙ୍କା ନେବେ। ଦରକାର ପଡ଼ିଲେ ଅଧିକ କେନ୍ଦ୍ର ଖୋଲାଯାଇ ଟଙ୍କା ବଣ୍ଟନ କରାଯିବ। ତେବେ ଏହି କେନ୍ଦ୍ରରେ ୨ଜଣ ଶିକ୍ଷକ ଏବଂ ପୌରସଂସ୍ଥା କର୍ମଚାରୀ ରହି ଟଙ୍କା ବାଣ୍ଟିବେ ବୋଲି ନିଷ୍ପତ୍ତି ହୋଇଛି। ଯଦି କୌଣସି ଶିକ୍ଷକ କିମ୍ବା କର୍ମଚାରୀ ଅନୁପସ୍ଥିତ ରୁହନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଶିକ୍ଷା ଅଧିକାରୀ ହୃଷୀକେଶ କାଣ୍ଡି, ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ୱରିତ ରିଲିଫ ପହଞ୍ଚାଇବା ନିମନ୍ତେ ଯୁଗ୍ମ ସଚିବଙ୍କ ତାଗିଦ

କୃଷ୍ଣପ୍ରସାଦ,୧୦।୫(ଡି.ଏନ.ଏ.): ଫନୀ ବାତ୍ୟାର ୭ଦିନ ପରେ ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ବାତ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ବଡଝାଡ ପଞ୍ଚାୟତର କୁରୁପାଳ ଗ୍ରାମ ଠାରେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସରପଞ୍ଚ ସତ୍ୟବାନ ତରେଇ,କାର୍ଯ୍ୟ ନିର୍ବାହୀ ଅଧିକାରୀ କେଦାର ନାଥ କର ଗ୍ରାମର ବରିଷ୍ଠ ସଦସ୍ୟ ଗୌତମ କୁମାର ଜେନାଙ୍କ ସହଯୋଗରେ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ବଣ୍ଟନ କରିଛନ୍ତି। ସେହିଭଳି ଚିଲିକା ନୂଆପଡା ସରପଞ୍ଚ ମମତାମୟୀ ପ୍ରଧାନ,ସମିତିସଭ୍ୟ ଉତ୍ତମ କୁମାର ତରେଇଙ୍କ ନେତୃତ୍ୱରେ ପଲିଥିନ,ପାଣି ବୋତଲ,ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଦୀର୍ଘ ଦିନ ଧରି ଖୋଲା ଆକାଶ ତଳେ ରହିବା ପରେ ଲୋକମାନଙ୍କୁ ରିଲିଫ ଏବଂ ପଲିଥିନ ବଣ୍ଟନ କରାଯାଇଥିବାରୁ ସେମାନେ ଆଶ୍ୱସ୍ତ ହୋଇଛନ୍ତି। କ୍ଷୟକ୍ଷତି ଆକଳନ ପାଇଁ ରାଜସ୍ୱ ବିଭାଗର ତତ୍ପରତା ପ୍ରକାଶ ପାଇଥିବା ଦେଖାଯାଇଛି । ସମଗ୍ର କୃଷ୍ଣପ୍ରସାଦ ବ୍ଲକରେ କିଭଳି ଏହାର ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ଠିକ୍ ଭାବେ କ୍ଷତିପୂରଣ ପ୍ରଦାନ କରାଯିବ ସେ ନେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଶ୍ରୀଧର ନାୟକ ପ୍ରତ୍ୟକ୍ଷ ଭାବେ ତଦାରଖ ଆରମ୍ଭ କରିଛନ୍ତି। ତ୍ୱରିତ ଗତିରେ ଲୋକମାନଙ୍କ ପାଖରେ ରିଲିଫ ପହଞ୍ଚାଇବା ନିମନ୍ତେ ସମସ୍ତ ଅଫିସରଙ୍କୁ ଯୁଗ୍ମ ସଚିବ ତାଗିଦ କରିଛନ୍ତି।

# ଡେଲାଙ୍ଗ: ‘ଫନୀ’ ନେଇଛି ୫ ଜୀବନ

- କାନ୍ଥ ପଡ଼ି ଗୋଟିଏ ପରିବାରର ୩ଜଣଙ୍କ ପ୍ରାଣହାନୀ
- ଅନେକ ସ୍ଥାନରେ ରିଲିଫ ବଣ୍ଟନକୁ ନେଇ ହୋହାଲ୍ଲା

ରଶ୍ମିରଞ୍ଜନ ପ୍ରଧାନ
କଣାସ, ୧୦।୫

ସାମୁଦ୍ରିକ ଝଡ଼ ଫନୀ ପୁରୀ ଜିଲାରେ ତାଣ୍ଡବ ସୃଷ୍ଟିକରିଥିବା ବେଳେ ଏଥିରୁ ବାଦ୍ ପଡ଼ିନି ଡେଲାଙ୍ଗ ବ୍ଲକ। ବାତ୍ୟା ଯୋଗୁ ଅନେକ ଘର ଭାଙ୍ଗିବା ସହ ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଛି। ଡେଲାଙ୍ଗ ବ୍ଲକରେ ବାତ୍ୟା ଯୋଗୁ ୫ଜଣ ପ୍ରାଣହରାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଜେନାପୁର ପଞ୍ଚାୟତର ସାଦପଡା ଗ୍ରାମର କାନ୍ଥ ପଡ଼ି ପରିବାରର ୩ ଜଣ ରବୀନ୍ଦ୍ର ସେଠୀ (୪୫), ମା’ ଲକି ସେଠୀ (୬୫), ପିତା ଲକ୍ଷ୍ମଣ ସେଠୀ(୭୦) ମୃତ୍ୟୁ ଘଟିଛି। ସେହିପରି ରେଞ୍ଚ ଗ୍ରାମର ଦୁଃସାଶନ ସାହୁ(୫୮) ଓ ଧାନକେରା ପାଞ୍ଚପାଣି ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନ (୬୨)ଙ୍କର ମୃତ୍ୟୁ ଘଟିଥିବାବେଳେ ଗୁଆଲିପଡା ଗ୍ରାମରେ କାନ୍ଥ ପଡି ଅନ୍ୟଜଣେ ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେହିପରି ରାସ୍ତାଘାଟରୁ ଗଛ କଟାଯାଇଥିଲେ ମଧ୍ୟ ପ୍ରତ୍ୟେକ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ପରିଷ୍କାର କରାଯାଇ ନ ଥିବାରୁ ଗମନାଗମନ ସ୍ୱାଭାବିକ ହୋଇପାରିନାହିଁ।

ଡେଲାଙ୍ଗ ବ୍ଲକରେ ୨୧ ପଞ୍ଚାୟତରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ବାସଗୃହ ଭାଙ୍ଗି ଯାଇଥିବାବେଳେ ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ, ପୋଶଲ, ସାଉରିଆ, ମୋଟରୀ, ଅରିଶଲ ଆର୍‌ଆଇ ଅଫିସ ଏବଂ କଲ୍ୟାଣପୁର +୨ ମହାବିଦ୍ୟାଳୟ, ଡେଲାଙ୍ଗ ମହାବିଦ୍ୟାଳୟ, ଇନ୍ଦିପୁର ମହାବିଦ୍ୟାଳୟ ସହିତ ଆଜବେଷ୍ଟସ ଥିବା ବିଦ୍ୟାଳୟ ଗୃହଗୁଡିକ ଭାଙ୍ଗି ନଷ୍ଟ ହୋଇଯାଇଛି। ରିଲିଫ ପାଇଁ ପଞ୍ଚାୟତଗୁଡିକରେ ଆବଶ୍ୟକ ମୁତାବକ ଚୁଡା, ଗୁଡ ଆଦି ପହଞ୍ଚି ନ ଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ପଞ୍ଚାୟତରେ ଗୋଟିଏ ୱାର୍ଡପାଇଁ ୫୦ କେଜି ଚୁଡା ପହଞ୍ଚିଥିବାରୁ ବଣ୍ଟନ କରାଯାଇପାରୁ ନ ଥିବା ପିପିଲି ଭାଜପା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏହି ସମସ୍ୟାର ପ୍ରତିକାର କରା ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ପଟ୍ଟନାୟକ ଜଣାଇଛନ୍ତି। ବେରବୋଇ, ମୁନିନ୍ଦା, ମୋଟରୀ, ଜେନାପୁର ପଞ୍ଚାୟତରେ ପଲିଥିନ ବଣ୍ଟନକୁ ନେଇ ରାସ୍ତାରୋକୋ ହୋଇଥିଲା। ବିଡିଓ କ୍ଷୀରୋଦ ପ୍ରଧାନ, ତହସିଲଦାର ରାଜେନ୍ଦ୍ର ଆଚାରିୟା, ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭୁଟିଆ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ଆଶ୍ୱାସନା ଦେବାରୁ ରାସ୍ତାରୋକୋ ହଟିଥିଲା। ଶୁକ୍ରବାର ୧୯ ହଜାର ଲୋକଙ୍କୁ ପଲିଥିନ ବଣ୍ଟନ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ କେତେକ ପଞ୍ଚାୟତରେ ରାଶନକାର୍ଡଧାରୀଙ୍କୁ ୫୦ କେଜି ଚାଉଳ ବଣ୍ଟନ କରାଯାଇଛି। ସେହିପରି ବିଦ୍ୟୁତ୍ ସରବରାହ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାରୁ ସହକାରୀ ଯନ୍ତ୍ରୀ ଜି ସୁରେଶ କୁମାରଙ୍କ ନେତୃତ୍ୱରେ ପ୍ରାୟ ୨୫୦ ଜଣ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଡେଲାଙ୍ଗ-କଣାସ ୩୩ କେଭି ବିଦ୍ୟୁତ୍ ତାର ଟଣା କାର୍ଯ୍ୟ ୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କ୍ଷୟକ୍ଷତି ଆକଳନ ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବ୍ଲକର କ୍ଷୟକ୍ଷତି ଆକଳନ ପାଇଁ ୧୨ଟି ଟିମ୍ ଗଠନ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

- ବାତ୍ୟାକୁ ସପ୍ତାହେ ବିତିଲାଣି, ସୁଧୁରୁନି ସମସ୍ୟା

# ଜିଲାପାଳଙ୍କ ଅଫିସ୍ ଆଗରେ ବସ୍ତିବାସିନ୍ଦାଙ୍କ ଧାରଣା



ଜିଲାପାଳଙ୍କ ଅଫିସ ଆଗରେ ମାଟିତୋଟା ପଞ୍ଚମ ଲେନ୍ ବସ୍ତିବାସିନ୍ଦା ଧାରଣା ଦେଇଛନ୍ତି।

ପୁରୀ ଅଫିସ,୧୦।୫:

ଇତିମଧ୍ୟରେ ବାତ୍ୟା ‘ଫନୀ’କୁ ସପ୍ତାହେ ବିତିଲାଣି। ତଥାପି ଲୋକଙ୍କ ନିକଟରେ ପାନୀୟଜଳ କି ରିଲିଫ ସାମଗ୍ରୀ ପହଞ୍ଚିନି। ଭୋକ ଉପାସରେ ବସ୍ତି ବାସିନ୍ଦା ଆଉଟୁ ପାଉଟୁ ହେଉଛନ୍ତି। ପାଣି ପାଇଁ ଡହଳ ବିକଳ ହେବାକୁ ପଡୁଛି। ସହରକୁ ଦୁଇ ଦିନ ହେଲା ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଛି ବୋଲି ଜିଲା ପ୍ରଶାସନ ଡିଣ୍ଡିମ ପିଟୁଛି। ତେବେ ଏପରି କିଛି ବସ୍ତି ଅଛି, ଯେଉଁଠି ଏପର୍ଯ୍ୟନ୍ତ ପାନୀୟଜଳ ବ୍ୟବସ୍ଥା ହୋଇପାରିନାହିଁ। ଶୁକ୍ରବାର ମାଟିତୋଟା ପଞ୍ଚମ ଲେନ୍ ବସ୍ତିର ଶତାଧିକ ମହିଳା ପାନୀୟଜଳ ଓ ରିଲିଫ ସାମଗ୍ରୀ ପ୍ରଦାନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବସ୍ତିର ସୁବାସ ଚନ୍ଦ୍ର ରାଉତ କହିଛନ୍ତି, ଗତ ୪ଦିନ ହେଲା କାର୍ଯ୍ୟାଳୟକୁ ଦୌଡୁଛୁ। ମାତ୍ର ଜିଲାପାଳଙ୍କ ନିକଟକୁ ପୋଲିସ ଛାଡୁନି। ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବାକୁ କହୁଛନ୍ତି। ଅଭିଯୋଗ ସତ୍ତ୍ୱେ କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହିପରି ରଞ୍ଜିତା ରାଉତ କହିଛନ୍ତି, ପିଇବା ଲାଗି ପାଣି ଟୋପାଏ ନାହିଁ। ବାତ୍ୟାରେ ସମସ୍ତ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ଓଦା ହୋଇ ନଷ୍ଟ ହୋଇଯାଇଛି। ଚାଉଳ ବତୁରିଯାଇଛି। ଏହା ଆଉ ରନ୍ଧାଯୋଗ୍ୟ ନୁହେଁ। ଆମ ବସ୍ତିର ଅଧିକାଂଶ ଘର ଭାଙ୍ଗିରୁଜି ଯାଇଛି। କାହାର ଛାତ ଉଡିଛି ତ କାହାର ଛାତ ଉପରେ ଗଛ ପଡ଼ିରହିଛି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇନାହିଁ।

- ଧୋବାଖାଲ ବସ୍ତିବାସିନ୍ଦାଙ୍କ ଦୁଃଖ ସରୁନି

# ପାଣି ନାହିଁ, ରିଲିଫ ଚାଉଳ ପୋକରା



ବାତ୍ୟାରେ ଧୋବାଖାଲ ବସ୍ତି ଛାରଖାର ହୋଇଯାଇଛି।

ପ୍ରଭାତ ପାଣିଗ୍ରାହୀ
ପୁରୀ ଅଫିସ,୧୦।୫:

ପେଣ୍ଠକଟାସ୍ଥିତ ଧୋବାଖାଲ ବସ୍ତିକୁ ଉଜାଡ଼ି ଦେଇଛି ‘ଫନୀ’। ସମସ୍ତଙ୍କ ଘର ମାଟିରେ ମିଶିଯାଇଛି। ପାଣି, ଖାଦ୍ୟ ପାଇଁ ଡହଳବିକଳ ହେଉଛନ୍ତି ବସ୍ତିବାସିନ୍ଦା। ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣର ରିଲିଫ ମିଳିନାହିଁ। ଯେଉଁ ଚାଉଳ ମିଳିଛି ତାହା ପୋକରା। ଗନ୍ଧ ହେଉଛି। ରାନ୍ଧି ଖାଇ ହେଉନାହିଁ। ତେଣୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦିଆଯାଉଥିବା ରନ୍ଧାଖାଦ୍ୟକୁ ଭରସିଛନ୍ତି ଲୋକେ। ସେହିପରି ନଳକୂପରୁ ଲୌହମିଶ୍ରିତ ପାଣି ବାହାରୁଛି। ତାହା ପିଇବା ଅନୁପଯୋଗୀ। ପ୍ରଶାସନ ପକ୍ଷରୁ ପାନୀୟଜଳ ମଧ୍ୟ ଯୋଗାଇ ଦିଆଯାଇନାହିଁ।
ଧୋବାଖାଲ ବସ୍ତିରେ ୩ଟି ସାହି ରହିଛି। ସେଗୁଡ଼ିକ ହେଲା ମା’ ତାରିଣୀ, ରେଡିକା ଓ ନୂଆସାହି। ଏଗୁଡ଼ିକରେ ମୋଟ ୩ଶହରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ପୂର୍ବରୁ ଘୋଡାବଜାର ଷ୍ଟେଶନରୋଡରେ ଏହି ବସ୍ତି ବାସିନ୍ଦା ରହୁଥିଲେ। ସେଠାରୁ ଉଚ୍ଛେଦ ହେବା ପରେ,ଏବେ ଏହି ସ୍ଥାନରେ ଦୀର୍ଘ ବର୍ଷ ଧରି ରହିଆସୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଦିନ ମଜୁରିଆ, ରିକ୍ସା ଚାଳକ, କବାଡିଆ, ପ୍ଲାଷ୍ଟିକ ଗୋଟାଳି, ମେହେନ୍ତର। ବାତ୍ୟା ପୂର୍ବରୁ ପ୍ରଶାସନ ଅନୁରୋଧ କ୍ରମେ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳ ଏବଂ ଆଇଟିଆଇ କେନ୍ଦ୍ରରେ ଆଶ୍ରୟ ନେଇଥିଲେ। ବାତ୍ୟା ପରେ ବସ୍ତିକୁ ଫେରିଥିଲେ। ହେଲେ ସବୁ ଘର ଧୂଳିସାତ ହୋଇଯାଇଥିଲା। ବର୍ତ୍ତମାନ କଷ୍ଟେମଷ୍ଟେ ଚଳୁଛନ୍ତି। ବସ୍ତିର ସଜନୀ ସାହୁ କହିଛନ୍ତି, ରିଲିଫ ଯାହା ମିଳିଛି, ତାହା ସମୁଦ୍ରକୁ ଶଙ୍ଖେ ପରି। କେବଳ ୨୫୦ଗ୍ରାମ ଚୁଡା, ୫ଟଙ୍କିଆ ବିସ୍କୁଟ୍ ପ୍ୟାକେଟ ଏବଂ ଗୁଡ ମିଳୁଛି। ତାହା ଜଣକୁ ନିଅଣ୍ଟ। ପୂର୍ବରୁ ଯାହା ସାଇତି ରଖିଥିଲି, ସବୁ ସରିଗଲାଣି। ବାତ୍ୟା ଯୋଗୁ କାମକୁ ଯାଇପାରିନାହିଁ। ପାଖରେ ଯାହା ବି ଟଙ୍କା ଥିଲା ସରି ଆସିଲାଣି। ଆଗକୁ କେମିତି ଚଳିବି, ସେନେଇ ଚିନ୍ତାରେ ଅଛି।’ ସେହିପରି ତାରିଣୀ ବସ୍ତିର ସଭାପତି ବାପି ମଣ୍ଡଳ କହିଛନ୍ତି, ଦୁଇ ଦିନ ତଳେ ୫ବସ୍ତା ଚାଉଳ ଓ ଗୋଟିଏ ବସ୍ତା ଗୁଡ ଆଣିଥିଲି। ଚାଉଳ ବତୁରି ଯାଇଛି। ଅଧିକାଂଶ ଚାଉଳ ପୋକରା। ଏହା ଖାଇବା ଉପଯୋଗୀ ନୁହଁ। ୪ଦିନ ହେଲା ଦୌଡିଲିଣି। ୱାଟର ଟ୍ୟାଙ୍କର ଜରିଆରେ ପାଣି ପାଇଁ ପ୍ରଶାସନକୁ ଗୁହାରି କରି ଥକିଗଲିଣି। କେହି ଶୁଣୁ ନାହାନ୍ତି। ଫନୀର ଦୁଃଖ ବସ୍ତି ବାସିନ୍ଦାଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପିଏଚ୍‌ଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶରତ ମିଶ୍ର କହିଛନ୍ତି, ଧୋବାଖାଲ ବସ୍ତିକୁ ଶୀଘ୍ର ପାନୀୟ ଜଳ ପଠାଯିବାର ବ୍ୟବସ୍ଥା କରାଯିବ।

### ଜଳକଷ୍ଟ ଲାଘବ ପାଇଁ ନଦୀ, କେନାଲରେ ପାଣି ଛଡ଼ାଗଲା

ସାକ୍ଷୀଗୋପାଳ, ୧୦।୫(ଡି.ଏନ୍.ଏ.)

ବାତ୍ୟା ପରେ ସତ୍ୟବାଦୀରେ ଦେଖାଦେଇଥିବା ଜଳକଷ୍ଟ ଲାଘବ ନିମନ୍ତେ ସାକ୍ଷୀଗୋପାଳ ଜଳସେଚନ ଉପଖଣ୍ଡ ପକ୍ଷରୁ ବିଭିନ୍ନ ନଦୀ ଓ କେନାଲରେ ଜଳ ଯୋଗାଣ କରାଯାଇଛି। ସ୍ଥାନୀୟ ଜନସାଧାରଣଙ୍କ ଦାବି କ୍ରମେ ଗୁରୁବାରଠାରୁ ଭାର୍ଗବୀ ଓ ଦୟା ନଦୀ ସହିତ ସାକ୍ଷୀଗୋପାଳ ବ୍ରାଞ୍ଚକେନାଲରେ ପାଣି ଛଡ଼ାଯାଇଛି। ଏହି ଅଞ୍ଚଳଦେଇ ଯାଇଥିବା ଅନ୍ୟ ଦୁଇଟି କେନାଲ ବୃନ୍ଦଙ୍ଗ ଓ ସୁକଳ ଡିଷ୍ଟ୍ରିବ୍ୟୁଟାରୀ ସହିତ ରତ୍ନଚିରା ନଦୀରେ ପାଣି ଛଡ଼ାଯିବ ବୋଲି ସ୍ଥାନୀୟ ଜଳସେଚନ ଉପଖଣ୍ଡ ଅଧିକାରୀ ଇଂ ରଘୁନାଥ ସାହୁ ସୂଚନା ଦେଇଛନ୍ତି। ଜଳଯୋଗାଣ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ, କେନାଲ ଭିତରେ ଭାଙ୍ଗିପଡ଼ିଥିବା ଗଛଡାଳଗୁଡ଼ିକ ଜେସିବି ଓ କଟର ମେଶିନ ଲଗାଇ ସଫା କରିବାକୁ ଅନୁଧ୍ୟାନ କରିବାକୁ ଆସିଥିବା ଜଳସେଚନ ବିଭାଗ ଚିଫ୍ ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସେକ୍ସନର କନିଷ୍ଠଯନ୍ତ୍ରୀମାନେ ନିଜ ନିଜ ଅଞ୍ଚଳର କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି। ଚିଫ୍ ଇଞ୍ଜିନିୟର ସାହୁ ଭାର୍ଗବୀ ନଦୀବନ୍ଧ ଓ ସାକ୍ଷୀଗୋପାଳ ବ୍ରାଞ୍ଚକେନାଲ ବୁଲି ଅନୁଧ୍ୟାନ କରିଥିଲେ। ପୁରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାଉତ, ଉପଦେଷ୍ଟା ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀ ପ୍ରମୁଖ ଏହି ଅନୁଧ୍ୟାନରେ ସାମିଲ ହୋଇଥିଲେ। ଦୂଷିତ ହୋଇପଡ଼ିଥିବା ନଦୀମଧ୍ୟରେ ଜମି ରହିଥିବା ଦଳ ସଫା କରିବା ସହିତ କେନାଲ ପାଣି ଛାଡ଼ିବାକୁ ଦାବି କରାଯାଇଥିଲା।

# ୨୦୦ ପଏଣ୍ଟରେ ଲଗାଯିବ ଆସ୍କା ଲାଇଟ



ଆସ୍କା ଲାଇଟ୍ ସହ ଅଗ୍ନିଶମ କର୍ମଚାରୀମାନେ।

ପୁରୀ ଅଫିସ,୧୦।୫:

ବାତ୍ୟାରେ ଶ୍ରୀକ୍ଷେତ୍ରରେ ବ୍ୟାପକ କ୍ଷତି ଘଟିଛି। ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଜାତୀୟ ରାଜପଥରୁ ଗଛକାଟି ଓ ବିଦ୍ୟୁତ ଖୁଣ୍ଟ ହଟାଇ ରାସ୍ତା ସଫା କରାଯାଇଥିଲା। ପୁରୀ-କୋଣାର୍କ, ପୁରୀ-ଭୁବନେଶ୍ୱର ଓ ପୁରୀ-ସାତପଡ଼ା ରାସ୍ତାରେ ଭାଙ୍ଗି ପଡ଼ିରହିଥିବା ଗଛ କାଟି ଓ ବିଦ୍ୟୁତ ଖୁଣ୍ଟ ହଟାଇ ଯାତାୟାତ ସ୍ୱାଭାବିକ କରାଯାଇଛି। ସେହିପରି ମେଡିକାଲ, ସରକାରୀ କାର୍ଯ୍ୟାଳୟ, ସାହିଗଳିରେ ପଡ଼ିଥିବା ଗଛ ମଧ୍ୟ କଟାଯାଇଛି। ଏବେ ଲୋକଙ୍କ ଛାତ ଉପରେ ପଡ଼ିରହିଥିବା ଗଛ କଟା ଚାଲିଛି ବୋଲି ଶୁକ୍ରବାର ପୁରୀ ଅଗ୍ନିଶମ କାର୍ଯ୍ୟାଳୟରେ ଓଡ଼ିଶା ଅଗ୍ନିଶମ ଆଇଜି ରାଜେଶ କୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୁରୀ ଜିଲାରେ ୫୨ଟି ୟୁନିଟ୍ କାର୍ଯ୍ୟକ୍ଷମ ଅଛନ୍ତି। ୨୫୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସହରରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ସନ୍ଧ୍ୟା ହେଲେ ଘନ ଅନ୍ଧକାର ମାଡ଼ିଯାଉଛି। ଅଗ୍ନିଶମ ପକ୍ଷରୁ ସହରର ୨ଶହଟି ପଏଣ୍ଟରେ ଶୁକ୍ରବାରଠାରୁ ଆସ୍କାଲାଇଟ ଲଗାଯିବ। ଏଥିସହିତ ୧୫ହଜାର କ୍ଷମତା ବିଶିଷ୍ଟ ୱାଟର ଟ୍ୟାଙ୍କ ଜରିଆରେ ପାଣି ଯୋଗାଇ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି ପ୍ରଭୃତି ଅଞ୍ଚଳକୁ ୱାଟର ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେବ ବୋଲି ସେ ପ୍ରକାଶ କରିଚନ୍ତି। ଏହି ଅବସରରେ ଓଡ଼ିଶା ଅଗ୍ନିଶମ ମୁଖ୍ୟ ଅଧିକାରୀ ମହେଶ୍ୱର ସ୍ୱାଇଁ, ପୁରୀ ଅଗ୍ନିଶମ ଅଧିକାରୀ ବି.କେ ପଣ୍ଡା, ବେଳାଭୂମି ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ଏସ୍‌ଆଇ ଧନଞ୍ଜୟ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଫନୀ ଉଜାଡ଼ିଦେଲା ଫସଲ

- ୩୦ହଜାର ହେକ୍ଟର ଜମିରେ ଫସଲ ନଷ୍ଟ
- କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି
- ଗାଁ ଗାଁ ବୁଲି କ୍ଷୟକ୍ଷତି ଆକଳନ କରୁଛନ୍ତି କୃଷି କର୍ମଚାରୀ

ବିଚିତ୍ରାନନ୍ଦ ସାହୁ
ନିମାପଡ଼ା,୧୦।୫:

ପ୍ରଳୟଙ୍କରୀ ବାତ୍ୟା ‘ଫନୀ’ରେ ନିମାପଡ଼ା କୃଷି ଜିଲାର ପ୍ରାୟ ୩୦ହଜାର ହେକ୍ଟର ଜମିରେ ହୋଇଥିବା ଫସଲ ଉଜୁଡିଯାଇଛି। ଫଳରେ ଚାଷୀମାନେ ମୁଣ୍ଡ ହାତରେ ଦେଇ ବସିଛନ୍ତି। ଯେପରି ଚାଷୀଙ୍କ ମୁହଁରୁ ହଜିଯାଇଛି ହସ। ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ ଆଦି ୪ ବ୍ଲକକୁ ନେଇ ଗଠିତ ଏହି କୃଷି ଜିଲାରେ ୩୦ହଜାରରୁ ଊର୍ଦ୍ଧ୍ୱ ଚାଷୀ ୩୩ହଜାର ୨୫୦ହେକ୍ଟର ଚାଷ ଜମିରେ ଫସଲ କରିଥିଲେ। ବାତ୍ୟାରେ ଫସଲ ଉଜୁଡିଯିବାରୁ କୃଷି ବିଭାଗ ଅଧିକାରୀ ଓ ଗ୍ରାମ୍ୟ କୃଷି କର୍ମଚାରୀମାନେ ଗାଁକୁ ଗାଁ ବୁଲି କ୍ଷତିର ଆକଳନ କରୁଥିବା ନିମାପଡ଼ା କୃଷି ଜିଲା ଅଧିକାରୀ ରମେଶ ଚନ୍ଦ୍ର ବେଉରା, ସହକାରୀ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ କହିଛନ୍ତି।


ସୂଚନାଥାଉ କି, ନିମାପଡ଼ା କୃଷି ଜିଲା ଅନ୍ତର୍ଗତ ନିମାପଡ଼ା ବ୍ଲକରେ ଚଳିତ ରବି ଋତୁରେ ୧୧ହଜାର ହେକ୍ଟର ଜମିରେ ହୋଇଥିବା ଫସଲରୁ ବାତ୍ୟାରେ ପ୍ରାୟ ୧୦ହଜାର ହେକ୍ଟର ଫସଲ ଉଜୁଡିଯାଇଥିବା କୃଷି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସେହିପରି ଗୋପ ବ୍ଲକରେ ୯ହଜାର ୧୫୦ହେକ୍ଟର ଜମିରେ ହୋଇଥିବା ଫସଲରୁ ୮ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଫସଲ ଉଜୁଡିଯାଇଛି। କାକଟପୁର ବ୍ଲକରେ ୭ହଜାର ୧ଶହ ହେକ୍ଟରରୁ ୫ହଜାର ୫ଶହ ହେକ୍ଟର ଜମିରେ ହୋଇଥିବା ଫସଲ ଉଜୁଡିଯାଇଛି। ଅସ୍ତରଙ୍ଗ ବ୍ଲକରେ ୬ହଜାର ୧ଶହ ହେକ୍ଟରରୁ ୫ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିର ଫସଲ ଉଜୁଡିଯାଇଛି। ଏ ସମ୍ପର୍କରେ ନିମାପଡ଼ାର ଚାଷୀ ରମେଶ ପ୍ରଧାନ, ଫକିର ପରିଡା, ବଳଙ୍ଗା ଚାଷୀ ରାମଚନ୍ଦ୍ର ସ୍ୱାଇଁ, ଚାରିଛକ ଅଞ୍ଚଳର ଚାଷୀ ହୃଷୀକେଶ ବରାଳ, ବାମନାଳର ଗୌରାଙ୍ଗ ପ୍ରଧାନ, ଖେଲାରର ଗୌରାଙ୍ଗ ସ୍ୱାଇଁ କୁହନ୍ତି, ବାତ୍ୟାରେ ଚାଷ ଉଜୁଡିଗଲା। ଆମେମାନେ କ’ଣ ଖାଇବୁ ଓ କିପରି ଚଳିବୁ ବୋଲି କହିଛନ୍ତି। ବାତ୍ୟାରେ ଫସଲ ନଷ୍ଟ ହୋଇଯିବାରୁ ବଜାର ଓ ହାଟରେ ପରିବା ମିଳୁ ନ ଥିବାରୁ ଖାଉଟିମାନେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ବାତ୍ୟାରେ ନିମାପଡ଼ା କୃଷି ଜିଲା ଅଧିକାରୀ, ସହକାରୀ କୃଷି ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟ, ଗୋଦାମ ଗୃହ, ଓଳାଂସ ସ୍ଥିତ କୃଷି ଫାର୍ମ ଆଦି ଭାଙ୍ଗି ଯାଇଥିବା କୃଷି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ରାଜ୍ୟ ସରକାର, ବିଭାଗୀୟ ମନ୍ତ୍ରୀ, ବରିଷ୍ଠ ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେବା ସହ କୃଷକଙ୍କ ସମସ୍ୟା, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ହଜାର ହଜାର ଚାଷୀ ଦାବି କରିଛନ୍ତି।

# ବିପତ୍ତି ପରେ ସବୁଠି ହାହାକାର

ବ୍ରହ୍ମଗିରି, ୧୦।୫(ଡି.ଏନ୍.ଏ.)

ସାମୁଦ୍ରିକ ବାତ୍ୟା ଫନୀ ବିପତ୍ତି ପରେ ସବୁଠି ଦେଖାଦେଇଛି ହାହାକାର। ବାତ୍ୟା ଯୋଗୁ ଅନେକ ଉପକୂଳୀୟ ଲୋକେ ଗାଁ ଗଣ୍ଡା ଛାଡି ଚାଲିଯାଇଥିବାବେଳେ ଅବଶିଷ୍ଟ ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିଲେ। ବାତ୍ୟାରେ ସବୁ ଭାଙ୍ଗିରୁଜି ଛାରଖାର ହୋଇଯାଇଥିବାବେଳେ ଲୋକମାନେ ଘରକୁ ଫେରି ନିଜର ଉଜୁଡା ବାସଗୃହକୁ ଏବେ ସଜାଡିବାରରେ ଲାଗିଛନ୍ତି। ବାତ୍ୟା ଯିବାର ୮ ଦିନ ହୋଇଯାଇଥିଲେ ମଧ୍ୟ ଏବେ ବି ସ୍ୱାଭାବିକ ହୋଇନି ସ୍ଥିତି। ବାତ୍ୟାପରେ ଦାଉ ସାଧୁଛି ଖରା। ବ୍ରହ୍ମଗିରି ଅଞ୍ଚଳର ବାତ୍ୟା ବିପନ୍ନମାନେ ଏବେ ଖରାରେ ସିଝୁଥିବାର ଦେଖିବାକୁ ମିଳୁଛି। ବଡ଼ ବଡ଼ ଗଛ ଉପୁଡ଼ିଯାଇ ଘର ଉପରେ ପଡ଼ିବାରୁ ଘର ଭାଙ୍ଗିଯାଇଛି। ମୁଣ୍ଡ ଗୁଞ୍ଜିବାକୁ ଛାତ ନାହିଁ କି ଛାଇରେ ବସିବାକୁ ଗଛଟେ ନାହିଁ। ବିଦ୍ୟୁତ୍ ସେବା ମଧ୍ୟ ଠପ ହୋଇପଡିଛି। ଫଳରେ ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗରମ। ପିଇବା ପାଣି ନ ମିଳିବା ବେଢ଼ି ଉପରେ କୋରଡ଼ା ମାଡ ସଦୃଶ ହୋଇଛି।

ବ୍ରହ୍ମଗିରି ବ୍ଲକରେ ଏବେ ବି ଅନେକ ବିପନ୍ନ ଦୁର୍ଦ୍ଦଶାରେ ରହିଛନ୍ତି । ଘରଦ୍ୱାର ନ ଥିବାରୁ ଚୁଲି ଜଳୁନି। ପ୍ରଶାସନ ରିଲିଫ ଆକାରରେ କେବଳ ପଲିଥିନ ଖଣ୍ଡେ ଆଉ ଚୁଡା କିଲେ ଦେଇ ତା ଦାୟିତ୍ୱ ତୁଲାଇବା ଦେଖିବାକୁ ମିଳିଛି। ପାଞ୍ଚ ଦିନ ମଧ୍ୟରେ ତଦନ୍ତ କରି କ୍ଷୟ କ୍ଷତିର ଚୂଡାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ରିପୋର୍ଟ ମିଳିପାରିନି। ଫଳରେ ବିପନ୍ନଙ୍କ ପାଖରେ ପହଞ୍ଚି ପାରୁନି କୌଣସି ସରକାରୀ ସହାୟତା। ବାତ୍ୟାବିପନ୍ନଙ୍କୁ ୧୫ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ବ୍ରହ୍ମଗିରି ବ୍ଲକର ପ୍ରତିଗ୍ରାମ ପଞ୍ଚାୟତକୁ ଅଗ୍ରିମ ଟଙ୍କା ଦିଆଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ରନ୍ଧାଖାଦ୍ୟ ମିଳୁ ନ ଥିବା ଦେଖିବାକୁ ମିଳିଛି ।



ବିପନ୍ନ ପରିବାରକୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

**ରିଲିଫ ପାଇଁ ରାସ୍ତାରୋକୋ**

ବାତ୍ୟାରେ ବ୍ରହ୍ମଗିରି ବ୍ଲକର କାଳିବାଡି ଗ୍ରାମରେ ହୋଇଛି ଅନେକ କ୍ଷତି। ଗ୍ରାମକୁ ଆବଶ୍ୟକ ପରିମାଣର ପଲିଥିନ ଯୋଗାଯାଇ ନ ଥିବାରୁ ବିପନ୍ନମାନେ ଉତ୍ୟକ୍ତ ହୋଇ ପୁରୀ ସାତପଡା ରାଜରାସ୍ତାର କାଳିକାବାଡି ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ ଶତପଥୀ ପହଞ୍ଚି ବୁଝାଶୁଝା କରି ଅବରୋଧକାରୀଙ୍କୁ ରାସ୍ତାରୁ ଉଠାଇଥିଲେ।

**ଓଡ଼ିଶା ପୋଲିସ ଓ ଭାରତୀୟ ନୌସେନା ତରଫରୁ ରନ୍ଧା ଖାଦ୍ୟ ବଣ୍ଟନ**

ଦୁଇଦିନ ଧରି ଓଡିଶା ପୋଲିସର କରୁଣା ଯୋଜନାରେ ଓ ଭାରୀତୀୟ ନୌସେନା ତରଫରୁ ବ୍ରହ୍ମଗିରି ଅଞ୍ଚଳରେ ବିପନ୍ନମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ବୁଧବାର ଠାରୁ ଓଡ଼ିଶା ପୋଲିସ ତରଫରୁ ବ୍ରହ୍ମଗିରି ଥାନା ନିକଟରେ ୫ଶହ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି । ସେହିପରି ଭାରତୀୟ ନୌସେନା ବିପନ୍ନମାନଙ୍କୁ ସହାୟତାର ହାତ ବଢାଇ ବ୍ରହ୍ମଗିରି ଓ ଯଦୁପୁର ଗ୍ରାମରେ ଦିନକୁ ୧ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିଛେ ।